# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୨୩/୨୦୨୧ (୧୬ ପୃଷ୍ଠା) | Sambalpur, Saturday, January 23/2021 | ★★

୧୬ଶ ଭାଗ ୩୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ମେହିଦି ହାସନଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ**
ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟରେ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରି ବାଂଲାଦେଶର ମେହିଦି ହାସନ ମିରାଜ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। **୧୧**

**୧୨** **ଚର୍ଚ୍ଚାରେ 'ବାଳିକା ବଧୂ'ର ଆନନ୍ଦୀ**
ଲୋକପ୍ରିୟ ଧାରାବାହିକ 'ବାଳିକା ବଧୂ'ର ଆନନ୍ଦୀ ଚରିତ୍ରରେ ଅଭିନୟ କରିଥିବା ଅଭିକା ଗୋର ତାଙ୍କ ଆଗାମୀ ଫିଲ୍ମକୁ ନେଇ ଏବେ ଚର୍ଚ୍ଚାରେ ।






ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

# କାମକୁ ନୁହେଁ ବୈଠକ

## ସାଧାରଣତନ୍ତ୍ର ଦିବସରେ ଚାଷୀ କରିବେ ଟ୍ରାକ୍ଟର ପରେଡ୍

୨୦୨୦ ସେପ୍ଟେମ୍ବରରେ କେନ୍ଦ୍ର ସରକାର ଚାଷୀଙ୍କ ଆୟ ବୃଦ୍ଧିର ପ୍ରତିଶ୍ରୁତି ଦେଇ ୩ କୃଷି ଆଇନ ଆଣିଥିଲେ। ଏହାକୁ ବିରୋଧ କରି କୃଷକମାନେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି। ଅକ୍ଟୋବର ୧୪ରେ ଏନେଇ କେନ୍ଦ୍ର ସରକାର ଓ ୪୦ରୁ ଊର୍ଦ୍ଧ୍ୱ କୃଷକ ସଙ୍ଗଠନର ନେତାଙ୍କ ମଧ୍ୟରେ ପ୍ରଥମ ବୈଠକ ହୋଇଥିଲା। ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ୧୧ ଥର ବୈଠକ ବସିଲାଣି। ହେଲେ ଅଚଳାବସ୍ଥା ଦୂର ହୋଇନାହିଁ। ସରକାର ଆଇନରେ ସଂଶୋଧନ ପାଇଁ ରାଜି ହୋଇଥିବାବେଳେ କୃଷକମାନେ ସମ୍ପୂର୍ଣ୍ଣ ଆଇନ ପ୍ରତ୍ୟାହାର ଦାବିରେ ଅଡ଼ିବସିଛନ୍ତି। ଫଳରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା କେବଳ ଔପଚାରିକତାରେ ସୀମିତ ରହିଛି। ଏହାକୁ ଦେଖି ଅନେକେ କହିଲେଣି 'ଏଭଳି ବୈଠକ କୌଣସି କାମକୁ ନୁହେଁ'।

**ନୂଆଦିଲ୍ଲୀ, ୨୨।୧**

ବିବାଦୀୟ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଷୀଙ୍କ ଆନ୍ଦୋଳନ ଦୁଇମାସରେ ପହଞ୍ଚିଥିବାବେଳେ ଅଚଳାବସ୍ଥା ଦୂର ହେବାର ନାଁ ନେଉନାହିଁ। କେନ୍ଦ୍ର ସରକାର ଓ କୃଷକ ସଂଗଠନଗୁଡ଼ିକ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ଏକାଦଶ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଛି। ୩ କୃଷି ଆଇନ ସ୍ଥଗିତ ରଖିବା ପ୍ରସ୍ତାବର ପୁନର୍ବିଚାର ଲାଗି ସରକାର କୃଷକ ନେତାମାନଙ୍କୁ ଅନୁରୋଧ କରିଥିଲେ। ତେବେ ଚାଷୀ ସଂଗଠନଗୁଡ଼ିକ ବିବାଦୀୟ ଆଇନ ପ୍ରତ୍ୟାହାର ଏବଂ ଏମ୍ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ଦାବିରେ ଅଟଳ ରହିବାରୁ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ଏପରିକି ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ତାରିଖ ମଧ୍ୟ ସ୍ଥିର ହୋଇପାରି ନାହିଁ। ଫଳରେ ୨୬ ତାରିଖରେ ଦିଲ୍ଲୀରେ ଟ୍ରାକ୍ଟର ରାଲି ହେବା ସହ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଚାଷୀନେତାମାନେ କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଶୁକ୍ରବାର ଆଲୋଚନା ସାରି କୃଷକ ନେତାମାନେ ଫେରୁଛନ୍ତି।

ଅନ୍ୟପକ୍ଷରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି, ଆନ୍ଦୋଳନର ପବିତ୍ରତା ନଷ୍ଟ ହୋଇଥିବାବେଳେ କେତେକ ଶକ୍ତି ସେମାନଙ୍କ ବ୍ୟକ୍ତିଗତ ତଥା ରାଜନୈତିକ ଉଦ୍ଦେଶ୍ୟ ପାଇଁ ଆନ୍ଦୋଳନ ଜାରି ରହିବା ଚାହୁଁଛନ୍ତି। ବଲ୍ ଏବେ ଚାଷୀଙ୍କ କୋର୍ଟରେ ବୋଲି ତୋମାର କହିଥିଲେ। ଆଲୋଚନାବେଳେ କୃଷିମନ୍ତ୍ରୀ କହିଥିଲେ, ୧୮ ମାସ ପର୍ଯ୍ୟନ୍ତ ଆଇନକୁ ସ୍ଥଗିତ ରଖିବା ଲାଗି ସରକାର ପ୍ରସ୍ତୁତ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଯଦି ଚାଷୀଙ୍କ ପାଖରେ ଆଉ କିଛି ଭଲ ପ୍ରସ୍ତାବ ଅଛି ତେବେ ସେମାନେ ତାହା ଉପସ୍ଥାପନ କରିପାରିବେ। ଆଇନରେ କୌଣସି ସମସ୍ୟା ନାହିଁ। ତଥାପି କୃଷକମାନଙ୍କୁ ସମ୍ମାନ ଜଣାଇ ସରକାର ତାହାକୁ ସ୍ଥଗିତ ରଖିବାକୁ ରାଜି ହୋଇଛନ୍ତି। ବୁଧବାର ଦଶମ ପର୍ଯ୍ୟାୟ ଆଲୋଚନାରେ ସରକାର ଆଇନ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲାବେଳେ ଗୁରୁବାର କୃଷକ ସଂଗଠନଗୁଡ଼ିକର ବୈଠକରେ ଏହାକୁ ଅଗ୍ରାହ୍ୟ କରାଯାଇଥିଲା। ଶନିବାର ସୁଦ୍ଧା ଯଦି କୃଷକ ସଂଗଠନଗୁଡ଼ିକ ସରକାରଙ୍କ ପ୍ରସ୍ତାବ ଗ୍ରହଣ କରିବାକୁ ପ୍ରସ୍ତୁତ ହୁଅନ୍ତି, ତେବେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ତାରିଖ ସ୍ଥିର ହେବ ବୋଲି କେନ୍ଦ୍ର କହିଥିବା ଭାରତୀୟ କିଷାନ ସଂଘ ମୁଖପାତ୍ର ରାକେଶ ଟିକାୟତ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଦୀର୍ଘ ୫ ଘଣ୍ଟା ବୈଠକ ହୋଇଥିଲେ ହେଁ ଉଭୟ ପକ୍ଷ ୩୦ ମିନିଟ୍‌ରୁ କମ୍ ସମୟ ପାଇଁ ମୁହାଁମୁହିଁ ବସିଥିଲେ। ଆଇନ ସ୍ଥଗିତ ରଖିବା ଲାଗି ସରକାରଙ୍କ ପ୍ରସ୍ତାବକୁ ସେମାନେ ଅଗ୍ରାହ୍ୟ କରିବାକୁ ନିଷ୍ପତ୍ତି ନେଇଥିବା କୃଷକ ପ୍ରତିନିଧିମାନେ କହିଥିଲେ।

## ହାଲୁକା ଶୀତ

**ଭୁବନେଶ୍ୱର, ୨୨।୧ (ବ୍ୟୁରୋ)**

ରାଜ୍ୟରେ ହାଲକା ଶୀତ ପଡ଼ିଛି। ୧୭ ସହରରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ୍ ତଳେ ରହିଛି। ତେବେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୮.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପାଗ ଶୁଖିଲା ରହିବ। ନୟାଗଡ଼, ପୁରୀ, କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ ଜିଲାର କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ହେବା ସମ୍ଭାବନା ରହିଛି।


**ଆଜିର ସମ୍ପାଦକୀୟ**

**ଆଇଆର୍‌ଏସ୍ ରାଡାର**


## ପେଟ୍ରୋଲ ୨୫, ଡିଜେଲ ୨୮ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୧**

ଶୁକ୍ରବାର ପୁଣି ଥରେ ତେଲ ଦର ବଢ଼ିଛି। ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୫ ପଇସା ବଢ଼ି ୮୬.୧୨ ଟଙ୍କା ଛୁଇଁଛି। ସେହିଭଳି ଏଠାରେ ଡିଜେଲ ଲିଟର ପିଛା ୨୮ ପଇସା ବଢ଼ିବାରୁ ଦର ୮୨.୪୧ ଟଙ୍କା ରହିଛି। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଶୁକ୍ରବାର ମୁମ୍ବାଇରେ ପେଟ୍ରୋଲ ଦର ୯୨.୦୪ ଟଙ୍କା ହୋଇଛି। ସେହିଭଳି ଏଠାରେ ଡିଜେଲ ସର୍ବୋଚ୍ଚ ରେକର୍ଡ ସ୍ତର ୮୨.୪୦ ଟଙ୍କାରେ ବିକ୍ରି ହେଉଛି। ଚଳିତ ସପ୍ତାହରେ ତେଲ ଦର ୪ ଥର ବଢ଼ିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ନୂଆଦିଲ୍ଲୀରେ ପେଟ୍ରୋଲର ଲିଟର ପିଛା ଦର ୮୫.୪୫ ଟଙ୍କା ରହିଛି। ସେହିଭଳି ଏଠାରେ ଡିଜେଲ ଦର ସର୍ବକାଳୀନ ରେକର୍ଡ ଭାଙ୍ଗି ୭୫.୬୩ ଟଙ୍କା ଛୁଇଁଛି। ତେଲ ଦର ବୃଦ୍ଧି ଖାଉଟିଙ୍କ ଉପରେ ବୋଝ ସଦୃଶ ହୋଇଥିବାରୁ ଇନ୍ଧନ ଉପରେ ଲାଗୁ ହେଉଥିବା ଟିକସ ହ୍ରାସ କରିବା ଲାଗି ଦାବି ଜୋର ଧରିଛି। ଜାନୁୟାରୀ ୬ ପରଠାରୁ ତେଲ କମ୍ପାନୀଗୁଡ଼ିକ ଦର ବଢ଼ାଇବା ଆରମ୍ଭ କରିଥିଲେ। ଏହା ପରଠାରୁ ପେଟ୍ରୋଲ ୧.୭୪ ଟଙ୍କା ଏବଂ ଡିଜେଲ ୧.୭୬ ଟଙ୍କା ମହଙ୍ଗା ହୋଇଛି।




**ରିପବ୍ଲିକ୍ ଟିଭିକୁ ରେଟିଂ ସିଷ୍ଟମ୍‌ରୁ ବାହାରେ ରଖାଯାଉ: ଏନ୍‌ବିଏ**

ଅର୍ଣ୍ଣବ ଚାଟ୍‌ଗେଟ୍ ପଦାକୁ ଆସିବା ପରେ ତାଙ୍କ ଟିଭି ଚ୍ୟାନେଲ ଅଡୁଆରେ ଫସିଛି। ଅଦାଲତଙ୍କ ଅନ୍ତିମ ରାୟ ଆସିବା ପର୍ଯ୍ୟନ୍ତ ରିପବ୍ଲିକ୍ ଟିଭିକୁ ବିଏଆର୍‌ସିର ରେଟିଂ ସିଷ୍ଟମ୍‌ରୁ ବାହାରେ ରଖିବା ପାଇଁ ଭାରତୀୟ ପ୍ରସାରଣ ଫାଉଣ୍ଡେଶନ (ଆଇବିଏଫ୍)କୁ ଅନୁରୋଧ କରିଛି ନ୍ୟୁଜ୍ ବ୍ରଡ୍‌କାଷ୍ଟ ଆସୋସିଏଶନ (ଏନ୍‌ବିଏ)। ରିପବ୍ଲିକ୍ ଟିଭିର ଟିଆର୍‌ପି ଜାଲିଆତି ଯୋଗୁ ପ୍ରସାରଣ ଶିଳ୍ପର ପ୍ରତିଷ୍ଠାରେ ଆଞ୍ଚ ଆସିଥିବା ଏଥିରେ କୁହାଯାଇଛି। ଏଥିପାଇଁ ରିପବ୍ଲିକ୍ ଟିଭିର ସଦସ୍ୟତାକୁ ରଦ୍ଦ କରିବା ପାଇଁ ରଜତ ଶର୍ମାଙ୍କ ଅଧକ୍ଷତାରେ ଥିବା ଏନ୍‌ବିଏ ଦାବି କରିଛି।



## ଚାର୍ଜଶିଟ୍‌ରେ ପର୍ଦ୍ଦାଫାଶ

**ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଦେଶର ସର୍ବୋଚ୍ଚ କ୍ଷମତା କେନ୍ଦ୍ର ସହିତ ଟିଭି ଚ୍ୟାନେଲର ଜଣେ ମାଲିକଙ୍କ ସମ୍ପର୍କ କେତେ ନିବିଡ଼ ହୋଇପାରେ ତାହା ମୁମ୍ବାଇ ପୋଲିସ ଦାଖଲ କରିଥିବା ଚାର୍ଜଶିଟ୍‌ର ପୁଞ୍ଜା ପୁଞ୍ଜା ହ୍ୱାଟ୍ସଆପ୍ ଚାଟ୍‌ରୁ ଜଣାପଡୁଛି। ସାମଗ୍ରିକ ଭାବେ ଦେଖିଲେ ସମସ୍ତଙ୍କୁ ବିବସ୍ତ୍ର କରିଦେଇଛି ଏହି ସମ୍ପୂର୍ଣ୍ଣ ପ୍ରକରଣ। ଅର୍ଣ୍ଣବ ଗୋସ୍ୱାମୀ ନିଜ ସଫେଇରେ ହ୍ୱାଟ୍ସଆପ୍ ମେସେଜକୁ ଜାଲ୍ ବୋଲି ଅଦ୍ୟାବଧି ଖଣ୍ଡନ କରି ନ ଥିଲେ ବି ଧରିତ୍ରୀ ଏହାର ପ୍ରାମାଣିକତାକୁ ସ୍ୱତନ୍ତ୍ର ରୂପେ ସ୍ପଷ୍ଟ କରୁନାହିଁ।**



# ଅର୍ଣ୍ଣବ ଉପାଖ୍ୟାନ

**ମୁମ୍ବାଇ/ନୂଆଦିଲ୍ଲୀ,୨୨।୧**

ଚା’ ଖଟିରୁ ନେଇ ସରକାରୀ ଦପ୍ତର ସବୁଠି ‘ଅର୍ଣ୍ଣବ ଚାଟ୍‌ଗେଟ୍’କୁ ନେଇ ଚର୍ଚ୍ଚା। ଟେଲିଭିଜନ ରେଟିଂ ପଏଣ୍ଟସ୍ (ଟିଆର୍‌ପି) ଜାଲିଆତି ମାମଲାର ତନାଘନା କରୁଥିବା ମୁମ୍ବାଇ ପୋଲିସ ଜାନୁୟାରୀ ୧୧ରେ ସପ୍ଲିମେଣ୍ଟାରି ଚାର୍ଜଶିଟ୍ ଦାଖଲ କରିବା ପରଠୁ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି ‘ଅର୍ଣ୍ଣବ ଉପାଖ୍ୟାନ’। ରିପବ୍ଲିକ୍ ଟିଭି ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀ ଓ ଟେଲିଭିଜନ ରେଟିଂ ସଂସ୍ଥା ବ୍ରଡ୍‌କାଷ୍ଟ ଅଡିଏନ୍ସ ରିସର୍ଚ୍ଚ କାଉନ୍‌ସିଲ (ବିଏଆର୍‌ସି)ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପାର୍ଥୋ ଦାସଗୁପ୍ତାଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍ସଆପ୍ ବାର୍ତ୍ତାଳାପକୁ ପ୍ରଘଟ କରିଛି ୩,୬୦୦ ପୃଷ୍ଠା ସମ୍ବଳିତ ଉକ୍ତ ଅଭିଯୋଗପତ୍ର। ୨୦୦ ପୃଷ୍ଠାର ଚାଟ୍ ଦୁହିଁଙ୍କ ଘନିଷ୍ଠତା ସାମ୍ନାକୁ ଆସିଛି। ବର୍ତ୍ତମାନ ଜେଲରେ ଥିବା ଦାସଗୁପ୍ତାଙ୍କ ପାଇଁ ଜଣାଶୁଣା ସାମ୍ବାଦିକ ଅର୍ଣ୍ଣବ ଏକାଧିକ ଥର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସମେତ ଅନେକ ଉଚ୍ଚସ୍ଥାନରେ ସୁପାରିସ କରିବା ନେଇ ତାଙ୍କୁ ଅଫର୍ ଦେଇଥିଲେ। ଗୋଟିଏ ସମୟରେ ସେ ଦାବି କରିଥିଲେ, ‘ସବୁ ମନ୍ତ୍ରୀ ଆମ ସହିତ ଅଛନ୍ତି’। ୨୦୧୭ ଜାନୁୟାରୀରୁ ୨୦୨୦ ଅକ୍ଟୋବର ମଧ୍ୟରେ ହୋଇଥିବା ଉଭୟଙ୍କ ନିୟମିତ କଥୋପକଥନ କେବଳ ସୁପାରିସ ପ୍ରସଙ୍ଗରେ ସୀମିତ ନ ଥିଲା। ଏଥିରେ ଦେଶର ଜାତୀୟ ସୁରକ୍ଷାକୁ ବିପନ୍ନ କରିବା ଭଳି ବାଲାକୋଟ୍ ଏୟାର ଷ୍ଟ୍ରାଇକ୍ ଓ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହଟାଯିବା ନେଇ ଅନେକ ଆଗୁଆ ସୂଚନା ଉଲ୍ଲେଖ ରହିଛି। କେବଳ ଏତିକି ନୁହେଁ, ଦାସଗୁପ୍ତାଙ୍କ ଯୋଗୁ ରିପବ୍ଲିକ୍ ଟିଭି ବେଆଇନ ଭାବେ କୋଟି କୋଟି ଟଙ୍କାର ଫାଇଦା ପାଇଥିବା ମୁମ୍ବାଇ ପୋଲିସ ଦାବି କରିଛି। କଂଗ୍ରେସ,ଏନ୍‌ସିପି, ଶିବସେନା ଏବଂ ଟିଏମ୍‌ସି ସମେତ ବିରୋଧୀ ଦଳଗୁଡ଼ିକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ ଓ ଅର୍ଣ୍ଣବଙ୍କ ଗିରଫଦାରି ଦାବି କରିଛନ୍ତି। ମହାରାଷ୍ଟ୍ରର ଉଦ୍ଧବ ସରକାର ତାଙ୍କୁ ଗିରଫ କରିବା ଲାଗି ଆଇନଗତ ପରାମର୍ଶ ଲୋଡୁଛନ୍ତି। ପୁଲୱାମା ଶହୀଦଙ୍କ ପରିବାର ଅର୍ଣ୍ଣବଙ୍କୁ ଭର୍ତ୍ସନା କରିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା ଏହାର ଯାଞ୍ଚ କରାଯାଉ ବୋଲି ଦାବି ଉଠିଛି। ଏପରି କି ଶତ୍ରୁ ରାଷ୍ଟ୍ର ପାକିସ୍ତାନ ମଧ୍ୟ ଭାରତ ଉପରକୁ ଅଙ୍ଗୁଳି ଉଠାଇବା ପାଇଁ ସୁଯୋଗ ପାଇଛି।

## ମୋଦି ଲିକ୍ କରାଇଥିଲେ କି: ରାହୁଲ



ବାଲାକୋଟ ଏୟାର ଷ୍ଟ୍ରାଇକ୍ ଭଳି ଗୋପନୀୟ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ, ବାୟୁସେନା ମୁଖ୍ୟ, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଏବଂ ପ୍ରତିରକ୍ଷା ମନ୍ତ୍ରୀ ଜାଣିଥାଆନ୍ତି। ଏମାନଙ୍କ ମଧ୍ୟରୁ କେହି ଜଣେ ଅର୍ଣ୍ଣବଙ୍କୁ ସୂଚନା ଦେଇଛନ୍ତି। ସମ୍ପୃକ୍ତ ସୂଚନାଦାତାଙ୍କୁ ଖୋଜି ବାହାର କରିବାକୁ ପଡ଼ିବ। ଯିଏ ସୂଚନା ଦେଇଛନ୍ତି ଓ ଯିଏ ପାଇଛନ୍ତି ଉଭୟଙ୍କୁ ଜେଲ୍ ଯିବାକୁ ପଡ଼ିବ। ଏହି ପ୍ରକ୍ରିୟା ଆରମ୍ଭ ହେବା ଉଚିତ। କିନ୍ତୁ ଏହାକୁ ଆରମ୍ଭ କରାଯିବ ନାହିଁ। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ସୂଚନା ଦେଇଥାଇପାରନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସନ୍ଦେହ ବ୍ୟକ୍ତ କରିଛନ୍ତି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ରାହୁଲ ହ୍ୱାଟ୍ସଆପ୍ ଚାଟିଂର ସ୍କ୍ରିନ୍‌ଶଟ୍ ସୋସିଆଲ ମିଡିଆରେ ଲିକ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯଦି ଅର୍ଣ୍ଣବ ଏହା ବିଷୟରେ ଜାଣିଥିଲେ ଓ ତାଙ୍କ ହ୍ୱାଟ୍ସଆପ୍‌ରେ ଏହା ଥିଲା, ତେବେ ପାକିସ୍ତାନୀମାନେ ମଧ୍ୟ ଜାଣିଥିବେ ବୋଲି ରାହୁଲ ଦାବି କରିଥିଲେ।

## ବାଲାକୋଟରୁ ଧାରା ୩୭୦



```
2/23/19, 10:31 PM - Arnab Goswami: On another note something big will happen.
2/23/19, 10:33 PM - PDGAÐ: Am sure you will and I strongly wish your success
ðŸ˜
2/23/19, 10:34 PM - PDGAÐ: For your success
2/23/19, 10:35 PM - PDGAÐ: Meanwhile I am pisaoed between govt and big
broadcasters
2/23/19, 10:35 PM - PDGAÐ: ðŸ˜„
2/23/19, 10:35 PM - Arnab Goswami: Thanks boss. Will need me to camp in Delhi a
bit more which I will for another month. You should put a disguise and see our
office it's a bursting with energy
2/23/19, 10:35 PM - Arnab Goswami: Trai seems to be going through
2/23/19, 10:36 PM - PDGAÐ: Yes on paper - not really on spirit on ground
2/23/19, 10:36 PM - PDGAÐ: And these biggies are utilising the situation with
other moves
2/23/19, 10:36 PM - PDGAÐ: Dawood?
2/23/19, 10:36 PM - Arnab Goswami: No sir Pakistan. Something major will be done
this time.
```

ମୁମ୍ବାଇ ପୋଲିସ ହାତରେ ଲାଗିଥିବା ଅର୍ଣ୍ଣବ ଓ ଦାସଗୁପ୍ତାଙ୍କ ମେସେଜ୍ ୩ ବର୍ଷରୁ ଅଧିକ ଅବଧିର। ଏହି ମେସେଜଗୁଡ଼ିକୁ ପଢ଼ିଲେ ମନେହେଉଛି ଯେ, ଅର୍ଣ୍ଣବ ପ୍ରତ୍ୟହ ଅନ୍ୟ ନ୍ୟୁଜ୍ ଚ୍ୟାନେଲ ଓ ସେଗୁଡ଼ିକର ପର୍ଫମାନ୍ସ ଉପରେ ନଜର ରଖୁଥିଲେ। ପୁଲୱାମା ଆତଙ୍କବାଦୀ ଆକ୍ରମଣରୁ ନେଇ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବା ଓ ବାଲାକୋଟ ଏୟାର ଷ୍ଟ୍ରାଇକ୍ ପର୍ଯ୍ୟନ୍ତ ସବୁକିଛି ହ୍ୱାଟ୍ସଆପ୍‌ରେ ଚର୍ଚ୍ଚା ହୋଇଥିଲା। ୨୦୧୯ ଫେବୃୟାରୀ ୧୪ରେ ପୁଲୱାମା ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହୋଇଥିଲେ। ସେହିଦିନ ଅପରାହ୍ନ ୫ଟା ୪୩ରେ ଦାସଗୁପ୍ତାଙ୍କୁ ମେସେଜ କରି ଅର୍ଣ୍ଣବ କହିଥିଲେ ଯେ, ଏହି ମାମଲା ଯୋଗୁ କୌଣସି ପ୍ରକାରେ ତାଙ୍କ ଚ୍ୟାନେଲକୁ ଟିଆର୍‌ପି ସାଉଣ୍ଟିବାରେ ଫାଇଦା ମିଳିଛି। ଫେବୃୟାରୀ ୨୬ରେ ପାକିସ୍ତାନର ବାଲାକୋଟରେ ଭାରତୀୟ ବାୟୁସେନା ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଏନେଇ ଅର୍ଣ୍ଣବଙ୍କୁ ଜଣାଥିଲା। ଏହା ଏକ ଗୋପନୀୟ ମିଶନ ହୋଇଥିଲେ ହେଁ ୨୩ ତାରିଖରେ ସେ ଲେଖିଥିଲେ, କିଛି ଗୋଟିଏ ବଡ଼ ହେବାକୁ ଯାଉଛି। ଦାସଗୁପ୍ତା ପଚାରିଥିଲେ, କ’ଣ ଏହା ଦାଉଦ। ଏହା ଉପରେ ଅର୍ଣ୍ଣବ କହିଥିଲେ, ନା ସାର୍, ପାକିସ୍ତାନ। ଏଥର କିଛି ବଡ଼ ହେବ। ସାଧାରଣ ଷ୍ଟ୍ରାଇକ୍‌ଠାରୁ ବଡ଼। କଶ୍ମୀରରେ ମଧ୍ୟ କିଛି ବଡ଼ ହେବ। ଗତବର୍ଷ ଅକ୍ଟୋବରରେ ମୁମ୍ବାଇ ପୋଲିସ ତଦନ୍ତ ଆରମ୍ଭ କରିବା ପରେ ଉଭୟଙ୍କ ମଧ୍ୟରେ ଚାଟିଂ ବନ୍ଦ ହୋଇଥିଲା।



> ଅର୍ଣ୍ଣବ ଓ ଦାସଗୁପ୍ତାଙ୍କ କଥୋପକଥନରୁ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ, ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁନଃ ନିର୍ବାଚିତ କରିବା ଲାଗି ବାଲାକୋଟ ଏୟାରଷ୍ଟ୍ରାଇକ୍‌ର ଯୋଜନା କରାଯାଇଥିଲା।
>
> -ଇମ୍ରାନ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ

**ପୁଲ୍‌ୱାମା ଆକ୍ରମଣ**



### କିଏ କ’ଣ କହିଲେ

> ଗୋପନୀୟ ତଥ୍ୟ ଲିକ୍ କରି ଜାତୀୟ ସୁରକ୍ଷା ସହିତ ସାଲିସ କରାଯାଉଛି। କେନ୍ଦ୍ର ସରକାର ଏହା ଉପରେ ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।
>
> -ସୋନିଆ ଗାନ୍ଧୀ, କଂଗ୍ରେସ ଅଧକ୍ଷା

> ଭାଜପାକୁ ଫାଇଦା ଦେବା ପାଇଁ ଜାତୀୟ ସୁରକ୍ଷା ପ୍ରସଙ୍ଗ ଏବେ ଟିଆର୍‌ପି ତମାସାରେ ପରିଣତ ହୋଇଛି।
>
> -ମେହବୁବା ମୁଫ୍ତି, ପିଡିପି ଅଧକ୍ଷା

> ପୁଲ୍‌ୱାମା ଘଟଣା ପ୍ରଘଟ ହୋଇଛି। ବିମୁଦ୍ରୀକରଣ ଓ ଅନ୍ୟ ପ୍ରସଙ୍ଗଗୁଡ଼ିକ ମଧ୍ୟ ଖୁବ୍‌ଶୀଘ୍ର ଧରାପଡ଼ିଯିବ।
>
> -ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

> ଲିକ୍ ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରାପଶଟ୍‌ରୁ ଅନେକ ଷଡ଼ଯନ୍ତ୍ରର ବାସ୍ନା ବାରିହେଉଛି। ସରକାରଙ୍କ କ୍ଷମତାକୁ ଅର୍ଣ୍ଣବ ଗୋସ୍ୱାମୀ ନିଜ ମିଡିଆ ପାଇଁ କିପରି ବ୍ୟବହାର କରିଥିଲେ ତାହା ବି ଜଣାପଡୁଛି। ଦେଶରେ ଆଇନର ଶାସନ ଚାଲିଥିଲେ ତାଙ୍କୁ ସବୁଦିନ ପାଇଁ ଜେଲରେ ରଖାଯିବ।
>
> -ପ୍ରଶାନ୍ତ ଭୂଷଣ, ବରିଷ୍ଠ ଆଇନଜୀବୀ

> ଟିଆର୍‌ପି ପାଇଁ ଅର୍ଣ୍ଣବ ଏଭଳି ବିଷୟକୁ ନେଇ ଖେଳିବା ବନ୍ଦ କରନ୍ତୁ। ସେ କିପରି ଭାବେ ସମ୍ବେଦନଶୀଳ ସୂଚନା ପାଇବାରେ ସକ୍ଷମ ହେଲେ ସରକାର ତାହାର ତଦନ୍ତ କରାନ୍ତୁ।
>
> -ବ୍ରଜେଶ ଯାଦବ, ପୁଲ୍‌ୱାମା ଶହୀଦ ଅବଧେଶ କୁମାର ଯାଦବଙ୍କ ଭାଇ

## ଟିଆର୍‌ପି ଜାଲିଆତି




୨୦୨୦ ଅକ୍ଟୋବର ୮ରେ ମୁମ୍ବାଇ ପୋଲିସ ଏକ ବଡ଼ଧରଣର ର୍‍ୟାକେଟର ପର୍ଦ୍ଦାଫାଶ କରିଥିଲା। ଉକ୍ତ ର୍‍ୟାକେଟ ଜାଲିଆତି କରି ରିପବ୍ଲିକ୍ ଟିଭି ସମେତ ଆଉ କେତେକ ଟିଭି ଚ୍ୟାନେଲର ଟିଆର୍‌ପି ବଢ଼ାଇଥିବା ପୋଲିସ ଦାବି କରିଥିଲା। ମୁମ୍ବାଇ ପୋଲିସ କମିଶନର ପରମବୀର ସିଂ ଏକ ଖବରଦାତା ସମ୍ମିଳନୀ ଡାକି କହିଥିଲେ, ରିପବ୍ଲିକ୍, ଫକ୍ତ ମରାଠୀ ଓ ବକ୍ସ ସିନେମା ଏହି ଅସାଧୁ କାର୍ଯ୍ୟରେ ସମ୍ପୃକ୍ତ। ସାରା ଦେଶର ବିଭିନ୍ନ ଅଜ୍ଞାତ ଘରେ ଟିଆର୍‌ପି ମାପିବା ମାପକାଠି ରଖାଯାଇଥିଲା। ବିଏଆର୍‌ସି ଯେଉଁ ମାନଦଣ୍ଡ ଅନୁସାରେ ଚ୍ୟାନେଲଗୁଡ଼ିକର ଟିଆର୍‌ପି ଆକଳନ କରିଥାଏ ସେହି ହିସାବରେ ଏହା କରାଯାଇଥିଲା। ବିଏଆର୍‌ସି ପକ୍ଷରୁ ଚୁକ୍ତି କରାଯାଇଥିବା ହନ୍ସା ରିସର୍ଚ୍ଚ ଗ୍ରୁପ୍‌ର ପୂର୍ବତନ କର୍ମଚାରୀମାନଙ୍କୁ କେତେକ ଚ୍ୟାନେଲ ଟଙ୍କା ଦେଇଥିଲେ। ଏହା ବଦଳରେ ସେମାନେ ଘର ପିଛା ୫୦୦ ଟଙ୍କା ଦେଇ ରିପବ୍ଲିକ୍ ଟିଭି ବଜାୟ ରଖିବାକୁ କହିଥିଲେ। ଏପରି କି ଇଂଲିଶ ଜାଣି ନ ଥିବା ଦର୍ଶକମାନେ ମଧ୍ୟ ଅର୍ଣ୍ଣବଙ୍କ ଟିଭି ଚ୍ୟାନେଲ ବଜାୟ ରଖିବାରୁ ତାଙ୍କ ଟିଆର୍‌ପି ବଢ଼ିଯାଇଥିଲା। ଏଥିଯୋଗୁ ବିଜ୍ଞାପନଦାତା ଓ ଆଡ୍ ଏଜେନ୍ସିଗୁଡ଼ିକୁ କୋଟି କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୧୫ ଜଣ ଗିରଫ ହୋଇଥିବାବେଳେ ଅର୍ଣ୍ଣବଙ୍କ ମୁଣ୍ଡ ଉପରେ ଗିରଫଦାରି ଖଣ୍ଡା ଝୁଲୁଛି।




## ଜେଲରେ ପାର୍ଥୋ ଦାସଗୁପ୍ତା



ଟିଆର୍‌ପି ଜାଲିଆତି ମାମଲାରେ ଡିସେମ୍ବର ୨୪ରେ ଗିରଫ ହୋଇଥିବା ବିଏଆର୍‌ସିର ପୂର୍ବତନ ସିଇଓ ପାର୍ଥୋ ଦାସ ଗୁପ୍ତାଙ୍କୁ ଜାମିନ ମିଳୁନାହିଁ। ମୁମ୍ବାଇର ଏକ ସେସନ୍ସ କୋର୍ଟରେ ଦାସଗୁପ୍ତାଙ୍କ ଓକିଲ ତାଙ୍କ ପାଇଁ ଜାମିନ ଆବେଦନ କରିଥିଲେ। ଏହାକୁ ଅଦାଲତ ଖାରଜ କରିଦେବା ପରେ ହାଇକୋର୍ଟରେ ଜାମିନ ଆବେଦନ କରାଯିବ ବୋଲି ତାଙ୍କ ଓକିଲ କହିଛନ୍ତି। ଦାସଗୁପ୍ତା ନିଜ କ୍ଷମତାର ଅପବ୍ୟବହାର କରି ଏଆର୍‌ଜି ଆଉଟ୍‌ଲିୟର ମିଡିଆ ପ୍ରାଇଭେଟ ଲିଃ ଓ ଅର୍ଣ୍ଣବ ଗୋସ୍ୱାମୀଙ୍କ ସହ ମିଶି ରିପବ୍ଲିକ୍ ଟିଭିର ଟିଆର୍‌ପି ବଢ଼ାଇଥିବା ଅଭିଯୋଗ ହୋଇଛି। ରିପବ୍ଲିକ୍ ଟିଭିକୁ ୧ ନମ୍ବର ଚ୍ୟାନେଲରେ ପରିଣତ କରିବା ପାଇଁ ଦାସଗୁପ୍ତା ଅର୍ଣ୍ଣବଙ୍କଠାରୁ ବିପୁଳ ଲାଞ୍ଚ ନେଇଥିଲେ। ଉକ୍ତ ଅର୍ଥରେ ସେ ଅଳଙ୍କାର ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ କିଣିଥିଲେ। ତଦନ୍ତ ଜାରି ରହିଥିବାରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର୍ ଶିଶିର ହିରାୟ ତାଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲେ।

### ମୋତେ ମିଡିଆ ଆଡ୍‌ଭାଇଜର କରାଇଦିଅ

ଏହି ମେସେଜ୍‌ରୁ ଜଣାପଡୁଛି ଯେ, ପାର୍ଥୋ ଦାସଗୁପ୍ତା ପିଏମ୍‌ଓ ସହ ଅର୍ଣ୍ଣବ ଗୋସ୍ୱାମୀଙ୍କ ସମ୍ପର୍କ ନେଇ ଭଲଭାବେ ଅବଗତ ଥିଲେ। ଏଥିପାଇଁ ୨୦୧୯ ଅକ୍ଟୋବର ୧୬ରେ ଅର୍ଣ୍ଣବଙ୍କ ସହ ଚାଟ୍ କଲାବେଳେ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଙ୍କୁ ମିଡିଆ ପରାମର୍ଶଦାତା ରୂପେ ନିଯୁକ୍ତ କରାଇଦେବା ଲାଗି ସୁପାରିସ କରିବାକୁ ଅନୁରୋଧ କରିଥିଲେ। ଏହାର ଦିନକ ପୂର୍ବରୁ ଅର୍ଣ୍ଣବ ‘ଏଏସ୍’ଙ୍କ ସହ ସାକ୍ଷାତ ନେଇ ଉଲ୍ଲେଖ କରିଥିଲେ। ଏହି ‘ଏଏସ୍’ କିଏ ତାହା ସ୍ପଷ୍ଟ ହୋଇ ନ ଥିଲେ ବି ଅନେକେ ଅମିତ୍ ଶାହା ବୋଲି ସନ୍ଦେହ କରୁଛନ୍ତି। ପ୍ରକାଶ ଯେ, ଦାସଗୁପ୍ତା ୨୦୧୯ ଅକ୍ଟୋବରରେ ବିଏଆର୍‌ସି ସିଇଓ ପଦରୁ ଅବସର ନେଇଥିଲେ। ଏହା ପରେ ମଧ୍ୟ ସେ ଉଚ୍ଚପଦରେ ନିଯୁକ୍ତି ଲାଗି ଉଦ୍ୟମ ଚଳାଇଥିଲେ।

ଧରିତ୍ରୀ
DHARITRI

ଶନିବାର, ଜାନୁୟାରୀ ୨୩/୨୦୨୧ | Saturday, January 23/2021 | ପୃଷ୍ଠା-୧





# ଦଲାଲଙ୍କ ପାଇଁ ଓକିଲାତି କରୁଛି ଭାଜପା: ବିଜେଡି

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ରାଜ୍ୟରେ ଜାରି ରହିଥିବା ଧାନକିଣା ପ୍ରକ୍ରିୟାରେ ଚାଷୀମାନେ ଉପକୃତ ହେଉଛନ୍ତି। ତେବେ କେତେଜଣ ଦଲାଲଙ୍କ ସହ ହାତ ମିଳାଇ ଓଡ଼ିଶା ଭାଜପା ସେମାନଙ୍କ ପାଇଁ ଓକିଲାତି କରୁଛି। ଭାଜପା ନେତା ସବୁବେଳେ ଦଲାଲଙ୍କ ପାଇଁ ଓକିଲାତି କରୁଥିବା ରାଜ୍ୟବାସୀ ଭଲଭାବେ ଜାଣିଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର। ୨୦୧୮-୧୯ରେ ୬୫.୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି। ଚାଷୀଙ୍କ ଖାତାକୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୧,୪୦୦ କୋଟି ଟଙ୍କା ପଠାଯାଇଛି। ୨୦୧୯-୨୦ରେ ଧାନସଂଗ୍ରହ ପରିମାଣ ୭୦.୫୬ ଲକ୍ଷ ମେଟ୍ରିକ ଟନ୍ ରହିଥିବାବେଳେ ୧୨.୮୦୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରୁ ଓଡ଼ିଶାର ଚାଷୀ ଉପକୃତ ହେଉଥିବା ସ୍ପଷ୍ଟ। ଚାଷୀଙ୍କ ସବୁ ଧାନ ସଂଗ୍ରହ କରିବାକୁ ବିଜେଡି ସରକାର ପ୍ରତିଶ୍ରୁତିବଦ୍ଧ। ଧାନକିଣା ସୁରୁଖୁରୁରେ ଚାଲିଥିବାବେଳେ ଭାଜପା ଦଲାଲଙ୍କ ପାଇଁ ଓକିଲାତି କରୁଛି। ଦିଲ୍ଲୀର ଚାଷୀ ଆନ୍ଦୋଳନରୁ ନଜର ହଟାଇବାକୁ ଏହା ଗୈରିକ ଦଳର ଡ୍ରାମା ବୋଲି ଓଡ଼ିଶାବାସୀ ବୁଝି ସାରିଲେଣି। ବିଜେଡି ଏମ୍‌ପିମାନେ ଗତ ଗୁରୁବାର କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଭେଟି ଆଲୋଚନା କରିଛନ୍ତି। ଚାଉଳ ସଂଗ୍ରହ, ସବ୍‌ସିଡି ପ୍ରଦାନ ସମ୍ପର୍କିତ ସମସ୍ୟାର ସମାଧାନ ହୋଇଛି। ଭାଜପା ସଦସ୍ୟମାନେ ଓଡ଼ିଶା ପାଇଁ କ'ଣ କରିଛନ୍ତି ବୋଲି ଶ୍ରୀମୟୀ ପାଲଟା ଅଭିଯୋଗ କରିଛନ୍ତି। ଶସ୍ତା ରାଜନୀତି ଛାଡ଼ି ରାଜ୍ୟର ଚାଷୀଙ୍କ ସ୍ୱାର୍ଥରକ୍ଷା ଲାଗି ଅଣ୍ଟା ଭିଡ଼ିବାକୁ ସେ ଭାଜପାକୁ ଆକ୍ଷେପ କରି କହିଛନ୍ତି।

# ଭାଜପାର ୭୨ଘଣ୍ଟିଆ ଚେତାବନୀ

**ସମ୍ବଲପୁର,୨୨।୧(ବ୍ୟୁରୋ)**

ସମ୍ବଲପୁରରେ ଅନୁଷ୍ଠିତ ଚାଷୀ ଅଧିକାର ରାଲିରେ ଗିରଫ ଭାଜପା ନେତାମାନେ ଗୁରୁବାରଠାରୁ ଥାନା ପରିସରରେ ଦେଇଥିବା ଧାରଣା ସ୍ଥଗିତ ରଖିଛନ୍ତି। ଆର୍‌ଡିସି ନିରଞ୍ଜନ ସାହୁଙ୍କଠାରୁ ପ୍ରତିଶ୍ରୁତି ପାଇ ଦଳ ୭୨ ଘଣ୍ଟା ସମୟ ଦେଇ ଆନ୍ଦୋଳନରୁ ଓହରି ଯାଇଛି। ଯଦି ଚାଷୀଙ୍କ ସମସ୍ୟା ସମାଧାନ ନ ହେବ ତେବେ ପୁଣି ଆନ୍ଦୋଳନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ କଂଗ୍ରେସ ନେତା ନରସିଂହ ମିଶ୍ର ଓ ବିଜେଡି ପ୍ରବକ୍ତା ଶ୍ରୀମୟୀ ମିଶ୍ର ଦେଇଥିବା ମନ୍ତବ୍ୟକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ନିନ୍ଦା କରିଛନ୍ତି। ସେହିପରି ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଥିଲେ, ଚାଷୀଙ୍କ ସ୍ୱାର୍ଥ ଓ ହକ୍ ପାଇଁ ଆନ୍ଦୋଳନକୁ ଦଲାଲ କହିଲେ ମଧ୍ୟ ଦଳ ପ୍ରସ୍ତୁତ ରହିଛି। କିନ୍ତୁ ମିଲର ଓ ବେପାରୀଙ୍କ ପାଇଁ କାମ କରିବୁ ନାହିଁ।

ଗୁରୁବାର ଅପରାହ୍ନ ୨ଟାରୁ ସାରା ରାତି ଭାଜପା ନେତାମାନେ ଟାଉନ ଥାନାରେ ଧାରଣାରେ ବସିଥିଲେ। ଶୁକ୍ରବାର ସକାଳେ ଟାଉନ ଥାନା ସମ୍ମୁଖରେ ଶତାଧିକ କର୍ମକର୍ତ୍ତା ନିଜ ନେତାମାନଙ୍କ ପାଖକୁ ଯିବାକୁ ଚାହିଁଥିଲେ। ହେଲେ ଗେଟ୍‌ରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ପୋଲିସ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ସେମାନେ ଧସେଇ ପଶିବାରୁ ଗୋଟିଏ ଗେଟ୍ ଭାଙ୍ଗିଯାଇଥିଲା। ପୋଲିସ ବଳପୂର୍ବକ କର୍ମକର୍ତ୍ତାଙ୍କୁ ଥାନା ସମ୍ମୁଖରୁ ଘଉଡାଇଥିଲା। ପରେ ସେମାନେ ଥାନା ସମ୍ମୁଖରେ ଧାରଣାରେ ବସିରହିଥିଲେ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ପୋଲିସ ଓ ପ୍ରଶାସନ ପକ୍ଷରୁ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ଭାଜପା ନେତାମାନେ ମନା କରିଦେଇଥିଲେ। ପରେ ଏଡିଏମ୍ ଉମାକାନ୍ତ ରାଜ ଆସି ଆର୍‌ଡିସି ଅଫିସରେ ଏକ ଉଚ୍ଚସ୍ତରୀୟ ବୈଠକ ପାଇଁ ପ୍ରସ୍ତାବ ଦେଇଥିଲେ। ଭାଜପା ନେତାଙ୍କ ଏକ ପ୍ରତିନିଧି ଦଳ ଏଥିରେ ଯୋଗଦେଇଥିଲେ। ବୈଠକରେ ଆର୍‌ଡିସି ନିରଞ୍ଜନ ସାହୁ, ଜିଲାପାଳ ଶୁଭମ୍ ସକ୍‌ସେନା, ଆଇଜି ନରସିଂହ ଭୋଳ, ଏସ୍‌ପି ବି. ଗଙ୍ଗାଧର, ଏଡିଏମ୍ ଉମାକାନ୍ତ ରାଜ, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ପକ୍ଷରୁ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରି ନାୟକ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଳସରା ବିଧାୟକ ଭବାନୀ ଭୋଇ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ, ଭାଜପା ଜିଲା ସଭାପତି ଗିରିଶ ପଟେଲ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ବୈଠକ ଶେଷରେ ଭାଜପା ନେତାମାନେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଜିଲାସ୍ତରରେ ଯାହା ସମସ୍ୟା ରହିଛି ଆର୍‌ଡିସି ନିଜ ତତ୍ତ୍ୱାବଧାନରେ ସମାଧାନ କରିବେ, ସରକାରୀ ସ୍ତରରେ ଚାଷୀଙ୍କ ଯାହା ବି ସମସ୍ୟା ରହିଛି ତାକୁ ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆମେ ଆନ୍ଦୋଳନରୁ ଓହରି ଯାଇଛୁ। ହେଲେ ରାଜ୍ୟ ସରକାରଙ୍କୁ ୭୨ ଘଣ୍ଟା ସମୟ ଦିଆଯାଇଛି। ଏହି ସମୟ ଭିତରେ ଚାଷୀଙ୍କ ଟୋକନ୍ ସମସ୍ୟା, ଅଭାବୀ ବିକ୍ରି ସମାଧାନ ନ ହେଲେ ଆସନ୍ତା ୨୫ ତାରିଖରେ ପୁଣି ଏକ ଜରୁରୀ ବୈଠକ କରାଯିବ। ପରେ ଆନ୍ଦୋଳନ ଜୋର୍‌ଦାର କରାଯିବ। ସୂଚନାଯୋଗ୍ୟ, ଗୁରୁବାର ସମ୍ବଲପୁରରେ ଭାଜପାର ଚାଷୀ ଅଧିକାର ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଅଧୀନରେ ଥିବା ୩୫ ବିଧାନସଭା ଓ ବୌଦ୍ଧ, କନ୍ଧମାଳ ବିଧାନସଭା ମଣ୍ଡଳୀ ମିଶି ମୋଟ ୩୭ ମଣ୍ଡଳର ଚାଷୀ ଓ ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ। ଆର୍‌ଡିସି ଅଫିସ ଘେରାଉ ପାଇଁ ଯିବା ସମୟରେ ପୋଲିସ ୫୦ରୁ ଊର୍ଦ୍ଧ୍ୱ ନେତାଙ୍କୁ ଗିରଫ କରିଥିଲା। ଗିରଫ ନେତାମାନେ ଟାଉନ ଥାନା ପରିସରରେ ଗୁରୁବାରଠାରୁ ଧାରଣାରେ ବସିଥିଲେ।



ସମ୍ବଲପୁର ଟାଉନ ଥାନା ମୁଖ୍ୟ ଫାଟକରେ ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

**ଧସେଇ ପଶିଲେ, ଗେଟ୍ ଭାଙ୍ଗିଦେଲେ**

- ବଳପୂର୍ବକ ଘଉଡ଼ାଇଲା ପୋଲିସ
- ବିଜେଡି, କଂଗ୍ରେସ ମନ୍ତବ୍ୟକୁ ନିନ୍ଦା
- ଦଲାଲ ହେବାକୁ ପ୍ରସ୍ତୁତ: ଭାଜପା




ଧରିତ୍ରୀ
DHARITRI
ଶନିବାର, ୨୩ ଜାନୁୟାରୀ, ୨୦୨୧

**ଆଜିର ମନ୍ତବ୍ୟ**
ଚାଇନା ପ୍ରକୃତ ନିୟନ୍ତ୍ରଣରେଖାରୁ ସେନା ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ ନ କରିବା ଯାଏ ଭାରତୀୟ ଯବାନଙ୍କ ସଂଖ୍ୟା ହ୍ରାସ କରାଯିବ ନାହିଁ। -ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅନ୍ୱେଷ କୁମାର
ପରିବାରବର୍ଗ


ସୂର୍ଯ୍ୟ ନାରାୟଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଲ୍ ଗଲେ ଶୁଭ୍ରା, ପ୍ରମାଣ ଯୋଗାଡ଼ରେ ସିବିଆଇ

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ଗିରଫ ହୋଇଥିବା ସଂସ୍ଥାର ଚେୟାରମ୍ୟାନ ଗୌତମ କୁଣ୍ଡୁଙ୍କ ସ୍ତ୍ରୀ ଶୁଭ୍ରା କୁଣ୍ଡୁଙ୍କ ୫ ଦିନିଆ ରିମାଣ୍ଡ ଅବଧି ଶୁକ୍ରବାର ଶେଷ ହୋଇଛି। ସିବିଆଇ ଅପରାହ୍ନରେ ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଶୁଭ୍ରାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ଏବେ ଝାରପଡା ସ୍ୱତନ୍ତ୍ର କାରାଗାରରେ ରହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଶୁକ୍ରବାର ହେବ। ତଦନ୍ତ ସମ୍ପର୍କିତ କୌଣସି ତଥ୍ୟ ଗଣମାଧ୍ୟମକୁ ଦିଆଯାଇ ନ ଥିଲେ ମଧ୍ୟ ଜେରାବେଳେ ମିଳିଥିବା ତଥ୍ୟକୁ ଆଧାର କରି ଅଧିକ ପ୍ରମାଣ ଯୋଗାଡ଼ କରିବାରେ ଲାଗି ପଡ଼ିଛି ସିବିଆଇ। ଗତ ୧୫ ତାରିଖରେ ସିବିଆଇ ଶୁଭ୍ରାଙ୍କୁ କୋଲକାତାରୁ ଗିରଫ କରିବା ପରେ ଓଡ଼ିଶା ଆଣି ୫ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିଲା। ଏହା ମଧ୍ୟରେ ତାଙ୍କୁ କୋଲକାତା ସହ ଓଡ଼ିଶାର କିଛି ସ୍ଥାନକୁ ନେଇ ଜମାକରୀଙ୍କ ଅର୍ଥ ଠକେଇ ସମ୍ପର୍କରେ ପଚରାଉଚରା କରିଥିଲା। ଏହି ଠକେଇରେ ଓଡ଼ିଶାର କେତେଜଣ ରାଜନେତା, ବ୍ୟବସାୟୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ସିବିଆଇ ହାତରେ ତଥ୍ୟ ଲାଗିଛି। ସେମାନଙ୍କୁ ନୋଟିସ ଜାରି କରାଯିବ ବୋଲି ସିବିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଦୀର୍ଘବର୍ଷ ପରେ ହଠାତ୍ ସିବିଆଇର ଖୋଳତାଡ଼କୁ ନେଇ ମଧ୍ୟ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ରହିଥିବାରୁ କେନ୍ଦ୍ର ସିବିଆଇକୁ ଅସ୍ତ୍ର ଭାବେ ବ୍ୟବହାର କରୁଥିବା କୁହାଯାଉଛି। ୨୦୧୩ରୁ ପ୍ରଥମେ ପଶ୍ଚିମବଙ୍ଗ, ବିହାର, ଆସାମ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ସମେତ ଓଡ଼ିଶାରେ ରୋଜ୍‌ଭ୍ୟାଲି ନିଜର କାରବାର ଆରମ୍ଭ କରିଥିଲା। ଦେଶରୁ ପ୍ରାୟ ୧୭ ହଜାର ୫୨୦ କୋଟିର ଟଙ୍କା ଠକେଇ କରିଥିବା ଜଣାପଡିଥିଲା। ତେବେ ସୁନା ବ୍ୟବସାୟ ଓ ଚିଟ୍‌ଫଣ୍ଡ୍ ସ୍କାମ୍‌ରେ ସଂସ୍ଥା କେବଳ ଓଡ଼ିଶାରୁ ୫୦୦ କୋଟିରୁ ଅଧିକ ଟଙ୍କା ଠକେଇ କରିଥିଲା। ୨୦୧୫ରେ ସଂସ୍ଥାର ଚେୟାରମ୍ୟାନ ଗୌତମଙ୍କୁ ସିବିଆଇ ଗିରଫ କରିଥିଲା। ୨୦୧୯ରେ ଓଡ଼ିଶାର ଦୁଇ ବିଜେଡି ବିଧାୟକଙ୍କୁ ନୋଟିସ ଜାରି ହୋଇଥିଲା।

**ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ୍ ଠକେଇ ମାମଲା**

# ସପ୍ତାହକୁ ୩ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦିଆଯିବ

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**

ଏଣିକି ସପ୍ତାହରେ ୩ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦିଆଯିବ। ପ୍ରତି ମଙ୍ଗଳ, ବୁଧ ଓ ଶୁକ୍ରବାର ଟିକାକରଣ ହେବ। କିନ୍ତୁ ସରକାରୀ ଓ ଘରୋଇ ମେଡିକାଲ କଲେଜରେ ଛୁଟିଦିନ ଛାଡ଼ି ଅନ୍ୟ ଦିନରେ ସୁବିଧା ଅନୁଯାୟୀ ଟିକାକରଣ ହେବ। ଏ ନେଇ ଶୁକ୍ରବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ସପ୍ତାହକ ଭିତରେ ୧,୪୯,୭୬୦ କୋଭାକ୍ସିନ ଡୋଜ୍ ଆସିବ। ପ୍ରଥମେ 'କୋଭାକ୍ସିନ' ଟିକା ପ୍ରତି ରାଜଧାନୀବାସୀ ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିଲେ। କିନ୍ତୁ ଏବେ ଏଥିପ୍ରତି ସେମାନଙ୍କ ଆଗ୍ରହ ପ୍ରକାଶ ପାଉଛି ବୋଲି ସେ କହିଛନ୍ତି। ସେପଟେ ଶୁକ୍ରବାର ରାଜ୍ୟରେ ୧୫୨ଟି ସେସନରେ ଟିକାକରଣ ହୋଇଛି। ୧୩,୧୯୫ ଟିକାକରଣ ଲକ୍ଷ୍ୟ ଥିବାବେଳେ ୧୬,୩୮୪ଜଣ ଅର୍ଥାତ୍ ୧୨୪% ଟିକା ନେଇଛନ୍ତି। ଏଥିମଧ୍ୟରେ ୧୧,୮୫୫ଜଣଙ୍କୁ କୋଭିଶିଲ୍ଡ ଦିଆଯିବାର ଯୋଜନା ଥିଲା, କିନ୍ତୁ ୧୫,୨୪୭ଜଣ ଟିକା ନେଇଛନ୍ତି। ସେହିଭଳି ୧,୩୪୦ଜଣ କୋଭାକ୍ସିନ ନେବାକୁ ଥିଲାବେଳେ ୧,୧୩୭ଜଣ ଟିକା ନେଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଆଉଜଣଙ୍କଠାରେ ଟିକା ନେବା ପରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଛି। ବରଗଡ଼ ଜିଲାର ଜଣେ ୫୯ବର୍ଷୀୟ ସ୍ୱାସ୍ଥ୍ୟକର୍ମୀ ଗୁରୁବାର ଟିକା ନେଇଥିଲେ। ସେ ଲୋୟର ଲିମ୍ବସରେ ଦୁର୍ବଳତା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

**ମେଡିକାଲ କଲେଜରେ ଛୁଟିଦିନ ଛାଡ଼ି ସବୁଦିନ**

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶୁଖା ଶ୍ରାବଣ, ଧୂଳିଆ ଭୋଦୁଅ,**
**ଅଶିଣ ମାସରେ ନ ଲାଗଇ କାଦୁଅ ।**

ଚାଷ ପାଇଁ ବର୍ଷାର ଆବଶ୍ୟକତା ରହିଥିବାବେଳେ ସେଥିରେ ଯଦି ବ୍ୟତିକ୍ରମ ଦେଖାଦିଏ ତେବେ ଚାଷୀ ପାଇଁ ଚାଷ କରିବା କଷ୍ଟକର ହୋଇପଡ଼ିଥାଏ। ପ୍ରକୃତି ଆଗରେ ମଣିଷ କିଂ କର୍ତ୍ତବ୍ୟବିମୂଢ଼ ହୋଇଯାଇଥାଏ। ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଚାଷ ପାଇଁ ଦୁର୍ଦ୍ଦଶା ଆଣୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଶୁ ମାରୁଥାଏ ବୋହୂକୁ,**
**ବୋହୂ ଛାର ହୋଇ କାହାକୁ ମାରିବ**
**ମାରୁଥାଏ ଚୁଲି ମୁହଁକୁ।**

ବଡ଼ମାନେ ସାନ ଉପରେ ଅକାରଣରେ ମାଡ଼ଗାଳି ବର୍ଷଣ କଲେ ସାନମାନେ ମୁହଁ ଉପରେ କିଛି କହି ନ ପାରି ତାଙ୍କ ଠାରୁ ସାନ ଉପରେ ରାଗ କରିଥାନ୍ତି। ଏପରିକି ସାନ କେହି ନ ଥିଲେ ଜଡ ପଦାର୍ଥ ଉପରେ ନିଜର ରାଗ ଶୁଝାଇ ମନର କ୍ରୋଧକୁ ପ୍ରଶମିତ କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବଡ଼ଭାଇ ମାଂସ ଖାଇଦେବାରୁ ଭଉଣୀଙ୍କ ଆମ୍ବହତ୍ୟା

**ପାଟଣା,୨୨।୧(ସ୍ୱ.ପ୍ର.):** ନିଜ ପାଇଁ ଥିବା କୁକୁଡ଼ା ମାଂସ ବଡ଼ଭାଇ ଖାଇଦେବାରୁ ଗୁରୁବାର ରାତିରେ ସାନଭଉଣୀ ଆମ୍ବହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଅନ୍ତର୍ଗତ ବଡ଼ପାଟଣା ଗ୍ରାମ ନାଏକ ସାହିରେ। ମୃତକ ହେଲେ କୁନି ନାୟକ(୧୯)। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଘରେ କୁକୁଡ଼ା ମାଂସ ରୋଷେଇ ହୋଇଥିଲା। କୁନିଙ୍କ ପାଇଁ ଥିବା ମାଂସ ଭାଗ ତାଙ୍କ ବଡ଼ ଭାଇ ଖାଇଦେଇଥିଲେ। ଏନେଇ କୁନି ରୁଷିବା ସହ ଓଢ଼ଣୀ ଦ୍ୱାରା ବେକରେ ଫାଶୀ ଲଗାଇ ଆମ୍ବହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୧) ରୁଜୁ ହୋଇଛି। ଏସ୍‌ଆଇ ରଣଜିତ ପଟ୍ଟନାୟକ ଘଟଣାର ତଦନ୍ତ କରୁଛନ୍ତି।

# ମୟୂରଭଞ୍ଜରେ ବଢ଼ିଲା କୁମ୍ଭୀର ସଂଖ୍ୟା

**ବାରିପଦା ଅଫିସ,୨୨।୧**

ମୟୂରଭଞ୍ଜ ଜିଲାରେ ଚାଲିଥିବା କୁମ୍ଭୀର ଗଣନା ଶେଷ ହୋଇଛି। ଜିଲାରେ ଗତବର୍ଷ ତୁଳନାରେ ୬ଟି କୁମ୍ଭୀର ବୃଦ୍ଧି ପାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ବିଭିନ୍ନ ମୁଖ୍ୟ ନଦୀ, ଶାଖା ନଦୀ ଏବଂ ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଚଳିତ ବର୍ଷ ୩ ଦିନ ଧରି ହୋଇଥିବା କୁମ୍ଭୀର ଗଣନା ଅନୁଯାୟୀ ମୋଟ ୮୭ଟି କୁମ୍ଭୀର ଠାବ କରାଯାଇଛି । ଏହି ଗଣନା ଅନୁଯାୟୀ ଶିମିଳିପାଳ ସାଉଥ୍ ଡିଭିଜନରେ ମୋଟ ୭୪ଟି, ଶିମିଳିପାଳ ନର୍ଥ ଡିଭିଜନରେ ୫ଟି, କରଞ୍ଜିଆ ଡିଭିଜନରେ ଗୋଟିଏ ଏବଂ ରାମତୀର୍ଥ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ୭ଟି ମଗର ଜାତୀୟ କୁମ୍ଭୀର ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ୱେଷ୍ଟ ଦେଓ ନଦୀରେ ୬୩ଟି, ଇଷ୍ଟ ଦେଓ ନଦୀରେ ୪ଟି, ଖଇରି ନଦୀରେ ୭ଟି, ଖଡ଼ଖାଇରେ ୩ଟି, ବୁଢ଼ାବଳଙ୍ଗ ନଦୀରେ୨ଟି, ଠକ୍‌ଠକିରେ ଗୋଟିଏ ଓ ରାମତୀର୍ଥ ପ୍ରଜନନ କେନ୍ଦ୍ରରେ ୭ଟି କୁମ୍ଭୀର ଅଛନ୍ତି। ଗତ ବର୍ଷ ୮୧କୁମ୍ଭୀର ଥିବା ବେଳେ ଚଳିତ ବର୍ଷ ବୃଦ୍ଧି ପାଇ ୮୭ଟି ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମଭାବରେ ଚାରୋଟି ଗ୍ରହ ଦ୍ୱାରା ସୃଷ୍ଟି ହୋଇଥିବା ରାଜଯୋଗ ସାମଗ୍ରିକ ଦୃଷ୍ଟିକୋଣରୁ ସଫଳତା ଆଣିଦେବ । ଧନ ସ୍ଥାନରେ ରାହୁଯୁକ୍ତ ଚନ୍ଦ୍ର କାରଣରୁ ଧନହାନିଜନିତ ମନସ୍ତାପ କରିପାରନ୍ତି । ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ସାମାଜିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ ।

**ବୃଷ** ରାଶିରେ ପାପଗ୍ରହ ହେତୁ ମାନସିକ ଚାପଗ୍ରସ୍ତ ହୋଇ ଅଶାନ୍ତ ରହିପାରନ୍ତି । ଆଜି ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ । ଝଗଡାର ସମ୍ଭାବନା ରହିଛି । ଧନାଧିପତିଙ୍କ ଦୁର୍ବଳତା କାରଣରୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ । ବନ୍ଧୁଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମ ଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି ।

**ମିଥୁନ** ଦୁଃସ୍ଥାନସ୍ଥ ଏକାଧିକ ଗ୍ରହ କାରଣରୁ ସଜାଗ ରହି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି । ପ୍ରତ୍ୟେକ କାମରେ ଟେନ୍‌ସନ କିଛି ମାତ୍ରାରେ ଲାଗିରହିବ। କର୍ମକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ ।

**କର୍କଟ** ପ୍ରତିବାଦୀ ସ୍ଥାନରେ ଏକାଧିକ ଗ୍ରହ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ବିଫଳତା ଆଣିପାରେ ; ଯାହା ଅନ୍ୟମାନଙ୍କ ପାଇଁ ସହଜଲଭ୍ୟ ଆପଣଙ୍କ ପାଇଁ ଦୁରୂହ ହୋଇପଡିବ । ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇଯିବ ।

**ସିଂହ** କର୍ମକ୍ଷେତ୍ରରେ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ । ବନ୍ଧୁଙ୍କ ଅସହଯୋଗରେ କେତେକ ବ୍ୟତିକ୍ରମ ଘଟିପାରେ । ବନ୍ଧୁଙ୍କ ସହାୟତାରେ ବ୍ୟବସାୟିକ, ଆର୍ଥିକ, ସାମାଜିକ ପ୍ରତିଷ୍ଠା ପାଇଁ ଚେଷ୍ଟିତ ହେବେ । ରାସ୍ତାରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ ।

**କନ୍ୟା** ସ୍ଥଗିତ କାର୍ଯ୍ୟ ହାସଲ କ୍ଷେତ୍ରରେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି । ଆକସ୍ମିକ ଭାବରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ । ବନ୍ଧୁମାନଙ୍କ କାର୍ଯ୍ୟାବଳୀର ସମୀକ୍ଷା କରି ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି । ଆର୍ଥିକ ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ ।

**ତୁଳା** ସମସ୍ୟା ମଧ୍ୟରେ ଗତି କରି ମଧ୍ୟ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ହାସଲ କରିବେ । ସଭାସମିତିରେ ବୁଦ୍ଧିଜୀବୀଙ୍କ ସାନିଧ୍ୟ ଲାଭ କରି ଖୁସି ହେବେ । ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ସଫଳ ହେବାରେ ପ୍ରତିବନ୍ଧକ ରହିବ ନାହିଁ ।

**ବିଛା** ହିତୈଷୀମାନଙ୍କ ସହାୟତାରେ ଆଜିର କାମଗୁଡିକ ଯଥା ସମୟରେ ସମ୍ପନ୍ନ ହୋଇପାରିବ । କର୍ମକ୍ଷେତ୍ରରେ କୌଣସି ଯୁବ ବ୍ୟକ୍ତିଙ୍କଠାରୁ ଅଯାଚିତ ଭାବେ ଯଥେଷ୍ଟ ସହାୟତା ପାଇବେ । ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭଉଣୀଙ୍କ ଆଡୁ ସମସ୍ୟା ଆସିପାରେ । କୌଣସି ବ୍ୟକ୍ତିବିଶେଷଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟହାନିର କାରଣ ସାଜିପାରେ ।

**ଧନୁ** ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ମନ ଖୁସି ରହିବ । କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ । ମଧ୍ୟାହ୍ନରେ ଟେନ୍‌ସନ୍ ବଢିପାରେ । ଅଟକି ରହିଯାଇଥିବା କାମ ସମ୍ପନ୍ନ ଲାଗି ମନ ବଳାଇପାରନ୍ତି। ଯାତ୍ରା, ବାଣିଜ୍ୟ ଓ ପରିବହନ ଭଲରେ ଚାଲିବାରୁ ଆଶ୍ୱସ୍ତି ଲାଭ କରିବେ ।

**ମକର** ଅଶାନ୍ତ ମନକୁ ଶାନ୍ତ କରାଇବାରେ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ । କାମଟିକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଅର୍ଥ ସଙ୍କଟ ରହିବ ନାହିଁ । ନିଜ ପରିସରର ବ୍ୟକ୍ତିଙ୍କ କଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ରୋଗ ଯନ୍ତ୍ରଣାରେ କଷ୍ଟ ପାଉଥିବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ ।

**କୁମ୍ଭ** ଆଜି ସବୁକଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡିବେ । ଶିକ୍ଷା, ପରୀକ୍ଷା, ସାକ୍ଷାତ୍‌କାର ତଥା ବ୍ୟବସାୟରେ ସମସ୍ୟା ଦେଖା ଦେଇପାରେ । ପାରସ୍ପରିକ ଉତ୍ତମ ବୁଝାମଣା ଅବ୍ୟାହତ ରହିଥିବାରୁ ପାରିବାରିକ କ୍ଷେତ୍ର ପୂର୍ବପରି ରହିବ । ଚତୁଃପାର୍ଶ୍ୱରେ ଘଟି ଯାଉଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ ।

**ମୀନ** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିର ଆଶଙ୍କାକୁ ଏଡି ହେବ ନାହିଁ । ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କିମ୍ବା ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ । ଆଜି ହଠାତ୍ କୌଣସି ସମଶ୍ରେଣୀୟ ବ୍ୟକ୍ତିଙ୍କ ସହ ବାଦାନୁବାଦ ହୋଇପାରେ । ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ଆଜିର ଜୀବନଯାତ୍ରା ବିଶେଷ କଷ୍ଟପ୍ରଦ ହେବନାହିଁ ।

ଆଜି ପୌଷ ଶୁକ୍ଳପକ୍ଷର ଶାମ୍ବଦଶମୀ ଶନିବାର, ଜାନୁୟାରୀ ୨୩ ତାରିଖ, ଦେଶ ପ୍ରେମ ଦିବସ, ନେତାଜୀ ସୁଭାଷଚନ୍ଦ୍ର ବୋଷ୍, ବିପ୍ଳବୀ ଚକରା ବିଷୋୟୀ, ବୀର ସୁରେନ୍ଦ୍ରସାଏଙ୍କ ଜୟନ୍ତୀ। ରାଶି ନକ୍ଷତ୍ର- କୃତ୍ତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୦୮ମି. ଗତେ ଘ.୦୧.୦୪ମି. ମଧ୍ୟେ, ରାତ୍ରି ଘ.୦୮.୦୫ମି. ଗତେ ଘ.୧୦.୪୦ମି. ମଧ୍ୟେ, ଘ.୧୨.୨୪ମି. ଗତେ ଘ.୦୨.୦୮ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୯.୧୩ମି. ଗତେ ଘ.୧୦.୩୫ମି. ମଧ୍ୟେ ରାହୁକାଳ।

## ଉମରକୋଟ ନିର୍ବାହୀ ଯନ୍ତ୍ରୀ ନିଲମ୍ବିତ

■ **ତାଲାପଦର ବିଜୁ ସେତୁ ଭୁଶୁଡ଼ିବା ଘଟଣା**

**ନବରଙ୍ଗପୁର/ଉମରକୋଟ, ୨୨।୧(ବି.ପ୍ର./ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତାଲାପଦର ନାଗୀନଦୀ ଉପରେ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ିବା ଘଟଣାରେ ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ (ବିଭାଜନ୨)ର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ସାମଲଙ୍କୁ ନିଲମ୍ବନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିଲମ୍ବନ ଆଦେଶ ଦେଇଛନ୍ତି। ଭୁବନେଶ୍ୱରରୁ ତଦନ୍ତ କରିବାକୁ ଆସିଥିବା ଇଆଇସି ଓ ପ୍ରଧାନମନ୍ତ୍ରୀ ଗ୍ରାମୋଦ୍ୟୋଗ ଯୋଜନା ଚିଫ୍ ଇଞ୍ଜିନିୟର ତାଙ୍କ ରିପୋର୍ଟ ସରକାରଙ୍କୁ ଦେଇଥିଲେ। ଏଥିରେ ନିର୍ବାହୀ ଯନ୍ତ୍ରୀ ସାମଲ କାର୍ଯ୍ୟରେ ଅବହେଳା କରିଥିବା ନେଇ ଉଲ୍ଲେଖ ଥିଲା। ଉକ୍ତ ରିପୋର୍ଟ ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ପରବର୍ତ୍ତୀ ଆଦେଶ ଆସିବା ପର୍ଯ୍ୟନ୍ତ ତାଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ସୁନାବେଡା ସର୍କଲ କାର୍ଯ୍ୟାଳୟରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ରହିଛି। ଏହି ଘଟଣାରେ ସହକାରୀ ଯନ୍ତ୍ରୀ ଅସିତ ପାତ୍ର, କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁ ଓ ଠିକାଦାର ଅସିତ୍ ବିଶ୍ୱାଳଙ୍କ ନାମରେ ନିର୍ବାହୀ ଯନ୍ତ୍ରୀ ଗତ ୧୧ ତାରିଖରେ ଏତଲା ଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ମଧ୍ୟ ଏହି ଘଟଣାରେ ଦାୟୀ ବୋଲି ଲୋକେ ଅଭିଯୋଗ କରିଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଥିଲା। ଏହି ଘଟଣାରେ ପୂର୍ବରୁ ଉମରକୋଟ ପୋଲିସ ସହକାରୀ ଯନ୍ତ୍ରୀଙ୍କୁ ଗିରଫ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଫେରାର ରହିଛନ୍ତି।


ସନ୍ତୋଷ କୁମାର ସାମଲ


# classifieds Everyday
0674-2580101, 2549302

**real estate**

**SALE**

**Commercial and residencial use yellowzone 3500sqft. developed plot adjacent to 100ft. BDA road near Hanspal ready for sale. Genuine buyer contact: 7205337726, 9437922726.** D-69679

ଭୁବନେଶ୍ୱର ମଞ୍ଚେଶ୍ୱରରେ ଘରବାରି ପ୍ଲଟ୍ ବର୍ଗଫୁଟ Rs.-530/- ଏବଂ non ଘରବାରି Rs.- 470/-, 9337920820. D-19684

**ଭୁବନେଶ୍ୱର Airport ଠାରୁ ୬କି.ମି. ଦୂର ବୋଡଣ୍ଡାରେ 1406sqft. ଘରବାରି ପ୍ଲଟ୍ @ 24,50,000/-, 9040404420, 9777686666.** D-19669

**Plot for sale near Oxford College, Bhingarpur, Kuranga 25' Road (Ready for Construction) 6372824177.** D-70161

**Earthquake proof 2BHK flat in Apartment Avantika near Gokul residency on Rasulgarh GGP Pandra road for immediate sale with special discount. Contact: 7656861995, 8763935874 during office hour.** D-69962

ପୁରାସ୍ଥିତ ସିପସରୁବାଲି ମୌଜାରେ କଳିଙ୍ଗବିହାରରେ 2000sqft. ଜାଗା ବିକ୍ରିହେବ। Rs.-650/-sqft. ଯୋଗାଯୋଗ- 9937306968. D-70216

**Ready to move 1BHK at DHPL Villa One Kalarahanga. Cost 2300000/- Contact 9937059891** D-19506

**Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

2BR, 2Bath, 2Balcony, Pujaroom flat 1265sqft. near Gudiapokhari Chhaka. 9437562371. D-69477

**2000sft. plot sale at Garage Chhak, Lewis road & 2900sft. plot at Jharpada, Bhubaneswar. Contact- DEEPAK- 9937329999.** D-69963

Developed ଘରବାରି ପ୍ଲଟ୍ କେସୁରା ଛକରୁ 3କି.ମି. ମଧ୍ୟରେ କିଣନ୍ତୁ। 7008492511. D-69365

**ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଟିରେ ଘରବାରି ପ୍ଲଟ୍ ମିଳୁଅଛି। (Bank finance available) 9439902721, 9090432721.** D-70143

ସାଲେପୁର ଶିଶୁ ମନ୍ଦିର ନିକଟରେ ଘରବାରି SC plot 85 ଡିସିମିଲ ବିକ୍ରିହେବ। 8260525897. D-19637

**ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952.** D-70153

ଭୁବନେଶ୍ୱର New Rly Station ପାଖରେ 30ft road yellowzone plot sqft.- 500/- first possession/ registration. 6371406921. D-69363

**ଭୁବନେଶ୍ୱର ପାହାଳ NH side ଘରବାରି yellowzone fully developed demarcated ବାସୋପଯୋଗୀ plot road, electricity ଥାଇ ତୁରନ୍ତ ଘର କରନ୍ତୁ। PUJA- 6371970725.** D-70162

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/- 9937166932. D-69364

**Bhubaneswar Chintamaniswar Station ପାଖରେ yellowzone ଘରବାରି plot ବିକ୍ରିହେବ। 9861302460, 6370621085.** D-70159

**Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338** D-19563

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70095

**Ready to move Duplex for sale at DHPL Villa One Kalarahanga. Contact 9937059891.** D-19591

**6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112.** D-70163

**construction**

**For construction only in your plot inside Bhubaneswar area, contact MRC- 9937064680.** D-27287

**to-let**

House rooms for girls hostel purposes for College Institute. 8480204021. D-19683

**2320sqft Go-down for Rent, Talasahi, Shikharpur, Cuttack. Contact Saroj- 8895331410, 9437552432.** D-19686

**healthcare**

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

Newly open full body massage ladies and gents. 9337349409. D-70412

Get refreshment Body Massage by Expert Therapist. Contact for: 6371537969. D-70099

Newly open SPA offer @799/-, positively health benefits, Jaydev Bihar. 7846814019. D-59974

Newly open full body massage ladies and gents. 9861141344, 8658994614. D-70416

Revitalize your self with our ayurvedic massage and refreshment, Call: 7381239385. D-70100

Experience full body massage with expert therapists. Call: 7377048581. D-70501

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୮୩,୫୧,୯୭୦ | ୨୧,୦୬,୮୦୪ | ୭,୦୬,୮୪,୬୦୩ |
| ଭାରତ | ୧,୦୬,୩୬,୦୫୬ | ୧,୫୩,୧୪୦ | ୧,୦୨,୯୩,୭୮୪ |
| ଓଡ଼ିଶା | ୩,୩୪,୦୨୦ | ୧୯୦୩(+୫୩) | ୩,୩୦,୭୫୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ‘ଉତ୍ତମ ମାନର ଉତ୍ପାଦନ ସବୁଠାରୁ ବଡ଼ ଆବଶ୍ୟକତା’

## ରାଜ୍ୟ ରପ୍ତାନି ପୁରସ୍କାର ଉତ୍ସବ-୨୦୨୧

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ରପ୍ତାନି ପାଇଁ ଉତ୍ତମ ମାନର ଉତ୍ପାଦନ ହେଉଛି ସବୁଠାରୁ ବଡ଼ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ରାଜ୍ୟ ରପ୍ତାନି ପୁରସ୍କାର ଉତ୍ସବ(ଷ୍ଟେଟ୍ ଏକ୍ସପୋର୍ଟ ଆୱାର୍ଡ ସେରିମନି)-୨୦୨୧କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱସ୍ତରୀୟ ଉତ୍ପାଦନ ଉପରେ ଆମକୁ ଧ୍ୟାନ ଦେବାକୁ ପଡ଼ିବ। ରାଜ୍ୟ ସରକାର ଇଜ୍ ଅଫ୍ ଡୁଇଂ ବିଜ୍‌ନେସ, ୫-ଟି ଅଭିନବ କାର୍ଯ୍ୟକ୍ରମ ଏବଂ ଭିତ୍ତିଭୂମି ସହଯୋଗ ଜରିଆରେ ରପ୍ତାନି କ୍ଷେତ୍ର ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛନ୍ତି। ନୀତି ଆୟୋଗ ଦ୍ୱାରା ଜାରି କରାଯାଇଥିବା ଏକ୍ସପୋର୍ଟ ପ୍ରିପ୍ୟାର୍ଡନେସ ଇଣ୍ଡେକ୍ସ(ଇପିଆଇ)ରେ ଉତ୍ତମ ପ୍ରଦର୍ଶନ କରୁଥିବା ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ରପ୍ତାନି କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ଲାଗି ଉଦ୍ୟମ ଜାରି ରହିଛି। ରାଜ୍ୟର ଆର୍ଥିକ ବିକାଶରେ ରପ୍ତାନିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାର ସାତଦରିଆ ପାର ବ୍ୟାପାର ଓ ବାଣିଜ୍ୟର ଏକ ଗୌରବମୟ ଇତିହାସ ବହନ କରୁଛି। ଏହା ଆମର ବାଣିଜ୍ୟିକ ରପ୍ତାନିକୁ ପ୍ରୋତ୍ସାହନ ଯୋଗାଇ ଆସୁଛି। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ୨୦୨୦ ନଭେମ୍ବର ପର୍ଯ୍ୟନ୍ତ ଓଡ଼ିଶାରେ ଗତବର୍ଷ ଏହି ସମୟ ତୁଳନାରେ ୫୫ ପ୍ରତିଶତ ରପ୍ତାନି ଅଭିବୃଦ୍ଧି ହୋଇଛି। କଡ଼ା ଅନ୍ତର୍ଜାତୀୟ ପ୍ରତିଯୋଗିତା ଏବଂ ବିଶ୍ୱରେ ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟର ରପ୍ତାନିକାରୀମାନେ ରପ୍ତାନି କ୍ଷେତ୍ରରେ ବିରଳ କୃତିତ୍ୱ ହାସଲ କରିଛନ୍ତି। ସ୍ଥାନୀୟ ଉତ୍ପାଦକୁ ରପ୍ତାନି କରିବା ପାଇଁ ପ୍ରତ୍ୟେକ ଜିଲାରେ ଜିଲାସ୍ତରୀୟ ରପ୍ତାନି କମିଟି ଗଠନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି। କଳାହାଣ୍ଡି, କନ୍ଧମାଳ ଓ ମାଲକାନଗିରି ଜିଲାର ମହିଳା ସ୍ୱୟଂସେବକ ସଂସ୍ଥା ଦ୍ୱାରା ଉତ୍ପାଦନ କରାଯାଉଥିବା ଉତ୍ପାଦଗୁଡ଼ିକ ୟୁରୋପ ଓ ଆମେରିକା ବଜାରରେ ଉପଲବ୍ଧ ହେବାକୁ ଆଉ ବେଶି ସମୟ ବାକି ନାହିଁ। ମୁଖ୍ୟମନ୍ତ୍ରୀ ଏକ୍ସପୋର୍ଟ ଆୱାର୍ଡ ପାଇଥିବା ସଂସ୍ଥାଗୁଡ଼ିକୁ ନବୀନ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ରପ୍ତାନି କ୍ଷେତ୍ରକୁ ଆହୁରି ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଦେଶରେ ପ୍ରାକୃତିକ ସମ୍ପଦ ପାଇଁ ଓଡ଼ିଶା ଏକ ବୃହତ୍ ରପ୍ତାନିକାରୀ ରାଜ୍ୟରେ ପରିଣତ ହେବାର ସମସ୍ତ ଦକ୍ଷତା ଓଡ଼ିଶାର ରହିଛି।

୨୦୧୭-୧୮ ଏବଂ ୨୦୧୮-୧୯ ପାଇଁ ୨୬ ରପ୍ତାନିକାରୀ ସଂସ୍ଥା ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଏବଂ ଖାଦ୍ୟ ଉତ୍ପାଦନ କମିଶନର ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏମ୍ଏସ୍ଏମ୍ଇ ବିଭାଗ ସଚିବ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ବୈଠକ ସଂଚାଳନ କରିଥିଲେ।

୨୦୧୭-୧୮ ଏବଂ ୨୦୧୮-୧୯ ପାଇଁ ଝାରସୁଗୁଡ଼ାରେ ଥିବା ବେଦାନ୍ତ ଲିମିଟେଡ୍, ଭୁବନେଶ୍ୱରସ୍ଥିତ ଟାଟା କନ୍‌ସଲଟାନ୍ସି, ନାଲ୍‌କୋ, ହିଣ୍ଡାଲ୍‌କୋ, ଫାଲକନ ମେରାଇନ, ଏମ୍ଏମ୍ଟିସି, ଇମାମି ପେପର ମିଲ୍ସ, ବାଲେଶ୍ୱର ଆଲଏଜ, କୋରସାକି ରିଫ୍ରାକ୍ଟୋରିଜ, ଇଣ୍ଡିଆନ ରେଆର ଆର୍ଥ, ଇନ୍‌ଫୋସିସ ଲିମିଟେଡ୍, ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ, ଫେରୋ ଆଲଏଜ୍ କର୍ପୋରେଶନ ଲିମିଟେଡ୍‌କୁ ବୃହତ୍ ଶିଳ୍ପ ପର୍ଯ୍ୟାୟରେ ପୁରସ୍କୃତ କରାଯାଇଛି। ସେହିପରି ବାଲେଶ୍ୱରର ହରି ମେରାଇନ, ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ମଧ୍ୟମ ଶିଳ୍ପ ଉଦ୍ୟୋଗ ଭାବେ ପୁରସ୍କୃତ କରାଯାଇଛି। ସେହିପରି ଟେରା ବ୍ଲକ ମେଶିନେରି, ଜେ.ପି. ହ୍ୟାଣ୍ଡଲୁମ, ତ୍ରିମୂର୍ତ୍ତି ଆର୍ଟ ଆଣ୍ଡ କ୍ରାଫ୍ଟ, ଶିବାଳୟ ମଲ୍ଟିପ୍ଲେକ୍ସ, ମାଗମା ଫୁଡସ୍, ଆର.ବି. ଅଗ୍ରୱାଲ ଆଣ୍ଡ କମ୍ପାନୀ, ମାଗମା ଫୁଡସ ଲିମିଟେଡ, ଓଡ଼ିଶା ସଲ୍ୟୁଶନ, ଆବସିସ ଇନ୍‌ଫର୍ମେଶନ, ଜୟ ଭାରତ ସ୍ପାଇସେସ, ସାବତ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ୍‌କୁ ଲଘୁ ଉଦ୍ୟୋଗ ଭାବେ ପୁରସ୍କୃତ କରାଯାଇଛି।

## ୩୦ ଟଙ୍କାରେ କୋଭିଡ୍ ରିପୋର୍ଟ

ପାରାଦୀପ,୨୨।୧(ସ୍ୱ.ପ୍ର.): ମାତ୍ର ୩୦ ଟଙ୍କା ବିନିମୟରେ ମିଳୁଛି କୋଭିଡ୍ ରିପୋର୍ଟ। ପାରାଦୀପ ଅଭଚାନ୍ଦପୁର ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଏକ ଜେରକ୍ସ ଦୋକାନରୁ ଏହି ରିପୋର୍ଟ ଦିଆଯାଉଥିଲା। ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ଏନେଇ ଖୋଳତାଡ କରାଯାଇଛି। ଖବରପାଇ ପୋଲିସ ସେଠାରେ ପହଞ୍ଚି ଦୋକାନରୁ ୩ ଜଣଙ୍କୁ ଉଠାଇ ଆଣି ପଚରାଉଚୁରା କରୁଛି। ମିଳିଥିବା ସୂଚନା ଅନୁଯାୟୀ, ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ପ୍ରବେଶ ପାଇଁ କୋଭିଡ୍ ନେଗେଟିଭ ରିପୋର୍ଟ ଅପରିହାର୍ଯ୍ୟ କରାଯାଇଛି। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜେରକ୍ସ ଦୋକାନୀ ଶ୍ରମିକମାନଙ୍କୁ ନକଲି କୋଭିଡ୍ ରିପୋର୍ଟ ପ୍ରଦାନ କରୁଥିଲେ।




# ଏଥର ଇ-ବିଧାନସଭା

- ସଦସ୍ୟଙ୍କୁ ମୋବାଇଲ ଆପ୍‌ରେ ମିଳିବ ପ୍ରଶ୍ନର ଉତ୍ତର
- ଡିଜିଟାଲ ମୋଡରେ ଉପସ୍ଥାପନ ହେବ ବଜେଟ

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**

ଆସନ୍ତା ବିଧାନସଭା ଅଧିବେଶନ ସମ୍ପୂର୍ଣ୍ଣ ଡିଜିଟାଲ ମୋଡରେ ହେବ। ଗୃହର ସମସ୍ତ କାର୍ଯ୍ୟବିଧି ବିନା କାଗଜରେ ଅନଲାଇନ ଜରିଆରେ ସମ୍ପାଦନ କରାଯିବ। ଅନୁରୂପ ଭାବେ ବଜେଟ ମଧ୍ୟ ଡିଜିଟାଲ ମୋଡରେ ଉପସ୍ଥାପନ ହେବ। ଶୁକ୍ରବାର ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ବିଧାନସଭାର ସମସ୍ତ କାର୍ଯ୍ୟ ଜାତୀୟ ଇ-ବିଧାନ ଆପ୍ଲିକେଶନ (ଏନ୍ଇଭିଏ) ମୋବାଇଲ ଆପ୍ ଜରିଆରେ ହେବ। ବିଧାୟକମାନେ ଗୃହ କାର୍ଯ୍ୟବେଳେ ଅନଲାଇନରେ ପ୍ରଶ୍ନ ପଚାରିବେ। ମୋବାଇଲ ଫୋନରେ ଥିବା ଏନ୍ଇଭିଏ ଆପ୍ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଉତ୍ତର ପାଇପାରିବେ। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ) ସେଣ୍ଟର ବିଧାନସଭା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବ। ଏହାଦ୍ୱାରା ବିଧାନସଭା ସଦସ୍ୟମାନେ କରୋନା ସଂକ୍ରମଣରୁ ସୁରକ୍ଷିତ ରହିପାରିବେ। ସୂଚନାଯୋଗ୍ୟ, ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରିବାକୁ ବାଚସ୍ପତି ପୂର୍ବରୁ ସୂଚନା ଦେଇଥିଲେ। ଏଥିରେ ୬.୮ କୋଟି ଟଙ୍କା ଖର୍ଚ୍ଚ ହେବ। ସେଥିରୁ କେନ୍ଦ୍ର ସରକାର ୬୦% ଏବଂ ରାଜ୍ୟ ସରକାର ୪୦% ଖର୍ଚ୍ଚ ବହନ କରିବେ।

# ସଞ୍ଜୀୟ କୁମାର ନାୟକ ରେଭେନ୍ସା ନୂଆ କୁଳପତି

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**


ପ୍ରଫେସର ସଞ୍ଜୀୟ କୁମାର ନାୟକ

ରେଭେନ୍ସା ବିଶ୍ୱବିଦ୍ୟାଳୟର ନୂତନ କୁଳପତି ହେଲେ ପ୍ରଫେସର ସଞ୍ଜୀୟ କୁମାର ନାୟକ। ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେ ୪ବର୍ଷ ପାଇଁ କୁଳପତି ଭାବେ କାର୍ଯ୍ୟ କରିବେ। କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ କିମ୍ବା ଏହା ପୂର୍ବରୁ ଯଦି କିଛି ଅର୍ଡର ଆସିବ ସେବେଠାରୁ ଏହି ଅବଧି କାର୍ଯ୍ୟକାରୀ ହେବ ବୋଲି ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ପ୍ରଫେସର ନାୟକ ଚେନ୍ନାଇସ୍ଥିତ ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଷ୍ଟିକ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିର ମହାନିର୍ଦ୍ଦେଶକ (ଚିଫ୍ ଏକାଡେମିକ୍ ଅଫିସର) ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ୩୪ବର୍ଷରୁ ଅଧିକ ଶିକ୍ଷାଦାନର ଅଭିଜ୍ଞତା ରହିଛି। ସେ ୩୫ଟି ପୁସ୍ତକ ରଚନା କରିଛନ୍ତି। ଏଥିସହ ୨୫ଟି ଭାରତୀୟ ପାଟେଣ୍ଟ ଓ ୩୦ଟି ଡିଜାଇନ ରେଜିଷ୍ଟ୍ରେଶନର ଉଦ୍ଭାବକ ଅଟନ୍ତି। ସେ ଜଣେ ଡିଏସ୍‌ସି ଓ ୪୦ଜଣ ପିଏଚ୍‌ଡିଧାରୀଙ୍କୁ ମାର୍ଗଦର୍ଶନ ଦେଇଛନ୍ତି।



ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା । ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ । –ଶ୍ରୀମା



# ଆଇଆର୍‌ଏସ୍ ରାଡାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ହିସାବ ବହିର୍ଭୂତ ବିଦେଶୀ ଏବଂ ବେନାମୀ ସମ୍ପତ୍ତି ଉପରେ ଏବେ ତା' ଅଭିଯାନ ଜୋରଦାର କରିଛି । ଏଥିପାଇଁ ସିବିଡିଟି ବି ଅନେକ ନୂତନ ପଦକ୍ଷେପ ଗ୍ରହଣ କରିଛି । ଏହା ଏକ ନୂଆ ଅନ୍‌ଲାଇନ ବ୍ୟବସ୍ଥା କରିଛ,ଯେଉଁଥିରେ ବିଦେଶରେ ଥିବା କଳାଧନ ଉପରେ ଟିକସ ସମ୍ପର୍କିତ ଗୁପ୍ତ ସୂଚନା ଦେବାକୁ ସୂଚନାଦାତାମାନଙ୍କୁ ଉତ୍ସାହିତ କରାଯାଇଛି । ଏହାବାଦ୍ ଦେଶର ବିଭିନ୍ନ ସ୍ଥାନରେ ଥିବା ଏହାର ୧୪ଟି ନିର୍ଦ୍ଦେଶାଳୟରେ ସ୍ୱତନ୍ତ୍ର ଭାବେ ଫରେନ୍ ଆସେଟ୍‌ସ ଇନ୍‌ଭେଷ୍ଟିଗେଶନ ୟୁନିଟ୍‌ସ(ଏଫ୍‌ଏଆଇୟୁ) ଆରମ୍ଭ କରିଛି । ପ୍ରାୟ ୭୦ ଜଣ ତଦନ୍ତକାରୀ ଆଇଆର୍‌ଏସ୍ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟ ଆରମ୍ଭ କରିବା ଲାଗି ଏହିସବୁ ୟୁନିଟ୍‌କୁ ବଦଳି କରାଯାଇ ସାରିଲାଣି ବୋଲି ଜଣାପଡିଛି । ସୂତ୍ରରୁ ପ୍ରକାଶ ଯେ, ସିବିଡିଟି ତଦନ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକ ଇଣ୍ଡିଆନ ରେଭିନ୍ୟୁ ସର୍ଭିସ(ଆଇଆର୍‌ଏସ୍) ଅଧିକାରୀଙ୍କୁ ଦେବାକୁ ଅନୁରୋଧ କରିବା ସହ ଏହି ଅଭିଯାନ ଲାଗି ସମ୍ବଳର ଆବଶ୍ୟକତା ରହିଥିବାରୁ କେନ୍ଦ୍ର ବଜେଟରେ ଆବଶ୍ୟକ ପାଣ୍ଠି ଯୋଗାଇ ଦେବାକୁ କହିଛି । ଆଇଆର୍‌ଏସ୍ ଅଧିକାରୀମାନେ ଏ କ୍ଷେତ୍ରରେ ରାଡାର ଭଳି କାମ କରିବେ । ଏଫ୍‌ଏଆଇୟୁଗୁଡ଼ିକ ମହାନିର୍ଦ୍ଦେଶକ ର୍‌ୟାଙ୍କର ଆୟକର ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରିବ । ଏହି ୟୁନିଟ୍‌ଗୁଡ଼ିକୁ ବିଭିନ୍ନ ଗ୍ରୁପରେ ରଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ୟୁନିଟ୍‌ଗୁଡ଼ିକୁ ସୁରୁଖୁରୁରେ ଚଳାଇବା ପାଇଁ ସେଗୁଡ଼ିକରେ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଏବଂ ଯଥେଷ୍ଟ ସହାୟକ କର୍ମଚାରୀ ଅବସ୍ଥାପିତ କରାଯିବ । ଉକ୍ତ ୟୁନିଟଗୁଡ଼ିକୁ ସିଧାସଳଖ ସିବିଡିଟି ନିୟନ୍ତ୍ରଣ କରିବ । ଜଣାପଡିଛି ଯେ, ଯଦି ଆବଶ୍ୟକ ହୁଏ ସିବିଡିଟି ସରକାର ବାହାରୁ ଡାଟା ଆନାଲିଷ୍ଟ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭଳି ବିଶେଷଜ୍ଞମାନଙ୍କୁ ଆଣି ଉକ୍ତ କାର୍ଯ୍ୟରେ ଲଗାଇବାକୁ ଇଚ୍ଛା ପ୍ରକାଶ କରିଛି । ଏଫ୍‌ଏଆଇୟୁ ମଧ୍ୟ ଗ୍ଲୋବାଲ୍ ଟ୍ୟାକ୍ସ ଡକ୍ୟୁମେଣ୍ଟ ଲିକ୍‌ସରେ ସୂଚିତ ବଦନାମ ହୋଇଥିବା ପାନାମା ପେପର୍ସ ଭଳି ଅନ୍ୟ ଭାରତୀୟ ସଂସ୍ଥାଗୁଡ଼ିକର ମାମଲା ଉପରେ ଯାଞ୍ଚ କରିବ ।

### ବାବୁଙ୍କ ଭିଜିଲାନ୍ସ କେସ୍

ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ଅଧିକାରୀମାନଙ୍କ ବିରୋଧରେ ଚାଲିଥିବା ଭିଜିଲାନ୍ସ କେସ୍‌ଗୁଡ଼ିକର ତଦନ୍ତ ସମ୍ପର୍କିତ ଜବାବ ଦେବାରେ ଯଦି ରାଜ୍ୟ ସରକାର କିମ୍ବା ଅନୁରୂପ ବିଭାଗ ଅସଫଳ ହୁଅନ୍ତି, ତେବେ ଏଭଳି ଅବ୍ୟବସ୍ଥା ଉପରେ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି) ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସମେତ କ୍ୟାଡରକୁ ନିୟନ୍ତ୍ରଣ କରୁଥିବା ପ୍ରଶାସନ ବା ସଂସ୍ଥାମାନଙ୍କୁ ଏହି କେସ୍‌ଗୁଡ଼ିକୁ ସରଳରେ ଶେଷ କରିବା ସହ ଅଧିକାରୀମାନଙ୍କ ସ୍ୱଚ୍ଛତାକୁ ଅନୁମୋଦନ କରିବା ଉପରେ ସିଭିସି ଜୋର ଦେଇଛନ୍ତି । ମୁଖ୍ୟ ଭିଜିଲାନ୍ସ କମିଶନ ସଞ୍ଜୟ କୋଠାରୀଙ୍କଠାରୁ ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସବୁ ଘଟଣାରେ ଯେଉଁଠି ଅଧିକାରୀମାନେ ତିନିମାସ ମଧ୍ୟରେ ବାବୁମାନଙ୍କ ବିରୋଧରେ ହୋଇଥିବା ଭିଜିଲାନ୍ସ କେସ୍‌ର ସବିଶେଷ ବିବରଣୀ ଦେବାରେ ବିଫଳ ହେବେ ସେ କ୍ଷେତ୍ରରେ ଅଭିଯୁକ୍ତ ବାବୁମାନଙ୍କୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ପଦୋନ୍ନତି ପାଇଁ ଯୋଗ୍ୟ ବୋଲି ବିଚାର କରାଯିବ । ଏହି ନିର୍ଦ୍ଦେଶର ପରିଣାମ କ'ଣ ହେବ ତାହା କମିଶନଙ୍କୁ ଜଣା । ଅନେକ ସମୟରେ କ୍ୟାଡରକୁ ନିୟନ୍ତ୍ରଣ କରୁଥିବା ଅଧିକାରୀ ବା ସଂସ୍ଥାଗୁଡ଼ିକ ନିୟମ ପାଳନ କରନ୍ତି ନାହିଁ । ଏହାଦ୍ୱାରା ଅଧିକାରୀଙ୍କ ବିରୋଧରେ କରାଯାଇଥିବା ଭିଜିଲାନ୍ସ କେସ୍‌ର ସମାଧାନ ନ ହୋଇ ବହୁ ଦିନ ଧରି ପଡିରହେ । ସିଭିସି ଯଦି ତାଙ୍କ ରାସ୍ତାରେ ରୁହନ୍ତି, ତେବେ ମାସ ମାସ ଧରି ପଡିରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଭିଜିଲାନ୍ସ କେସ୍ ପ୍ରତି ରହିଥିବା ପ୍ରଶାସନିକ ଉଦାସୀନତାକୁ ଦୂର କରାଯାଇପାରିବ । ଏହି ପଦକ୍ଷେପ ମଧ୍ୟ ଯୋଗ୍ୟ ଅଧିକାରୀମାନଙ୍କୁ ସେମାନଙ୍କ କ୍ୟାରିୟରର ଉପଯୁକ୍ତ ପ୍ରାପ୍ୟ ଦେଇପାରିବ ।

### କ'ଣ କରିବେ ଶର୍ମା

ଉତ୍ତରପ୍ରଦେଶ ରାଜନୀତିରେ ଏବେ ହଲ୍‌ଚଲ୍ ଅବସ୍ଥା । ଏହି ପରିପ୍ରେକ୍ଷୀରେ ପୂର୍ବତନ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଅରବିନ୍ଦ ଶର୍ମାଙ୍କ ଆଗମନକୁ ଉତ୍ସୁକତାର ସହ ଲକ୍ଷ୍ୟ କରାଯାଇଛି । କେନ୍ଦ୍ରରେ ଏମ୍‌ଏସ୍‌ଏମ୍‌ଇର ସଚିବ ପଦରୁ ଅବସର ନେବା ପରେ ଶର୍ମା ନିକଟରେ ଭାଜପାରେ ଯୋଗ ଦେଇଛନ୍ତି । ସେ ରାଜ୍ୟ ବିଧାନ ପରିଷଦରେ ସାମିଲ ହେବାର ଅଛି । ଅନୁମାନ ବି ସ୍ପଷ୍ଟ ପ୍ରତୀୟମାନ ହେଉଛି । ଶର୍ମା ଉତ୍ତରପ୍ରଦେଶର ଗୃହମନ୍ତ୍ରୀ କିମ୍ବା ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି । କିନ୍ତୁ ଉତ୍ତରପ୍ରଦେଶ ରାଜନୀତିରେ ଶର୍ମାଙ୍କ ପାଇଁ ଏକ ବୃହତ୍ ଯୋଜନା ରହିଥିବା ଅନେକେ କହନ୍ତି । ସେମାନେ ଅନୁଭବ କରନ୍ତି ଯେ, ମୋଦି ତାଙ୍କ ବିଶ୍ୱସ୍ତ ପୂର୍ବତନ ବାବୁଙ୍କୁ ଏମ୍‌ଏଲ୍‌ଏ କିମ୍ବା ମନ୍ତ୍ରୀ ଭାବେ କେବେ ବି ଅବସ୍ଥାପିତ କରିବେ ନାହିଁ । ତେବେ ଶର୍ମାଙ୍କ ମାଧ୍ୟମରେ ମୋଦି ୨୦୨୨ ବିଧାନସଭା ନିର୍ବାଚନ ପାଇଁ ଦଳର ପ୍ରଚାର ଆରମ୍ଭ କରିବେ ବୋଲି ବିଶ୍ୱାସ କରାଯାଏ । ଏଣୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ନିର୍ବାଚନ ପୂର୍ବରୁ ରାଜ୍ୟରେ ଲାଗୁ କରିଥିବା ଯୋଜନାଗୁଡ଼ିକର ସଫଳ ରୂପାୟନରେ ସାହାଯ୍ୟ କରିବାର ଅଧିକ ସମ୍ଭାବନା ରହିଛି । ରାଜନୀତିରେ ମୋଦି ତାଙ୍କ ବିଶ୍ୱସ୍ତ ଅମଲାମାନଙ୍କୁ ପ୍ରବେଶ କରାଇବାର ବିଶେଷ ରୁଚି ରଖିଥିବା ବହୁବାର ଲକ୍ଷ୍ୟ କରାଯାଏ, ଯାହା ଏହି ପଦକ୍ଷେପରେ ଦୋହରାଇଛନ୍ତି । ସବୁବେଳେ ଅବସରପ୍ରାପ୍ତ ଅମଲାତନ୍ତ୍ରୀ ଏବଂ ଟେକ୍‌ନୋକ୍ରାଟ ପ୍ରଫେଶନାଲମାନେ ତାଙ୍କର ପ୍ରଥମ ପସନ୍ଦ ରହି ଆସିଛନ୍ତି । ଆର.କେ.ସିଂ, ହରଦୀପ ପୁରି,ଏସ.କେ. ଜୟଶଙ୍କରଙ୍କୁ ରାଜନୀତିକୁ ଆଣିବା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

# ପ୍ରଣମ୍ୟ ନେତାଜୀ



ଡ. ମନୋରଞ୍ଜନ ପ୍ରଧାନ

ଆଜକୁ ପ୍ରାୟ ୧୨୫ ବର୍ଷ ପୂର୍ବେ ଅର୍ଥାତ୍ ଜାନୁୟାରୀ ମାସ ୨୩ ତାରିଖ ୧୮୯୭ରେ ଉତ୍କଳ ପ୍ରାନ୍ତର ଏକତା ଓ ସଦ୍‌ଭାବନାର ନଗରୀ କଟକରେ ଜନ୍ମ ନେଇଥିଲା ଜଣେ ଯୋଗଜନ୍ମା ଶିଶୁ ପୁତ୍ର । ଆନନ୍ଦରେ ବିଭୋର ପିତା ଜାନକୀନାଥ ସେଥିପାଇଁ ନିଜ ଡାଇରିରେ ଲେଖିଥିଲେ ଆଜି ଅପରାହ୍ନରେ ଏକ ଶିଶୁ ପୁତ୍ର ଜନ୍ମ ଗ୍ରହଣ କରିଛି । ଆଉ ସେହି ଶିଶୁ ପୁତ୍ର ଥିଲେ ଭାରତ ବର୍ଷର ସାଲିସବିହୀନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀରପୁଙ୍ଗବ ଆମ ପୂଜ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ସମସ୍ତ ମାତାପିତାଙ୍କ ଭଳି ପିତା ଜାନକୀନାଥ ମଧ୍ୟ ସ୍ୱପ୍ନ ଦେଖିଥିଲେ କି ତାଙ୍କ ପୁତ୍ର ଆଇସିଏସ୍ ଅଫିସର ହେଉ । ଆଉ ତାଙ୍କ ଇଚ୍ଛା ବି ପୂରଣ ହୋଇଥିଲା । ୧୯୨୦ ମସିହାରେ ପ୍ରିୟ ପୁତ୍ର ସୁଭାଷ ଆଇସିଏସ୍ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । କିନ୍ତୁ ଭାରତମାତା ଓ ଭାରତବାସୀଙ୍କ ପରାଧୀନତାର ଦୁଃଖ ଏବଂ ଯନ୍ତ୍ରଣା ତାଙ୍କୁ ଏତେ ବ୍ୟତିବ୍ୟସ୍ତ କରିଥିଲା ଯେ, ଅତ୍ୟାଚାରୀ ବ୍ରିଟିଶ ଶାସକଙ୍କ ଅଧୀନରେ ଅଫିସର ହେବାକୁ ଚାହିଁ ନ ଥିଲେ । ଶେଷରେ ଆଇସିଏସ୍ ଭଳି ହାକିମ ଚାକିରିକୁ ପ୍ରତ୍ୟାଖ୍ୟାନ କରି ନିଜ ଜୀବନକୁ ଦେଶମାତୃକାର ସେବାରେ ଉତ୍ସର୍ଗ କରିବାକୁ ସଂକଳ୍ପ ନେଇଥିଲେ । ନିଜ ମା'ଙ୍କଠାରୁ ଦେଶପ୍ରେମର ଭାବ ଓ ଭକ୍ତି ଶିକ୍ଷା ପାଇଥିବା ଯୁବକ ସୁଭାଷ ମାତ୍ର ୧୫–୧୬ ବର୍ଷ ବୟସରେ ତାଙ୍କୁ ଏକ ହୃଦୟସ୍ପର୍ଶୀ ଚିଠି ଲେଖି ପ୍ରଶ୍ନ କରିଥିଲେ, ମାଲୋ ଆମ ଦେଶ କ'ଣ ଦିନକୁ ଦିନ ରସାତଳକୁ ଯାଉଥିବ ? ଦୁଃଖିନୀ ଭାରତମାତାର ଏମିତି କ'ଣ ଜଣେ ସନ୍ତାନ ନାହାନ୍ତି ଯେ କି ଦେଶମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିପାରିବ ? ମାଆ ମୋତେ କୁହ ଆମର ଏହି ନିଦ୍ରା କେବେ ଭାଙ୍ଗିବ ?

ଯେଉଁ ଶିଶୁ ସୁଭାଷ ଭବିଷ୍ୟତରେ ଦେଶ ପାଇଁ ଜେଲ ଯିବାକୁ ପଡ଼ିଲେ ବହୁ କଷ୍ଟ ସହିବାକୁ ପଡ଼ିବ ଭାବି ଛାତ୍ର ଜୀବନରୁ ପୋଡା ରୁଟି ଖାଇବା ଅଭ୍ୟାସ କରୁଥିଲେ, ସେ କେମିତି ନିଜ ସୁଖ ପାଇଁ ହାକିମ ହେବାକୁ ରାଜି ହୋଇଥାଆନ୍ତେ । ସେଥିପାଇଁ ୧୯୨୧ ମସିହାରେ ନିଜ ବଡଭାଇ ଶରତ ଚନ୍ଦ୍ର ବୋଷଙ୍କୁ ଚିଠି ଲେଖି କହିଥିଲେ– ଭାଇ, କେବଳ ଯନ୍ତ୍ରଣା ଓ ତ୍ୟାଗର ଭୂମି ଉପରେ ଆମେ ଆମର ଜାତୀୟ ପ୍ରାସାଦ ନିର୍ମାଣ କରିପାରିବା । ସେହି ସୁଭାଷ ବୋଷ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ବାଜି ଲଗେଇ ଦେଇଥିଲେ ; ଯାହାଙ୍କ ନାମ ଶୁଣିବା କ୍ଷଣି ବ୍ରିଟିଶ ଗୋରା ଶାସକଙ୍କ ମନରେ ଭୟ ଓ ଆତଙ୍କ ଖେଳି ଯାଉଥିଲା । ସେ ହେଉଛନ୍ତି ସେହି ସୁଭାଷ ଯେ କି ଭାରତର ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୪୩ ମସିହା ଅକ୍ଟୋବର ୨୧ ତାରିଖରେ ଦେଶରେ ପ୍ରୋଭିଜନାଲ ସରକାର ଗଠନ ଘୋଷଣା କରିଥିଲେ । ଏହି ସରକାରର ସେ ଥିଲେ ପ୍ରଥମ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ । ସେତେବେଳେ ନେତାଜୀଙ୍କ ସରକାରକୁ ଜାପାନ, ଜର୍ମାନୀ, ଫିଲିପାଇନ୍ସ, ଥାଇଲାଣ୍ଡ, ମାଞ୍ଚୁରିଆ, କ୍ରୋଏସିଆ ଭଳି ନଅଟି ଦେଶ ସ୍ୱୀକୃତି ପ୍ରଦାନ କରିଥିଲେ । ସେ ହେଉଛନ୍ତି ସେହି ସୁଭାଷ, ଯାହାଙ୍କ ଗୋଟିଏ ସ୍ଲୋଗାନ– ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ଆହ୍ୱାନରେ ହଜାର ହଜାର ଭାରତୀୟ ଜାତି, ଧର୍ମ, ଭାଷା, ଅଞ୍ଚଳ ନିର୍ବିଶେଷରେ ସ୍ୱାଧୀନ ସଂଗ୍ରାମ ରୂପକ ମହାଯଜ୍ଞରେ ନିଜକୁ ଆହୁତି ଦେବାକୁ ଆଗେଇ ଆସିଥିଲେ । ଆଉ ସେ ହିଁ ମହାତ୍ମା ଗାନ୍ଧୀଙ୍କୁ ରାଷ୍ଟ୍ରପିତା ଭାବରେ ସମ୍ବୋଧିତ କରିଥିଲେ । ସେ ଥିଲେ ନିର୍ଭୀକ, ନିଃସ୍ୱାର୍ଥପର, ପ୍ରଚଣ୍ଡ ଧୀଶକ୍ତିସମ୍ପନ୍ନ ସମର୍ପିତ ରାଷ୍ଟ୍ରଭକ୍ତ । ସେ ଥିଲେ ସର୍ବକାଳୀନ ରାଷ୍ଟ୍ରନାୟକ । ତାଙ୍କ ପାଖରେ ଥିଲା ନେତୃତ୍ୱ ନେବାର ଅଦମ୍ୟ ସାହସ, ପରାକ୍ରମ ଓ ଦକ୍ଷତା । ସେଥିପାଇଁ ଆଡ୍‌ଲଫ ହିଟଲର ତାଙ୍କୁ ନେତାଜୀ ଭାବେ ସମ୍ବୋଧିତ କରିଥିଲେ ।

ନେତାଜୀ ଥିଲେ ପରମ ରାଷ୍ଟ୍ରପ୍ରିୟ । ସ୍ୱାମୀ ବିବେକାନନ୍ଦ ଓ ମହର୍ଷି ରାମକୃଷ୍ଣ ପରମହଂସଙ୍କ ଲିଖିତ ବାଣୀରେ ପ୍ରଭାବିତ ହୋଇ ସେ ଦେଶ ପାଇଁ ଜୀବନ ଦେବାକୁ ସଂକଳ୍ପ କରିଥିଲେ । ସେ ଦେଶର ସ୍ୱାର୍ଥକୁ କେବେ ମଧ୍ୟ ନଷ୍ଟ ହେବାକୁ ଦେଇ ନ ଥିଲେ । ଏକଦା ଜାପାନୀ ସେନାଧ୍ୟକ୍ଷ ନେତାଜୀଙ୍କ ପାଖକୁ ଆସି ପ୍ରକାଶ କଲେ, କଲିକତା ମହାନଗରୀ ଉପରେ ଆମେ ଆକାଶ ମାର୍ଗରୁ ବୋମା ବର୍ଷଣ ନିମନ୍ତେ ଠିକ୍ କରିଛୁ, ଆପଣଙ୍କ ମତ ? ନେତାଜୀ ନିଜର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଲେ, ଏକ ସୌନ୍ଦର୍ଯ୍ୟମୟୀ ମହାନଗରୀ ବୋମା ମାଡ଼ରେ ବିଧ୍ୱଂସ ହେଉ ମୁଁ ଚାହେଁନା– ମୋର ଦେଶବାସୀଙ୍କୁ ମୁଁ ଦେବାକୁ ଚାହୁଁଛି ଆଶା ଓ ଭରସା, ଧ୍ୱଂସ ବା ଯନ୍ତ୍ରଣା ନୁହେଁ । ଇଂଲଣ୍ଡର ପତନ ପରେ ଆମେ ଅନେକ ବିମାନ କଲିକତାର ମହାନଗରୀରେ ଉଡେଇବୁ । ସେହି ବିମାନଗୁଡ଼ିକରୁ ବୋମା ନିକ୍ଷେପ ହେବ ନାହିଁ, ନିକ୍ଷେପ ହେବ ହଜାର ହଜାର ତ୍ରିରଙ୍ଗା ପତାକା । ବୋମା ଅପେକ୍ଷା ଏହି ତ୍ରିରଙ୍ଗା ପତାକାଗୁଡ଼ିକ ବ୍ରିଟିଶ ସାମ୍ରାଜ୍ୟବାଦର ଧ୍ୱଂସ ନିମନ୍ତେ ବୋମାଠାରୁ ବହୁ ଗୁଣରେ କାର୍ଯ୍ୟ କରିବ । ନେତାଜୀଙ୍କ ଏହି ମନ୍ତବ୍ୟ ଯେ କେବଳ ଜାପାନୀ ସେନାଧ୍ୟକ୍ଷଙ୍କୁ ତାଙ୍କ ପ୍ରସ୍ତାବିତ କାର୍ଯ୍ୟକ୍ରମରୁ ବିରତ ରହିବାକୁ ବାଧ କରି ନ ଥିଲା, ନେତାଜୀଙ୍କ ରାଷ୍ଟ୍ରଭକ୍ତି ଓ ମାତୃଭୂମି ପ୍ରତି ଥିବା ପ୍ରତିବଦ୍ଧତାର ଝଲକ ସମ୍ବନ୍ଧରେ ସ୍ପଷ୍ଟ ହୃଦ୍‌ବୋଧ ହୋଇଥିଲା । ନେତାଜୀ ଥିଲେ ଭାରତ ଜନନୀର ବୀରପୁତ୍ର । ଦେଶର ସ୍ୱାଧୀନତା, ବିକାଶ ଓ ଦେଶବାସୀଙ୍କ ଉନ୍ନତି ହିଁ ଥିଲା ତାଙ୍କ ଜୀବନ ଲକ୍ଷ୍ୟ । ସେ କେବେ ମଧ୍ୟ ନିଜ ସୁଖ ସମୃଦ୍ଧି, ପଦପଦବୀ ସମ୍ବନ୍ଧରେ କିଞ୍ଚିତ ଚିନ୍ତା ବି କରୁ ନ ଥିଲେ । ଅର୍ଥାତ୍ ବ୍ୟକ୍ତିଗତ ସ୍ୱାର୍ଥ ବା ଉଚ୍ଚ ହେବାର ଲାଳସା ଅପେକ୍ଷା ରାଷ୍ଟ୍ରସ୍ୱାର୍ଥ ହିଁ ଥିଲା ତାଙ୍କ ପାଇଁ ସର୍ବୋପରି ।

ଥରେ ଜାପାନ ପ୍ରଧାନମନ୍ତ୍ରୀ ଜେନେରାଲ ତୋଜୋ ଭାଷଣ ପ୍ରସଙ୍ଗରେ କହିଲେ, ନେତାଜୀ ହେବେ ସ୍ୱାଧୀନ ଭାରତର ସର୍ବେସର୍ବା । ଏହା ଶୁଣିବା କ୍ଷଣି ନେତାଜୀ ଦୃଢ଼ ପ୍ରତିବାଦ କରି କହିଲେ– ଏପରି ମନ୍ତବ୍ୟ ଦେବାରେ ଜେନେରାଲ ତୋଜୋଙ୍କ କୌଣସି ଅଧିକାର ନାହିଁ । ସ୍ୱାଧୀନ ଭାରତରେ କିଏ କ'ଣ ହେବେ ତାହାର ସିଦ୍ଧାନ୍ତ ଗ୍ରହଣ କରିବେ ଭାରତବାସୀ । ମୁଁ ହେଉଛି ଭାରତମାତାର ଜଣେ ଦୀନହୀନ ସେବକ ମାତ୍ର । ଭାରତର ସର୍ବେସର୍ବା ହେବାର ଯୋଗ୍ୟତା ରହିଛି ମହାତ୍ମା ଗାନ୍ଧୀ, ମୌଲାନା ଆବୁଲ କାଲାମ ଆଜାଦ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କର । ନେତାଜୀଙ୍କ ଏଭଳି କଡ଼ା ସନ୍ଦେଶ ଜେନେରାଲ ତୋଜୋଙ୍କୁ ବିସ୍ମିତ କରିଥିଲା । ନିଜ ଜୀବନ, ଯୌବନ, ବ୍ୟକ୍ତିଗତ ଓ ପାରିବାରିକ ସୁଖ ସମୃଦ୍ଧି, ଆଇସିଏସ୍ ଚାକିରି ଏଭଳି ଅନେକ ପଦପଦବୀ ଓ ବଡ଼ଲୋକି ହେବାର ସମ୍ଭାବନାକୁ ପରିହାର କରି ଜଣେ ମାତୃଭକ୍ତ ଭାବେ ମାତୃଭୂମିର ଉନ୍ନତିରେ ନିଜ ଜୀବନକୁ ତିଳତିଳ କରି ସଳିତା ଭଳି ଜାଳି ଦେଇ ନିଜକୁ ଜଣେ ବାସ୍ତବ ରାଷ୍ଟ୍ରଭକ୍ତର ଯେଉଁ ଉଦାହରଣ ସୃଷ୍ଟି କରି ଯାଇଛନ୍ତି, ତାହା ଯୁଗ ଯୁଗ ଧରି ଦେଶବାସୀଙ୍କୁ ପ୍ରେରଣା ଦେଉଥିବ ।

ଆଜି ପରାକ୍ରମ ଦିବସ । ଅର୍ଥାତ୍ ସେହି ମହାନ୍ ଆତ୍ମା ନେତାଜୀଙ୍କ ପବିତ୍ର ଜନ୍ମଦିନ । ସାରା ଦେଶ ଆଜି ସ୍ମରଣ କରୁଛି ମହାନ୍ ତ୍ୟାଗୀ, ଭାରତମାତାଙ୍କ ପ୍ରକୃତ ଉପାସକ ତଥା ଜଣେ ପ୍ରଚଣ୍ଡ ଦେଶଭକ୍ତଙ୍କ ସଂଘର୍ଷ ଓ ସଂଘାତର ବିଜୟଗାଥା । ଜଣେ ବୀର ଯବାନଭଳି ନେତାଜୀ ନିଜ ଜୀବନକୁ ରାଷ୍ଟ୍ରମାତାର ହିତରେ ସମର୍ପି ଦେଇ ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି, ତାହା ଅନୁକରଣ ଓ ଅନୁସରଣ କରିବାର ପ୍ରକୃତ ସମୟ ଉପନୀତ । ଯୁବସମାଜ ଦେଶ ମାତୃକାର ସେବା ପାଇଁ ନିଜକୁ ସମର୍ପିତ କରିବା ଉଚିତ । ଅଭାବ ଅସୁବିଧାରେ ଥିବା ଦେଶବାସୀଙ୍କ ମୁହଁରେ ହସ ଫୁଟେଇବା ପାଇଁ ସେମାନେ ଅଗ୍ରଦୂତ ସାଜିପାରିଲେ, ନେତାଜୀଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଓ ସମର୍ପଣ । ତେବେ ଆସନ୍ତୁ ଆମେ ସମସ୍ତେ ନେତାଜୀଙ୍କ ପୁଣ୍ୟ ଅବତରଣ ଦିବସରେ ପ୍ରତିଜ୍ଞା ଓ ପ୍ରତିଶ୍ରୁତିବଦ୍ଧ ହେବା ସହ ରାଷ୍ଟ୍ରମାତାର ବିକାଶରେ ସାମିଲ ହୋଇ ଏକ ସମୃଦ୍ଧ ଭାରତ ନିର୍ମାଣର ବିଶ୍ୱକର୍ମା ହେବା । ପ୍ରଣମ୍ୟ ପ୍ରିୟ ନେତାଜୀ ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ
ଜୟପୁର, କୋରାପୁଟ, ମୋ: ୯୪୩୭୯୧୪୮୧୮



# ବିପ୍ଳବୀ ବୀର ସୁରେନ୍ଦ୍ର ସାଏ



ଅକ୍ଷୟ କୁମାର ରାଉତ

ଇତିହାସ ପୃଷ୍ଠାରେ ଦେଶ, ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗରିମା ଦେଖିବାକୁ ପାଉ । ଭାରତମାତା ତା'ର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱ ଯୋଗୁ ଗର୍ବିତ ଓ ଗୌରବାନ୍ୱିତ । ପୃଥ୍ୱୀରାଜ, ମିବାରର ରାଣା ପ୍ରତାପ, ମରହଟ୍ଟା ବୀର ଛତ୍ରପତି ଶିବାଜୀ, ବକ୍‌ସି ଜଗବନ୍ଧୁଙ୍କ ସଂଗ୍ରାମର ଦେଶପ୍ରେମ ଧାରାରେ ଏହା ପ୍ଲାବିତ । ବୀରତ୍ୱ ଜାତିର ସ୍ୱାଭିମାନର ପ୍ରତୀକ । ସେହି ଜାତିର ପ୍ରଥମ ଜନଜାଗରଣ ସିପାହି ବିଦ୍ରୋହର ନାୟକ ମଙ୍ଗଳ ପାଣ୍ଡେ, ଝାନ୍‌ସୀରାଣୀ ଲକ୍ଷ୍ମୀବାଈ, ନାନା ସାହେବ, ତାନ୍ତିଆଟୋପେ, ଅଯୋଧ୍ୟାର ବେଗମ୍, ପୁରୀର ଚନ୍ଦନ ହଜୁରୀ ଓ ହୀରାଖଣ୍ଡ ସାମ୍ରାଜ୍ୟ (ସମ୍ବଲପୁର ରାଜ୍ୟ)ର ମହାନ୍ ସଂଗ୍ରାମୀ, ବୀର, ବିପ୍ଳବୀ, ଦେଶପ୍ରେମୀ, ଚୌହାଣ ପରମ୍ପରାର ପ୍ରତୀକ ସମଲେଶ୍ୱରୀ ଧର୍ମସିଂହଙ୍କ ପୁତ୍ର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ଏହି ଜନ୍ମମାଟିକୁ ବିଦେଶୀ କବଳରୁ ମୁକ୍ତ କରିବାର ସଂକଳ୍ପକୁ ଋଦ୍ଧିମନ୍ତ କରିଛି ।

ଧର୍ମସିଂହ ୧୮୦୦ ଖ୍ରୀ:ରେ ଦରଗାଁ ଜମିଦାରଙ୍କ କନ୍ୟା ରେବତୀ ଦେବୀଙ୍କୁ ବିବାହ କରିଥିଲେ । ଧର୍ମ ସିଂହଙ୍କ ଔରସରୁ ଓ ରେବତୀ ଦେବୀଙ୍କ ଗର୍ଭରୁ ୧୮୦୯ ଖ୍ରୀଷ୍ଟାବ୍ଦ ଜାନୁୟାରୀ ୨୩ ତାରିଖ ଦିନ ବୀର ସୁରେନ୍ଦ୍ର ସାଏ ଜନ୍ମଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଛଅଗୋଟି ଭାଇ ଓ ଗୋଟିଏ ଭଉଣୀ ଥିଲେ । ସୁରେନ୍ଦ୍ର ସାଏ ତତ୍କାଳୀନ ଛୋଟାନାଗପୁର ଅଧୀନରେ ଥିବା ହାତୀବାରି ଜମିଦାରଙ୍କ କନ୍ୟା ସୁବର୍ଣ୍ଣ କୁମାରୀଙ୍କୁ ବିବାହ କରିଥିଲେ । ସମ୍ବଲପୁର ରାଜଦରବାରର ଶେଷ ଚୌହାଣ ରାଜା ସାଏଙ୍କ ସ୍ୱର୍ଗାରୋହଣ ପରେ ରାଣୀ ମୋହନ କୁମାରୀ ଗାଦିନସୀନ ହେଲେ । ଖିଣ୍ଡା ପରିବାରର ପ୍ରଭାବଶାଳୀ, ସ୍ୱାଧୀନଚେତା ଓ ବିଚକ୍ଷଣ ବ୍ୟକ୍ତିତ୍ୱ ବଳରାମ ସାଏ ଦେବାନ ପଦରେ ନିଯୁକ୍ତ ହେଲେ । ଇଂରେଜମାନେ କୌଶଳକ୍ରମେ ବଳରାମ ସାଏଙ୍କୁ ଦେବାନ ପଦବୀରୁ ହଟାଇ ରାଜ୍ୟ ଶାସନ କଲେ

ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ପେନ୍‌ସନ୍ ଦେଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାକୁ ପଠାଇବାପରେ ନାରାୟଣ ସିଂହ ନାମକ ଜଣେ ବିବାଦୀୟ ବ୍ୟକ୍ତିଙ୍କୁ ସମ୍ବଲପୁର ରାଜଗାଦିରେ ବସାଇ ଶାସନ କାର୍ଯ୍ୟ ଚଳାଇଲେ, ଫଳରେ ବିପ୍ଳବର ବହ୍ନି ତେଜି ଉଠିଲା । ଖିଣ୍ଡାବଂଶୀୟ ବଳରାମ ସାଏଙ୍କ ପରାମର୍ଶରେ ଓ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହେଲା । ବାରପାହାଡର ଡେବୀରଗଡ ଦୁର୍ଗ, ବାରବଖରା, ମଉଲା–ଭଣଜ୍ଞା, ଝରଘାଟୀ, ମୁଣ୍ଡେଇଘାଟୀ, ପପଙ୍ଗା ପାହାଡ, ସିଂଘୋଡା ଘାଟି ଇତ୍ୟାଦି ବିଭିନ୍ନ ସ୍ଥାନର ଜମିଦାର, ଗୌନ୍ତିଆମାନେ ଓ ବିଦ୍ରୋହୀ ନେତାମାନଙ୍କ ନେତୃତ୍ୱରେ ଆଦିବାସୀ ସୈନ୍ୟମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ସୁରେନ୍ଦ୍ରଙ୍କ ସପକ୍ଷରେ ରହିଲେ । ୧୮୩୭ରେ ବାରପାହାଡ ଗିରିଗୁମ୍ଫାରେ ବିଶ୍ରାମରତ ଥିବାବେଳେ, ଇଂରେଜ ସୈନ୍ୟ, ନାରାୟଣ ସିଂହଙ୍କ ସୈନ୍ୟ ଓ ରାମପୁର ଜମିଦାର ସୁରେନ୍ଦ୍ରଙ୍କ ଉପରେ ଆକ୍ରମଣ କଲେ । ଏହି ଯୁଦ୍ଧ ପାଇଁ ସୁରେନ୍ଦ୍ର ପ୍ରସ୍ତୁତ ନ ଥିଲେ । ବଳଭଦ୍ର ସିଂହ ନିହତ ହେଲେ ଓ ସୁରେନ୍ଦ୍ର ଆହତ ଅବସ୍ଥାରେ ପଳାୟନ କଲେ । ବୀର ସୁରେନ୍ଦ୍ରସାଏ ୧୮୪୦ରେ ରାମପୁର ରାଜବାଟି ଆକ୍ରମଣ କରି ରାଜବାଟି କୁସମ୍ପୂର୍ଣ୍ଣ ଧ୍ୱଂସ କରିଥିଲେ ।



ଏହାପରେ ସୁରେନ୍ଦ୍ରଙ୍କର ସାହସ ଓ ଶକ୍ତି ବୃଦ୍ଧି ପାଇଥିଲା । ରାମପୁରଗଡ଼ ବିଜୟକରି ସୁରେନ୍ଦ୍ର ସାଏ ବିପ୍ଳବୀ ସୈନ୍ୟ, ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ଧରି ସମ୍ବଲପୁର ସହର ନିକଟ ଦେଇ ଯିବା ସମୟରେ ମେଜର ଓସ୍‌ଲେ ସୁଦକ୍ଷ ଇଂରେଜ ସୈନ୍ୟବାହିନୀ ସହିତ ଦେହେରୀ ପାଲି ନିକଟସ୍ଥ ବୁଢ଼ାରଜା ପାହାଡ ନିକଟରେ ସୁରେନ୍ଦ୍ରଙ୍କୁ ଆକ୍ରମଣ କଲେ । ଏହି ଯୁଦ୍ଧରେ ମେଜର ଓସ୍‌ଲେ ସୁରେନ୍ଦ୍ର ସାଏ, ପିତୃବ୍ୟ ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀକଲେ । ଦଣ୍ଡ ସ୍ୱରୂପ ଆଜୀବନ ବନ୍ଦୀ ଭାବରେ ହଜାରିବାଗ ଜେଲରେ ରହିଲେ ।

୧୮୫୭ ମସିହାରେ ସିପାହି ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ୧୮୫୭ ଜୁଲାଇ ୩୦ ଦିନ ବିଦ୍ରୋହୀମାନେ ହଜାରିବାଗ ଜେଲଭାଙ୍ଗି ଦେଲେ । ୧୮୫୭ ମସିହା ଜୁଲାଇ ୩୧ ତାରିଖରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ଜେଲ୍‌ରୁ ମୁକ୍ତ ହେଲେ, କିନ୍ତୁ ପିତୃବ୍ୟଙ୍କର ମୃତ୍ୟୁ ହୋଇସାରିଥିଲା । ସୁରେନ୍ଦ୍ର ସାଏ ନିଜ ଜନ୍ମଭୂମିରେ ପହଞ୍ଚିବା ପରେ ସେମାନଙ୍କୁ ହଜାର ହଜାର ଲୋକ ସମର୍ଥନ ଜଣାଇଥିଲେ । ସୁରେନ୍ଦ୍ର ଇଂରେଜମାନଙ୍କୁ ମୁକାବିଲା କରିବା ପାଇଁ ଗରିଲା ରଣନୀତି ଆପଣାଇଥିଲେ । ଘଞ୍ଚବନାନୀ, ଗିରିଶୃଙ୍ଗକୁ ବିପ୍ଳବୀମାନେ ଆଶ୍ରୟସ୍ଥଳୀ ଭାବେ ବାଛି ନେଇଥିଲେ । ସୁରେନ୍ଦ୍ର ସାଏଙ୍କୁ ଶତଚେଷ୍ଟା ସତ୍ତ୍ୱେ ଇଂରେଜମାନେ ଧରିପାରି ନ ଥିଲେ । ସୁରେନ୍ଦ୍ର ସାଏ, ଗୋବିନ୍ଦ ସିଂହ ଓ କୁଞ୍ଜଳ ସିଂହଙ୍କୁ ଧରାଇଦେଲେ ଯଥାକ୍ରମେ ଏକ ହଜାର ଟଙ୍କା, ୫ଶହ ଟଙ୍କା ଓ ୨୫୦ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ମାତ୍ର କିଛି ଫଳ ହେଲାନାହିଁ । ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ, ଛଳନା ଓ ଚରମ ବିଶ୍ୱାସଘାତକତାର ଶିକାର ହେଲେ ବୀର ସୁରେନ୍ଦ୍ର ସାଏ । ଇଂରେଜ ଶାସକ ଇମ୍ପେଙ୍କ ଉଦାରନୀତି ଯୋଗୁ ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବାର ସୁଯୋଗ ମିଳିଥିଲା । ୧୮୬୨ ମସିହା ମଇ ୧୬ ତାରିଖରେ ସୁରେନ୍ଦ୍ରସାଏ ତାଙ୍କର ଘନିଷ୍ଠ ସହକର୍ମୀ ଗଜରାଜ ସିଂ ଓ ଖଗେଶ୍ୱର ସିଂହଦାଓଙ୍କ ସହିତ ମେଜର ଇମ୍ପେଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲେ । ଇଂଲଣ୍ଡ ରାଣୀଙ୍କ ପକ୍ଷରୁ ଲଣ୍ଡନର ଇଣ୍ଡିଆ ଅଫିସ୍‌ରୁ ତା୧୭.୦୨.୧୮୬୩ ପତ୍ରାଙ୍କ ୧୧ ଅନୁସାରେ ସୁରେନ୍ଦ୍ର ସାଏଙ୍କୁ କ୍ଷମାପ୍ରଦାନ କରି ବଡଲାଟ ମଞ୍ଜୁର କରିଥିବା ବୃତ୍ତିକୁ ଶେଷ ମଞ୍ଜୁରୀ ଦେଇଥିଲେ । ୧୮୬୪ରେ ଜେ.ଏସ୍ କେମ୍ପବେଲ୍ ସୁରେନ୍ଦ୍ର ଓ ସାଥୀମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତକରିବାକୁ ରାୟ ପ୍ରକାଶ କରିଥିଲେ ।

୧୮୧୮ ଆଇନର ଅଧିନିୟମ ୩ ଅନ୍ତର୍ଗତ 'ଭାରତ ରକ୍ଷା ଆଇନ' ବଳରେ ମଧ୍ୟପ୍ରଦେଶ ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ସୁରେନ୍ଦ୍ର ସାଏ ଓ ଅନ୍ୟ ୬ ଜଣ ବିଦ୍ରୋହୀଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଲେ । ନିର୍ଦ୍ଦୋଷମାନଙ୍କୁ ଦଣ୍ଡଦେଇ ଇଂରେଜ କର୍ତ୍ତୃପକ୍ଷ ଦୟାନିଧି ମେହେର ଓ ମୋହନ ସିଂହଙ୍କୁ ସୁରେନ୍ଦ୍ର ସାଏଙ୍କ ବିରୋଧରେ ଭଲ କାର୍ଯ୍ୟ କରିଥିବାରୁ ପୁରସ୍କୃତ କରିଥିଲେ । ୧୮୬୫ରେ ସୁରେନ୍ଦ୍ର ସାଏଙ୍କୁ ଅସୁରଗଡ ଗିରିଦୁର୍ଗରେ ବନ୍ଦୀ କରାଯାଇଥିଲା । ଅସୁରଗଡ଼ ଦୁର୍ଗରେ ହିଁ ଏହି ମହାନ୍ ବୀରଙ୍କ ଜୀବନ ଦୀପ ଲିଭିଯାଇଥିଲା । ଏହି ମହାନ୍ ବୀର ପୁରୁଷ ଓ ତାଙ୍କର ସହଯୋଗୀମାନେ ସମ୍ବଲପୁର ସମେତ ସାରା ଦେଶରେ ଯୁଗ ଯୁଗ ଧରି ଅମର ରହିବେ ।

ମୋ :୯୯୩୭୬୯୧୪୭୫

## ଏଇ ଭାରତରେ

କୀର୍ତ୍ତି ଭାରତୀ ଏବେ ସୁଦ୍ଧା ୧୪୦୦ରୁ ଉର୍ଦ୍ଧ୍ୱ ବାଲ୍ୟ ବିବାହ ରୋକି ପାରିଛନ୍ତି । ତାଙ୍କୁ ଏବେ ବୟସ ୩୫ । ଜନ୍ମ ଗୁଜରାଟରେ, ହେଲେ କର୍ମଭୂମି ପାଲଟିଛି ରାଜସ୍ଥାନର ଯୋଧପୁର । ଏଠାରେ ସେ ସାରଥି ଟ୍ରଷ୍ଟ ଗଠନ କରି ତା' ମାଧ୍ୟମରେ ବାଲ୍ୟ ବିବାହକୁ ବିରୋଧ କରିବା ସହ ଅସହାୟମାନଙ୍କୁ ଥଇଥାନ କରିବାରେ ଲାଗିଛନ୍ତି । କୀର୍ତ୍ତିଙ୍କ ମା' ଗର୍ଭବତୀ ଥିଲାବେଳେ ତାଙ୍କ ବାପା ଛାଡିଚାଲିଯାଇଥିଲେ । କୀର୍ତ୍ତିଙ୍କୁ ତାଙ୍କ ମା' ୭ ମାସରେ ଜନ୍ମ ଦେଇଥିଲେ ଓ ପରେ ସେ ବହୁ ବାଧାବିଘ୍ନରେ ବଢ଼ିଥିଲେ । ତାଙ୍କ ପରିବାର ସମ୍ପର୍କୀୟମାନେ ତାଙ୍କୁ ଜୀବନରୁ ମାରି ଦେବା ଲାଗି ଚାହୁଁଥିଲେ । ଏପରି କି ତାଙ୍କୁ ୧୦ ବର୍ଷ ବୟସରେ ସ୍ଲୋ ପଏଜନ ବି ଦିଆଯାଇଥିଲା, ଯେଉଁଥିରେ କୀର୍ତ୍ତି ପକ୍ଷାଘାତର ଶିକାର ହୋଇ ଚାଲିପାରିଲେ ନାହିଁ । ତାଙ୍କ ସ୍କୁଲ ବି ବନ୍ଦ ହୋଇଗଲା । ତାଙ୍କର ଚିକିତ୍ସା କରାଯିବା ପରେ ପୁଣି ସେ ଚାଲିଲେ ଓ ପଢ଼ା ଜାରି ରଖିଲେ । ଶିକ୍ଷା ଶେଷ କରି ୨୨ ବର୍ଷ ବୟସରେ ସେ ୨୦୧୧ରେ ସାରଥି ଟ୍ରଷ୍ଟ ଗଢ଼ି ସେବା ଆରମ୍ଭ କରିଥିଲେ । ବାଲ୍ୟ ବିବାହରେ ଅଗ୍ରଣୀ ରାଜ୍ୟ ରାଜସ୍ଥାନରେ କୀର୍ତ୍ତିଙ୍କ ଉଦ୍ୟମ ବଳରେ ବହୁ ବାଲ୍ୟ ବିବାହ ବନ୍ଦ ହୋଇପାରିଛି । କେବଳ ଏହି କାର୍ଯ୍ୟ ନୁହେଁ, ସେ ମଧ୍ୟ ବିଭିନ୍ନ ଯୋଜନାରେ ଶିଶୁଶ୍ରମିକ, ଯୌନ ନିର୍ଯାତନା ତଥା ଏଚ୍‌ଆଇଭିର ଶିକାର ହୋଇଥିବା ପ୍ରାୟ ୭,୦୦୦ ପିଲାଙ୍କୁ ଥଇଥାନ କରିପାରିଛନ୍ତି । କୀର୍ତ୍ତି ରାଜସ୍ଥାନର ବିଭିନ୍ନ ଗାଁକୁ ଯାଇ ବାଲ୍ୟ ବିବାହ ନ କରିବା ଲାଗି ୨୦,୦୦୦ ଲୋକଙ୍କୁ ଶପଥ କରାଇ ପାରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜାନୁୟାରୀ ୧୯୯୬

- ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପ ନିକଟରେ ଘଟିଥିବା ନୌକା ଦୁର୍ଘଟଣାରେ ୧୦୫ ଜଣ ଲୋକଙ୍କ ପ୍ରାଣହାନୀ ।
- ଶ୍ରୀଲଙ୍କା ବାୟୁସେନାର ଏକ ହେଲିକପ୍ଟର ସମୁଦ୍ର ମଧ୍ୟକୁ ଖସିପଡ଼ିବା ଫଳରେ ୩୯ ଯାତ୍ରୀ ମୃତ ।

## ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଯୁବତୀ ସଖୀ ଦୁଇ
ଜୀବିତ କରି କୋମଳ ପଦେ
ନିଦାଘ ବନ ଭୂଇଁ ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | 1 | | 4 | E | 3 | | 9 | | | | |
| | | | E | 3 | | | | | 8 | 6 | | | | |
| C | 4 | E | | | 0 | 5 | | | 1 | | | 6 | | |
| 8 | | | 2 | D | | | 6 | | B | 5 | | | 9 | |
| | | | | | 8 | 1 | 7 | B | | | | 3 | | |
| | 0 | C | | | | | | | 9 | | D | 7 | | |
| | 2 | | | 9 | | | | | | | | C | | B |
| 7 | | | | | B | 8 | A | 2 | | | | | | 3 |
| 1 | | B | | | | | | | | 7 | | | 5 | |
| | | | 0 | | 6 | | | C | A | | | | 2 | |
| E | | 1 | B | | 3 | | | | 7 | | | 8 | | C |
| | 8 | | | 7 | | B | | | 5 | | | | A | 2 |
| | | | | 5 | 2 | C | | 1 | | | | | | 4 |
| | | 3 | | 0 | 4 | 2 | 8 | | | | | | | D |
| 9 | 5 | | | A | | | | 0 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | C | 8 | 5 | A | 4 | 7 | 1 | 2 | 9 | B | 3 | 6 | E | D |
| 7 | B | 9 | D | 2 | 0 | 3 | E | C | 8 | 6 | A | 1 | 4 | 5 |
| 6 | A | 4 | 3 | C | 1 | 9 | 0 | 5 | E | D | 7 | 2 | 8 | B |
| D | E | 2 | 9 | 8 | 6 | A | B | 4 | C | 5 | 1 | 7 | 3 | 0 |
| 1 | 3 | 5 | E | 7 | B | 8 | D | 6 | 0 | 4 | 2 | 9 | A | C |
| A | 7 | 0 | C | 3 | 5 | 4 | 2 | E | 1 | 9 | D | B | 6 | 8 |
| C | 9 | 6 | 8 | 0 | E | 1 | A | D | 5 | 2 | B | 3 | 7 | 4 |
| 5 | 2 | 3 | 4 | D | 9 | 0 | 7 | B | 6 | A | 8 | E | C | 1 |
| 4 | 1 | D | 2 | B | 7 | 6 | 9 | 8 | 3 | E | C | 5 | 0 | A |
| E | 8 | B | 6 | 1 | A | 5 | C | 3 | 7 | 0 | 4 | D | 2 | 9 |
| B | D | A | 1 | E | 2 | C | 3 | 0 | 4 | 7 | 5 | 8 | 9 | 6 |
| 8 | 6 | 1 | 7 | 5 | D | 2 | 4 | 9 | A | 3 | 0 | C | B | E |
| 9 | 0 | 7 | B | 6 | C | D | 8 | A | 2 | 1 | E | 4 | 5 | 3 |
| 2 | 4 | C | A | 9 | 3 | E | 5 | 1 | B | 8 | 6 | 0 | D | 7 |
| 3 | 5 | E | 0 | 4 | 8 | B | 6 | 7 | D | C | 9 | A | 1 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲୋକାଲ ପାସେଞ୍ଜର ଟ୍ରେନ ଚଳାଯାଉ

ମହାଶୟ,

ବର୍ତ୍ତମାନ କୋଭିଡ୍–୧୯ ସଂକ୍ରମଣଜ ନିତ ସମସ୍ତ କଟକଣାକୁ କୋହଳ କରାଯାଇଛି । ଦେଶରେ ପ୍ରାୟ ସମସ୍ତ ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ଦର୍ଶନ ନିମନ୍ତେ ଖୋଲାହେବା ସହ ଛୋଟବଡ଼ ପର୍ଯ୍ୟଟନ ସ୍ଥଳୀ, ପାର୍କ ଆଦି ବ୍ୟବସାୟିକ ମଲ୍, କମ୍ପ୍ଲେକ୍ସ, ହାଟ ବଜାର ଓ ସିନେମା ହଲ୍ ଖୋଲିବାରେ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ । କିନ୍ତୁ ଦେଶରେ ସ୍ୱାଭାବିକ ଭାବେ ପାସେଞ୍ଜର ଟ୍ରେନ ନ ଚାଲିବା ଦୁଃଖଦପୂର୍ଣ୍ଣ । ରେଳଗାଡ଼ିର ଶସ୍ତାଭଡ଼ା ଅର୍ଥନୈତିକ ଦୃଷ୍ଟିକୋଣରୁ ସାଧାରଣ ଶ୍ରେଣୀର ଗରିବ ଲୋକମାନଙ୍କ ପାଇଁ ଆଦୃତ ହୋଇପାରିଛି । ବର୍ତ୍ତମାନ ସରକାରଙ୍କ ସ୍ୱତନ୍ତ୍ର ଭାବେ ଚଳାଚଳ କରୁଥିବା ସୁପରଫାଷ୍ଟ ଏକ୍ସପ୍ରେସ ରେଳଭଡ଼ା ବହୁତ ବାଢୁଛି । ସବୁଦିନିଆ ସାଧାରଣ ଯାତ୍ରୀମାନଙ୍କ ବ୍ୟକ୍ତିଗତ କାର୍ଯ୍ୟ ସମ୍ପାଦନ, ନିଜ ନିଜ ଗାଁରେ ଥିବା ଘରକୁ ଯିବାଆସିବା, କିଛି ଜରୁରୀ ପରିସ୍ଥିତିକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷାଜନିତ ଡାକ୍ତରୀସେବା ପାଇବାକୁ ନିକଟସ୍ଥ ଭୁବନେଶ୍ୱର କିମ୍ବା କଟକ ଓ ବ୍ରହ୍ମପୁର ପରି ସ୍ଥାନକୁ ଯିବାଆସିବା ପାଇଁ ଏବଂ ତାଳଚେର, ଭଦ୍ରକ ବା ସମ୍ବଲପୁର ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ସହରକୁ ଯାତାୟାତକୁ ଦୃଷ୍ଟିରେ ରଖି ରାଜ୍ୟର ସବୁ ଜିଲାର ବିଭିନ୍ନ ପ୍ରମୁଖ ସ୍ଥାନଗୁଡ଼ିକୁ ଯଥାଶୀଘ୍ର ଲୋକାଲ ପାସେଞ୍ଜର ଟ୍ରେନ ଚଳାଇବା ପାଇଁ ପଦକ୍ଷେପ ଗ୍ରହଣ କଲେ ସାଧାରଣ ଯାତ୍ରୀମାନେ ବହୁତ ଉପକୃତ ହୋଇପାରିବେ ।

–ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ସବୁରି ପ୍ରିୟ ଆମ 'ନେତାଜୀ'


ଗପ

ତୁମରି ଭଳି ଚପଳମତି ପିଲାଟିଏ। ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାବତୀ ବୋଷଙ୍କର ନବମ ସନ୍ତାନ। ପିଲାଦିନୁ ବହୁତ ସାହସୀ ଓ ଚତୁର। ଖୁବ୍ ମେଧାବୀ ଛାତ୍ର ମଧ୍ୟ ଥିଲେ। ସେ ହେଉଛନ୍ତି ଆମର ଅତି ପ୍ରିୟ, ଆମ ଦେଶର ଗର୍ବ ଓ ଗୌରବ ସୁଭାଷ ଚନ୍ଦ୍ର ବୋଷ। ସାରା ବିଶ୍ୱରେ 'ନେତାଜୀ' ନାମରେ ସେ ପରିଚିତ।

୧୮୯୭ ମସିହା ଜାନୁୟାରୀ ୨୩ ତାରିଖରେ କଟକର ଓଡିଆ ବଜାରର ଏକ ବଙ୍ଗାଳୀ ପରିବାରରେ ସୁଭାଷ ଜନ୍ମଗ୍ରହଣ କରିଥିଲେ। ବାପା ତାଙ୍କର ଜଣେ ଜଣାଶୁଣା ଓକିଲ ଏବଂ ମା' ଥିଲେ ଜଣେ ଧର୍ମପରାୟଣା ମହିଳା। ୫ ବର୍ଷ ବୟସରେ ପ୍ରଥମେ ସେ ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ନାମ ଲେଖାଇଥିଲେ। ମାତ୍ର ବିଦ୍ୟାଳୟର ପରିବେଶ ତଥା ଶିକ୍ଷା ଶୈଳୀ ତାଙ୍କର ପସନ୍ଦ ନ ହେବାରୁ ସେ ସେହି ବିଦ୍ୟାଳୟ ତ୍ୟାଗ କରିଥିଲେ। ପରବର୍ତ୍ତୀ ସମୟରେ କଟକର କଲେଜିଏଟ ସ୍କୁଲ୍‌ରେ ନାମ ଲେଖାଇଥିଲେ ଓ ୧୯୧୩ରେ ସଫଳତାର ସହ ପ୍ରଥମ ଶ୍ରେଣୀରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ସେ ସ୍କୁଲର ପ୍ରଧାନ ଶିକ୍ଷକ ବେଣୀମାଧବ ଦାସଙ୍କ ଦ୍ୱାରା ଅତିମାତ୍ରାରେ ପ୍ରଭାବିତ ହୋଇଥିଲେ। ତାଙ୍କଠାରୁ ସୁଭାଷ ସ୍ୱାମୀ ବିବେକାନନ୍ଦ ଓ ଗୁରୁ ରାମକୃଷ୍ଣଙ୍କ ବିଷୟରେ ସୂଚନା ପାଇ ମାନବ ସେବା ଓ ଜନ୍ମଭୂମିର ସେବା ପ୍ରତି ମନ ବଳାଇଲେ।

୧୬ ବର୍ଷ ବୟସରେ ସୁଭାଷ ଉଚ୍ଚଶିକ୍ଷା ପାଇଁ କଲିକତା ଯାଇଥିଲେ। କଲେଜରେ ପଢୁଥିବା ସମୟରେ ପ୍ରଫେସର୍ ଓଟେନ୍‌ଙ୍କ ସହ ତାଙ୍କର ମତପାର୍ଥକ୍ୟ ଘଟିଲା। ଫଳସ୍ୱରୂପ ତାଙ୍କୁ ୧୯୧୬ରେ ଦଣ୍ଡ ସ୍ୱରୂପ କଲେଜରୁ ବାହାର କରି ଦିଆଗଲା। ପରେ ସେ କଲିକତାର ସ୍କଟିସ୍ କଲେଜରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ବି.ଏ. ପାସ୍ କଲେ।

ସତରେ ସୁଭାଷ ଚନ୍ଦ୍ର ବୋଷ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ବୀର ଯୋଦ୍ଧା। ତାଙ୍କର ଅପୂର୍ବ ସାହସିକତା, ନିର୍ଭୀକତା, ଦୃଢ ଇଚ୍ଛାଶକ୍ତି ଓ ମନୋବଳ ଆଜି ବି ଆମ ସମସ୍ତଙ୍କୁ ଉତ୍ସାହିତ କରେ। ଯେସାକୁ ତେସା ତାଙ୍କର ନୀତି ଥିଲା। ତାଙ୍କ ଭଳି ବୀର ସଂଗ୍ରାମୀ ଯୋଦ୍ଧାଙ୍କ ନିକଟରେ ଏ ଜାତି ଚିର ଋଣୀ।

ତା' ପରେ ସୁଭାଷ ଇଂଲଣ୍ଡ ଯାତ୍ରା କରି ସେଠାରେ ଆଇ.ସି.ଏସ୍.( I.C.S) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାକିରିରେ ଯୋଗଦେଲେ। ମାତ୍ର ନିଜର ସ୍ୱାଭିମାନକୁ ବଳିଦେଇ ଇଂରେଜଙ୍କ ଅଧୀନରେ ଚାକିରି କରିବାକୁ ପସନ୍ଦ କଲେ ନାହିଁ। ଭାରତ ମାତାର ସେବା କରିବାକୁ ମନ ତାଙ୍କର ବ୍ୟାକୁଳ ହୋଇଉଠିଲା। ଶେଷରେ ସେ ଚାକିରି ଛାଡି ଭାରତ ଫେରି ଆସିଲେ ଓ ଗାନ୍ଧିଜୀଙ୍କ ପ୍ରେରଣାରେ ଜାତୀୟ କଂଗ୍ରେସରେ ଯୋଗଦେଇ ଅସହଯୋଗ ଆନ୍ଦୋଳନରେ ସାମିଲ ହେଲେ। ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ସହ ତାଙ୍କର ମତଭେଦ ହେବାରୁ ସେ କଂଗ୍ରେସ ଛାଡି 'ଫରଓାର୍ଡ ବ୍ଲକ' ନାମରେ ଦଳ ଗଢିଲେ। ସୁଭାଷ ଅହିଂସା ମାର୍ଗରେ ବିଶ୍ୱାସ କରୁ ନ ଥିଲେ। ତାଙ୍କର କିଛି ହିଂସାତ୍ମକ କାର୍ଯ୍ୟାବଳୀ ପାଇଁ ୧୯୪୦ରେ ସେ ଗିରଫ ହୋଇଥିଲେ। ଅବଶ୍ୟ ପରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଜେଲ୍‌ରୁ ମୁକୁଳି ନିଜ ଘରେ ନଜର ବନ୍ଦୀ ରହିଲେ। ଏହି ସମୟରେ ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ଘଟିଲା। ଗୁପ୍ତରେ ସେ ଛଦ୍ମବେଶରେ ୧୯୪୧ରେ ଭାରତ ଛାଡି ଜର୍ମାନୀର ବର୍ଲିନ ସହରରେ ପହଞ୍ଚିଲେ ଓ ଜର୍ମାନୀର ଶାସକ ହିଟଲରଙ୍କୁ ଭାରତର ସ୍ୱାଧୀନତା ପାଇଁ ସାହାଯ୍ୟ ମାଗିଲେ।

ସେହିଠାରେ କେତେକ ଭାରତୀୟଙ୍କୁ ନେଇ ସେ ଗଠନ କଲେ 'ଭାରତୀୟ ଜାତୀୟ ବାହିନୀ' ବା 'ଆଜାଦ୍ ହିନ୍ଦ୍ ଫୌଜ'। 'ଜୟହିନ୍ଦ୍' କହି ତାଙ୍କୁ ସମ୍ବର୍ଦ୍ଧିତ କରାଗଲା। ଜର୍ମାନୀର ଲୋକ ତାଙ୍କୁ ଶ୍ରଦ୍ଧାରେ 'ନେତାଜୀ' ବୋଲି ସମ୍ବୋଧନ କଲେ। ସେଠାରେ ରହି ସେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିବାକୁ ସ୍ଥିର କରିଥିଲେ। ବିପ୍ଳବର ଏକ ବାର୍ତ୍ତା ଦେଇ ସେ କହୁଥିଲେ, 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି'। ସବୁ ଭାରତୀୟଙ୍କ ହୃଦୟକୁ ଛୁଇଁଥିଲା ତାଙ୍କର ଏହି କଥା ପଦେ।

୧୯୪୩ରେ ସୁଭାଷ ବୋଷ ଜର୍ମାନୀ ଛାଡି ଜାପାନରେ ପହଞ୍ଚିଲେ। ଜାପାନ ସରକାର ତାଙ୍କୁ ସାହାଯ୍ୟ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଲେ। ସେଠାରେ ସେ ସୈନ୍ୟବାହିନୀଙ୍କୁ 'ଦିଲ୍ଲୀ ଚଲୋ' ବୋଲି ବୀରଦର୍ପରେ ଆହ୍ୱାନ ଦେଇଥିଲେ। ତାଙ୍କର ସୈନ୍ୟବାହିନୀ ମଧ୍ୟ ଭାରତର ସୀମାରେ ପ୍ରବେଶ କରି ଭାରତରେ ଜାତୀୟ ପତାକା ଉଡାଇଥିଲେ। ମାତ୍ର ବିଧିର ବିଧାନ ବଡ ବିଚିତ୍ର। ଏକ ବିମାନ ଦୁର୍ଘଟଣାରେ ୧୯୪୫ ଅଗଷ୍ଟ ୧୮ ତାରିଖରେ ଏହି ମହାନ୍ ସଂଗ୍ରାମୀଙ୍କର ମୃତ୍ୟୁ ହୋଇଥିଲା।

**–ଅଧ୍ୟାପକ ଶରତ କୁମାର ଦାସ**
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର

## ଆ ଇ ନା




## ଖିଲିଖିଲି ହସ

୧

ନଟୁ– ଡାକ୍ତରବାବୁ ମୋତେ ଦୁଇ ବର୍ଷ ତଳେ ଜ୍ୱର ହୋଇଥିଲା।
ଡାକ୍ତର– ତେବେ କ'ଣ ହେଲା ?
ନଟୁ– ଆପଣ ମୋତେ ଗାଧୋଇବାକୁ ମନା କରିଥିଲେ। ଆଜି ମୁଁ ଏଇବାଟରେ ଯାଉଥିଲି ତ ଏବେ ଗାଧୋଇବି କି ନାହିଁ ବୁଝିବାକୁ ଆସିଥିଲି।

୨

ବଲ୍‌ଟୁ– ଆରେ ସାଙ୍ଗ ଆଜି ଆକାଶରେ କଳାହାଣ୍ଡିଆ ମେଘ ଦେଖାଯାଉଛି, ସୂର୍ଯ୍ୟ କାହିଁକି ଦେଖା ଯାଉ ନାହାନ୍ତି ?
ପିଣ୍ଟୁ– ଆଜି ବୋଧେ ସୂର୍ଯ୍ୟ ଘରୁ ବାହାରି ନାହାନ୍ତି...
ବଲ୍‌ଟୁ– କାହିଁକି ?
ପିଣ୍ଟୁ– ତାଙ୍କ ମାଆ ମନା କରିଥିଲେ.... କହିଥିବେ ତୁ ଦିନସାରା ଏତେ ଗରମରେ ବାହାରେ ବୁଲୁଛୁ ଆଉ ସନ୍ଧ୍ୟାବେଳେ ଘରକୁ ଫେରୁଛୁ... ସେଥିପାଇଁ କଳା ପଡ଼ିଗଲୁଣି। ତେଣୁ ଆଜି କୁଆଡେ ଯାଆନା...

୩

ସାଣ୍ଟୁ– ଦୋକାନୀ ବାବୁ ଏ କଦଳୀ ଗୋଟେକୁ କେତେ ଟଙ୍କା ନେଉଛ ?
ଦୋକାନୀ– ଗୋଟେକୁ ୧ ଟଙ୍କା।
ସାଣ୍ଟୁ– ଗୋଟାକୁ ୬୦ ପଇସା ନଉନ...
ଦୋକାନୀ– ୬୦ ପଇସାରେ ଖାଲି ଚୋପା ମିଳିବ।
ସାଣ୍ଟୁ– ହଉ ଠିକ୍ ଅଛି, ୨ ଟଙ୍କା ନିଅ ୬୦ ପଇସାର ଚୋପାକୁ କାଢ଼ି ୪୦ ପଇସା ହିସାବରେ ମତେ କଦଳୀ ଦିଅ।

## ଜଣା ଅଜଣା

### ବିଚିତ୍ର ଅକ୍ଟୋପସ୍



ପ୍ରକୃତିରେ ଏମିତି ଅନେକ ଜୀବଜନ୍ତୁ ଅଛନ୍ତି ଯାହା ସମ୍ପର୍କରେ ଏବେ ବି ସମସ୍ତେ ଜାଣିବା ସମ୍ଭବପର ହୋଇପାରିନି। ବୈଜ୍ଞାନିକମାନେ ଅନୁସନ୍ଧାନ କରି ଏହି ସବୁ ରହସ୍ୟମୟ ଜୀବଙ୍କ ସମ୍ପର୍କରେ ଜଣାଉଛନ୍ତି। ଏମିତି ଏକ ବିଚିତ୍ର ଅକ୍ଟୋପସ୍ ବି ରହିଛି, ଯାହାର ୩ଟି ହାର୍ଟ ଏବଂ ୯ଟି ମୁଣ୍ଡ ରହିଛି। ସାମୁଦ୍ରିକ ଜୀବ ଏହି ଅକ୍ଟୋପସର ଏକ ମୁଖ୍ୟ ହୃଦୟ ସହିତ ଅନ୍ୟ ଦୁଇଟି ହୃଦୟ (ହାର୍ଟ) ରହିଛି। ସେହିପରି ଏହାର ଏକ ମୁଖ୍ୟ ମୁଣ୍ଡ ସହିତ ଆହୁରି ଛୋଟ ଛୋଟ ୮ଟି ମୁଣ୍ଡ ବି ରହିଛି। ଆହୁରି ଆଶ୍ଚର୍ଯ୍ୟର କଥା ହେଉଛି ଏହି ଅକ୍ଟୋପସର ରକ୍ତରେ ଏକ ପ୍ରକାରର ତମ୍ବା ଆଧାରିତ ରଙ୍ଗଦ୍ରବ୍ୟ (ହେମୋସାୟନିନ୍) ରହିଛି, ଯାହା ପ୍ରଭାବରେ ରକ୍ତର ରଙ୍ଗ ନୀଳ ଦେଖାଯାଇଥାଏ। ବିଶ୍ୱର ପ୍ରାୟ ସବୁ ମହାସାଗରରେ ଏହି ପ୍ରଜାତିର ପ୍ରାୟ ୩୦୦ ପ୍ରକାରର ଅକ୍ଟୋପସ ଦେଖାଯାନ୍ତି ଏବଂ ଏମାନେ ମାତ୍ର ୬ମାସ ପର୍ଯ୍ୟନ୍ତ ବଞ୍ଚି ରହନ୍ତି। ଏମାନଙ୍କ ମଧ୍ୟରୁ କିଛି ପ୍ରଜାତିର ଅକ୍ଟୋପସ୍ ଅତ୍ୟନ୍ତ ବିଷାକ୍ତ ହୋଇଥାନ୍ତି।

## କ ବି ତା



### ନେତାଜୀ

କଟକ ନଗର କଲେଜ ଛକରେ
ମୁନା ଖାଉଥିଲା ଗୁପଚୁପ୍
ନୀଳ ପୋଷାକେ ସୈନିକ ବେଶେ
ବସିଥିଲେ ଜଣେ ଚୁପ୍ ଚୁପ୍।

ପଚାରିଲା ମୁନା ଗୁପଚୁପ୍ ଭାଇ
କହ କିଏ ଏଠି କାହିଁ ବସିଛି
ଘୋଡ଼ା ଉପରେ ଖଡ୍‌ଗ ଧରି
ଯୁଦ୍ଧ ଭୂଇଁକୁ ଦୌଡୁଛି।

ଗୁପଚୁପ୍ ଭାଇ ଟିକେ ହସିଦେଇ
କହିଲେ ଶୁଣରେ ମୋର କୁନାଭାଇ
ଏହି ଯେ ନେତାଜୀ ସୁଭାଷ ବୋଷ
ଆଜାଦ ହିନ୍ଦ୍ ସେନାନୀ ଗଢି
ବ୍ରିଟିଶ୍ କବଳୁ ମୁକୁଳାଇଥିଲେ
ଆମରି ଦେଶ।

ତାଙ୍କ ପାଇଁ ଦେଶ ଗର୍ବ କରେ
ହେବ କି ତୁମେ ତାଙ୍କ ପରି ଜଣେ
ସବୁଦିନ ତାଙ୍କୁ ମନେ ରଖିବାକୁ
ହେଇଛି ଏଠାରେ ମୂର୍ତ୍ତିଟିଏ।

ମାନବ ଜାତିର କଲ୍ୟାଣ ଲାଗି
ତୁମରି ତ୍ୟାଗର ନାହିଁ ତୁଳନା
ସତ୍ୟ ଅହିଂସାର ଶିଖାଇଛ ମନ୍ତ୍ର
ଘେନ ଶ୍ରଦ୍ଧାଞ୍ଜଳି ହେ ପୁଣ୍ୟ ଆତ୍ମା ।

**–ଅକ୍ଷୟ ରାଉଳ**
ଜଗନ୍ନାଥ ବିହାର,
ଗୋପାଳପୁର, କଟକ

**– ଅର୍ଚ୍ଚନା କର**
ପ୍ଲଟନମ୍ବର ୬୫୬, ନୟାପଲ୍ଲୀ,
ବେହେରା ସାହି, ଭୁବନେଶ୍ୱର

### ହେ ପୂଜ୍ୟ ବାପୁ...



ଘେନ ପ୍ରଣିପାତ ହେ ପୂଜ୍ୟ ବାପୁ
ହେ ଚିର ଅମର ପବିତ୍ର ଆତ୍ମା
ସତ୍ୟ ଅହିଂସାର ହେ ଚିର ପୂଜାରୀ
ଘେନ ଶ୍ରଦ୍ଧାଞ୍ଜଳି ହେ ପୂଜ୍ୟ ମହାତ୍ମା ।
ବିଦେଶୀ ଶତ୍ରୁକୁ କରିଛ ପରାସ୍ତ
ନ ଧରି ହାତରେ ଅସ୍ତ୍ରକୁ ଜମା
ଜାତି ଧର୍ମ ଭେଦ ଭାବକୁ ନ ମାନି
କରିଛ ସଭିଙ୍କୁ ତୁମେ ଆପଣା।

### ଜାତୀୟ ପତାକା କହୁଛି

ଜାତୀୟ ପତାକା କହୁଛି ଶୁଣ
ମୋଠାରେ ରହିଛି କେଉଁ କେଉଁ ଗୁଣ

ତିନିଗୋଟି ରଙ୍ଗ ମୋ ଦେହେ ଅଛି
ଦେଶପ୍ରେମୀ ବୀର ଦେଇଛନ୍ତି ବାଛି
ନାରଙ୍ଗୀ ସୂଚାଏ ତ୍ୟାଗ ଓ ସାହସ
ମଝି ଧଳା କହେ ସତ୍ୟଶାନ୍ତି ହେଶ।

ସବୁଜ ସମୃଦ୍ଧି ବିଶ୍ୱାସ ପ୍ରତୀକ
ଚକ୍ର ଚିହ୍ନ କହେ ଅହିଂସାର ଟେକ।
ଦେଶ ଜୟଗୀତି ସବୁବେଳେ ଗାଏ
ଫରଫର ଉଡି ସମ୍ମାନ ମୁଁ ପାଏ।

ଜାତୀୟ ଦିବସ ହୋଇଥାଏ ଯେବେ
ଦେଶପ୍ରେମୀଙ୍କର ହାତେ ଉଡେ ତେବେ।
ଶହୀଦ ହୋଇଲେ ମୋ ଦେଶର ବୀର
ଉଡିଥାଏ ମୁହିଁ ନତ କରି ଶିର।

ଶହୀଦ ଶରୀର ହୁଅଇ ଆବୃତ୍ତ
ଦୁଃଖୀ ମୋର ସହ ଜନଗଣ ଚିତ୍ତ।
ମଳିଦାଗ, ଚିରା ହେଲେ ମୋର ଦେହ
ତାକୁ ରଖି ନୂଆ ପତାକା ଉଡ଼ାଅ।

ମୋଠାରୁ ଉଚ୍ଚରେ ଦକ୍ଷିଣରେ କେବେ
ଉଡ଼ିଲେ ପତାକା ବେନିୟମ ତେବେ।
ମୁକ୍ତି ସଂଗ୍ରାମୀଙ୍କୁ ସଲାମୀ ମୁଁ ଦିଏ
ଦେଶର ପ୍ରତୀକ ଗର୍ବିତ ବି ହୁଏ।

**–କବିଜ୍ୟୋତି ନିରଞ୍ଜନ ପତି**
*ଗାନ୍ଧିମାର୍ଗ, ଅନୁଗୋଳ*

## ମତାମତ

➔ଏଥର ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଇଥିବା ଗପଟି ବହୁତ ସୁନ୍ଦର ଲାଗିଲା। ଗପରେ ମଣିଷର ସ୍ୱଭାବ କିପରି ଭଲ ମନ୍ଦ ଶିକ୍ଷା ଦିଏ ସେ ନେଇ ଜାଣିବାକୁ ମିଳିଲା। ତେଣୁ ଅନ୍ୟମାନଙ୍କ ପାଇଁ ଭଲ ଚିନ୍ତା କରିବା ଦ୍ୱାରା କିପରି ସମସ୍ତଙ୍କ ସହ ନିଜର ବି ଭଲ ହୁଏ ସେକଥା ଶିକ୍ଷା ମିଳିଲା।
*–କବିତା ପାତ୍ର, ମଙ୍ଗଳାବାଗ, କଟକ*

➔ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କବିତାଗୁଡ଼ିକ ଛୋଟ ଏବଂ ସୁନ୍ଦର ଲାଗିଲା। ବିଶେଷକରି କବିତାରେ ଥିବା ଚିତ୍ର ବହୁତ ଭଲ ଲାଗିଲା।
*–ରିମ୍‌ଝିମ୍ ନାୟକ, ସୁନାଖଳା, ନୟାଗଡ଼*

➔ହସ କଥା ସ୍ତମ୍ଭରେ ପ୍ରକାଶ ପାଇଥିବା ପିଲାଙ୍କ ମଜାଗପ ବହୁତ ଆନନ୍ଦ ଦେଲା।
*–ରିଙ୍କୁ ମହାପାତ୍ର, କଳାହାଣ୍ଡି*

➔ପିଲାଙ୍କ ଧରିତ୍ରୀ ପୃଷ୍ଠାର ତୁମ ତୂଳୀ ସ୍ତମ୍ଭରେ ସ୍ଥାନ ପାଇଥିବା ଡ୍ରଇଁଗୁଡ଼ିକ ଏଥର ବେଶ୍ ରଙ୍ଗିନ୍ ହୋଇପାରିଛି।
*–ଛାୟାକାନ୍ତ ପାଣି, କେନ୍ଦୁଝର*

➔ଏଥର ଆଇନା ସ୍ତମ୍ଭରେ ପ୍ରକାଶ ପାଇଥିବା ଫଟୋ ବହୁତ ସୁନ୍ଦର ଆଉ କ୍ୟୁଟ ଲାଗିଲା।
*–ସୁଚରିତା ମହାନ୍ତି,*
*ଶହୀଦନଗର, ଭୁବନେଶ୍ୱର*

➔ଏଥର କହିଲ ଦେଖି ପଢିବା ପାଇଁ ବହୁତ ସୁନ୍ଦର ଲାଗିଲା ଏବଂ ଏଥି ସହିତ ପ୍ରକାଶ ପାଇଥିବା ବିଭିନ୍ନ ପରିବା ସବୁର ଚିତ୍ର ବି ବେଶ୍ ସୁନ୍ଦର ହୋଇଥିଲା।
*–ସଂଗ୍ରାମ ବେହେରା, କୋଣାର୍କ*

## ତୁମ ତୂଳୀରୁ



**ଶେଖର କୁମାର ସ୍ୱାଇଁ**
କ୍ଲାସ–୫, ଏସସିବି ମେଡିକାଲ ପବ୍ଲିକ ସ୍କୁଲ, କଟକ



**ଓମ୍‌ପ୍ରକାଶ ବାରିକ**
କ୍ଲାସ–୬, ବସନ୍ତପୁର ଇଂଲିଶ୍ ମିଡିୟମ୍ ସ୍କୁଲ, ମୁର୍ସିଦାବାଦ, ପଶ୍ଚିମବଙ୍ଗ



**ରାଧେଶ ବିଶ୍ୱାଳ**
କ୍ଲାସ–୨, ସାଉଥ୍ ପଏଣ୍ଟ ସ୍କୁଲ, କୋଲକାତା –୧୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଟେଡିବିୟରରେ ରଖି ରେକର୍ଡ

ପିଲାମାନେ ତୁମ ସମସ୍ତଙ୍କୁ ତ ଟେଡିବିୟରରେ ଖେଳିବାକୁ ବହୁତ ଭଲ ଲାଗୁଥିବ! ପ୍ରାୟ ସମସ୍ତେ ନିଜ ନିଜ ପାଖରେ ଛୋଟ ହେଉ କି ବଡ଼ ଟେଡିବିୟର ତ ନିଶ୍ଚୟ କିଣି ରଖିଥିବ। ହେଲେ ଖେଳିବା ପାଇଁ କିଏ ଗୋଟିଏ କି ଦୁଇଟି ଟେଡିବିୟର କିଣି ରଖୁଥିବ, କିନ୍ତୁ ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବ କି ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ନିଜ ପାଖରେ ହଜାର ହଜାର ଟେଡିବିୟର ରଖିଛନ୍ତି। ଏହି ବ୍ୟକ୍ତିଜଣକ ହେଉଛନ୍ତି ହଙ୍ଗେରୀର ବେଲେରିୟା। ୬୨ ବର୍ଷୀୟ ଏହି ମହିଳାଜଣକ ଏବେ ନିଜ ପାଖରେ ୨୦ହଜାରରୁ ଅଧିକ ଟେଡିବିୟର ରଖି ଗିନିଜ୍ ରେକର୍ଡ ବି କରି ପାରିଛନ୍ତି। ବେଲେରିୟା ପ୍ରାୟ ୪୦ ବର୍ଷ ହେଲାଣି ଏଭଳି ଟେଡି ସଂଗ୍ରହ କରି ରଖୁଛନ୍ତି। ଅନେକ ସମୟରେ ସେ ଗରିବ ପିଲାଙ୍କୁ ମଧ୍ୟ ଖେଳିବା ପାଇଁ ମାଗଣାରେ ଟେଡିବିୟର ଦାନ ବି କରି ଦିଅନ୍ତି। ଖାଲି ସେତିକି ନୁହେଁ ଅନେକ ସ୍ଥାନରେ ସେ ପ୍ରଦର୍ଶନୀ ଲଗାଇ ପିଲାମାନଙ୍କୁ ତାଙ୍କର ବିଭିନ୍ନ ପ୍ରକାରର ଟେଡି ସହିତ ଅନେକ ସମୟ ଖେଳିବା ପାଇଁ ବି ସୁଯୋଗ ଦିଅନ୍ତି। ତେବେ କରୋନା ପାଇଁ ସେ ଅନ୍ୟ କାହାକୁ ଟେଡି ଦାନ କରି ନ ପାରିବାରୁ ତାଙ୍କ ପାଖରେ ବହୁଗୁଡ଼ିଏ ଟେଡି ଜମା ହୋଇ ଯାଇଥିଲା। ଏତେଗୁଡ଼ିଏ ଟେଡି ଜମା ହୋଇଯିବାର ଦେଖି ସେ ଗିନିଜ୍ ବୁକରେ ରେକର୍ଡ ପାଇଁ ଆବେଦନ କରିଥିଲେ। ପିଲାଦିନେ ବହୁ ଦୁଃଖକଷ୍ଟରେ ବଢିଥିବାରୁ ଖେଳନାଟିଏ ଖେଳିବା ପାଇଁ ବି ପାଇ ନ ଥିଲେ ବେଲେରିୟା। ସେଥିପାଇଁ ଏବେ ସେ ଏତେଗୁଡ଼ିଏ ଖେଳନା ନିଜ ପାଖରେ ରଖି ଗରିବ ପିଲାଙ୍କୁ ବାଣ୍ଟୁଛନ୍ତି ବୋଲି କହିଛନ୍ତି।



## ଟଗଲା ଭୀମୁ



## କେନ୍ଦ୍ରମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ

ରାଉରକେଲା ଅଫିସ: ରାଉରକେଲାକୁ ଦୁଇ ଦିନିଆ ଗସ୍ତରେ ଆସିଥିବା ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ୍ ସିଂହ କୁଲସ୍ତେଙ୍କୁ ରିଙ୍ଗରୋଡ଼ ସ'ମିଲ ଛକରେ କେତେଜଣ କଂଗ୍ରେସ ଯୁବନେତା କଳାପତାକା ଦେଖାଇ ବିରୋଧ କରିଥିବାରୁ ପୋଲିସ ଉକ୍ତ ଯୁବକମାନଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରବୋଧ ଦାସ, ଶିବୁ ଦୀପ, ବିଶ୍ୱଜିତ ସାହୁ ଓ ସୂର୍ଯ୍ୟକାନ୍ତ ବାରିକଙ୍କ ସହ ଅନ୍ୟ ୬ ଜଣ କର୍ମୀଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ନୂତନ ଗୃହ ପ୍ରତୀକ୍ଷାରେ ଅର୍ଦ୍ଧାଧିକ ଅଙ୍ଗନୱାଡି କେନ୍ଦ୍ର

କୁତ୍ରା, ୨୨।୧ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ଅଧିନରେ ଥିବା ୧୬ ଗୋଟି ପଞ୍ଚାୟତରେ ୨୦୫ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । କିନ୍ତୁ ଅଧିକାଂଶ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ବେଳେ ଆଉ କେତେକ ଗୃହ ପରିତ୍ୟକ୍ତ ଏବଂ ଆଉ କେତେକ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ୧୧୦ ଅଙ୍ଗନୱାଡି କେନ୍ଦ୍ରର ଗୃହ ଥିବା କୁହାଯାଉଥିବା ବେଳେ ସେଥି ମଧରୁ କେତେ ଗୁଡିକ କେନ୍ଦ୍ର ବ୍ୟବହାର ଯୋଗ୍ୟ ଆକାରରେ ନାହିଁ। ଅଙ୍ଗନୱାଡି କେନ୍ଦ୍ରଗୁଡିକର ଗୃହ ନିର୍ମାଣ ମରାମତି ଦାୟୀତ୍ୱ ବ୍ଲକ ପ୍ରଶାସନ ବୁଝୁଛନ୍ତି। କେତେଗୁଡିଏ ଯନ୍ତ୍ରୀ ଏବଂ ପଞ୍ଚାୟତର ସରପଞ୍ଚମାନଙ୍କ ସହିତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁଁ ଗୃହ ନିର୍ମାଣ ଓ ମରାମତି କାର୍ଯ୍ୟ ଆଗକୁ ବଢ଼ି ପାରୁନାହିଁ। ଅନେକ କେନ୍ଦ୍ରର ରୋଷେଇ ଗୃହ ମଧ ବ୍ୟବହାର ଯୋଗ୍ୟ ନୁହେଁ। ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ପ୍ରଶାସନ ଅଧିକ ଦୃଷ୍ଟି ଦେଲେ ଏତେବଡ ବ୍ଲକର କେନ୍ଦ୍ର ଗୁଡିକ ସୂଚାରୁରୂପେ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି ।

### ପର୍ଯ୍ୟାବରଣ ସଚେତନତା ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର,୨୨।୧(ବ୍ୟୁରୋ): କାଳିଦାସଙ୍କ ଅଭିଜ୍ଞାନ ସକୁନ୍ତଳମ୍‌ରେ ପର୍ଯ୍ୟାବରଣ ସଚେତନତା ଶୀର୍ଷକ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ରେଢ଼ାଖୋଲସ୍ଥିତ ଭୀମଭୋଇ କଲେଜଠାରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ବିଭାଗ ଓ ଆଭ୍ୟନ୍ତରୀଣ ଗୁଣବତ୍ତା ନିର୍ଦ୍ଧାରଣ ସମିତି ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂ ଅଧକ୍ଷତା କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧାପକ ଡ. ଦୁଃଶାସନ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ହରିୟାଣା ନାନେୱାଲା ଅମ୍ବାଲା ଡିଏଭି କଲେଜ ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ଡ. ଅକ୍ଷୟ କୁମାର ମିଶ୍ର ନଭସଞ୍ଚାର ଜରିଆରେ ଯୋଗଦେଇ ଅଭିଜ୍ଞାନ ସକୁନ୍ତଳମ୍‌ରେ ପ୍ରକୃତି ବର୍ଣ୍ଣନା ଓ ପର୍ଯ୍ୟାବରଣ ସଚେତନତା ସମ୍ପର୍କରେ ଉଲ୍ଲେଖ ଥିବା କହିଥିଲେ। ସଂସ୍କୃତ ବିଭାଗ ଅଧାପକ ଭୋଜରାଜ ସୂଚନା ପ୍ରଦାନ ଓ ଅଧାପକ ସରୋଜ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

### ଖୁଣ୍ଟମୁଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ, ୨୨।୧ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ଠାରୁ ୭ କିମି ଦୂର ଖୁଣ୍ଟମୁଣ୍ଡା ଗ୍ରାମରେ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଜୟ ବଜରଙ୍ଗବାଲି କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ରାଉରକେଲା ରୟାଲ ୱେଭରର୍ସ ପ୍ରାଇଭେଟ ଲିମିଟେଡର ଅଭିଜିତ ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ କଟଙ୍ଗ ଓ ଛାମୁଣ୍ଡା ମଧରେ ହୋଇଥିଲା । ଏଥିରେ କଟଙ୍ଗ ଦଳ ବିଜୟୀ ହୋଇଛି। କେଦାର ସା, ମଧୁ ମାଝୀ, ବିଦ୍ୟାଧର ବାଙ୍କରା, ତରୁଣ ସା ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ଚାମ୍ପିୟନ ଟିମକୁ ୧୦ ଓ ରନର୍ସ ଟିମକୁ ୭ ହଜାର ଟଙ୍କା ପୁରସ୍କୃତ କରାଯିବ । ଆସନ୍ତା ୨୬ ତାରିଖ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ।

### ଗଞ୍ଜେଇ, ମଦ, ପୋଚ ଜବତ

ଦେବଗଡ,୨୨।୧(ଡ଼ି.ଏନ୍.ଏ.): ଅନେକ ଦିନ ବ୍ୟବଧାନ ପରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଓ ଅବକାରୀ ଅଧୀକ୍ଷକ ଅତିତ କୁମାର ମହାପାତ୍ରଙ୍କ ଆଦେଶରେ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗଞ୍ଜେଇ, ରନ୍ଧା ମହୁଲି ମଦ ଓ ମହୁଲ ପୋଚ ଜବତ୍ କରାଯାଇଛି। ଅବକାରୀ ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ, ଅବକାରୀ ଉପନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ସାହୁ, ଏଏସ୍‌ଆଇ. ଦିଲୀପ କୁମାର ଶତପଥିଚଢ଼ାଉ କରିଥିଲେ। ବଲମ ବୈଷ୍ଣବ ପ୍ରଧାନ ପାଖରୁ ୯୨୫ ଗ୍ରାମ ଓ ବଲଣ୍ଡା ଗ୍ରାମରୁ ଡ଼ୋଳାନନ୍ଦ ସାହୁଙ୍କଠାରୁ ୯୫୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବାବେଳେ ବଲଣ୍ଡା ପଟେଲ ଭୁୟାଁଠାରୁ ୧୫ ଲିଟର ରନ୍ଧା ମହୁଲି ମଦ ଓ ୩୦ କେଜି ମହୁଲ ପୋଚ, କୁଣ୍ଡାପିଠା ରମାକାନ୍ତ ନାୟକଙ୍କଠାରୁ ୫ ଲିଟର, ପୁରୁକୁଣ୍ଡା ଭରବଙ୍କନଶ୍ୱର ପାତ୍ରଙ୍କଠାରୁ ୧୦ ଲିଟର, ତାଲଖଲି ରମା ସାହୁଙ୍କଠାରୁ ୫ଲିଟର ଏବଂ ସିରଡ଼ିଂ ସନ୍ଦିପ ନାହାକଠାରୁ ୧୦ ଲିଟର ମହୁଲି ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି।

# ସବ୍‌ଡେଗାରେ ବଢୁଛି ଚୋରି, ଡକାୟତି

ସବ୍‌ଡେଗା, ୨୨।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସବଡେଗା ଅଞ୍ଚଳରେ ଚୋରି, ଡକାୟତି ବୃଦ୍ଧି ପାଉଛି। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମାସକ ମଧ୍ୟରେ ୬ରୁ ଅଧିକ ଚୋରିଡକାୟତି ଘଟଣା ଘଟିଲାଣି। ବୃଦ୍ଧି ପାଉଥିବା ଚୋରି ଡକାୟତି ଘଟଣାକୁ ନେଇ ବ୍ଲକ କଂଗ୍ରେସ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଏସବୁ ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣଙ୍କର ଧନଜୀବନ ସୁରକ୍ଷା ଅସୁରକ୍ଷିତ ହୋଇପଡିଛି। ଏନେଇ ସବଡେଗା ବ୍ଲକ କଂଗ୍ରେସ କମିଟିର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ସୁନ୍ଦରଗଡ ଏସ୍‌ପି ସାଗରିକା ନାଥଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଗତ ୭ତାରିଖ ରାତିରେ ସବଡେଗାରେ ଜଣେ ବ୍ୟକ୍ତିଙ୍କ ଘରେ ପଶିଡକାୟତମାନେ ଡକାୟତି କରିଥିଲେ। ୯ତାରିଖ ରାତିରେ ସବଡେଗା ହସ୍ପିଟାଲ ପାଖରେ ଥିବା ଏକ ମେଡିସିନ ଦୋକାନର ତାଲା ଭାଙ୍ଗି ଡକାୟତି ଉଦ୍ୟମ କରାଯାଇଥିଲା। ସେହିପରି ୧୩ ତାରିଖ ରାତିରେ ସବଡେଗା ମେନରୋଡରେ ଥିବା ଏକ କପଡା ଦୋକାନରୁ ମଧ୍ୟ ତାଲାଭାଙ୍ଗି ଡକାୟତି ଉଦ୍ୟମ ହୋଇଥିଲା। ଚତୁର୍ଥରେ ସବଡେଗା-ବାଙ୍କପଡାରେ ଜଣେ ବ୍ୟକ୍ତିଙ୍କ ଘରେ ଥିବା ୨ଟି ଖାସୀଛେଳିକୁ ଚୋରିକରି ନେଇଥିବା ବେଳେ ୧୬ରେ ସବଡେଗା ମେନରୋଡରେ ଥିବା ଏକ ପାନଦୋକାନ ଓ ଚା ଦୋକାନରୁ ଜିନିଷପତ୍ର ଓ ଟଙ୍କା ଚୋରିକରି ନେବାରେ ଦୁର୍ବୃତ୍ତମାନେ ସଫଳ ହୋଇଛନ୍ତି।


ସବ୍‌ଡେଗା ବ୍ଲକ କଂଗ୍ରେସ କମିଟି କର୍ମକର୍ତ୍ତା ଏସ୍‌ପିଙ୍କୁ ସ୍ମାରକପତ୍ର ଦେଉଛନ୍ତି।

**ଏସ୍‌ପିଙ୍କୁ ଭେଟିଲେ ବ୍ଲକ କଂଗ୍ରେସ କର୍ମକର୍ତ୍ତା**

୧୯ତାରିଖ ରାତି ପ୍ରାୟ ୧୧ଟା ବେଳେ ଅନ୍ୟ ଏକ ସୁନା ଦୋକାନ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ସବଡେଗାରେ ଏଭଳି ବାରମ୍ବାର ଚୋରି ଓ ଡକାୟତି କରୁଥିବା ଗ୍ୟାଙ୍ଗକୁ ଯଥାଶିଘ୍ର ଠାବ କରି ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ସହ ସବଡେଗା ବସଷ୍ଟାଣ୍ଡଠାରୁ ଗାଇବିରା ଛକ ପର୍ଯ୍ୟନ୍ତ ପୋଲିସ ମୃତୟନ କରାଯିବାକୁ ଏହି ପ୍ରତିନିଧିଦଳ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ସବଡେଗା ବ୍ଲକ କଂଗ୍ରେସ କମିଟି ସଭାପତି ଶୁଭେନ୍ଦୁ କୁମାର ନାଏକଙ୍କନେତୃତ୍ୱରେ ନାଜିର ହୁସେନ୍, ହରମନ୍ ବାର୍ଲା, ପାତ୍ରାସ ତିର୍କୀ, ଚନ୍ଦ୍ରଶେଖର ଖୁଣ୍ଟିଆ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ।

# ବିଦ୍ୟୁତ୍ ବିଭାଗକୁ ତାଗିଦ


ହାତୀ ମୃତଦେହ ବ୍ୟବଚ୍ଛେଦ କରାଯାଉଛି ।

ସମ୍ବଲପୁର,୨୨।୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ କସଂର ଗ୍ରାମ ନିଟକ ଜଙ୍ଗଲରୁ ଗୁରୁବାର ଏକ ମାଇହାତୀର ମୃତଦେହ ବନ ବିଭାଗ ଉଦ୍ଧାର କରିଥିଲା। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଘଟଣା ସ୍ଥଳରେ ସମ୍ବଲପୁର ଡିଏଫ୍‌ଓ ସଞ୍ଜିତ କୁମାର,ଏସିଏଫ୍ ମଦନଲାଲ ଶର୍ମା, ରେଞ୍ଜର ଗୌରୀ ଦାସ ଉପସ୍ଥିତ ଥିଲେ। ମୃତ ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ଜଣାପଡିଛି। ଘଟଣା ପାଇଁ

**ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟଣା**

ବନ ବିଭାଗ ବିଦ୍ୟୁତ୍ ବିଭାଗକୁ ଦାୟୀ କରିଛି। କମ୍ ଉଚ୍ଚତାରେ ତାର ରହିଥିବାରୁ ଦୁର୍ଘଟଣା ଘଟିଥିବା ବନ ବିଭାଗ କହିଛି। ଏହାର ମରାମତି ପାଇଁ ବିଦ୍ୟୁତ୍ ବିଭାଗକୁ ତାଗିଦ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗୁରୁବାର ଭୋର ସମୟରେ ମାଇହାତୀଟି ବାଉଁଶ ଗଛରୁ ଡାଳ ଭାଙ୍ଗି ଖାଉଥିବାବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଘଟଣା ସ୍ଥଳରେ ହାତୀର ମୃତ୍ୟୁ ଘଟିଥିଲା।

# ଖବରକାଗଜ ହେଉଛି ସାହିତ୍ୟର କଞ୍ଚାମାଲ

ରାଉରକେଲା ଅଫିସ, ୨୨।୧

ସେକ୍ଟର ୧୬ ସ୍ଥିତ ସିଟୁ କାର୍ଯ୍ୟାଳୟ ପରିସରରେ ରାଉରକେଲା ହକର୍ସ ଆସୋସିଏସନ୍ ପକ୍ଷରୁ ବନ୍ଧୁମିଳନ ଓ ଆଲୋଚନାଚକ୍ର ସଭାପତି ବିଷ୍ଣୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଅବସରରରେ ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ଖବରକାଗଜ ମାଧ୍ୟମରେ ଜଣେ ସାହିତ୍ୟିକ ଦେଶ ବିଦେଶର ସମସ୍ତ ସ୍ଥିତି ଜାଣିବା ପରେ ସେ ତାର ଲେଖା ଆରମ୍ଭ କରିଥାଏ । ତେଣୁ ଜଣେ ସାହିତ୍ୟିକ ପାଇଁ ଖବରକାଗଜ ହେଉଛି ତାର କଞ୍ଚାମାଲ ବୋଲି ମହାପାତ୍ର କହିଥିଲେ। ଡ. ପ୍ରଭାତ ମଲ୍ଲିକ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ ସମାଜରେ ହକର୍ସ ମାନଙ୍କର ଗୁରୁତ୍ୱ ଓ ସେମାନଙ୍କର ଆବଶ୍ୟକତା ଉପରେ ବିଭିନ୍ନ ମତ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ଉପଶ୍ରମ ଅଧିକାରୀ ପ୍ରଣବ ପାତ୍ର, ବିମାନ ମାଇତି, ହକର୍ସ ଆସୋସିଏସନ୍‌ର ଉପଦେଷ୍ଟା ବସନ୍ତ ନାୟକ, କିଶୋର ଚନ୍ଦ୍ର ରାଉତ, ମିହିର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ହକର୍ସମାନେ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ରାଉରକେଲା ହକର୍ସ ଆସୋସିଏଶନ୍ ପକ୍ଷରୁ ବନ୍ଧୁମିଳନ ଓ ଆଲୋଚନା ଚକ୍ର**

ଖବରକାଗଜ ବିତରଣ ସମୟରେ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେଉଥିବା ବିଷୟରେ କୋଷାଧକ୍ଷ ଆର୍ତ୍ତତ୍ରାଣ ବେହେରା ବିସ୍ତୃତ ଭାବେ ଅବଗତ କରାଇଥିଲେ। ଉପଶ୍ରମ ଅଧିକାରୀ ପାତ୍ର ଉକ୍ତ ହକର୍ସମାନଙ୍କୁ କିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସମଧନ ଯୋଜନାରେ ସାମିଲ କରିହେବ ସେନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ବନ୍ଧୁମିଳନ ଅବସରରେ 'କରୋନା ମହାମାରୀ ସମୟରେ 'ସମ୍ବାଦପତ୍ର ଓ ବିକ୍ରେତାମାନଙ୍କ ଭୂମିକା ଓ ଭବିଷ୍ୟତ'ଉପରେ ଏକ ଆଲୋଚନାଚକ୍ର ଉପସ୍ଥାପନା କରାଯାଇଥିଲା। କରୋନା ସମୟରେ ବିଭିନ୍ନ ଘରେ ଘରେ ଖବର କାଗଜ ପହଞ୍ଚାଇବାରେ ଏହି ହକର୍ସମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିଭିନ୍ନ ସାମ୍ବାଦିକଙ୍କ ସହ କରୋନାକୁ ଖାତିରି ନ କରି ହକର୍ସମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରିଥିବାରୁ ପ୍ରକୃତ କରୋନା ଯୋଦ୍ଧା ଭାବେ ଏମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆସୋସିଏସନ୍ ପକ୍ଷରୁ କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଆସୋସିଏସନର ଉପସଭାପତି ମିହିର ପାତ୍ର, ଅଶୋକ ବିଶ୍ୱାଳ, କିଶୋର ରାଉତ, ଶରତ ପଣ୍ଡା, ମନୋଜ ପଟ୍ଟନାୟକ, ଅଶୋକ ସାହୁ, ଅନିରୁଦ୍ଧ ଜେନା, ନୀଳାମଣି ମୁଣ୍ଡା, ବାଦଲ ଘୋଷ, ସୁର ବିଶ୍ୱାଳ, ଆନନ୍ଦ କୋଲେଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ନିଆଁ ପୁଉଁଥିବାବେଳେ ଟଳିପଡ଼ିଲେ

କୁଚିଣ୍ଡା, ୨୨।୧(ଡି.ଏନ.ଏ.)

କୁସୁମୀ ଫାଣ୍ଡି ଅନ୍ତର୍ଗତ ଗୋସାଇଁପଡାର ଡେଲ ଓରାମ (୫୫) ଶୁକ୍ରବାର ସକାଳୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଘରେ ନିଆଁ ପୁଉଁଥିବାବେଳେ କୌଣସି କାରଣରୁ ଟଳିପଡିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପରେ ଡାକ୍ତରଙ୍କ ପରାମର୍ଶରେ ମୃତଦେହ ଘରକୁ ନେଇ ସତ୍କାର କରିଥିଲେ।

### ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ନିର୍ବାଚନ

ସମ୍ବଲପୁର,୨୨।୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଗୋବିନ୍ଦଟୋଲା ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବର ବାର୍ଷିକ ଅଧିବେଶନ ଓ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ମିଶ୍ର ସଭାପତି ଓ ସଞ୍ଜୀବ କୁମାର ନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଭାଗୀରଥି ସିଂଦେଓ ଉପସଭାପତି, ଶିବାନନ୍ଦ ମିଶ୍ର ଯୁଗ୍ମ ସମ୍ପାଦକ, ସୌରଭ ଚନ୍ଦ୍ର ପଣ୍ଡା କୋଷାଧକ୍ଷ, ସୁରଜ ତ୍ରିପାଠୀ କ୍ରିକେଟ ଦଳ ଅଧିନାୟକ ଓ ଉଦିତ ପ୍ରସାଦ ମେହେର ଉପଅଧିନାୟକ ଭାବେ ନିର୍ବାଚିତ ହୋଇଛନ୍ତି ।

# ଜିଲାସ୍ତରୀୟ କ୍ରିକେଟ: ମହ୍ଲାରବାହାଲ ଚାମ୍ପିୟନ


ସୁନାମୁଣ୍ଡାଠାରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଦେବଗଡ,୨୨।୧(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁନାମୁଣ୍ଡାଠାରେ ମା' ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ୧୬ଟି କ୍ରିକେଟ ଟିମ୍‌କୁ ନେଇ ଆଠ ଦିନ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମା' ମଙ୍ଗଳା କ୍ରିକେଟ କ୍ଲବ ଓ ମହ୍ଲାରବାହଲ କ୍ରିକେଟ ଟିମ୍ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସୁନାମୁଣ୍ଡା ଦଳ ଟସ୍ ଜିତି ୧୯ ଓଭରରେ ୭୫ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ମହ୍ଲାରବାହାଲ ଦଳ ୧୩ ଓଭରରେ ୭୬ ରନ୍ ସଂଗ୍ରହ କରି ଚାମ୍ପିୟନ୍ ହୋଇଥିଲା। ଏହି ଅବସରରେ ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଜିଲାପରିଷଦ ସଭ୍ୟ ସୁବାସିନୀ ଭୋଇ, ଭାଜପା ସାଧାରଣ ସମ୍ପାଦକ ଧରଣିଧର ସାହୁ, ବଣିଆ କିଲିଣ୍ଡା ସମିତି ସଭ୍ୟ ପଦ୍ମଲୋଚନ ନାଏକ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରି ପୁରସ୍କାର ପ୍ରଦାନ କରିଥିଲେ । ମାନସ ନାଏକ ଓ ରାଜିବ ପ୍ରଧାନ ଖେଳ ପରିଚାଳନା କରିଥିବାବେଳେ ଜୟନ୍ତ କୁମାର ଦ୍ୱିବେଦୀ ଓ ଆନନ୍ଦ କୁମାର ଦେବ ଧାରାବିବରଣୀ ପ୍ରଦାନ କରିଥିଲେ।

# ଅଭିଯୋଗ ଶୁଣିଲେ, ପ୍ରକଳ୍ପ ଲୋକାର୍ପଣ କଲେ

ସମ୍ବଲପୁର,୨୨।୧(ବ୍ୟୁରୋ)

ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଶୁକ୍ରବାର ଝୁଝୁମୁରା ବ୍ଲକର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ସହ ବ୍ଲକ ପରିସରରେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ବିଡିଓ ସୁରଜ ବିଶ୍ୱାଳ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। କେତେକ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ବସିଆପଡାରେ ସୋଲାର ବିଦ୍ୟୁତୀକରଣ, ପାର୍ବତୀଗିରି କଲେଜର ଅତିରିକ୍ତ ଶ୍ରେଣୀଗୃହ, ପଲଟନ ଡେରାରେ ଗୋଷ୍ଠୀ ବିନୋଦନ କେନ୍ଦ୍ର, ରୁଗୁଡିପାଲି, ପାଞ୍ଚଫୁଟ, ରାଉତପଡା କମ୍ୟୁନିଟି ସେଣ୍ଟରର ଲୋକାର୍ପଣ କରିଥିଲେ। ସେହିପରି କେତେକ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସନ୍ତୋଷିନୀ ନାଏକ, ଉପାଧକ୍ଷ ନିରଞ୍ଜନ ପଣ୍ଡା, ବିଜେଡି ବ୍ଲକ ସଭାପତି ବିନୋଦ ବଡପଣ୍ଡା, ଚିତ୍ତରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟା ରୀନା ବେହେରା ଉପସ୍ଥିତ ଥିଲେ ।


ଲୋକାର୍ପଣ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

### ବିଧାୟକ ପାଣ୍ଠିରେ ୨୦ ହଜାର ମାସ୍କ ବଣ୍ଟନ

କୁଆଁରମୁଣ୍ଡା,୨୨।୧(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ବିଧାୟକ ପାଣ୍ଠି ବିନିଯୋଗରେ ଶୁକ୍ରବାର କୁଆଁରମୁଣ୍ଡା ବ୍ଲକର ସମସ୍ତ ୨୦ଟି ଗ୍ରାମ ପଞ୍ଚାୟତ ଓ ବୀରମିତ୍ରପୁର ପୌରାଞ୍ଚଳର ସମସ୍ତ ୱାର୍ଡରେ ମାସ୍କ ବଣ୍ଟନ କରାଯାଇଛି। ଏହା ସହ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ସମସ୍ତ ହାଇସ୍କୁଲ ସମେତ କେତେକ କଲେଜରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ନିମନ୍ତେ ମାସ୍କ ପ୍ରଦାନ କରାଯାଇଛି। କୁଆଁରମୁଣ୍ଡା ବିଡିଓ ମେଥେଡିୟୁସ ଲାକ୍ରାଙ୍କ ଦ୍ୱାରା ଉକ୍ତ ମାସ୍କ କିଟ୍‌ଗୁଡିକ ବିଭିନ୍ନ ଗ୍ରାମପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଛି।

### ସଡ଼କ ସୁରକ୍ଷା ସପ୍ତାହ

ବ୍ରଜରାଜନଗର,୨୨।୧(ଡି.ଏନ.ଏ.)

ବ୍ରଜରାଜନଗର ଥାନା ଓ ଓରିଏଣ୍ଟ ଥାନାର ମିଳିତ ଉଦ୍ୟମରେ ୩୨ତମ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଥାନା ଅଧିକାରିଣୀ ନଳିତା ମୋଦୀ, ବୈକୁଣ୍ଠ ବିହାରୀ ସେଠ, ଏସ୍‌ଆଇ ପ୍ରଦ୍ୟୁମ୍ନ ସ୍ୱାଇଁ, ଗାନ୍ଧୀ ଛକ ଫାଣ୍ଡି ଓ ରାମପୁର ଫାଣ୍ଡି ଅଧିକାରୀମାନେ ଉପସ୍ଥିତ ରହି ରାସ୍ତାରେ ଯାଉଥିବା ଲୋକମାନଙ୍କୁ ସଡ଼କ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ସଚେତନ କରାଇଥିଲେ। ଯେଉଁମାନେ ନିୟମ ମାନି ଯାଉଥିଲେ ସେମାନଙ୍କୁ ଗୋଲାପ ଦେଇ ସ୍ୱାଗତ କରିଥିଲେ। ଏଥିରେ ବହୁ ସଚେତନ ନାଗରିକ ସାମିଲ ଥିଲେ।

# ଶିଶୁ ସମ୍ପର୍କ ଯାତ୍ରା, ଶିଶୁ ଅଧିକାର ସଚେତନତା ଶିବିର

ଲଖନପୁର,୨୨।୧(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଶିଶୁ ମଙ୍ଗଳ ସମିତି ତରଫରୁ ଲଖନପୁର ବ୍ଲକ୍ ସଭାଗୃହରେ ଶୁକ୍ରବାର ସମିତି ଅଧ୍ୟକ୍ଷା ଆନନ୍ଦିନୀ ପାଢୀଙ୍କ ଅଧ୍ୟକ୍ଷତାରେ ଶିଶୁ ସମ୍ପର୍କ ଯାତ୍ରା ଓ ଶିଶୁ ଅଧିକାର ସଚେତନତା ଶବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଚାଇଲ୍ଡ ଲାଇନ୍ କେନ୍ଦ୍ର ସଂଯୋଜକ ଆଶିଷ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଶିଶୁ ମଙ୍ଗଳ ସମିତି ସଦସ୍ୟା ମମତା ତ୍ରିପାଠୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଡିଓ ସଞ୍ଜୀବ ପଟେଲ ମୁଖ୍ୟଅତିଥି ଓ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ସୁପ୍ରଭା ସେଠ୍, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଲଖନପୁର ଥାନା ଆଇଆଇସି ପବିତ୍ର କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର ଓ ବାଲ୍ୟବିବାହ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମାତୃପିତୃହୀନ ଶିଶୁମାନଙ୍କ ଥାଇଥାନ ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଭାବକ, ଶିଶୁ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ସମିତି ସଦସ୍ୟା ଅହଲ୍ୟା ନାଏକ, ଗୁଣନିଧି ଭଇଁସା, ପ୍ରିୟଙ୍କା ସାମଲ, ଚାଇଲ୍ଡ ଲାଇନ୍ ସଦସ୍ୟା ଜ୍ୟୋତ୍ସ୍ନା ପ୍ରଧାନ, ବନ୍ଦନା ପଣ୍ଡା, ସୁନିତା ଭଇଁସା ପ୍ରମୁଖ ସହଯୋଗ କରିଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍: କାମ କରି ମଜୁରି ପାଉନାହାନ୍ତି ଶ୍ରମିକ

ଲଇକେରା,୨୨।୧(ଡି.ଏନ.ଏ.)

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି କାମ କରି ଦେଢମାସରୁ ଅଧିକ ସମୟ ବିତିଯାଇଥିଲେ ମଧ ମଜୁରି ମିଳୁନାହିଁ। ଏପରି ଅଭିଯୋଗ ଆଣିଛନ୍ତି ଝାରସୁଗୁଡା ଜିଲା ଲଇକେରା ପଞ୍ଚାୟତର ଶ୍ରମିକ। ସେମାନଙ୍କ ଅଭିଯୋଗ ଅନୁଯାୟୀ ପଞ୍ଚାୟତରେ ମାଟିକାମ କରି ମଜୁରି ନ ପାଇବାରୁ କୋଦାଳ, ଗଇଁତି ଧରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଶୁନେୟନା ବେହେରା, ସହକାରୀ ଯନ୍ତ୍ରୀ ଦିଲୀପ ମିଶ୍ର ବିଭାଗର ଉପରିସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ୭ଦିନ ସମୟ ନେଇଥିଲେ। ପ୍ରତିଶ୍ରୁତି ପାଇବା ପରେ ଶ୍ରମିକମାନେ ବ୍ଲକ ସମ୍ମୁଖରୁ ଉଠିଥିଲେ। ଏ ବିଷୟରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି,ଏଇଟା ଆମ ହାତରେ ନାହିଁ। ସିଧାସଳଖ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହେବ। କିନ୍ତୁ ଷ୍ଟେଟ ଫଣ୍ଡରେ ଟଙ୍କା ନାହିଁ ବୋଲି କ୍ରେଡିଟ୍ ହୋଇପାରୁନାହିଁ। ସପ୍ତାହେ ଭିତରେ ଫଣ୍ଡ୍ ଆସିଗଲେ ଶ୍ରମିକମାନେ ମଜୁରିପାଇଯିବେ।

# ସ୍କଚ୍ ଆୱାର୍ଡର ସେମିଫାଇନାଲରେ ସୁନ୍ଦରଗଡ଼

ସୁନ୍ଦରଗଡ଼,୨୨।୧(ଡି.ଏନ୍.ଏ.)

ଜିଲାର ବିକାଶ କ୍ଷେତ୍ରରେ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଲାଗୁ କରି ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ଜିଲା ଖଣିଜ ପ୍ରତିଷ୍ଠାନ ମର୍ଯ୍ୟାଦାଜନକ 'ସ୍କଚ୍ ଆୱାର୍ଡ୍'ର ସେମିଫାଇନାଲରେ ପହଞ୍ଚିଛି। ଜାତୀୟ ସ୍ତରରେ ପରିଚିତ ଏହି ପୁରସ୍କାରର 'ବେଷ୍ଟ ପ୍ରାକ୍ଟିସେସ୍' ବର୍ଗରେ ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ସୁନ୍ଦରଗଡ଼। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲା ପ୍ରଶାସନକୁ ସୋସିଆଲ ମିଡିଆ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। 'ଜିଲା ଖଣିଜ ପ୍ରତିଷ୍ଠାନ ମାଧମରେ ଅଭିନବ କାର୍ଯ୍ୟକ୍ରମ ହାତକୁ ନେଇ ସୁନ୍ଦରଗଡ଼

**ମୁଖ୍ୟମନ୍ତ୍ରୀ କଲେ ପ୍ରଶଂସା**

ଜିଲା ପ୍ରଶାସନ ସ୍କଚ୍ ଆୱାର୍ଡ଼ର ସେମିଫାଇନାଲରେ ପହଞ୍ଚିଥିବାରୁ ସେ ଶୁଭେଚ୍ଛା ଜଣାଇଛନ୍ତି। ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ହିତ ପାଇଁ ଓଡ଼ିଶା ସରକାର ସବୁବେଳେ ଧ୍ୟାନ ଦେଇଆସୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ସ୍କଚ୍ ଗ୍ରୁପ୍ ପକ୍ଷରୁ ଆୟୋଜିତ ୭୦ତମ ସ୍କଚ୍ ସମ୍ମିଳନୀ ଓ ଭର୍ଚୁଆଲ ପ୍ରଦର୍ଶନୀରେ ସାରା ଦେଶରୁ ୧ ହଜାରରୁ ଅଧିକ ବିଶେଷଜ୍ଞ ତଥା ପ୍ରତିନିଧି ଯୋଗଦେଇଥିଲେ। ସେଠାରେ ସୁନ୍ଦରଗଡ଼ ପ୍ରଶାସନ ଓ ଜିଲା ଖଣିଜ ପ୍ରତିଷ୍ଠାନର ବିଭିନ୍ନ ଅଭିନବ କାର୍ଯ୍ୟ ଓ ପ୍ରକଳ୍ପ ଏବଂ ତାହାର ପ୍ରଭାବ ସମ୍ପର୍କରେ ତଥ୍ୟ ଉପସ୍ଥାପିତ ହୋଇଥିଲା। ବିଚାରକ ମଣ୍ଡଳୀର ମୂଲ୍ୟାୟନ ଅନୁସାରେ ସ୍କଚ୍ ଆୱାର୍ଡର ସେମିଫାଇନାଲ ପର୍ଯ୍ୟାୟଭୁକ୍ତ ହୋଇ ଅର୍ଡର ଅଫ୍ ମେରିଟ୍ ଲାଭ କରିଛି ସୁନ୍ଦରଗଡ଼ ଜିଲା ପ୍ରଶାସନ ଓ ଜିଲା ଖଣିଜ ପ୍ରତିଷ୍ଠାନ। ସାଧାରଣ ଜନତାଙ୍କ ହିତ ପାଇଁ ସୁନ୍ଦରଗଡ଼ ଜିଲା ପ୍ରଶାସନ ଖଣିଜ ପ୍ରତିଷ୍ଠାନର ସହଯୋଗରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇଛି। ବିଶେଷକରି କରୋନା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ କାର୍ଯ୍ୟକ୍ରମ ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି ସମ୍ମିଳନୀରେ ସ୍କଚ୍ ଗ୍ରୁପ୍‌ର ଅଧକ୍ଷ ସମୀର କୋଚ୍ଛର ପ୍ରକାଶ କରିଛନ୍ତି। ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲା ପ୍ରଶାସନ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଛି। ବିଭିନ୍ନ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛି ଜିଲା ଖଣିଜ ପ୍ରତିଷ୍ଠାନ। ସେଥିମଧ୍ୟରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର, ଗର୍ଭାବସ୍ଥାରେ ଯତ୍ନ, ପୁଷ୍ଟିଶସ୍ୟ ମିଶନ ଅଧୀନରେ ମାଣ୍ଡିଆ ଚାଷ, ଶିଶୁଙ୍କ ପୋଷଣ, ସଡ଼କ ଓ ଯୋଗାଯୋଗ, ମୋବାଇଲ୍ ମେଡିକାଲ ୟୁନିଟ୍ ଓ ଆମ୍ବୁଲାନ୍ସ, ବିଦ୍ୟାଳୟ ଭିତ୍ତିଭୂମିର ବିକାଶ, ବୃଦ୍ଧାଶ୍ରମ ଏବଂ ମାନସିକ ରୋଗୀଙ୍କ ଯତ୍ନ ପାଇଁ ବ୍ୟବସ୍ଥା, ଅତ୍ୟାଧୁନିକ ପରିମଳ ସେବା ଭଳି ଅନେକ କାର୍ଯ୍ୟକ୍ରମ ରହିଛି।

## ସୋନପୁର ଏସ୍‌ଆର୍‌ସିଏସ୍ ନିଲମ୍ବିତ

ସୋନପୁର,(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଏସ୍‌ଆର୍‌ସିଏସ୍(ଉପ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ) ସୋନପୁର ମଣ୍ଡଳ ଆଶିଷ କୁମାର ରାଉତଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି । ରେଜିଷ୍ଟ୍ରାର ସମବାୟ ସମିତି, ଭୁବନେଶ୍ୱର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ରାଉତ ଏସ୍‌ଆର୍‌ସିଏସ୍ ସହିତ ସୋନପୁର ବ୍ଲକର ପ୍ୟାକ୍ସଗୁଡିକରେ ପ୍ରଶାସକ ଦାୟିତ୍ୱରେ ମଧ ଥିଲେ। ନିକଟରେ ସେ ଲଚ୍ଛିପୁର ପ୍ୟାକ୍ସରେ ଖରିଫ ଧାନ କିଣା ସକାଶେ ଅସ୍ଥାୟୀ ଚାଷୀ ଆଶ୍ରୟ ସ୍ଥଳ, ଚାଷୀଙ୍କ ପାଇଁ ପାନୀୟ ଜଳ, ମାସ୍କ ଓ ସାନିଟାଇଜର୍ କ୍ରୟ ବାବଦ ବିଲ୍ ପାଇଁ ସମ୍ପାଦକ ମଞ୍ଜୟ ଧରୁଆଙ୍କୁ ୧୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଲାଞ୍ଚ ଟଙ୍କା ଗ୍ରହଣ ପରେ ରାଉତ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଯୁବକ କୋର୍ଟଚାଲାଣ

**ଭବାନୀପାଟଣା, ୨୨।୧ (ଡି.ଏନ.ଏ.):** ଭବାନୀପାଟଣା ସହରର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ ଓ ଯୌନ ନିର୍ଯାତନା ଦେବା ଅଭିଯୋଗରେ ବିକାଶ କରୁଆଁ (୨୫) ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ପୋଲିସ ଅଭିଯୁକ୍ତ ବିକାଶଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଭବାନୀପାଟଣା ସଦର ଥାନା ଗୁଡିଆଲିପଦର ଗାଁର ବିକାଶ ଗତ ଅଗଷ୍ଟ ୧୯ରେ ଭବାନୀପାଟଣା ସହର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ। ଏନେଇ ପରିବାର ଲୋକେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ସଦର ଥାନା ଅନ୍ତର୍ଗତ ଶରଧାପୁରଠାରେ ନାବାଳିକାଙ୍କୁ ଠାବ କରିବା ସହିତ ବିକାଶଙ୍କୁ ପୋଲିସ ଗିରଫ କରିଥିଲ। ବର୍ତ୍ତମାନ ନାବାଳିକା ଜଣକ ସାବାଳିକା ହୋଇଥିବା ଜଣାପଡିଥିଲା।

### ନିଆଁରେ ପୋଡ଼ିହୋଇ ଯୁବତୀ ଗୁରୁତର

**ବିନିକା,୨୨।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ଗ୍ରାପର ଗଣେଶପୁର ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ନିଆଁରେ ପୋଡି ହୋଇ ରୋହିଣୀ ଭୁଏ (୨୩) ନାମ୍ନୀ ଜଣେ ଯୁବତୀ ଗୁରୁତର ହୋଇଛନ୍ତି । ତାଙ୍କ ଶରୀରର ୭୦ ଭାଗ ପୋଡି ଯାଇଛି । ପୋଡି ହେବାର କାରଣ ଅସ୍ପଷ୍ଟ ରହିଛି । ଗଣେଶପୁର ଗାଁର ମୋହ ଭୁଏ(୫୭)ଙ୍କ ଝିଅ ରୋହିଣୀଙ୍କ ଦେହରେ ନିଆଁ ଲାଗିବା ଦେଖି ପରିବାର ଲୋକେ ପୂର୍ବାହ୍ନ ୧୧ଟାରେ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ରୋହିଣୀ ମାନସିକ ରୋଗରେ ଆକ୍ରାନ୍ତ ଥିଲେ ବୋଲି କୁହାଯାଉଛି । ସେ ନିଜେ କୌଣସି କାରଣରୁ ଦେହରେ ନିଆଁ ଲଗେଇ ଦେଇଥିଲେ ନା ଏହା ପଛରେ ଆଉ କାହାର ହାତ ରହିଛି ତାହା ଜଣାପଡିନାହିଁ । ଖବର ଲେଖା ହେବା ପର୍ଯ୍ୟନ୍ତ ବିନିକା ଥାନାରେ ଏ ନେଇ ଅଭିଯୋଗ ହୋଇ ନ ଥିବା ଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ ପ୍ରକାଶ କରିଛନ୍ତି ।

### ରାଇଫଲ କ୍ଲବ ସୁଟିଂ ଚାମ୍ପିୟନଶିପ୍: ଅବିନାଶଙ୍କୁ ରୌପ୍ୟ




**ଜୁନାଗଡ, ୨୨।୧ (ଡି.ଏନ.ଏ.):** ଅନୁଗୋଳ ଜିଲା ତାଳଚେରଠାରେ ଅନୁଷ୍ଠିତ ରାଇଫଲ କ୍ଲବ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସୁଟିଂ ଚାମ୍ପିୟନଶିପ୍‌ରେ ଜୁନାଗଡ ବ୍ଲକ ଖସିଗୁଡା ଗ୍ରାମର ଅବିନାଶ ରାୟଗୁରୁ ୨୫ ମିଟରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଜୁନାଗଡ ସହରର ଅରବିନ୍ଦ ସାହୁ ୫୦ ମିଟରରେ କାଂସ୍ୟ ପଦକ ହାସଲ କରିଛନ୍ତି। ଉଭୟଙ୍କ ଏହି ସଫଳତାକୁ ନେଇ ଜୁନାଗଡ ବ୍ଲକ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

### ସଡ଼କ ସୁରକ୍ଷା ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା

**କେସିଙ୍ଗା, ୨୨।୧ (ଡି.ଏନ.ଏ.):** କଳାହାଣ୍ଡି ପୋଲିସ ପକ୍ଷରୁ କେସିଙ୍ଗା ମହାବିଦ୍ୟାଳୟର ଏକ ପ୍ରକୋଷ୍ଠରେ ସଡକ ସୁରକ୍ଷା ଉପଲକ୍ଷେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗୀତାରେ ୧୦ଜଣ ଛାତ୍ର ଭାଗ ନେଇଥିଲେ। ଏଥିରେ ହରିଶଚନ୍ଦ୍ର ୱାନ ଓ ଭୋପାଳ ଭୋଇ ଗ୍ରେଡ-ଏରେ ଉର୍ତ୍ତୀର୍ଣ୍ଣ ହୋଇଥିବା ବେଳେ ତିରନ ଦୀପ ଓ ଜିତୁ ରଣା ନରରରେ ବିଜେତା ହୋଇଥିଲେ। କୁଇଜ୍ ପ୍ରତିଯୋଗୀତାରେ ମହିଳା ଆଇଆଇସି ଗୀତାଞ୍ଜଳି ପ୍ରଧାନ, କେସିଙ୍ଗା ମହାବିଦ୍ୟାଳୟ ପ୍ରିନ୍ସିପାଲ କୈଳାଶ ଚନ୍ଦ୍ର ସାହା ମଞ୍ଚାସୀନ ହୋଇଥିଲେ। ବି. ଚନ୍ଦ୍ର ଶେଖର ଆଚାରୀ କୁଇଜ୍ ପ୍ରତିଯୋଗୀତା ପରିଚାଳନା କରିଥିଲେ। ଜଜ୍ ଭାବେ ରାଇମୋହନ ମାଝି ଓ ଗୀତାଞ୍ଜଳି ଜୋରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶେଷରେ ବିଜେତା ଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଭୂପେନ୍ଦ୍ର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ ।

# ଅଭାବୀ ଧାନ ବିକ୍ରି ନେଇ ବର୍ଷିଲେ ଜନପ୍ରତିନିଧି

**ତରବୋଡ/ନୂଆପଡା ଅଫିସ, ୨୨।୧ (ଡି.ଏନ.ଏ.)**

### ନୂଆପାଡାରେ ୫ମ ଜିଲା ପରିଷଦ ସମୀକ୍ଷା ବୈଠକ

ନୂଆପଡା ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଶୁକ୍ରବାର ୫ମ ଜିଲା ପରିଷଦ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ଜିଲାପାଳ ସ୍ୱାଧାଦେବ ସିଂ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଓ ନୂଆପାଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଯୋଗଦାନ କରିଥିଲେ। ଜିଲାର ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ରହିଥିଲେ। ଜିଲାର ସମସ୍ତ ବିଭାଗ ସରକାରୀ କର୍ମଚାରୀ ଯୋଗଦାନ କରି ଜିଲାର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ଜିଲାରେ ଅଭାବୀ ଧାନ ବିକ୍ରୟ ଉପରେ




ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ବୈଠକ ।

ନିର୍ବାଚିତ ଜନପ୍ରତିନିଧିମାନେ ବର୍ଷିଥିଲେ। ଜିଲାରେ ୩୩,୭୪୧ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୧୯,୭୯୦ ଜଣ ଚାଷୀଙ୍କଠାରୁ ଧାନ କ୍ରୟ କରି ଟାର୍ଗେଟ ଶେଷ ହୋଇଗଲା ବୋଲି ବିଭାଗୀୟ ଅଧିକାରୀମାନେ ଚାଷୀଙ୍କୁ ଭୁଆଁ ଭୁଲାଉଛନ୍ତି। ବାକି ୧୩,୯୫୧ଜଣ ଚାଷୀ କେଉଁଠି ଧାନ ବିକ୍ରି କରିବେ ବୋଲି ପ୍ରଶ୍ନ କରିଥିଲେ। ଚାଷୀ ମାସ ମାସ ଧରି ମଣ୍ଡିରେ ଖୋଲା ଆକାଶ ତଳେ ଶିତ କାକରରେ ଭୋକ ଉପାସରେ ମଣ୍ଡିରେ ଜଗି ରହୁଛନ୍ତି। କଟନୀ, ଛଟନୀ ଯୋଗୁ ଚାଷୀ ନିରାଶ ହେଉଛନ୍ତି। ଜିଲାରେ ଅଧିକାଂଶ ଚାଷୀଙ୍କ ଟୋକନ ଲାପ୍ସ ହୋଇଗଲାଣି। ଟୋକନ ଲାପ୍ସ ହୋଇଥିବା ଚାଷୀମାନେ ବର୍ତ୍ତମାନ ଚିନ୍ତାରେ ପଡିଯାଇଛନ୍ତି ବୋଲି କହିଥିଲେ। ଜିଲା ପ୍ରଶାସନ ଯଥାଶୀଘ୍ର ଏହାର ସମାଧାନ କରିବ। ଯେତେଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି, ସମସ୍ତଙ୍କ ଧାନ କିଣାଯିବ, କାହାରି ବାକି ରହିବ ନାହିଁ। ଯେଉଁମାନଙ୍କ ଟୋକନ ଲାପ୍ସ ହୋଇଯାଇଛି ତାହାର ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ପରେ ଜିଲାରେ ଶିକ୍ଷା ବ୍ୟାବସ୍ଥା ବିପର୍ଯ୍ୟୟ ହୋଇ ପଡିଥିବାରୁ ତାହାର ଗୁଣାତ୍ମକ ମାନ ବୃଦ୍ଧି କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଅନ୍ୟ ବିଷୟବସ୍ତୁ ଉପରେ ମଧ ଆଲୋଚନା କରାଯାଇଥିଲା

# ଗୋଲାପ ଦେଇ ଟ୍ରାଫିକ ସଚେତନତା




ଜୁନାଗଡ଼ ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ।

**ଜୁନାଗଡ଼, ୨୨।୧ (ଡି.ଏନ.ଏ.)**

ଦିନକୁ ଦିନ ଲୋକମାନେ ଟ୍ରାଫିକ ନିୟମ ମାନୁ ନ ଥିବାରୁ ସଡକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ କଳାହାଣ୍ଡି ଜିଲା ଜୁନାଗଡ଼ ପୋଲିସ ଶୁକ୍ରବାର ଏକ ନିଆରା ପ୍ରୟାସ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ରାସ୍ତାରେ ଟ୍ରାଫିକ ନିୟମ ମାନି ଯାଉଥିବା ଓ ହେଲମେଟ ପିନ୍ଧିଥିବା ଲୋକଙ୍କୁ ଗୋଲାପ ଦେଇ ସ୍ୱାଗତ କରାଯାଇଛି। ଜୁନାଗଡ଼ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ପିଆଇ କଲେଜରୁ ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ୩ କି.ମି. ଟ୍ରାଫିକ ନିୟମ ଉପରେ ଶୋଭାଯାତ୍ରା କରାଯାଇଥିଲା। ଏହି ସମୟରେ ଟ୍ରାଫିକ ନିୟମ ନ ମାନି ଯାଉଥିବା ତଥା ହେଲମେଟ ପିନ୍ଧି ନ ଥିବା ବାଇକ ଚାଳକଙ୍କୁ ହେଲମେଟ ସର୍ବଦା ପିନ୍ଧିବା ଉପରେ ସଚେତନତା କରାଯାଇଥିଲା। ସେହିପରି ଚାରିଚକିଆରେ ବସୁଥିବା ବ୍ୟକ୍ତିଙ୍କୁ ସିଟ ବେଲ୍ଟ ପିନ୍ଧିବା ପାଇଁ କୁହାଯାଇଥିଲା। ରାସ୍ତାରେ ଯେଉଁମାନେ ଟ୍ରାଫିକ ନିୟମ ମାନି ଯାଉଥିବା ଓ ହେଲମେଟ ପିନ୍ଧିଥିବା ବ୍ୟକ୍ତିଙ୍କୁ ଗୋଲାପ ଦେଇ ସ୍ୱାଗତ କରାଯାଇଥିଲା। ସେହିପରି ଟ୍ରାଫିକ ସଚେତନତା ଉପରେ ସ୍ଥାନୀୟ ଲୋକଙ୍କୁ ଲିପଫ୍ଲେଟ ଜରିଆରେ ବାର୍ତ୍ତା ଦିଆଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଏଏସଆଇ ସୁରେନ୍ଦ୍ର ସିଂହ, କୁଳମଣି ଶବର, ସାମାଜିକ କର୍ମୀ ସୁଖବିନ୍ଦର ସିଂହଙ୍କ ସମେତ ଥାନା କର୍ମଚାରୀ, ଗୃହରକ୍ଷୀ, ଆଇଆରବିଏନ ଯବାନ ସାମିଲ ହୋଇଥିଲେ ।

# ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧିକୁ ବିରୋଧ

**ବରଗଡ଼ ଅଫିସ୍,୨୨।୧**

ବରଗଡ଼ ପୌର ପରିଷଦରେ ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି କରାଯାଇଛି । ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସକୁ ନେଇ ଅସନ୍ତୋଷ ମଧ୍ୟ ବଢ଼ି ଚାଲିଛି। ଏପରିକି ଏହା ଆନ୍ଦୋଳନ ରୂପ ମଧ୍ୟ ନେଇଛି। ଏହାକୁ ନେଇ ଆମ ଆଦମୀ ପାର୍ଟି(ଆପ୍), କଂଗ୍ରେସ, ଭାଜପା ଆନ୍ଦୋଳନକୁ ଓହ୍ଲାଇ ସାରିଥିବାବେଳେ ଏବେ ବିଭିନ୍ନ ସାମାଜିକ ସଙ୍ଗଠନ ଏହାର ପ୍ରତିବାଦରେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଏହି କ୍ରମରେ ଶୁକ୍ରବାର ସ୍ଥାନୀୟ ସାମାଜିକ ଅନୁଷ୍ଠାନ ଚେତନା ବରଗଡ଼ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ବର୍ଦ୍ଧିତ ଟ୍ୟାକ୍ସ ପୂର୍ବାପେକ୍ଷା ୧୦ଗୁଣାରୁ ଅଧିକ ହୋଇଛି, ଯାହାର କିଛି ଯଥାର୍ଥତା ନାହିଁ। ବର୍ତ୍ତମାନ ପରିଷଦ ତଥା ନିର୍ବାଚିତ କାଉନସିଲର ନ ଥିବା ସମୟରେ ଏଭଳି ଟ୍ୟାକ୍ସ ବୃଦ୍ଧି ଅଗଣତାନ୍ତ୍ରିକ ଏବଂ ବେଆଇନ ବୋଲି ଚେତନା ଅଭିଯୋଗ କରିଛି। ଏହି ଦୃଷ୍ଟିରୁ ବର୍ତ୍ତମାନ ସ୍ଥିତିରେ ବର୍ଦ୍ଧିତ ହୋଲ୍‌ଡିଂ ଟ୍ୟାକ୍ସ ଲାଗୁ ନ କରିବାକୁ ଦାବି ହୋଇଛି । ଶିରିଶ ବଲ୍ଲଭ ମିଶ୍ର, ଅଭିଜିତ ପ୍ରତିହାର, ଶ୍ୟାମସୁନ୍ଦର ଅଗ୍ରୱାଲ, ଲିପ୍‌ସିତ ମିଶ୍ର, ରବି ନାରାୟଣ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଅପରପକ୍ଷେ ହୋଲ୍ଡିଂଟ୍ୟାକ୍ସ ବୃଦ୍ଧିକୁ ନେଇ ଶନିବାର ବରଗଡ଼ ଜିଲା ଓକିଲ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରହିଥିବା ଜଣାପଡ଼ିଛି।

# ଏଡ୍‌ସ ଆକ୍ରାନ୍ତଙ୍କୁ ମିଳୁନି ସ୍ୱତନ୍ତ୍ର ଯୋଜନାର ସହାୟତା

**ଲାଠୋର, ୨୨।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହିଆଲ ପଞ୍ଚାୟତ ଅଞ୍ଚଳର ଜଣେ ଏଡ୍‌ସ ଆକ୍ରାନ୍ତ ମହିଳା ଦୟନୀୟ ଜୀବନ ବିତାଉ ଥିବା ଅଭିଯୋଗ ହେଉଛି। ୭ବର୍ଷ ତଳେ ତାଙ୍କ ସ୍ୱାମୀ ଓ ଦୁଇବର୍ଷ ତଳେ ପୁଅର ମୃତ୍ୟୁ ହୋଇଯାଇଛି। ସମ୍ପତ୍ତି ବାଡି କିଛି ନ ଥିବାରୁ ଦେଢଶୁରଙ୍କ ଘରେ ୧୪ବର୍ଷୀୟା ଝିଅକୁ ନେଇ ଆଶ୍ରୟ ନେଇଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ପଞ୍ଚାୟତରୁ ପାଉଥିବା ୧୦କେଜି ଚାଉଳରେ ଦୁଃଖକଷ୍ଟରେ ଚଳୁଛନ୍ତି। ଏହି ସ୍ଥିତିରେ କିଛି ମାସ ତଳେ ମହିଳା ଅସୁସ୍ଥ ହେବା ପରେ ଚିକିତ୍ସା ପାଇଁ ହସ୍ପିଟାଲ ଯାଇଥିଲେ। ପରୀକ୍ଷା ନିରୀକ୍ଷା ପରେ ସେ ଏଡ୍‌ସ ଆକ୍ରାନ୍ତ ବୋଲି ଜଣାପଡିଲା। ଅପରପକ୍ଷେ ସେମାନଙ୍କୁ ଆଶ୍ରୟ ଦେଇଥିବା ଦେଢଶୁରଙ୍କ ଆର୍ଥିକ ସ୍ଥିତି ବି ସେତେଟା ସ୍ୱଚ୍ଛଳ ନ ଥିବା ଯୋଗୁ ସେ ବିଶେଷ ସହଯୋଗ କରି ପାରୁନାହାନ୍ତି। ରୋଗାଗ୍ରସ୍ତ ହେବା ପରେ ମହିଳା ଜଣକ କୌଣସି କାମ କରି ପାରୁ ନାହାନ୍ତି। ଖାଦ୍ୟାଭାବ ଜନିତ କାରଣରୁ ଦୁର୍ବଳ ହୋଇ ପଡିବା ପରେ ଗୁରୁବାର ତାଙ୍କୁ କଣ୍ଟାବାଞ୍ଜି ହସ୍ପିଟାଲ ନିଆଯାଇଥିଲା। ସେଠାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ପରିସ୍ଥିତିରେ ଏଡ୍‌ସ ଆକ୍ରାନ୍ତ ମହିଳାଙ୍କୁ ସରକାରଙ୍କ ସ୍ୱତନ୍ତ୍ର ଯୋଜନାରେ ସାମିଲ କରି ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷକ, ଛାତ୍ରୀଛାତ୍ରଙ୍କ କୋଭିଡ୍ ଟେଷ୍ଟ



କେଞ୍ଜିରିଆପାଲି ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ କୋଭିଡ ଟେଷ୍ଟ କରାଯାଉଛି ।

**ଅମରପାଲି, ୨୨।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେଞ୍ଜିରିଆପାଲି ହାଇସ୍କୁଲରେ ଶୁକ୍ରବାର ସମସ୍ତ ଶିକ୍ଷକ ଓ ଉପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କ କୋଭିଡ ଟେଷ୍ଟ କରାଯାଇଛି। ବୀରମହାରାଜପୁର ଡାକ୍ତରଖାନାର ଏମପିଏଚଡବ୍ଲୁ ଓମପ୍ରକାଶ ମହାପାତ୍ର, ଫାର୍ମାସିଷ୍ଟ ସସ୍ମିତା ପୁରୋହିତ, ଏଏନଏମ କେ. ଲକ୍ଷ୍ମୀ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ କୋଭିଡ ଟେଷ୍ଟ କରିଥିଲେ। ଦଶମ ଶ୍ରେଣୀରେ ପଢୁଥିବା ୧୦୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଉପସ୍ଥିତ ଥିବା ୩୬ ଜଣ ଛାତ୍ରୀ ଓ ୩୫ ଜଣ ଛାତ୍ରଙ୍କ କୋଭିଡ ଟେଷ୍ଟ କରାଯାଇଥିଲା। ଟେଷ୍ଟ ପରେ ସମସ୍ତଙ୍କର ରିପୋର୍ଟ ନେଗେଟିଭ ଥିବା ସୂଚନା ମିଳିଛି ।

# ସମଗ୍ର ରାଜ୍ୟରେ ଦୁର୍ଘଟଣା ହାରକୁ ୫୦ ପ୍ରତିଶତ କମାଇବା ଲକ୍ଷ୍ୟ

**ଉଲୁଣ୍ଡା, ୨୨।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାଠାରେ ଶୁକ୍ରବାର ସଡକ ସୁରକ୍ଷା ଉପରେ ଏକ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବସଷ୍ଟାଣ୍ଡ ଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ବ୍ଲକଛକ, ଗଣ୍ଡାବାହଲ ଛକ, ଲକ୍ଷ୍ମୀନଗର ଦେଇ କଲେଜ ପଡିଆଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସୋନପୁର ଏନସିସି ଗ୍ରୁପ, ଉଲୁଣ୍ଡା ଯୁବ ମହାସଂଘ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ପୋଲିସ ବାହିନୀ, ଦମକଳ ବାହିନୀ, ଅଟୋମାଲିକ ସଂଘ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ। ଆରଟିଓ ରବିନ ପଟ୍ଟନାଏକଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବହନ ମନ୍ତ୍ରୀ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ସୁବର୍ଣ୍ଣପୁର ସମେତ ସମଗ୍ର ରାଜ୍ୟରେ ଦୁର୍ଘଟଣା ହାରକୁ ୫୦ ପ୍ରତିଶତ କମାଇବା ଆମର ମୂଳଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ, ଡେପୁଟି କମିଶନର ଦୀପ୍ତି ରଞ୍ଜନ ପାତ୍ର, ଅତିରିକ୍ତ ଏସପି ରମେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ସୋନପୁର କୋଶଳ ଅବାସିକ ବିଦ୍ୟାଳୟର ଛାତ୍ରୀମାନେ ଆବାହନୀ ସଙ୍ଗୀତ ଗାନ କରିଥିବା ବେଳେ ଶୃତି ସୁଚରିତା ପଧାନ ଏବଂ ଏସ. ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ହେମସାଗର ଭୋଇ, ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ଜୁନିୟର ଏଭିଆଇ ଯୋହନ ପ୍ରତାପ କୁଲୁ, ଅତିରିକ୍ତ ଆରଟିଓ ଶିବାଶୀଷ ସାହୁ, ଡିଏସପି ଆନନ୍ଦ ବର୍ଦ୍ଧନ ଗୁରୁଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।




ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ବୋଧନ ଦେଉଛନ୍ତି ।

# ଲୁର୍କୀଗ୍ରାମରେ ଧନୁଯାତ୍ରା ପାଇଁ କଳସ ଯାତ୍ରା

**ଗୁଡ଼ଭେଲା, ୨୨।୧ (ଡି.ଏନ.ଏ.)**

ଗୁଡଭେଲା ବ୍ଲକ ଅନ୍ତର୍ଗତ ଲୁର୍କୀଗ୍ରାମର ୧୪୫ତମ ଧନୁଯାତ୍ରା ପାଇଁ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୋଖରୀରୁ ପୂର୍ଣ୍ଣ କଳସ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶନିବାରରୁ ବ୍ୟାସ ଅଜିତ କୁମାର ଦାଶ ପୁରାଣ ପାଠ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ରାମଚନ୍ଦ୍ର ପୁରୋହିତ ପୂଜକ ଦାୟିତ୍ୱ ତୁଲାଇଛନ୍ତି । ମନୋଜ ପ୍ରଧାନ କର୍ତ୍ତା ରହିଥିବା ବେଳେ ଆସନ୍ତା ୨୮ ତାରିଖ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ। ସରୋଜ ପ୍ରଧାନ ସଭାପତି, ଚଞ୍ଚଳ ପ୍ରଧାନ ସମ୍ପାଦକ ଓ ଆନନ୍ଦ ପ୍ରଧାନ କୋଷାଧ୍ୟକ୍ଷ ପ୍ରସାଧୁ ପ୍ରଧାନ, ମନୋଜ ବଗର୍ତ୍ତି, ସୁଦର୍ଶନ ପ୍ରଧାନ ଓ ରଘୁନାଥ ବଗାର ଉପସ୍ଥିତ ଥିଲେ।

# ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ଭବାନୀପାଟଣା, ୨୨।୧ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅଡ୍ରି ପଞ୍ଚାୟତ ଦଳଗୁଡା ଗାଁର ଦାଦନ ଶ୍ରମିକ ଗଜିନ୍ଦ୍ର ନାଏକ (୩୫)ଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଛି। ଗାଁରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗଜିନ୍ଦ୍ର ତାମିଲନାଡୁ ରାଜ୍ୟ କୋଏମ୍ବଟୁର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ସେ ଏକ କମ୍ପାନୀରେ କାମ କରୁଥିଲେ। ଗତ ସୋମବାର ଗଜିନ୍ଦ୍ର କାମ କରୁଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଗଜିନ୍ଦ୍ରଙ୍କ ପରିବାରକୁ ତାଙ୍କର ଜଣେ ସାଥୀ ସୂଚନା ଦେଇଥିଲେ। ପରିବାର ଲୋକେ ମୃତଦେହ ଆଣିବାକୁ ସମ୍ବଳ ନ ଥିଲା। ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀଙ୍କ ହସ୍ତକ୍ଷେପ ପରେ ଜିଲା ପ୍ରଶାସନ ଓ କୋଏମ୍ବଟୁର ପ୍ରଶାସନର ସହଯୋଗରେ ଗଜିନ୍ଦ୍ରଙ୍କ ମୃତଦେହ ଗାଁକୁ ଫେରିଛି ।

# 'କେନ୍ଦ୍ର କୃଷି ଆଇନ ତୁରନ୍ତ ପ୍ରତ୍ୟାହାର କର'

**ବଲାଙ୍ଗୀର ଅଫିସ, ୨୨।୧**

### ଜିଲା କିଷାନ କଂଗ୍ରେସ ପକ୍ଷରୁ ବିକ୍ଷୋଭ ସମାବେଶ

ବଲାଙ୍ଗୀର ଜିଲା କିଶାନ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ପ୍ରତ୍ୟାହାର ଦାବି ଏବଂ ଧାନ ଅଭାବୀ ବିକ୍ରି, କଟ୍‌ନୀ ଛଟନୀ ବନ୍ଦ, ଚାଷୀଙ୍କୁ ତୁରନ୍ତ ଫସଲ ବୀମା ରାଶି ପ୍ରଦାନ ଏବଂ କୁଇଣ୍ଟାଲ ପ୍ରତି ୫୦୦ ଟଙ୍କା ବୋନସ ପ୍ରଦାନ ଦାବିରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ କିଶାନ କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକ, ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ପ୍ରମୁଖ କେନ୍ଦ୍ର ସରକାରଙ୍କ କଳା କୃଷି ଆଇନକୁ ତୀବ୍ର ବିରୋଧ କରି ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏଆଇସିସି ସଦସ୍ୟ ମିଶ୍ର ତାଙ୍କ ବକ୍ତବ୍ୟରେ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଆନ୍ଦୋଳନରତ ଲକ୍ଷାଧିକ ଚାଷୀଙ୍କ ସ୍ୱାର୍ଥ ଦେଖାଯାଉନାହିଁ ବୋଲି କହିଥିଲେ। କୃଷି ଯାହାକି ଦେଶର ମୁଖ୍ୟ ଅର୍ଥନୀତି ଅଟେ ତାକୁ ମୁଷ୍ଟିମେୟ ପୁଞ୍ଜିପତିଙ୍କ ହାତରେ ଟେକି ଦେବାକୁ ଯାଉଛନ୍ତି । ଯଦି ଏହା ଘଟେ ଆଗାମୀ ଦିନରେ କୃଷକମାନେ ହିଁ ଏ ସରକାର ମୂଳୋତ୍ପାଟନ କରିବେ ବୋଲି ସେ କହିଥିଲେ। ରାଜ୍ୟ କିଶାନ କଂଗ୍ରେସ ସଭାପତି ପଟ୍ଟନାୟକ ରାଜ୍ୟ ସରକାର ମଧ କେନ୍ଦ୍ର ସରକାରଙ୍କ ଏହି ପୁଞ୍ଜିପତିପୋଷଣ କୃଷିନୀତିକୁ ସମର୍ଥନ କରି ମୁହଁ ଖୋଲୁ ନାହାନ୍ତି ବୋଲି କହିଥିଲେ। ସଭାରେ ପୂର୍ବତନ ମନ୍ତ୍ରୀ ସିଂ ଭୋଇ, ଜିଲା କଂଗ୍ରେସ ସଭାପତି ବେହେରା, ଇଂ ନରେଶ ପୁରୋହିତ, ସୁଧା ଦାଶ, ଅନୀଲ ମେହେର, ଅଜୟ ବାଲି, ମନମୋହନ ପଟେଲ, ବିକାଶ ପାଣିଗ୍ରାହୀ, ଗିରିଧାରୀ ସାହୁ କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ଭର୍ତ୍ସନା କରିଥିଲେ। ଜିଲାର ଧାନକିଣା ଅବ୍ୟବସ୍ଥା ବିରୁଦ୍ଧରେ ଗର୍ଜିଥିଲେ। ଚାଷୀଙ୍କୁ କୁଇଣ୍ଟାଲ ପିଛା ୫ ଶହ ଟଙ୍କା ବୋନସ୍ ଦିଆଯାଉ ବୋଲି ଦାବି କରାଯାଇଥିଲା। ବିକ୍ଷୋଭ ସମାବେଶରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେବାଦଳ ମୁଖ୍ୟ ଅସିତ ମିଶ୍ର, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଗୁଣସାଗର ମାଝି ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ଜିଲା କିଷାନ କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କ ଜରିଆରେ ଦାବିପତ୍ର ଦିଆଯାଉଛି ।


## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ

ନ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ଫୋନ ନଂ. ୦୬୭୪-୨୩୦୧୩୨୪, Email- info@oav.edu.in

### ବିଜ୍ଞାପନ

**No. n-33:-** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ୨୫୦ ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧାୟୀ (Day Scholar) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ ।

ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ । **ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୨୦.୦୨.୨୦୨୧।**

ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ୍‌ସାଇଟ୍‌ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ/ଭାରପ୍ରାପ୍ତ ଅଧକ୍ଷଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । **ଉକ୍ତ ପ୍ରବେଶିକା ପରୀକ୍ଷା, ତା.୦୮.୦୩.୨୦୨୧ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ ।** ଏତଦ୍‌ବ୍ୟତୀତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry)ର ମଧ ବ୍ୟବସ୍ଥା ରହିଛି । ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ଫର୍ମ ମଧ ୱେବସାଇଟରେ ଉପଲବ୍ଧ ଅଛି । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ **www.oav.edu.in**ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଜାତିଗତ ପ୍ରମାଣପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା ୨୫୦ ଗୋଟି ବିଦ୍ୟାଳୟର ତାଲିକା ୱେବସାଇଟ୍‌ରେ ଉପଲବ୍ଧ ଅଟେ । ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଅଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ୫୦ ଗୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ରହିଥିବା ଆବାସିକ ବ୍ୟବସ୍ଥାର ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

OIPR-27029/11/0003/2021

# କୃଷି ଆଇନର ଅବିକଳ ଅନୁବାଦ

**କେନ୍ଦ୍ର ସରକାର ଆଣିଥିବା ୩ କୃଷି ବିଲ୍ ୨୦୨୦ ସେପ୍ଟେମ୍ବର ୧୭ରେ ଲୋକ ସଭାରେ ଓ ୨୦ ତାରିଖରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ସେହି ମାସ ୨୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ଏହା କୃଷି ଆଇନରେ ପରିଣତ ହୋଇଥିଲା। ଏହାର ପ୍ରତ୍ୟାହାର ଦାବିରେ ଅଦ୍ୟାବଧି ଦେଶବ୍ୟାପୀ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ବିରୋଧ ଜାରି ରହିଛି। ତେବେ ଉକ୍ତ ୩ ଆଇନର ଅବିକଳ ଓଡ଼ିଆ ଅନୁବାଦକୁ ଏଠାରେ ଉପସ୍ଥାପନ କରାଯାଉଛି। ଏଥିରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ନାହିଁ।**

---

ବିଲ୍ ନଂ. ୧୧୨/୨୦୨୦

## କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ଆଶ୍ୱାସନା ଓ କୃଷି ସେବା ଚୁକ୍ତିନାମା ବିଧେୟକ,୨୦୨୦

### ବିଧେୟକ

କୃଷି ସେବା ଓ ଭବିଷ୍ୟତର କୃଷି ଉତ୍ପାଦନକୁ ଆପୋସ ସହମତିରେ ଲାଭକାରୀ ମୂଲ୍ୟ ରୂପରେଖରେ କୃଷି–ବ୍ୟବସାୟ ସଂସ୍ଥା, ପ୍ରୋସେସର, ପାଇକାରୀ ବ୍ୟବସାୟୀ, ରପ୍ତାନିକାରୀ କିମ୍ବା ବହୁସଂଖ୍ୟାରେ ଖୁଚୁରା ବ୍ୟବସାୟୀଙ୍କ ସହ କୃଷକଙ୍କୁ ସୁରକ୍ଷା ଦେବା ସହିତ ସେମାନଙ୍କୁ ସଶକ୍ତ କରିଥାଏ, ଜାତୀୟ ରୂପରେଖ କିମ୍ବା ଏହା ସମ୍ପର୍କିତ ଅଥବା ଆନୁଷଙ୍ଗିକ ବିଷୟଗୁଡ଼ିକୁ ଉପବନ୍ଧ କରିବା ପାଇଁ ଏହି ବିଧେୟକ।

ଭାରତ ସାଧାରଣତନ୍ତ୍ରର ଏକସ୍ତରୀତମ ବର୍ଷରେ ସଂସଦ ଦ୍ୱାରା ନିମ୍ନଲିଖିତ ରୂପରେ ଏହି ଆଇନ ପ୍ରଣୟନ ହୋଇଛି:–

### ଅଧ୍ୟାୟ ୧
### ପ୍ରାରମ୍ଭିକ

*ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ*

**୧.** (୧) ଏହି ଅଧିନିୟମର ସଂକ୍ଷିପ୍ତ ନାମ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ଆଶ୍ୱାସନା ଏବଂ କୃଷି ସେବା ଚୁକ୍ତିନାମା ଅଧିନିୟମ, ୨୦୨୦।

(୨) ଏହା ୫ ଜୁନ୍, ୨୦୨୦ରୁ କାର୍ଯ୍ୟକାରୀ ହୋଇଥିବା ବୁଝାଯିବ।

*ସଂଜ୍ଞା*

**୨.** ଏହି ଅଧିନିୟମରେ ଯେପର୍ଯ୍ୟନ୍ତ ସନ୍ଦର୍ଭରୁ ଅଲଗା ଆବଶ୍ୟକ ହୋଇ ନ ଥିବ,–

(କ) 'ଏପିଏମ୍‌ସି ୟାର୍ଡ'ରୁ ଯେକୌଣସି ରାଜ୍ୟ ଅଧିନିୟମ ଅଧୀନ କୃଷି ଉତ୍ପାଦନରେ ବଜାର ଓ ବ୍ୟବସାୟକୁ ନିୟନ୍ତ୍ରିତ କରିବାପାଇଁ ସ୍ଥାପିତ ହୋଇଥିବା କୃଷି ଉତ୍ପାଦନ ବିପଣନ ସମିତି ୟାର୍ଡକୁ ସନ୍ନିବିଷ୍ଟ କରୁଥିବା ଯେକୌଣସି ଭୌତିକ ପରିସର, ତାହା ଯେଉଁ ନାମରେ ପରିଚିତ ବା ଯେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ହୋଇଥାଉ ;

(ଖ) 'କମ୍ପାନୀ' ଅର୍ଥ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨ର ଖଣ୍ଡ (୨୦)ରେ ଯଥା ପରିଭାଷିତ କମ୍ପାନୀକୁ ବୁଝାଯିବ ;

(ଗ) 'ଇଲେକ୍ଟ୍ରୋନିକ୍ ବ୍ୟବସାୟ ଓ କାରବାର ପ୍ଲାଟଫର୍ମ' ଅର୍ଥ ଇଲେକ୍ଟ୍ରୋନିକ ଉପକରଣ ଓ ଇଣ୍ଟରନେଟ୍ ଆପ୍ଲିକେଶନ ନେଟୱର୍କ ମାଧ୍ୟମରେ କୃଷି ଉତ୍ପାଦନର ବାଣିଜ୍ୟ ପରିଚାଳନା ପାଇଁ ପ୍ରତ୍ୟକ୍ଷ କିମ୍ବା ଅନ୍‌ଲାଇନ କିଣାବିକା ସୁବିଧା ପାଇଁ ପ୍ରତିଷ୍ଠିତ ଏକ ପ୍ଲାଟଫର୍ମ।

(ଘ) 'କୃଷି ସେବା' ମଧ୍ୟରେ ରହିଛି ବିହନ, ଖାଦ୍ୟ, ଚାରା, କୃଷି ରସାୟନ, ମେସିନାରୀ ଯୋଗାଣ ଏବଂ ପ୍ରଯୁକ୍ତି, ପରାମର୍ଶ, ଅଣ–ରସାୟନ କୃଷି ଇନ୍‌ପୁଟ୍ ଓ କୃଷି ପାଇଁ ଏଭଳି ଅନ୍ୟାନ୍ୟ ଇନ୍‌ପୁଟ୍।

(ଙ) 'କୃଷକ' ଅର୍ଥ କୃଷିଜାତ ସାମଗ୍ରୀ ଉତ୍ପାଦନରେ ନିଜେ ନିୟୋଜିତ କିମ୍ବା ଶ୍ରମିକଙ୍କୁ ନିଯୁକ୍ତ କରିଥିବା ବ୍ୟକ୍ତି ଏବଂ କୃଷି ଉତ୍ପାଦକ ସଂଗଠନ ଏହାର ଅନ୍ତର୍ଗତ।

(ଚ) 'କୃଷକ ଉତ୍ପାଦକ ସଂଗଠନ' ଅର୍ଥ ଚାଷୀମାନଙ୍କ ଏକ ସଂଘ ବା ସଂଗଠନ, ନାଁ ଯାହା ହୋଇଥାଉ ନା କାହିଁକି,–

(୧) ସେହି ସମୟରେ କାର୍ଯ୍ୟକାରୀ ହୋଇଥିବା ଯେକୌଣସି ଆଇନ ଅଧୀନରେ ପଞ୍ଜୀକୃତ ; କିମ୍ବା

(୨) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନା କାର୍ଯ୍ୟକ୍ରମ ଅଧୀନରେ ପ୍ରୋତ୍ସାହିତ ହୋଇଥିବ ;

(ଛ) 'କୃଷି ଚୁକ୍ତିନାମା' ଅର୍ଥ କୌଣସି କୃଷି ଉତ୍ପାଦକୁ କୌଣସି ପୂର୍ବ ନିର୍ଦ୍ଧାରିତ ମାନରେ ଉତ୍ପାଦନ ବା ବଢ଼ାଇବା ପୂର୍ବରୁ ଜଣେ କୃଷକ ଓ ଜଣେ ପ୍ରାୟୋଜକ କିମ୍ବା ଜଣେ କୃଷକ, ଜଣେ ପ୍ରାୟୋଜକ ଓ ତୃତୀୟ ପକ୍ଷ ମଧ୍ୟରେ ଏକ ଲିଖିତ ଚୁକ୍ତିନାମା, ଯେଉଁଥିରେ ପ୍ରାୟୋଜକ ସମ୍ପୃକ୍ତ କୃଷକଙ୍କଠାରୁ ସେହି କୃଷି ଉତ୍ପାଦ କିଣିବା ପାଇଁ ଓ କୃଷି ସେବା ପ୍ରଦାନ ଲାଗି ରାଜି ହୋଇଥିବେ।

**ସ୍ପଷ୍ଟୀକରଣ – ଏହି ଧାରାର ଉଦ୍ଦେଶ୍ୟ ପାଇଁ, 'କୃଷି ଚୁକ୍ତିନାମା'ରେ ନିମ୍ନୋକ୍ତ ବିଷୟକୁ ସାମିଲ କରାଯାଇପାରେ–**

(୧) 'ବ୍ୟବସାୟ ଓ ବାଣିଜ୍ୟ ଚୁକ୍ତିନାମା', ଯେଉଁଠି ସାମଗ୍ରୀର ମାଲିକାନା ଉତ୍ପାଦନ ସମୟରେ କୃଷକଙ୍କ ପାଖରେ ରହିବ ଏବଂ ସେ ଏହାକୁ ଚୁକ୍ତି ସର୍ତ୍ତାବଳୀ ଅନୁଯାୟୀ ପ୍ରାୟୋଜକଙ୍କୁ ପ୍ରଦାନ କଲା ପରେ ଏହାର ମୂଲ୍ୟ ପାଇଥାନ୍ତି ;

(୨) 'ଉତ୍ପାଦନ ଚୁକ୍ତିନାମା' ଯେଉଁଠି ପ୍ରାୟୋଜକ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ କୃଷି ସେବା ପ୍ରଦାନ ପାଇଁ ଓ ଉତ୍ପାଦନଜନିତ କ୍ଷତି ସହିବା ପାଇଁ ସହମତ ହୋଇଥାନ୍ତି କିନ୍ତୁ ଏଭଳି କୃଷକଙ୍କ ଦ୍ୱାରା ଦିଆଯାଉଥିବା ସେବା ପାଇଁ ଅର୍ଥ ପୈଠ କରିବାକୁ ରାଜି ହୋଇଥାନ୍ତି ; ଏବଂ

(୩) ଏଭଳି ଅନ୍ୟାନ୍ୟ ଚୁକ୍ତିନାମା କିମ୍ବା ପୂର୍ବୋକ୍ତ ଚୁକ୍ତିନାମା ସମୂହ ;

**(ଜ) 'କୃଷି ଉତ୍ପାଦ' ମଧ୍ୟରେ ନିମ୍ନୋକ୍ତ ବିଷୟ ଆସୁଛି–**

(୧) ଖାଦ୍ୟପଦାର୍ଥ, ଯେଉଁଥିରେ ରହିଛି ଖାଇବା ତୈଳବୀଜ ଓ ତେଲ, ଗହମ, ଚାଉଳ କିମ୍ବା ଅନ୍ୟାନ୍ୟ ମୋଟା ଶସ୍ୟ ଆଦି ସମସ୍ତ ପ୍ରକାର ଶସ୍ୟ, ଡାଲି, ପନିପରିବା, ଫଳ, ଛୁଇଁ, ମସଲା, ଆଖୁ, କୁକୁଡ଼ା ପାଳନ, ଘୁଷୁରି ପାଳନ, ଛେଳି ପାଳନ, ମତ୍ସ୍ୟଚାଷ ଏବଂ ଗୋପାଳନ ଓ ମନୁଷ୍ୟର ଖାଦ୍ୟ ପାଇଁ ପ୍ରାକୃତିକ କିମ୍ବା ପ୍ରକ୍ରିୟାକୃତ ରୂପରେ ଆସୁଥିବା ସମସ୍ତ ସାମଗ୍ରୀ ;

(୨) ପଶୁ ଖାଦ୍ୟ, ଯେଉଁଥିରେ ପିଡ଼ିଆ ଓ ଅନ୍ୟାନ୍ୟ ଦାନା ରହିଛି ;

(୩) କଞ୍ଚା କପା, ତାହା ଭିଣା ହୋଇଥାଉ କି ନ ଥାଉ ;

(୪) କପା ମଞ୍ଜି ଓ କଞ୍ଚା ଝୋଟ ;

(ଝ) 'ଫାର୍ମ' ଅର୍ଥ ଭାରତୀୟ ଭାଗୀଦାରି ଅଧିନିୟମ, ୧୯୩୨ର ଧାରା ୪ରେ ପରିଭାଷିତ ଫାର୍ମ ;

(ଞ) 'ଅନିବାର୍ଯ୍ୟ ବାଧତା' ଅର୍ଥ କୌଣସି ଅକଳ୍ପିତ ବାହ୍ୟ ଘଟଣା ଯେଉଁଥିରେ ବନ୍ୟା, ଅନାବୃଷ୍ଟି, ଖରାପ ପାଗ, ଭୂକମ୍ପ, ମହାମାରୀ, କୀଟପତଙ୍ଗ ଏବଂ ଏଭଳି ଅନ୍ୟାନ୍ୟ ଘଟଣା ଯାହା ଅପରିହାର୍ଯ୍ୟ ତଥା କୃଷି ଚୁକ୍ତିନାମା କରିଥିବା ପକ୍ଷମାନଙ୍କ ନିୟନ୍ତ୍ରଣ ବାହାରେ ;

(ଟ) 'ଅଧିସୂଚନା' ଅର୍ଥ ସରକାରୀ ଗେଜେଟରେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ଅଧିସୂଚନା, ଯଥାସ୍ଥିତି ଅଭିପ୍ରେତ ଏବଂ ଅଧିସୂଚିତ ପଦର ଅର୍ଥ ତଦନୁସାରେ କରାଯିବ ;

(ଠ) 'ବ୍ୟକ୍ତି' ଅନ୍ତର୍ଗତ ନିମ୍ନଲିଖିତ ଆସୁଛି–

(୧) କୌଣସି ବ୍ୟକ୍ତିବିଶେଷ ;

(୨) କୌଣସି ଅଂଶୀଦାର ଫାର୍ମ ;

(୩) କୌଣସି କମ୍ପାନୀ ;

(୪) କୌଣସି ସୀମିତ ଦାୟିତ୍ୱ ଭାଗୀଦାରି ;

(୫) କୌଣସି ସମବାୟ ସମିତି

(୬) କୌଣସି ସୋସାଇଟି ; କିମ୍ବା

(୭) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଦ୍ୱାରା ଚାଲୁଥିବା କୌଣସି କାର୍ଯ୍ୟକ୍ରମ ଅଧୀନରେ ସମୂହ ଭାବେ ସାମିଲ ହୋଇଥିବା ବା ସ୍ୱୀକୃତି ପାଇଥିବା କୌଣସି ସଂଗଠନ ବା ଗୋଷ୍ଠୀ।

(ଡ) 'ବିହିତ' ଅର୍ଥ ଅଧିନିୟମ ଅଧୀନରେ ଥିବା ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ;

(ଢ) 'ପଞ୍ଜୀକରଣ କର୍ତ୍ତୃପକ୍ଷ' ଅର୍ଥ ଧାରା ୧୨ରେ ରାଜ୍ୟ ସରକାରଙ୍କ ଦ୍ୱାରା ଏଭଳି ଅଧିସୂଚିତ ହୋଇଥିବା ଅଧିକାରୀ ;

(ଣ) 'ପ୍ରାୟୋଜକ' ଅର୍ଥ କୃଷି ଉତ୍ପାଦ କିଣିବା ପାଇଁ ଚାଷୀଙ୍କ ସହ କୃଷି ଚୁକ୍ତିନାମା କରିଥିବା ବ୍ୟକ୍ତି ;

(ତ) 'ରାଜ୍ୟ' ମଧ୍ୟରେ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ।

### ଅଧ୍ୟାୟ ୨
### କୃଷି ଚୁକ୍ତିନାମା

*କୃଷି ଚୁକ୍ତିନାମା ଓ ଏହାର ଅବଧି।*

**୩.** (୧) ଯେକୌଣସି କୃଷକ କୌଣସି କୃଷି ଉତ୍ପାଦ ସମ୍ବନ୍ଧରେ ଲିଖିତ କୃଷି ଚୁକ୍ତିନାମା କରିପାରିବେ ଓ ଏଭଳି ଚୁକ୍ତିନାମା ନିମ୍ନଲିଖିତ ପାଇଁ ଉପବନ୍ଧ ହୋଇପାରିବ–

(କ) ଏଭଳି ଉତ୍ପାଦ ଯୋଗାଣ ଲାଗି ନିୟମ ଓ ସର୍ତ୍ତାବଳୀ, ଯେଉଁଥିରେ ରହିଛି ଯୋଗାଣ ସମୟ, ଗୁଣବତ୍ତା, ଶ୍ରେଣୀ, ମାନକ, ମୂଲ୍ୟ ଓ ଅନ୍ୟାନ୍ୟ ବିଷୟ ; ଏବଂ

(ଖ) କୃଷି ସେବା ଯୋଗାଣ ସମ୍ପର୍କିତ ନିୟମାବଳୀ ;

ଏଭଳି କୃଷି ସେବା ପ୍ରଦାନ କରିବା ପାଇଁ ଯେକୌଣସି ଆଇନଗତ ଆବଶ୍ୟକତା ଅନୁପାଳନର ଦାୟିତ୍ୱ ଯଥାସ୍ଥିତି ପ୍ରାୟୋଜକ କିମ୍ବା କୃଷି ସେବା ପ୍ରଦାନକାରୀଙ୍କର ହେବ।

(୨) ଏହି ଧାରାରେ କୌଣସି କୃଷକଙ୍କ ଦ୍ୱାରା କୌଣସି ଚୁକ୍ତିନାମା ଶେୟାର କ୍ରପର ବା ଭାଗଚାଷୀଙ୍କ ଯେକୌଣସି ଅଧିକାର ଉଲ୍ଲଂଘନ କରିପାରିବେ ନାହିଁ।

**ସ୍ପଷ୍ଟୀକରଣ –** ଏହି ଉପଧାରାର ଉଦ୍ଦେଶ୍ୟ ପାଇଁ 'ଶେୟାର କ୍ରପର' ଅର୍ଥ ଚାଷୀ କିମ୍ବା କୃଷି ଜମି ଅକ୍ତିଆର କରିଥିବା ବ୍ୟକ୍ତି, ଯିଏ ଫସଲ ଉତ୍ପାଦନ ଲାଗି ଆନୁଷ୍ଠାନିକ କିମ୍ବା ଅଣଆନୁଷ୍ଠାନିକ ଭାବେ ଫସଲର ନିର୍ଦ୍ଦିଷ୍ଟ ଭାଗ ଦେବା ପାଇଁ ରାଜି ହୋଇଥିବେ କିମ୍ବା ନିର୍ଦ୍ଦିଷ୍ଟ ଅର୍ଥରାଶି ଜମି ମାଲିକଙ୍କୁ ପୈଠ କରିବା ଲାଗି ସହମତ ହୋଇଥିବେ।

(୩) କୃଷି ଚୁକ୍ତିନାମାର ସର୍ବନିମ୍ନ ଅବଧି ଯଥାସ୍ଥିତି ଗୋଟିଏ ଫସଲ ଋତୁ କିମ୍ବା ପ୍ରାଣୀ ପ୍ରଜନନର ଗୋଟିଏ ଜନନ ଚକ୍ରଣ ପାଇଁ ଏବଂ ସର୍ବାଧିକ ଅବଧି ୫ ବର୍ଷ ହେବ ;

ତେବେ କୌଣସି ଫସଲର ଉତ୍ପାଦନ ଚକ୍ରଣ ଦୀର୍ଘ ଓ ୫ ବର୍ଷରୁ ଅଧିକ ହୋଇଥିଲେ, ସେଭଳି କ୍ଷେତ୍ରରେ କୃଷି ଚୁକ୍ତିନାମାର ସର୍ବାଧିକ ଅବଧି କୃଷକ ଓ ପ୍ରାୟୋଜକଙ୍କ ମଧ୍ୟରେ ଆପୋସରେ ନିଷ୍ପତ୍ତି ହେବ ଏବଂ କୃଷି ଚୁକ୍ତିନାମାରେ ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ।

(୪) ଚାଷୀଙ୍କୁ ଲିଖିତ କୃଷି ଚୁକ୍ତିନାମା ପାଇଁ ସୁବିଧା କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏଭଳି ଭାବେ ଠିକ୍ ଅନୁଭବ କଲେ ଆଦର୍ଶ କୃଷି ରାଜିନାମା ସହ ଆବଶ୍ୟକ ଗାଇଡ୍‌ଲାଇନ ଜାରି କରିପାରନ୍ତି।

*କୃଷି ଉତ୍ପାଦର ଗୁଣବତ୍ତା, ଶ୍ରେଣୀ ଓ ମାନ।*

**୪.**(୧) କୃଷି ଚୁକ୍ତିନାମାରେ ପ୍ରବେଶ କରୁଥିବା ପକ୍ଷଗୁଡ଼ିକ ସେଥିରେ ଥିବା ଅନୁପାଳନଗୁଡ଼ିକର ପାଳନ ଲାଗି ସର୍ତ୍ତଭାବେ କୃଷି ଉତ୍ପାଦର ପାରସ୍ପରିକ ରୂପରେ ସ୍ୱୀକାର୍ଯ୍ୟ ଗୁଣବତ୍ତା, ଶ୍ରେଣୀ ଓ ମାନକ ଚିହ୍ନଟ ଆବଶ୍ୟକ କରିପାରନ୍ତି।

(୨) ଉପଧାରା(୧) ଉଦ୍ଦେଶ୍ୟରେ ପକ୍ଷଗୁଡ଼ିକ ଏଭଳି ଗୁଣବତ୍ତା, ଶ୍ରେଣୀ ଓ ମାନକୁ ଗ୍ରହଣ କରିପାରନ୍ତି–

(କ) ଯାହା କୃଷିବିଜ୍ଞାନ ପଦ୍ଧତି, କୃଷି ଜଳବାୟୁ ଓ ଏଭଳି ଅନ୍ୟ କାରକର ଅନୁରୂପ ; କିମ୍ବା

(ଖ) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ କୌଣସି ସଂସ୍ଥା କିମ୍ବା ଏହି ଉଦ୍ଦେଶ୍ୟରେ ଏଭଳି ସରକାରଙ୍କ ଦ୍ୱାରା ପ୍ରାଧିକୃତ କୌଣସି ସଂସ୍ଥା ଦ୍ୱାରା ପ୍ରସ୍ତୁତ ହୋଇଥିବ,

ଏବଂ ସେଭଳି ଗୁଣବତ୍ତା, ଶ୍ରେଣୀ ଓ ମାନକ କୃଷି ଚୁକ୍ତିନାମାରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ।

(୩) କୀଟନାଶକ ଅବଶିଷ୍ଟାଂଶର ଗୁଣବତ୍ତା, ଶ୍ରେଣୀ ଓ ମାନ, ଖାଦ୍ୟ ନିରାପତ୍ତା ମାନ, ଉତ୍ତମ କୃଷି ଅଭ୍ୟାସ ତଥା ଶ୍ରମ ଓ ସାମାଜିକ ବିକାଶ ମାନ ମଧ୍ୟ କୃଷି ଚୁକ୍ତିନାମାରେ ଗ୍ରହଣ କରାଯାଇପାରିବ।

(୪) କୃଷି ଚୁକ୍ତିନାମାରେ ଆସୁଥିବା ପକ୍ଷଗୁଡ଼ିକ ସର୍ତ୍ତାବଳୀ ଭାବେ ଆପୋସ ଗ୍ରହଣୀୟ ଗୁଣବତ୍ତା, ଶ୍ରେଣୀ ଓ ମାନ କୃଷି ପ୍ରକ୍ରିୟା କିମ୍ବା ପାଳନ ବେଳେ କିମ୍ବା କୃଷି ସାମଗ୍ରୀ ପ୍ରଦାନ ବେଳେ ପକ୍ଷପାତରହିତତା ଓ ନିଷ୍ପକ୍ଷତା ସୁନିଶ୍ଚିତ କରିବା ପାଇଁ ତୃତୀୟ ପକ୍ଷ ଦ୍ୱାରା ମନିଟରିଂ ଓ ପ୍ରମାଣିତ କରିବା ଚାହିଁ ପାରନ୍ତି।

*କୃଷି ଉତ୍ପାଦର ମୂଲ୍ୟ ଧାର୍ଯ୍ୟ।*

**୫.** କୃଷି ଉତ୍ପାଦ କ୍ରୟ ପାଇଁ ପୈଠ ହେବାକୁ ଥିବା ମୂଲ୍ୟ ସ୍ଥିର ହେବା ସହ କୃଷି ଚୁକ୍ତିନାମାରେ ଉଲ୍ଲେଖ କରାଯାଇପାରେ ଏବଂ ଏଭଳି ସ୍ଥିତିରେ ମୂଲ୍ୟରେ ଭିନ୍ନତା ରହିପାରେ, ଏପରି ଚୁକ୍ତିନାମାରେ ନିମ୍ନଲିଖିତ ପାଇଁ ସ୍ପଷ୍ଟ ଉପବନ୍ଧ କରାଯିବ–

(କ) ଏଭଳି ଉତ୍ପାଦ ପାଇଁ ଗ୍ୟାରେଣ୍ଟିଯୁକ୍ତ ମୂଲ୍ୟ ପୈଠ କରାଯିବ ;

(ଖ) ଗ୍ୟାରେଣ୍ଟିଯୁକ୍ତ ମୂଲ୍ୟପରେ କୌଣସି ଅତିରିକ୍ତ ପରିମାଣ ପାଇଁ ବୋନସ କିମ୍ବା ପ୍ରିମିୟମ ସହ ସ୍ପଷ୍ଟ ମୂଲ୍ୟ ଉଲ୍ଲେଖ କରାଯିବ, ଯାହାଦ୍ୱାରା କୃଷକଙ୍କୁ ସବୁଠୁ ଭଲ ମୂଲ୍ୟ ମିଳିପାରିବ ଏବଂ ଏଭଳି ମୂଲ୍ୟ ଅନୁମୋଦନକୁ ନିର୍ଦ୍ଦିଷ୍ଟ ଏପିଏମ୍‌ସି ୟାର୍ଡରେ ପ୍ରଚଳିତ ମୂଲ୍ୟ ସହ ଲିଙ୍କ୍ କରାଯାଇପାରେ ଅଥବା ଇଲେକ୍ଟ୍ରୋନିକ୍ ଟ୍ରେଡିଂ ଓ ଟ୍ରାଞ୍ଜାକ୍‌ଶନ ପ୍ଲାଟଫର୍ମ କିମ୍ବା ଅନ୍ୟ କୌଣସି ଉପଯୁକ୍ତ ବେଞ୍ଚମାର୍କ ମୂଲ୍ୟରେ ଲିଙ୍କ୍ କରାଯାଇପାରେ:

ପରନ୍ତୁ ଏଭଳି ମୂଲ୍ୟ ବା ଗ୍ୟାରେଣ୍ଟିଯୁକ୍ତ ମୂଲ୍ୟ କିମ୍ବା ଅତିରିକ୍ତ ପରିମାଣ ନିର୍ଦ୍ଧାରଣ ପଦ୍ଧତିକୁ କୃଷି ଚୁକ୍ତିନାମା ସହ ସଂଯୋଗ କରାଯିବ।

*କୃଷି ଉତ୍ପାଦର ବିକ୍ରୟ କିମ୍ବା କ୍ରୟ।*

**୬.**(୧) ଯେଉଁଠି କୃଷି ଚୁକ୍ତିନାମା ଅଧୀନରେ ଯେକୌଣସି କୃଷିଜାତ ସାମଗ୍ରୀର ହସ୍ତାନ୍ତର –

(କ) ପ୍ରାୟୋଜକ ଫାର୍ମ ଦ୍ୱାରରୁ କୃଷି ସାମଗ୍ରୀ ସଂଗ୍ରହ କରିବେ, ଚୁକ୍ତିନାମା ହୋଇଥିବା ଅବଧି ମଧ୍ୟରେ ସେ ଏଭଳି ଡେଲିଭରି ନେବେ।

(ଖ) କୃଷକଙ୍କ ଦ୍ୱାରା ପ୍ରଭାବିତ ହୋଇ ଠିକ୍ ସମୟରେ ଏଭଳି ଡେଲିଭରି ଗ୍ରହଣ କରିବା ଲାଗି ସମସ୍ତ ପ୍ରସ୍ତୁତି ସୁନିଶ୍ଚିତ କରିବା ପ୍ରାୟୋଜକଙ୍କ ଦାୟିତ୍ୱ ହେବ।

(୨) କୌଣସି କୃଷି ଉତ୍ପାଦ ଡେଲିଭରି ଗ୍ରହଣ କରିବା ପୂର୍ବରୁ ପ୍ରାୟୋଜକ ଏହାର ମାନ କିମ୍ବା କୃଷି ଚୁକ୍ତିନାମାରେ ଥିବା ଅନ୍ୟ ବୈଶିଷ୍ଟ୍ୟ ଯାଞ୍ଚ କରିପାରନ୍ତି, ଅନ୍ୟଥା ସେ ଉକ୍ତ ସାମଗ୍ରୀ ଅନୁଧ୍ୟାନ କରିଥିବା ବୁଝାଯିବ ଏବଂ ଡେଲିଭରି ସମୟରେ କିମ୍ବା ଏହା ପରେ ଉକ୍ତ ଉତ୍ପାଦକୁ ଫେରାଇବା ଅଧିକାର ରହିବ ନାହିଁ।

(୩) ପ୍ରାୟୋଜକ,–

(କ) ଯେଉଁଠି କୃଷି ଚୁକ୍ତିନାମା ବିହନ ଉତ୍ପାଦନ ସହ ସମ୍ପୃକ୍ତ, ସେଠାରେ ସହମତି ମୂଲ୍ୟର ଅନ୍ୟୂନ ଦୁଇତୃତୀୟାଂଶ ଡେଲିଭରି ସମୟରେ ପୈଠ କରିବେ ଏବଂ ଅବଶିଷ୍ଟ ପ୍ରାପ୍ୟ ଉପଯୁକ୍ତ ପ୍ରମାଣନ ପରେ ପ୍ରଦାନ କରିବେ, କିନ୍ତୁ ଏହା ଡେଲିଭରି ଦିନଠାରୁ ୩୦ ଦିନରୁ ଅଧିକ ହେବନାହିଁ ;

(ଖ) ଅନ୍ୟ ମାମଲାରେ କୃଷି ଉତ୍ପାଦର ଡେଲିଭରି ଗ୍ରହଣ କରିବା ସମୟରେ ଚୁକ୍ତି ଅନୁଯାୟୀ ମୂଲ୍ୟ ପୈଠ କରିବେ ଏବଂ ବିକ୍ରି ପ୍ରକ୍ରିୟାର ସବିଶେଷ ବିବରଣୀ ସହ ପ୍ରାପ୍ତି ପର୍ଚ୍ଚା ଜାରି କରିବେ।

(୪) ରାଜ୍ୟ ସରକାର ଏଭଳି ପ୍ରଣାଳୀ ଓ ଉପାୟ ଧାର୍ଯ୍ୟ କରିପାରିବେ, ଯେଉଁଥିରେ କୃଷକଙ୍କୁ ଉପଧାରା(୩)ରେ ମୂଲ୍ୟ ପୈଠ କରାଯିବ।

*କୃଷି ଉତ୍ପାଦ ସମ୍ପର୍କିତ ଛାଡ଼।*

**୭.**(୧) ଏହି ଅଧିନିୟମ ଅଧୀନ କୌଣସି କୃଷି ଉତ୍ପାଦ ସମ୍ବନ୍ଧରେ କୃଷି ଚୁକ୍ତିନାମା କରାଯାଇଥିଲେ, ଏଭଳି ଉତ୍ପାଦ କୌଣସି ରାଜ୍ୟ ଦ୍ୱାରା କୃଷି ଉତ୍ପାଦନ ଖର୍ଦ୍ଦି ବିକ୍ରି ନିୟନ୍ତ୍ରଣ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ଅଧିନିୟମରୁ ମୁକ୍ତ ରହିବ, ଉକ୍ତ ଅଧିନିୟମ ଯେଉଁ ନାମରେ ନାମିତ ହୋଇଥାଉ ନା କାହିଁକି।

(୨) ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ରେ କିମ୍ବା ଏହା ଅଧୀନରେ ଜାରି ହୋଇଥିବା କୌଣସି ନିୟନ୍ତ୍ରଣ ଆଦେଶରେ ଅଥବା ସେହି ସମୟରେ ପ୍ରବର୍ତ୍ତିତ ଅନ୍ୟ କୌଣସି ନିୟମରେ ଷ୍ଟକ୍ ସୀମାକୁ ନେଇ କୌଣସି ବାଧ୍ୟତା କୃଷି ଉତ୍ପାଦର ପରିମାଣ ଉପରେ ଲାଗୁ ହେବନାହିଁ, ଯାହା ଏହି ଅଧିନିୟମ ଅନୁଯାୟୀ କରାଯାଇଥିବା କୃଷି ଚୁକ୍ତିନାମା ଅଧୀନରେ କ୍ରୟ ହୋଇଥିବ।

**୮. ନିମ୍ନଲିଖିତ ଉଦ୍ଦେଶ୍ୟ ପାଇଁ କୃଷି ଚୁକ୍ତିନାମା କରାଯିବ ନାହିଁ–**

(କ) କୃଷକଙ୍କ ଜମି କିମ୍ବା ପରିସରର ବିକ୍ରି, ଲିଜ୍, ବନ୍ଧକ ସମେତ କୌଣସି ସ୍ଥାନାନ୍ତର ; କିମ୍ବା

(ଖ) କୃଷକଙ୍କ ଜମି କିମ୍ବା ପରିସର ଉପରେ କୌଣସି ସ୍ଥାୟୀ ନିର୍ମାଣ କିମ୍ବା ପରିବର୍ତ୍ତନ , ଯେପର୍ଯ୍ୟନ୍ତ ପ୍ରାୟୋଜକ ଚୁକ୍ତିନାମା ଅବଧି ଶେଷରେ କିମ୍ବା ଚୁକ୍ତିନାମା ଅବଧି ପୂରଣ ହେବା ପରେ ନିଜ ଖର୍ଚ୍ଚରେ ଉକ୍ତ ଢାଞ୍ଚା ହଟାଇବା କିମ୍ବା ଜମିର ମୂଳ ସ୍ଥିତି ଫେରାଇ ଆଣିବା ପାଇଁ ରାଜି ହୋଇ ନ ଥିବେ:

*କୃଷକଙ୍କ ଜମି ବା ପରିସରର ମାଲିକାନା ଅଧିକାର ହାସଲ କିମ୍ବା ସେଥିରେ ସ୍ଥାୟୀ ଭାବେ କୌଣସି ପରିବର୍ତ୍ତନ କରିବାକୁ ପ୍ରାୟୋଜକଙ୍କୁ ନିଷିଦ୍ଧ କରାଯାଇଛି।*

ପରନ୍ତୁ ଯେଉଁଠି ଏଭଳି ଢାଞ୍ଚା ପ୍ରାୟୋଜକଙ୍କ ସହମତି କ୍ରମେ ହଟାଯାଇ ନ ଥିବ, ସେହି ଢାଞ୍ଚାର ମାଲିକାନା ଚୁକ୍ତିନାମା ଅବଧି ଶେଷରେ କିମ୍ବା ଚୁକ୍ତିନାମା ଅବଧି ପୂରଣ ହେବା ପରେ କୃଷକଙ୍କୁ ପ୍ରଦାନ କରାଯିବ।

*ବୀମା କିମ୍ବା ଋଣ ସହ କୃଷି ଚୁକ୍ତିନାମାର ସଂଯୋଗ।*

**୯.** କୌଣସି କୃଷି ଚୁକ୍ତିନାମାକୁ, କୃଷକ କିମ୍ବା ପ୍ରାୟୋଜକ ଅଥବା ଉଭୟଙ୍କ କ୍ଷତିକୁ କମ୍ କରିବା ଓ ଋଣ ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ବା କୌଣସି ଆର୍ଥିକ ସେବା ପ୍ରଦାନକାରୀଙ୍କ କୌଣସି ସ୍କିମ୍ ଅଧୀନରେ ବୀମା ବା ଋଣ ଦସ୍ତାବିଜ୍ ସହ ଯୋଡ଼ାଯାଇପାରିବ।

*କୃଷି ଚୁକ୍ତିନାମାର ଅନ୍ୟ ପକ୍ଷ।*

**୧୦.** ଅଧିନିୟମରେ ଅନ୍ୟଥା ଉପବନ୍ଧିତ କୌଣସି ସଂଗ୍ରାହକ ବା କୃଷି ସେବା ପ୍ରଦାନାକାରୀ କୃଷି ଚୁକ୍ତିନାମାର ପକ୍ଷ ହୋଇପାରନ୍ତି, ଏଭଳି କ୍ଷେତ୍ରରେ ଉକ୍ତ ସଂଗ୍ରାହକ ବା କୃଷି ସେବା ପ୍ରଦାନକାରୀଙ୍କ ଭୂମିକା ଓ ସେବା କୃଷି ଚୁକ୍ତିନାମାରେ ସ୍ପଷ୍ଟ ଉଲ୍ଲେଖ କରାଯିବ।

(୧) 'ସଂଗ୍ରାହକ' ହେଉଛନ୍ତି କୃଷକ ଉତ୍ପାଦକ ସଂଗଠନ ସମେତ ଯେକୌଣସି ବ୍ୟକ୍ତି ଯିଏ କୃଷକ କିମ୍ବା କୃଷକ ସମୂହ ଓ ପ୍ରାୟୋଜକଙ୍କ ମଧ୍ୟରେ ମଧ୍ୟସ୍ଥ ଭାବେ କାର୍ଯ୍ୟ କରନ୍ତି ଏବଂ ଉଭୟଙ୍କୁ ସଂଗ୍ରହ ସମ୍ପର୍କିତ ସେବା ପ୍ରଦାନ କରିଥାନ୍ତି।

(୨) 'କୃଷି ସେବା ପ୍ରଦାନକାରୀ' ହେଉଛନ୍ତି କୌଣସି ବ୍ୟକ୍ତି ଯିଏ କୃଷି ସେବା ପ୍ରଦାନ କରିଥାନ୍ତି।

*କୃଷି ଚୁକ୍ତିନାମାର ପରିବର୍ତ୍ତନ କିମ୍ବା ସମାପନ।*

**୧୧.** କୃଷି ଚୁକ୍ତିନାମାରେ ପ୍ରବେଶ ପରବର୍ତ୍ତୀ ଯେକୌଣସି ସମୟରେ, ଚୁକ୍ତିନାମାର ପକ୍ଷଗୁଡ଼ିକ ଆପୋସ ବୁଝାମଣାରେ କୌଣସି ଯୁକ୍ତିସଙ୍ଗତ କାରଣ ପାଇଁ ଚୁକ୍ତିନାମାକୁ ପରିବର୍ତ୍ତନ କିମ୍ବା ରଦ୍ଦ କରିପାରନ୍ତି।

*ପଞ୍ଜୀକରଣ କର୍ତ୍ତୃପକ୍ଷ ସ୍ଥାପନ।*

**୧୨.**(୧) କୌଣସି ରାଜ୍ୟ ସରକାର ଉକ୍ତ ରାଜ୍ୟ ପାଇଁ ଇଲେକ୍ଟ୍ରୋନିକ୍ ପଞ୍ଜୀକରଣ ଉପଲବ୍ଧ କରାଇବା ନିମନ୍ତେ କୌଣସି ରେଜିଷ୍ଟ୍ରିକୃତ ପ୍ରାଧିକାରୀଙ୍କୁ ଅଧିସୂଚିତ କରିପାରନ୍ତି, ଯିଏ କୃଷି ଚୁକ୍ତିନାମା ପଞ୍ଜୀକରଣ ରୂପରେଖକୁ ସହଜ କରାଇଥାନ୍ତି।

(୨) ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ଗଠନ, ସଂରଚନା, କ୍ଷମତା ଓ କାର୍ଯ୍ୟ ତଥା ପଞ୍ଜୀକରଣ ପ୍ରକ୍ରିୟା ଏଭଳି ହେବ ଯାହା ରାଜ୍ୟ ସରକାର ସ୍ଥିର କରିବେ।

### ଅଧ୍ୟାୟ ୩
### ବିବାଦ ସମାଧାନ

*ବିବାଦ ସମାଧାନ ପାଇଁ ବୁଝାମଣା ବୋର୍ଡ।*

**୧୩.** (୧) ପ୍ରତ୍ୟେକ କୃଷି ଚୁକ୍ତିନାମାରେ ଏହାର ପକ୍ଷଗୁଡ଼ିକର ପ୍ରତିନିଧି ବିବାଦ ସମାଧାନ ପାଇଁ ମିଳିତ ଭାବେ ସମାଧାନ ବୋର୍ଡ ଗଠନ କରିବା ବ୍ୟବସ୍ଥା ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ:

ଏଭଳି ସମାଧାନ ବୋର୍ଡରେ ପକ୍ଷଗୁଡ଼ିକର ପ୍ରତିନିଧିତ୍ୱ ଉଚିତ ଓ ସନ୍ତୁଳିତ ହେବ।

(୨) କୌଣସି କୃଷି ଚୁକ୍ତିନାମାରେ ବିବାଦ ଦେଖାଦେଲେ, ପ୍ରଥମେ ତାହାକୁ ଚୁକ୍ତିନାମାର ବ୍ୟବସ୍ଥା ଦ୍ୱାରା ଗଠିତ ସମାଧାନ ବୋର୍ଡକୁ ପଠାଯିବ ଏବଂ ବିବାଦ ସମାଧାନ ଲାଗି ଉକ୍ତ ବୋର୍ଡ ଦ୍ୱାରା ପ୍ରତ୍ୟେକ ପ୍ରୟାସ କରାଯିବ।

(୩) ଯେଉଁଠି କୌଣସି ବିବାଦକୁ ନେଇ ବୁଝାମଣା ପ୍ରକ୍ରିୟାରେ ସମାଧାନ ସୂତ୍ର ବାହାରେ, ସେଠାରେ ସେହି ଅନୁଯାୟୀ ସମାଧାନ ପତ୍ର ପ୍ରସ୍ତୁତ କରାଯିବ ଓ ସେଥିରେ ପକ୍ଷଗୁଡ଼ିକ ସ୍ୱାକ୍ଷର କରିବେ ଏବଂ ଉକ୍ତ ସମାଧାନକୁ ସମସ୍ତ ପକ୍ଷ ମାନିବାକୁ ବାଧ୍ୟ ହେବେ।

*ବିବାଦ ସମାଧାନ ବ୍ୟବସ୍ଥା।*

**୧୪.**(୧) ଯେଉଁଠି କୃଷି ଚୁକ୍ତିନାମାରେ ଧାରା ୧୩ର ଉପଧାରା(୧) ଅନୁଯାୟୀ ଆବଶ୍ୟକ ସମାଧାନ ପ୍ରକ୍ରିୟାର ବ୍ୟବସ୍ଥା ହୋଇ ନ ଥିବ, କିମ୍ବା କୃଷି ଚୁକ୍ତିନାମାର ପକ୍ଷଗୁଡ଼ିକ ଉକ୍ତ ଧାରାରେ ୩୦ ଦିନ ସମୟ ମଧ୍ୟରେ ବିବାଦ ସମାଧାନ କରିବାରେ ବିଫଳ ହୋଇଥିବେ, ସେଠାରେ କୌଣସି ଏକ ପକ୍ଷ ବିବାଦ ସମାଧାନ ଲାଗି ସମ୍ବନ୍ଧିତ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇପାରିବେ, ଯିଏ କି କୃଷି ଚୁକ୍ତିନାମାରେ ବିବାଦ ସମାଧାନ ଲାଗି ଉପଖଣ୍ଡୀୟ କର୍ତ୍ତୃପକ୍ଷ।

(୨) ଉପଧାରା (୧)ରେ ବିବାଦ ଗ୍ରହଣ କରିବା ପରେ ଉପଖଣ୍ଡ କର୍ତ୍ତୃପକ୍ଷ,–

(କ) ଯଦି କୃଷି ଚୁକ୍ତିନାମାରେ ବୁଝାମଣା ପ୍ରକ୍ରିୟା ପାଇଁ ବ୍ୟବସ୍ଥା ନ ଥିବ, ତେବେ ସେହି ବିବାଦର ସମାଧାନ ପାଇଁ ବୁଝାମଣା ବୋର୍ଡ ଗଠନ କରିପାରିବେ ; କିମ୍ବା

(ଖ) ଯଦି ପକ୍ଷଗୁଡ଼ିକ ବୁଝାମଣା ପ୍ରକ୍ରିୟା ମାଧ୍ୟମରେ ବିବାଦ ସମାଧାନରେ ବିଫଳ ହୁଅନ୍ତି, ତେବେ ସେମାନଙ୍କୁ ଶୁଣାଣିର ଯୁକ୍ତିଯୁକ୍ତ ସମୟ ପ୍ରଦାନ କରିବା ପରେ ଏଭଳି ବିବାଦ ପାଇଥିବା ତାରିଖର ୩୦ ଦିନ ମଧ୍ୟରେ ସଂକ୍ଷିପ୍ତ ଉପାୟରେ ବିବାଦର ବିଚାର କରିପାରିବେ ଏବଂ ବିବାଦର ଅନ୍ତର୍ଭୁକ୍ତ ଥିବା ରାଶି ଜରିମାନା ଓ ସୁଧ ସହିତ ଆଦାୟ ପାଇଁ ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ନିର୍ଦ୍ଦେଶ ଦେଇପାରିବେ, ଅର୍ଥାତ୍–

(୧) ଯଦି ପ୍ରାୟୋଜକ କୃଷକଙ୍କୁ ତାଙ୍କ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି, ଏଭଳି କ୍ଷେତ୍ରରେ ଜରିମାନା ଦେୟ ରାଶିର ଦେଢ଼ଗୁଣ ହୋଇପାରିବ ;

(୨) କୃଷିଚୁକ୍ତିନାମାନିୟମଅନୁଯାୟୀଯେଉଁଠିକୌଣସିଅଗ୍ରିମଦେୟକିମ୍ବାଇନ୍‌ପୁଟ୍ ଖର୍ଚ୍ଚ ବାବଦରେ କୃଷକଙ୍କଠାରୁ ପ୍ରାୟୋଜକ ଅର୍ଥ ପାଇବାକୁ ଥିବ, ସେହି ଦେୟ ପରିମାଣ ପ୍ରାୟୋଜକ ଦ୍ୱାରା ଦିଆଯାଇଥିବା ପ୍ରକୃତ ଖର୍ଚ୍ଚଠାରୁ ଅଧିକ ହେବ ନାହିଁ ;

(୩) ଯେଉଁଠି ବିବାଦୀୟ କୃଷି ଚୁକ୍ତିନାମା ଅଧିନିୟମ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବ, କିମ୍ବା କୃଷକ ଦ୍ୱାରା ଅନିବାର୍ଯ୍ୟ ବାଧତା କାରଣରୁ ଖିଲାପ ହୋଇଥିବ, ତେବେ କୃଷକଙ୍କ ବିରୋଧରେ ଅର୍ଥ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ।

(୩) ଉକ୍ତ ଧାରାରେ ଉପଖଣ୍ଡୀୟ କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ ଆଦେଶର ପ୍ରଭାବ ସିଭିଲ୍ କୋର୍ଟ ରାୟ ଅନୁରୂପ ଏବଂ ଦେୱାନୀ ସଂହିତା (ସିଭିଲ୍ ପ୍ରୋସିଜୁଅର କୋର୍ଡ) , ୧୯୦୮ ଅଧୀନ କୌଣସି ଡିକ୍ରି ଭଳି କାର୍ଯ୍ୟକାରୀ ହେବ, ଯଦି ଉପଧାରା (୪)ରେ ଅପିଲ୍ କରା ନ ଯାଏ।

(୪) ଯଦି କୌଣସି ପକ୍ଷ ଉପଖଣ୍ଡୀୟ କର୍ତ୍ତୃପକ୍ଷଙ୍କ ରାୟରେ ବ୍ୟଥିତ ହୁଅନ୍ତି, ତେବେ ରାୟର ୩୦ ଦିନ ମଧ୍ୟରେ ସେ ଆପିଲେଟ୍ କର୍ତ୍ତୃପକ୍ଷଙ୍କଠାରେ ଅପିଲ୍ କରିପାରିବେ, ଯେଉଁଥିରେ ଜିଲାପାଳ କିମ୍ବା ତାଙ୍କ ଦ୍ୱାରା ମନୋନୀତ ଅତିରିକ୍ତ ଜିଲାପାଳ ଅଧ୍ୟକ୍ଷତା କରିପାରିବେ।

(୫) ଆପିଲେଟ କର୍ତ୍ତୃପକ୍ଷ ୩୦ ଦିନ ମଧ୍ୟରେ ଆବେଦନର ସମାଧାନ କରିବେ।

(୬) ଏହି ଧାରା ଅଧୀନରେ ଆପିଲେଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାସ୍ ହୋଇଥିବା ପ୍ରତ୍ୟେକ ଆଦେଶର କ୍ଷମତା ସିଭିଲ୍ ଅଦାଲତ ଡିକ୍ରି ସହ ସମାନ ଓ ସିଭିଲ୍ ପ୍ରକ୍ରିୟା ସଂହିତା, ୧୯୦୮ ଅଧୀନ କୌଣସି ଡିକ୍ରି ଭଳି ହୋଇଥାଏ।

(୭) ଉପଖଣ୍ଡୀୟ କର୍ତ୍ତୃପକ୍ଷ କିମ୍ବା ଆପିଲେଟ୍ କର୍ତ୍ତୃପକ୍ଷଙ୍କ ପ୍ରଦତ୍ତ ରାୟ ଅନୁଯାୟୀ ଅର୍ଥରାଶି ଭୂ ରାଜସ୍ୱ ବକେୟା ଭାବେ ଆଦାୟ କରାଯାଇପାରେ।

(୮) ଏହି ଧାରାରେ ଉପଖଣ୍ଡୀୟ କର୍ତ୍ତୃପକ୍ଷ କିମ୍ବା ଆପିଲେଟ୍ କର୍ତ୍ତୃପକ୍ଷଙ୍କ ପାଖରେ, ବିବାଦର ବିଚାର କଲାବେଳେ ଶପଥ ସହ ସାକ୍ଷ୍ୟ ଗ୍ରହଣ, ସାକ୍ଷୀମାନଙ୍କୁ ହାଜିର କରାଇବା, ଦସ୍ତାବିଜ୍ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଜିନିଷଗୁଡ଼ିକର ଅନ୍ୱେଷଣ ଓ ଦାଖଲ କରାଇବା ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ତଥା ଏଭଳି ଅନ୍ୟ ଉଦ୍ଦେଶ୍ୟଗୁଡ଼ିକ ପାଇଁ ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବ, ସିଭିଲ୍ ଅଦାଲତର ସମସ୍ତ କ୍ଷମତା ରହିବ।

(୯) ଉପଖଣ୍ଡ କର୍ତ୍ତୃପକ୍ଷଙ୍କଠାରେ କୌଣସି ପିଟିଶନ ବା ଆବେଦନ ଓ ଆପିଲେଟ୍ କର୍ତ୍ତୃପକ୍ଷଙ୍କ ଆଗରେ ଅପିଲ୍ ଫାଇଲ୍ କରିବାର ରୀତି ଓ ପ୍ରକ୍ରିୟା ଏଭଳି ହେବ ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବ।

*ଦେୟ ଆଦାୟ ଲାଗି କୃଷକଙ୍କ ଜମି ଉପରେ କାର୍ଯ୍ୟାନୁଷ୍ଠାନ ହେବନି।*

**୧୫.** ଧାରା ୧୪ରେ କୌଣସି ବିଷୟ ରହିଥିବା ସତ୍ତ୍ୱେ, ଏହି ଧାରା ଅଧୀନରେ ଗୃହୀତ ହୋଇଥିବା କୌଣସି ଆଦେଶର ଅନୁସରଣରେ କୌଣସି ଅର୍ଥରାଶି ଆଦାୟ ପାଇଁ କୃଷକଙ୍କ ଚାଷଜମି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ନାହିଁ।

### ଅଧ୍ୟାୟ ୪
### ବିବିଧ

*କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଦେବା କ୍ଷମତା।*

**୧୬.** କେନ୍ଦ୍ର ସରକାର ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ମନେକଲେ ବିଭିନ୍ନ ସମୟରେ ରାଜ୍ୟ ସରକାରମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇପାରିବେ ଏବଂ ରାଜ୍ୟ ସରକାର ସେହି ନିର୍ଦ୍ଦେଶକୁ ଅନୁପାଳନ କରିବେ।

*ଅଧିନିୟମରେ ଅଧିକାରୀମାନେ ଜନସେବକ।*

**୧୭.** ଏହି ଅଧିନିୟମ ଅଧୀନରେ ଗଠିତ କିମ୍ବା ନିର୍ଦ୍ଧାରିତ ପଞ୍ଜୀକରଣ ଅଧିକାରୀ, ଉପଖଣ୍ଡୀୟ କର୍ତ୍ତୃପକ୍ଷ ଓ ଆପିଲେଟ୍ ପ୍ରାଧିକାରୀଙ୍କ ସମେତ ସମସ୍ତ କର୍ତ୍ତୃପକ୍ଷ ଭାରତୀୟ ଦଣ୍ଡ ସଂହିତାର ଧାରା ୨୧ ଅର୍ଥାନ୍ତର୍ଗତ ଜନ ସେବକ ବୁଝାଯିବ।

*ସଦ୍‌ଭାବରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା।*

**୧୮.** ଉକ୍ତ ଅଧିନିୟମ କିମ୍ବା ଏହା ଅଧୀନରେ ଥିବା କୌଣସି ନିୟମ ଅନୁଯାୟୀ ସଦ୍‌ଭାବପୂର୍ବକ କରାଯାଇଥିବା ବା କରାଯିବାକୁ ଥିବା କୌଣସି ବିଷୟ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର, ପଞ୍ଜୀକରଣ ଅଧିକାରୀ, ଉପଖଣ୍ଡ ଅଧିକାରୀ, ଆପିଲେଟ୍ ଅଧିକାରୀ ଅଥବା ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୋଧରେ କୌଣସି ମାମଲା ବା ଆଇନଗତ ପ୍ରକ୍ରିୟା ଅଣାଯାଇପାରିବ ନାହିଁ।

*ସିଭିଲ ଅଦାଲତର ଅଧିକାରିତାକୁ ବାଦ୍।*

**୧୯.** କୌଣସି ସିଭିଲ୍ ଅଦାଲତ ଏଭଳି କୌଣସି ବିବାଦ ଉପରେ ମାମଲା ବା ଆଇନଗତ ପ୍ରକ୍ରିୟା ଗ୍ରହଣ ଅଧିକାର ନାହିଁ, ଯାହା ଉପଖଣ୍ଡ ଅଧିକାରୀ କିମ୍ବା ଆପିଲେଟ୍ କର୍ତ୍ତୃପକ୍ଷଙ୍କୁ ବିଚାର କରିବା ପାଇଁ ଉକ୍ତ ଆଇନରେ କ୍ଷମତା ଦିଆଯାଇଛି ଏବଂ ଏହି ଅଧିନିୟମ ଓ ଏହା ଅଧୀନରେ ପ୍ରସ୍ତୁତ ନିୟମ ଦ୍ୱାରା କିମ୍ବା ପ୍ରଦତ୍ତ କୌଣସି କ୍ଷମତାର ଅନୁସରଣରେ କରାଯାଇଥିବା ବା ହେବାକୁ ଥିବା କୌଣସି କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କୌଣସି ଅଦାଲତ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ନିଷେଧାଜ୍ଞା ଜାରି କରାଯିବ ନାହିଁ।

*ଅଧିନିୟମର ଅଧ୍ୟାରୋହୀ ପ୍ରଭାବ ରହିବ।*

**୨୦.** ଉକ୍ତ ଅଧିନିୟମର ଉପବନ୍ଧ, ତତ୍‌ସମୟ କାର୍ଯ୍ୟକାରୀ କୌଣସି ରାଜ୍ୟ ଆଇନରେ ଅଥବା ଏହିଅଧିନିୟମ ବ୍ୟତୀତ କୌଣସି ଏପରିଆଇନ ଯୋଗୁପ୍ରଚଳିତ କୌଣସି ଲିଖିତରେ କିଛିଅସଙ୍ଗତ ବିଷୟ ଥିବା ସତ୍ତ୍ୱେ ଲାଗୁହେବ:

କିନ୍ତୁ ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ସେହି ସମୟରେ ପ୍ରଚଳିତ କୌଣସି ରାଜ୍ୟ ଆଇନ ବା ତତ୍‌ଅଧୀନ ପ୍ରଣୀତ କୌଣସି ନିୟମ ଅଧୀନରେ କରାଯାଇଥିବା କୃଷି ଚୁକ୍ତିନାମା ଅଥବା ଏପରି ଚୁକ୍ତିର ଅବଧି ପାଇଁ ବୈଧ ଭାବେ ମାନ୍ୟ ହୋଇପାରିବ।

*ଅଧିନିୟମ ଷ୍ଟକ୍ ଏକ୍ସଚେଞ୍ଜ ଓ କ୍ଲିୟରିଂ କର୍ପୋରେଶନ ପାଇଁ ଲାଗୁ ହେବନି।*

**୨୧.** ଉକ୍ତ ଅଧିନିୟମରେ ଥିବା କୌଣସି ବିଷୟ ସିକ୍ୟୁରିଟିଜ୍ କଣ୍ଟ୍ରାକ୍ଟସ୍ (ନିୟନ୍ତ୍ରଣ) ଅଧିନିୟମ, ୧୯୫୬ ଏବଂ ଏହା ଅଧୀନ ମାନ୍ୟତାପ୍ରାପ୍ତ ଷ୍ଟକ୍ ଏକ୍ସଚେଞ୍ଜ ଏବଂ କ୍ଲିୟରିଂ କର୍ପୋରେଶନଗୁଡ଼ିକ ପାଇଁ ତଥା ଏଥିରେ କରାଯାଇଥିବା କାରବାର ପାଇଁ ଲାଗୁ ହେବ ନାହିଁ।

*କେନ୍ଦ୍ର ସରକାରଙ୍କର ନିୟମ ପ୍ରଣୟନ କ୍ଷମତା।*

**୨୨.** (୧) କେନ୍ଦ୍ର ସରକାର ଏହି ଅଧିନିୟମର ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସରକାରୀ ଗେଜେଟ୍‌ରେ ଅଧିସୂଚନା ଦେଇ ନିୟମାବଳୀ ପ୍ରସ୍ତୁତ କରିପାରିବେ।

(୨) ବିଶେଷତଃ ତଥା ପୂର୍ବଗାମୀ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ, ଏଭଳି ନିୟମରେ ନିମ୍ନଲିଖିତ ସମସ୍ତ କିମ୍ବା କେତେକ ବିଷୟ ପାଇଁ ନିୟମ କରାଯାଇପାରିବ, ଅର୍ଥାତ୍ :–

(କ) ଅନ୍ୟ ପ୍ରୟୋଜନ ଯେଉଁଥିପାଇଁ ଉପଖଣ୍ଡ ଅଧିକାରୀ ବା ଆପିଲେଟ୍ କର୍ତ୍ତୃପକ୍ଷଙ୍କ ପାଖରେ ଧାରା ୧୪ର ଉପଧାରା (୮) ଅଧୀନରେ ସିଭିଲ୍ ଅଦାଲତର କ୍ଷମତା ରହିବ ;

(ଖ) ଧାରା ୧୪ର ଉପଧାରା (୯) ଅଧୀନରେ ଉପଖଣ୍ଡ ଅଧିକାରୀଙ୍କ ପାଖରେ ପିଟିଶନ ବା ଆବେଦନ ତଥା ଆପିଲେଟ୍ କର୍ତ୍ତୃପକ୍ଷଙ୍କ ପାଖରେ ଅପିଲ୍ ଫାଇଲ୍ କରିବା ରୀତି ଓ ପ୍ରକ୍ରିୟା ;

(ଗ) ଅନ୍ୟ କୌଣସି ବିଷୟ, ଯାହା ନିର୍ଦ୍ଧାରିତ କରାଯିବ କିମ୍ବା କରାଯାଇପାରିବ ଅଥବା ଯେଉଁ ବାବଦରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମ ଦ୍ୱାରା ବ୍ୟବସ୍ଥା ପ୍ରସ୍ତୁତ କରାଯିବ।

(୩) କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଅଧିନିୟମ ଅଧୀନରେ ପ୍ରଣୟନ ହୋଇଥିବା ପ୍ରତ୍ୟେକ ନିୟମ ପ୍ରସ୍ତୁତ ହେବା ପରେ ଯଥାଶୀଘ୍ର ସଂସଦର ପ୍ରତି ସଦନ ସମ୍ମୁଖରେ, ଯେତେବେଳେ ଅଧିବେଶନ ଚାଲିଥିବ, ମୋଟ ୩୦ ଦିନ ଅବଧି ପାଇଁ ରଖାଯିବ, ଯାହା ଗୋଟିଏ ଅଧିବେଶନ କିମ୍ବା ଦୁଇ ବା ଅଧିକ କ୍ରମାଗତ ଅଧିବେଶନରେ ପୂରା ହୋଇପାରିବ, ଏବଂ ଯଦି ଉକ୍ତ ଅଧିବେଶନ ବା ପୂର୍ବୋକ୍ତ କ୍ରମାଗତ ଅଧିବେଶନ ଶେଷ ହେବା ପୂର୍ବରୁ ଉଭୟ ସଦନ ନିୟମରେ କୌଣସି ପରିବର୍ତ୍ତନ କରିବାକୁ ସହମତ ହୁଅନ୍ତି, କିମ୍ବା ଏଭଳି ନିୟମ କରାଯିବା ଉଚିତ୍ ନୁହେଁ ବୋଲି ଯଦି ଦୁଇ ସଦନ ରାଜି ହୁଅନ୍ତି, ତଦନୁଯାୟୀ ତାହା ପରେ ଉକ୍ତ ନିୟମ କେବଳ ସେଭଳି କୌଣସି ପରିବର୍ତ୍ତନ ରୂପରେ କାର୍ଯ୍ୟକାରୀ ହେବ କିମ୍ବା କାର୍ଯ୍ୟକାରୀ ହେବନାହିଁ ; ତଥାପି ସେଭଳି କୌଣସି ପରିବର୍ତ୍ତନ କିମ୍ବା ରଦ୍ଦକରଣରେ ଉକ୍ତ ନିୟମ ଅଧୀନରେ ପୂର୍ବରୁ କରାଯାଇଥିବା କୌଣସି ବିଷୟର ବୈଧତା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

*ରାଜ୍ୟ ସରକାରଙ୍କର ନିୟମ ପ୍ରଣୟନ କ୍ଷମତା।*

**୨୩.**(୧) ରାଜ୍ୟ ସରକାର ଉକ୍ତ ଅଧିନିୟମର ନିୟମାବଳୀକୁ କାର୍ଯ୍ୟାନ୍ୱିତ କରିବା ପାଇଁ ଗେଜେଟ୍‌ରେ ଅଧିସୂଚନା ଦ୍ୱାରା ନିୟମ ପ୍ରସ୍ତୁତ କରିପାରିବେ।

(୨) ବିଶେଷତଃ ତଥା ପୂର୍ବଗାମୀ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ଏଭଳି ନିୟମର ନିମ୍ନଲିଖିତ ସମସ୍ତ କିମ୍ବା କେତେକ ବିଷୟ ପାଇଁ ନିୟମ କରାଯାଇପାରିବ, ଅର୍ଥାତ୍ :–

(କ) ଧାରା ୬ର ଉପଧାରା (୪) ଅଧୀନରେ କୃଷକଙ୍କୁ ପୈଠ କରିବାର ରୀତି ଓ ପଦ୍ଧତି ;

(ଖ) ଧାରା ୧୨ର ଉପଧାରା(୨) ଅଧୀନ ପଞ୍ଜୀକରଣ କର୍ତ୍ତୃପକ୍ଷ ଗଠନ, ସଂରଚନା, କ୍ଷମତା ଓ କାର୍ଯ୍ୟ ତଥା ପଞ୍ଜୀକରଣ ପ୍ରକ୍ରିୟା ;

(ଗ) ଅନ୍ୟ କୌଣସି ବିଷୟ, ଯାହା ନିର୍ଦ୍ଧାରିତ କରାଯିବ ବା କରାଯାଇପାରିବ କିମ୍ବା ଯେଉଁ ବାବଦରେ ରାଜ୍ୟ ସରକାରଙ୍କ ଦ୍ୱାରା ନିୟମ ଦ୍ୱାରା ବ୍ୟବସ୍ଥା ପ୍ରସ୍ତୁତ କରାଯିବ।

(୩) ଉକ୍ତ ଅଧିନିୟମ ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ହୋଇଥିବା ପ୍ରତ୍ୟେକ ନିୟମ ପ୍ରସ୍ତୁତ ହେବା ପରେ ଯଥାଶୀଘ୍ର ରାଜ୍ୟ ବିଧାନମଣ୍ଡଳର ପ୍ରତ୍ୟେକ ସଦନ ସମ୍ମୁଖରେ, ଯେଉଁ ବିଧାନମଣ୍ଡଳରେ ଦୁଇଟି ସଦନ ହେଉ ବା ଗୋଟିଏ, ସେଠାରେ ଉକ୍ତ ସଦନରେ ଉପସ୍ଥାପନ କରାଯିବ।

*ଅସୁବିଧା ଦୂର କରିବା କ୍ଷମତା।*

**୨୪** (୧) ଉକ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଯଦି କୌଣସି ଅସୁବିଧା ଦେଖାଦିଏ, କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ପ୍ରକାଶିତ ନିର୍ଦ୍ଦେଶନାମା ଦ୍ୱାରା ଏଭଳି ବ୍ୟବସ୍ଥା କରିପାରିବେ, ଯାହା ଏହି ଅଧିନିୟମ ବ୍ୟବସ୍ଥାର ଅସଙ୍ଗତ ହେବନାହିଁ ତଥା ଯାହା ସେହି ଅସୁବିଧା ଦୂର କରିବା ପାଇଁ ଆବଶ୍ୟକ ବିବେଚିତ ହେବ।

(୨) ଏହି ଧାରା ଅଧୀନରେ ପ୍ରଣୀତ ପ୍ରତ୍ୟେକ ନିୟମ ପ୍ରସ୍ତୁତ ହେବା ପରେ ଯଥାଶୀଘ୍ର ସଂସଦର ଉଭୟ ସଦନ ସମ୍ମୁଖରେ ରଖାଯିବ।

*ରଦ୍ଦ ଓ ସଂରକ୍ଷଣ।*

**୨୫.**(୧) କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ଆଶ୍ୱାସନା ଏବଂ କୃଷି ସେବା ଚୁକ୍ତିନାମା ଅଧ୍ୟାଦେଶ, ୨୦୨୦ ରଦ୍ଦ କରାଗଲା।

(୨) ଏଭଳି ରଦ୍ଦ ସତ୍ତ୍ୱେ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ଆଶ୍ୱାସନା ଏବଂ କୃଷିସେବା ଅଧ୍ୟାଦେଶ, ୨୦୨୦ ଅଧୀନ କୌଣସି ବିଷୟ ବା କାର୍ଯ୍ୟାନୁଷ୍ଠାନ ଏହି ଅଧିନିୟମର ଅନୁରୂପ ବ୍ୟବସ୍ଥା ଅଧୀନରେ କରାଯାଇଥିବା ବୁଝାଯିବ।

**ଆସନ୍ତା କାଲି କୃଷି ଉତ୍ପାଦ ବେପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସରଳୀକରଣ) ଆଇନ, ୨୦୨୦ ପ୍ରକାଶ ପାଇବ।**

**କୋଭାକ୍ସିନ୍ ନିରାପଦ**

କୋଭାକ୍ସିନ ନିରାପଦ ଓ ଏହାର କୌଣସି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ନ ଥିବା ପ୍ରଥମ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଫଳାଫଳରୁ ସ୍ପଷ୍ଟ ହୋଇଛି। ଲାନ୍‌ସେଟ ଇନ୍‌ଫେକ୍ସିଅସ୍ ଡିଜିଜ୍ ଜର୍ନାଲରେ ଏହା ପ୍ରକାଶ ପାଇଛି। ଆଇସିଏମ୍‌ଆର୍ ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି ସହଯୋଗରେ ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍‌କୁ ଜରୁରୀ ବ୍ୟବହାର ପାଇଁ କେନ୍ଦ୍ର ସରକାର ଅନୁମତି ଦେବା ପରେ ଏହା ଟିକାକରଣ ଅଭିଯାନରେ ସାମିଲ ହୋଇଛି।

## ସଂକ୍ଷେପରେ

### କେମ୍ବ୍ରିଜ୍ ଆନାଲିଟିକା ବିରୋଧରେ ମାମଲା

**ନୂଆଦିଲ୍ଲୀ, ୨୨।୧:** ଭାରତରେ ୫.୬୨ ଲକ୍ଷ ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ତଥ୍ୟ ଚୋରି ସହ ସମ୍ପୃକ୍ତ କେମ୍ବ୍ରିଜ୍ ଆନାଲିଟିକା ଲିଃ ଏବଂ ଗ୍ଲୋବାଲ ସାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ୨୦୧୮ରୁ ସିବିଆଇ ଏହି ତଥ୍ୟ ଚୋରି ଘଟଣାର ତଦନ୍ତ ଚଳାଇଥିଲା। ପ୍ରାଥମିକ ତଦନ୍ତରୁ ଅଭିଯୋଗ ସତ୍ୟ ଜଣାପଡ଼ିବା ପରେ ଆମେରିକା କମ୍ପାନୀ ବିରୋଧରେ ମାମଲା ରୁଜୁ ହୋଇଛି। ଭାରତୀୟ ୟୁଜରମାନଙ୍କ ତଥ୍ୟ ପ୍ରଘଟ ଓ ଏହାର ଅପବ୍ୟବହାରକୁ ନେଇ ଫେସ୍‌ବୁକ୍ ଓ କେମ୍ବ୍ରିଜ୍ ଆନାଲିଟିକାକୁ ସବିଶେଷ ବିବରଣୀ ମଗାଯାଇଥିଲା। ଭାରତରେ ନିର୍ବାଚନକୁ ପ୍ରଭାବିତ କରିବାରେ ଉକ୍ତ ତଥ୍ୟକୁ ବ୍ୟବହାର କରାଯାଇଥିବା ସନ୍ଦେହ କରାଯାଉଛି। ବେଆଇନ ଭାବେ ୫.୬୨ ଲକ୍ଷ ଭାରତୀୟଙ୍କ ତଥ୍ୟ ସଂଗ୍ରହ ହୋଇଥିବା ଫେସ୍‌ବୁକ୍ ସଫେଇ ଦେଇଛି। ଅନ୍ୟପକ୍ଷରେ ଗ୍ଲୋବାଲ ସାଇନ୍ସ ପ୍ରାଇଭେଟ ଲିମିଟେଡ୍‌ଠାରୁ କେବଳ ବ୍ରିଟେନ୍ ୟୁଜରମାନଙ୍କ ତଥ୍ୟ ପାଇଥିବା କେମ୍ବ୍ରିଜ୍ ଆନାଲିଟିକା କହିଛି।

### ଲାଲୁ ଗୁରୁତର



**ରାଞ୍ଚି, ୨୨।୧:** ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଅବନତି ଦେଖାଦେଇଛି। ଗୁରୁବାର ସନ୍ଧ୍ୟାରେ ତାଙ୍କୁ ରାଞ୍ଚିର ଆର୍‌ଆଇଏମ୍‌ଏସ୍‌ରେ ଭର୍ତ୍ତି କରାଯାଇଥିବାବେଳେ ଝିଅ ମିସା ଭାରତୀ ସେଠାରେ ପହଞ୍ଚିଛନ୍ତି। ପାଟନାରୁ ସ୍ତ୍ରୀ ରାବ୍ରୀ ଦେବୀ ଓ ସାନପୁଅ ତେଜସ୍ୱୀ ଯାଦବ ଏକ ଚାର୍ଟାର୍ଡ ବିମାନରେ ରାଞ୍ଚି ଯାଇଛନ୍ତି। ଲାଲୁଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ହୋଇନାହିଁ। ସେ ଏକପ୍ରକାର ନିମୋନିଆ ପୀଡ଼ିତ ଥିବା ଡାକ୍ତର କହିଛନ୍ତି। ଚିକିତ୍ସା ଜାରି ରହିଛି। ଏମ୍ସ ଲଙ୍ଗ୍‌ସ ବିଭାଗ ମୁଖ୍ୟଙ୍କ ସହ ପରାମର୍ଶ କରାଯାଉଥିବା ହସ୍ପିଟାଲ ନିର୍ଦ୍ଦେଶକ ଡ. କାମେଶ୍ୱର ପ୍ରସାଦ କହିଛନ୍ତି।

### ଖାତରେ ଖସି ୬ ଶ୍ରମିକଙ୍କ ମୃତ୍ୟୁ

**ଗୁଆହାଟୀ, ୨୨।୧:** ମେଘାଳୟର ପୂର୍ବ ଜଇନ୍ତିଆ ପାର୍ବତ୍ୟାଞ୍ଚଳର ଜଙ୍ଗଲ ମଧ୍ୟରେ ଥିବା ୧୫୦ ଫୁଟର ଏକ ଖାତ ମଧ୍ୟକୁ ଖସିପଡ଼ି ଆସାମର ୬ ଦାଦନ ଶ୍ରମିକ ପ୍ରାଣ ହରାଇଛନ୍ତି। ସେମାନେ ଏକ ବେଆଇନ ଭାବେ କୋଇଲା ଖଣି ଖନନରେ ନିୟୋଜିତ ଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ସେଠାରେ ସକ୍ରିୟ କୋଇଲା ଖଣି ଥିବାର କୌଣସି ପ୍ରମାଣ ନାହିଁ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ଦୁର୍ଘଟଣା ସ୍ଥଳରେ ମଧ କୋଇଲା ଗଚ୍ଛିତ ଥିବା ଦେଖିବାକୁ ମିଳିନାହିଁ। ୨୦୧୮ ଡିସେମ୍ବରରେ ଉକ୍ତ ଜିଲାରେ ଏକ ବେଆଇନ ଖଣି ଭୁଶୁଡ଼ି ୧୫ ଜଣ ନିଖୋଜ ହୋଇଯାଇଥିଲେ। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ମେଘାଳୟରେ କୋଇଲା ଖନନକୁ ନିଷିଦ୍ଧ କରିଥିଲା।

### ଆନ୍ଧ୍ରରେ ଅଜଣା ରୋଗ: ୨୦ ଅସୁସ୍ଥ

**ଏଲୁରୁ, ୨୨।୧:** ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ଜିଲାରେ ଏକ ରହସ୍ୟଜନକ ରୋଗ ବ୍ୟାପିବାରେ ଲାଗିଛି। ଜିଲାର ଦେଣ୍ଡୁଲୁରୁ ମଣ୍ଡଳ ଅନ୍ତର୍ଗତ କୋମିରପାଲି ଗ୍ରାମରେ ଏହି ଅଜଣା ରୋଗରେ ଅନ୍ୟୁନ ୨୦ ଜଣ ଆକ୍ରାନ୍ତ ହେଲେଣି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ୨୦ ରୋଗୀଙ୍କ ମଧ୍ୟରୁ ୮ ଜଣ ଏଲୁରୁ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ବିପଦମୁକ୍ତ ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଡିସେମ୍ବର ମାସରେ ଏଲୁରୁ ଓ ଏହାର ଆଖପାଖ ଅଞ୍ଚଳରୁ ୬୪୮ ଜଣ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କେନ୍ଦ୍ରୀୟ ଟିମ୍ ସେଠାରେ ପହଞ୍ଚି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲେ। ଗୁରୁବାର ପୁଣିଥରେ କୋମିରପାଲିରେ ଅଜଣା ରୋଗ ବ୍ୟାପିଛି।

# ବିବାଦରେ ବିଗ୍ ବି



**ମୁମ୍ବାଇ:** କୌନ ବନେଗା କରୋଡ଼ପତି (କେବିସି) ଟେଲିଭିଜନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଉପସ୍ଥାପନା କରୁଥିବା ବଲିଉଡ୍ ମେଗାଷ୍ଟାର ଅମିତାଭ ବଚନ ଏକ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହୋଇଛନ୍ତି। ତାଙ୍କ ମନ୍ତବ୍ୟକୁ ନେଇ ଭାରତୀୟ ଆମେରିକୀୟ ଅର୍ଥନୀତିଜ୍ଞ ତଥା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ପ୍ରତିକ୍ରିୟା ପ୍ରକାଶ କରିବା ପରେ ବିବାଦ ଦେଖାଦେଇଛି। କେବିସି ଉପସ୍ଥାପନା ବେଳେ ସ୍କ୍ରିନରେ ଗୀତାଙ୍କ ଫଟୋ ଦେଖାଇ 'ଖୁବ୍ ସୁନ୍ଦର ମୁହଁ, ଅର୍ଥନୀତି ସହ ସେ ସମ୍ପୃକ୍ତ ବୋଲି କେହି କହିବେନି' ହିନ୍ଦୀରେ ମନ୍ତବ୍ୟ ଦେଇଥିଲେ ଅମିତାଭ। ସେହି ସମୟର ଭିଡିଓ କ୍ଲିପ୍‌କୁ ଗୀତା ଶେୟାର କରିଛନ୍ତି। ଏଭଳି ସେକ୍ସି ମନ୍ତବ୍ୟ ପାଇଁ ଅମିତାଭଙ୍କୁ କେତେକ ମହଲରୁ ସମାଲୋଚନା କରାଯାଇଛି। ଗୀତା ନିଜକୁ ଅମିତାଭଙ୍କର ଜଣେ ପ୍ରଶଂସକ ବୋଲି କହିଛନ୍ତି।

# ଭଜନ ଗାୟକ ନରେନ୍ଦ୍ର ଚଞ୍ଚଲଙ୍କ ପରଲୋକ



**ନୂଆଦିଲ୍ଲୀ, ୨୨।୧:** ଖ୍ୟାତନାମା ଭଜନ ଗାୟକ ନରେନ୍ଦ୍ର ଚଞ୍ଚଲଙ୍କର ଶୁକ୍ରବାର ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ୩ ମାସ ହେଲା ଅସୁସ୍ଥ ଥିଲେ। ଗତବର୍ଷ ନଭେମ୍ବର ୨୭ରେ ସେ ଦକ୍ଷିଣ ଦିଲ୍ଲୀସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମସ୍ତିଷ୍କ ସମସ୍ୟା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସଙ୍ଗୀତ ଜଗତର ତାରକା ଓ ସେଲିବ୍ରିଟିମାନେ ଶୋକବ୍ୟକ୍ତ କରିଛନ୍ତି। ନରେନ୍ଦ୍ର ଚଞ୍ଚଲଜୀ ଆମ ଗହଣରୁ ବିଦାୟ ନେବା ଖବର ଶୁଣି ଗଭୀର ମର୍ମାହତ ବୋଲି ଦଲେର ମେହନ୍ଦି ଲେଖିବା ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି। ଚଞ୍ଚଲ ଅନେକ ଲୋକପ୍ରିୟ ସଙ୍ଗୀତ ଗାଇଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ପ୍ୟାର ସଜା ହେ, ଚଲୋ ବୁଲାୱା ଆୟା ହେ, ତୁନେ ମୁଝେ ବୁଲାୟା ଶେରାୱାଲିୟେ, ଅମ୍ବେ ତୁ ହେ ଜଗଦମ୍ବା କାଲୀ, ହନୁମାନ ଚାଲିଶା, ସଙ୍କଟ ମୋଚନ ନାମ ତିହାରୋ, ରାମ ସେ ବଡ଼ା ରାମ କା ନାମ।

# ପୁଣି ତେଜିଲା ସିଏଏ ନିଆଁ

**ନୂଆଦିଲ୍ଲୀ/ଗୁଆହାଟୀ, ୨୨।୧**

୨୦୧୯ ଡିସେମ୍ବର ୧୧ରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିଲା ନାଗରିକତ୍ୱସଂଶୋଧନଆଇନ (ସିଏଏ)। ଏହି ବିବାଦୀୟ ଆଇନ ପ୍ରତ୍ୟାହାର ଦାବିରେ ଶତାଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ଆଗକୁ ପଶ୍ଚିମବଙ୍ଗ ଓ ଆସାମରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏବେ ଭାଜପା ଜୋର୍ ଦେଉଛି ସିଏଏ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଭଳି ଜାତୀୟତାବାଦୀ କାର୍ଯ୍ୟସୂଚୀ ଉପରେ। ଏହାର ପ୍ରତିବାଦରେ ପୁଣି ଥରେ ତେଜିଛି ସିଏଏ ବିରୋଧୀ ଆନ୍ଦୋଳନର ନିଆଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସାମ ଗସ୍ତର ଅବ୍ୟବହିତ ପୂର୍ବରୁ ନବଗଠିତ ଆସାମ ଜାତୀୟ ପରିଷଦ (ଏଜେପି) ଏବଂ ରାଇଜୋର୍ ଦଳ ସିଏଏ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୦୧୬ ବିଧାନସଭା ନିର୍ବାଚନ ବେଳେ ଭାଜପା ଦେଇଥିବା ବଡ଼ ବଡ଼ ପ୍ରତିଶ୍ରୁତିକୁ ରକ୍ଷା କରିପାରି ନାହିଁ। ଅଥଚ ବାଂଲାଦେଶୀଙ୍କୁ ରାଜ୍ୟରେ ନାଗରିକତ୍ୱ ପ୍ରଦାନ ପାଇଁ ବିବାଦୀୟ ଆଇନକୁ ଲାଗୁ କରାଉଛି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆସାମର ଶିବସାଗର ଜିଲା ଗସ୍ତ କରିବେ। ଏହି ଅବସରରେ ମୋଦି ରାଜ୍ୟ ସରକାରଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଲକ୍ଷାଧିକ ଆଦିବାସୀଙ୍କୁ ଜମିପଟ୍ଟା ପ୍ରମାଣପତ୍ର ଦେବେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ ରବିବାର ଆସାମ ଗସ୍ତ କରିବେ। ଗତ ନିର୍ବାଚନରେ ପ୍ରଧାନମନ୍ତ୍ରୀ କହିଥିଲେ, ରାଜ୍ୟର ସମସ୍ତ ବାଂଲାଦେଶୀଙ୍କୁ ସେମାନଙ୍କ ଗଣ୍ଠିଲି ବାନ୍ଧିବାକୁ ପଡ଼ିବ। ଭାଜପା କ୍ଷମତାକୁ ଆସିଲେ ବାଂଲାଦେଶୀମାନଙ୍କୁ ଉଚ୍ଛେଦ କରାଯିବ। କିନ୍ତୁ ଉଭୟ ଆସାମର ସର୍ବାନନ୍ଦ ସୋନୋୱାଲ ସରକାର ଓ କେନ୍ଦ୍ରର ମୋଦି ସରକାର ବାଂଲାଦେଶୀମାନଙ୍କ ପାଇଁ ରେଡ୍ କାର୍ପେଟ ବିଛାଇଛନ୍ତି। ଫଳରେ ଆସାମର ଲୋକେ ସେମାନଙ୍କ ରାଜନୈତିକ, ଅର୍ଥନୈତିକ, ଭାଷାଗତ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇଥିବା ଏଜେପି ଅଧ୍ୟକ୍ଷ ଲୁରିନ୍‌ଜ୍ୟୋତି ଗୋଗୋଇ ଅଭିଯୋଗ ଆଣିଛନ୍ତି। ରାଇଜୋର ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାସ୍କୋ ଡି ସାଇକିଆ କହିଛନ୍ତି, ଗୈରିକ ଦଳ ୨୦୧୬ ଭିଜନ ଡକ୍ୟୁମେଣ୍ଟରେ ୪୭୬ ପ୍ରତିଶ୍ରୁତି ଦେଇଥିବାବେଳେ ସେଥିରୁ ମାତ୍ର ୫ଟି ପାଳନ କରିଛି। ସିଏଏ ବିରୋଧରେ ତେଜପୁର ଓ ଦିବ୍ରୁଗଡ଼ରେ ଅଲ୍ ଆସାମ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଏଏସ୍‌ୟୁ) ପକ୍ଷରୁ ବଡ଼ ଧରଣର ବିକ୍ଷୋଭ କରାଯାଇଛି। ଏଏଏସ୍‌ୟୁ ସିଏଏ ବିରୋଧରେ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରି ବିବାଦୀୟ ଆଇନର କପି ପୋଡ଼ିବାକୁ ଧମକ ଦେଇଛି। ବିକ୍ଷୋଭ ଶୋଭାଯାତ୍ରା ବେଳେ ପୋଲିସ ଛାତ୍ରୀଛାତ୍ରଙ୍କ ଉପରେ ଲାଠିମାଡ଼ କରିଛି। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କ ପ୍ରତ୍ୟର୍ପଣ କରିବାରେ ସରକାର ବିଫଳ ହୋଇଥିବା ଦର୍ଶାଇ ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସ ଟାର୍ଗେଟ କରିଛି।



ଆସାମର ତେଜପୁରରେ ସିଏଏ ବିରୋଧୀ ବିକ୍ଷୋଭବେଳେ ଏଏଏସ୍‌ୟୁ ସଦସ୍ୟଙ୍କ ଉପରେ ପୋଲିସର ଲାଠିମାଡ଼।



ଦିବ୍ରୁଗଡ଼ରେ ବିକ୍ଷୋଭ ଶୋଭାଯାତ୍ରା ବେଳେ ଛାତ୍ରୀଛାତ୍ରଙ୍କୁ ଅଟକାଉଛନ୍ତି ସୁରକ୍ଷା କର୍ମୀ।

**ପ୍ରଧାନମନ୍ତ୍ରୀଙ୍କ ଆସାମ ଗସ୍ତକୁ ବିରୋଧ**

### ସିରମ୍ ଅଗ୍ନିକାଣ୍ଡରେ ୧,୦୦୦ କୋଟି କ୍ଷତି



**ନୂଆଦିଲ୍ଲୀ, ୨୨।୧**

ପୁଣେର ମଞ୍ଜରୀସ୍ଥିତ ସିରମ୍ ଇନ୍‌ଷ୍ଟିଚ୍ୟୁଟ କାରଖାନାର ଏକ ନିର୍ମାଣାଧୀନ କୋଠାରେ ଗୁରୁବାର ଅଗ୍ନିକାଣ୍ଡ ଘଟିବାରୁ ଉକ୍ତ କମ୍ପାନୀ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି। ଅଗ୍ନିକାଣ୍ଡରେ ୧,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିବା ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ଅଦାର ପୁନାୱାଲା ଶୁକ୍ରବାର କହିଛନ୍ତି। ଏଥିସହିତ ଆଗାମୀ ଦିନରେ ବିସିଜି ଏବଂ ରୋଟାଭାଇରସ୍ ଟିକା ଉତ୍ପାଦନ ପ୍ରଭାବିତ ହେବାକୁ ଯାଉଥିବା ସେ କହିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କାରଖାନା ପରିସର ପରିଦର୍ଶନ କରିବା ସହ କୋଭିଶିଲ୍ଡ ଟିକା କ୍ଷତି ହୋଇ ନ ଥିବା କହିଛନ୍ତି। ନିର୍ମାଣାଧୀନ ରୋଟାଭାଇରସ୍ ପ୍ଲାଣ୍ଟରେ ୱେଲ୍ଡିଂ କାର୍ଯ୍ୟ ଚାଲିଥିବାବେଳେ ନିକଟରେ ଦହନଶୀଳ ପଦାର୍ଥ ରଖାଯାଇଥିଲା। ୱେଲ୍ଡିଂ ସ୍ପାର୍କରୁ ଅଗ୍ନିକାଣ୍ଡ ଘଟି ୫ ଶ୍ରମିକଙ୍କ ଜୀବନ ଗଲା ବୋଲି କୁହାଯାଉଛି। ତଦନ୍ତ ପରେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଠାକ୍‌ରେ କହିଛନ୍ତି।

# ପରେଡ୍‌ରେ ସ୍ଥାନ ପାଇବ କୋଭିଡ୍ ଟିକା

**ନୂଆଦିଲ୍ଲୀ, ୨୨।୧(ଆଇଏଏନ୍‌ଏସ୍)**

ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର ରାଜପଥରେ ଅନୁଷ୍ଠିତ ହେବାକୁ ଥିବା ପରେଡ୍‌ରେ କୋଭିଡ୍ ଟିକାର ବିକାଶ ପ୍ରକ୍ରିୟା ପ୍ରଦର୍ଶନ ହେବ। କରୋନା ମହାମାରୀରେ ଦେଶରେ ୧,୦୬,୨୫,୪୨୮ ଲୋକ ସଂକ୍ରମିତ ହୋଇଥିବାବେଳେ ୧,୫୩,୦୩୨ ଜଣଙ୍କ ଜୀବନ ଯାଇଛି। ଏହି ମହାମାରୀରୁ ବର୍ତ୍ତିବା ଲାଗି ଦୀର୍ଘଦିନରୁ ଟିକାକୁ ଅପେକ୍ଷା ଥିଲା। ଭାରତରେ କୋଭାକ୍ସିନ୍ ଓ କୋଭିଶିଲ୍ଡ ଟିକାକୁ ବ୍ୟବହାରିକ ମଞ୍ଜୁରୀ ମିଳିବା ପରେ ଜାନୁୟାରୀ ୧୬ରୁ ଦେଶରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟର ବାୟୋଟେକ୍‌ନୋଲୋଜି ବିଭାଗ ପ୍ରଜ୍ଞାପନ ମେଢ଼ରେ କରୋନା ଭୂତାଣୁ ବିରୋଧରେ ଭାରତର ମିଳିତ ସଂଗ୍ରାମରେ ନିଆଯାଇଥିବା ରଣନୀତିକ ପଦ୍ଧତି ସ୍ଥାନ ପାଇବ। ଉକ୍ତ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ରହିବ କୋଭିଡ୍ ବିରୋଧୀ ଲଢ଼େଇରେ ଆତ୍ମନିର୍ଭର ଭାରତ ଅଭିଯାନ। ମାନବ ଜାତିର ସୁରକ୍ଷା ଲାଗି ଐତିହାସିକ ସଫଳତା ସ୍ୱରୂପ ଟିକା ଉତ୍ପାଦନର ବିଭିନ୍ନ ପ୍ରକ୍ରିୟା,



**ସାଧାରଣତନ୍ତ୍ର ଦିବସ ପାଇଁ ବାୟୋଟେକ୍‌ନୋଲୋଜି ବିଭାଗର ପ୍ରଜ୍ଞାପନ ମେଢ଼**

କୋଭିଡ୍‌ଭାକ୍ସିନ୍‌ସହ ଜଣେ ବୈଜ୍ଞାନିକଙ୍କ ପ୍ରତିମୂର୍ତ୍ତି ମେଢ଼ ସମ୍ମୁଖ ଭାଗରେ ରହିବ। ମେଢ଼ର ପଛଭାଗକୁ ୫ ଭାଗରେ ବିଭକ୍ତ କରାଯାଇ ଭୂତାଣୁ ଆଇସୋଲେଶନ, କୋଷ ବିଭାଜନ, ଅଭିବୃଦ୍ଧି, ଭୂତାଣୁ ଷ୍ଟୋରେଜ୍ ସିଷ୍ଟମ୍, ଭୂତାଣୁ ଗବେଷଣା ଲାବରେଟୋରି, ବାୟୋରିଆକ୍ଟରରେ ଟିକା ପ୍ରସ୍ତୁତି ଏବଂ ଟିକାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପ୍ରଦର୍ଶିତ ହେବ। କ୍ୟାବିନ ବାହାରେ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ସ୍ଥାନିତ ହେବ ବୋଲି ଜଣାପଡ଼ିଛି।

# ମମତାଙ୍କ ହାତ ଛାଡିଲେ ଆଉ ଜଣେ ମନ୍ତ୍ରୀ

**କୋଲକାତା, ୨୨।୧**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କ୍ୟାବିନେଟରୁ ଜଣକ ପରେ ଜଣେ ମନ୍ତ୍ରୀ ଇସ୍ତଫା ଦେବାରେ ଲାଗିଛନ୍ତି। ଜଙ୍ଗଲ ବିଭାଗ ମନ୍ତ୍ରୀ ଥିବା ରାଜୀବ ବାନାର୍ଜୀ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ ସମାଲୋଚନା ତାଙ୍କୁ ମାନସିକ ଆଘାତ ଦେଇଥିଲା, ଯେଉଁଥିପାଇଁ ଇସ୍ତଫା ଦେବାକୁ ପଡ଼ିଲା ବୋଲି ଗଣମାଧ୍ୟମକୁ ରାଜୀବ କହିଛନ୍ତି। ରାଜ୍ୟ ମନ୍ତ୍ରିମଣ୍ଡଳ ଛାଡ଼ିବାରେ ରାଜୀବ ହେଉଛନ୍ତି ଚତୁର୍ଥ ମନ୍ତ୍ରୀ। ପୂର୍ବରୁ ସୋଭନ ଚାଟାର୍ଜୀ, ଶୁଭେନ୍ଦୁ ଅଧିକାରୀ, ଲକ୍ଷ୍ମୀ ରତନ ଶୁକ୍ଳା ଇସ୍ତଫା ଦେଇଥିଲେ।



ରାଜୀବ ବାନାର୍ଜୀ

# ରଞ୍ଜନ ଗୋଗୋଇଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା

**ନୂଆଦିଲ୍ଲୀ, ୨୨।୧:** ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ କେନ୍ଦ୍ର ସରକାର ଜେଡ୍‌ପ୍ଲସ୍ ଶ୍ରେଣୀର ସୁରକ୍ଷା ଯୋଗାଇ ଦେଇଛନ୍ତି। ୬୬ ବର୍ଷୀୟ ପୂର୍ବତନ ସିଜେଆଇଙ୍କୁ ସିଆର୍‌ପିଏଫର ସଶସ୍ତ୍ର କମାଣ୍ଡୋମାନେ ସୁରକ୍ଷା ଯୋଗାଇବେ। ରାଜ୍ୟ ସଭା ସଦସ୍ୟ ଥିବା ଗୋଗୋଇଙ୍କୁ ଦିଲ୍ଲୀ ପୋଲିସ ସୁରକ୍ଷା ଯୋଗାଇ ଆସୁଥିଲା। ୨୦୧୯ ନଭେମ୍ବରରେ ଗୋଗୋଇ ସିଜେଆଇ ପଦରୁ ଅବସର ନେବା ପରେ ସରକାରଙ୍କ ଦ୍ୱାରା ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ।

# ଭାରତ ସହ ପ୍ରତିରକ୍ଷା ସହଯୋଗ ବଢ଼ିବ: ଆମେରିକା

**ନ୍ୟୁୟର୍କ, ୨୨।୧(ଆଇଏଏନ୍‌ଏସ୍)**

ଭାରତ ସହ ପ୍ରତିରକ୍ଷା ସହଯୋଗକୁ ଆହୁରି ଦୃଢ଼ କରିବା ଦିଗରେ କାର୍ଯ୍ୟ ଜାରି ରଖିବେ ବୋଲି ପ୍ରତିରକ୍ଷା ସଚିବ ଲୋୟଡ ଅଷ୍ଟିନ୍ କହିଛନ୍ତି। ପାରସ୍ପରିକ ସ୍ୱାର୍ଥ ପାଇଁ ଦୁଇଦେଶର ସୈନ୍ୟବାହିନୀ ପରସ୍ପରକୁ ସହଯୋଗ କରିବେ ବୋଲି ସେ ସିନେଟ୍ ସଶସ୍ତ୍ର ବାହିନୀ କମିଟି ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି। ୨୦୧୬ରେ ବାରାକ ଓବାମା ରାଷ୍ଟ୍ରପତି ଓ ବାଇଡେନ୍ ଉପରାଷ୍ଟ୍ରପତି ଥିବାବେଳେ ଭାରତକୁ ବୃହତ୍ ପ୍ରତିରକ୍ଷା ସହଯୋଗୀ ମାନ୍ୟତା ମିଳିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମୟରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ ଆହୁରି ବୃଦ୍ଧି ପାଇଥିଲା। ସେହି ସମ୍ପର୍କ ଜାରି ରହିବ ବୋଲି ଅଷ୍ଟିନ୍ ସୂଚନା ଦେଇଛନ୍ତି।

ଭାରତ-ପ୍ରଶାନ୍ତ ମହାସାଗରୀୟ ଷ୍ଟ୍ରାଟେଜିକ୍ ଗ୍ରୁପ୍ ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇବ। ଏହି ଚାରି ରାଷ୍ଟ୍ର ମଧ୍ୟରେ ସୁରକ୍ଷା ସମ୍ପର୍କିତ ଆଲୋଚନା ଜାରି ରହିବ ବୋଲି ଅଷ୍ଟିନ୍ ସୂଚନା ଦେଇଥିଲେ।



ଲୋୟଡ ଅଷ୍ଟିନ୍

# ଜୁନ୍ ସୁଦ୍ଧା କଂଗ୍ରେସର ନିର୍ବାଚିତ ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୨୨।୧(ଆଇଏଏନ୍‌ଏସ୍)**

୫ ରାଜ୍ୟରେ ବିଧାନସଭା ନିର୍ବାଚନ ପରେ ଆଗାମୀ ଜୁନ୍ ସୁଦ୍ଧା କଂଗ୍ରେସ ଜଣେ ଅଧ୍ୟକ୍ଷଙ୍କୁ ନିର୍ବାଚିତ କରିବ ବୋଲି ଦଳର ସାଂଗଠନିକ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଶୁକ୍ରବାର କହିଛନ୍ତି। କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କେତେଜଣ ବରିଷ୍ଠ ନେତା ସିଡବ୍ଲ୍ୟୁସି ନିର୍ବାଚନ ପ୍ରସଙ୍ଗ ଉଠାଇବା ପରେ ଏହାକୁ ନେଇ ଜୋର୍‌ଦାର ବିତର୍କ ହୋଇଥିଲା। ତେବେ ଦଳ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ବୈଠକ ସଫଳ ହୋଇଛି ଓ ସାଂଗଠନିକ ନିର୍ବାଚନକୁ ନେଇ କୌଣସି ବିବାଦ ସୃଷ୍ଟି ହୋଇ ନ ଥିବା ବେଣୁଗୋପାଳ ଗଣମାଧ୍ୟମକୁ କହିଛନ୍ତି। ସାଂଗଠନିକ ନିର୍ବାଚନ ପାଇଁ ନୂଆ କାର୍ଯ୍ୟସୂଚୀ ସ୍ଥିର କରିବାକୁ ସିଡବ୍ଲ୍ୟୁସି ସଦସ୍ୟମାନେ ଅନୁରୋଧ କରିବାରୁ ୨୦୨୧ ଜୁନ୍ ସୁଦ୍ଧା ଦଳକୁ ନିର୍ବାଚିତ ଅଧ୍ୟକ୍ଷ ମିଳିବେ ବୋଲି ସିଡବ୍ଲ୍ୟୁସି ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିଲା।

ତେବେ ସାଂଗଠନିକ ନିର୍ବାଚନକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆନନ୍ଦ ଶର୍ମା, ଗୁଲାମ ନବୀ ଆଜାଦ ଓ ଅନ୍ୟ କେତେଜଣ ବରିଷ୍ଠ ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଗୁଲାମ ନବୀ, ଆନନ୍ଦ ଶର୍ମା, ମୁକୁଲ ୱାସନିକ୍ ଏବଂ ପି. ଚିଦାମ୍ବରମ ଶୀଘ୍ର ନିର୍ବାଚନ ପାଇଁ ଦାବି କରିଥିଲେ। ୨୦୧୯ ସାଧାରଣ ନିର୍ବାଚନ ସହ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର କ୍ରମାଗତ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଏହି ନେତାମାନେ ପୂର୍ବରୁ ଅସନ୍ତୋଷ ବ୍ୟକ୍ତ କରିବା ସହ ଦଳର ନେତୃତ୍ୱ ଓ ପରିଚାଳନାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଅନ୍ୟ ପକ୍ଷରେ ତଥାକଥିତ ଗାନ୍ଧୀ ପରିବାର ଅନୁଗତ ନେତା ଅଶୋକ ଗେହଲଟ, ଅମରିନ୍ଦର ସିଂ, ଏ.କେ. ଆଣ୍ଟୋନି, ତାରିକ୍ ଅନୱାର ଏବଂ ଓମେନ ଚାଣ୍ଡି ପ୍ରମୁଖ ୫ ରାଜ୍ୟ ବିଧାନସଭା ନିର୍ବାଚନ ପରେ ସାଂଗଠନିକ ନିର୍ବାଚନ କରିବାକୁ ଯୁକ୍ତି ବାଢ଼ିଥିଲେ।

ଦଳର ସମ୍ବିଧାନ ଅନୁଯାୟୀ ନିର୍ବାଚନ ହେବ ଏବଂ ଏନେଇ କାର୍ଯ୍ୟସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ଆଗକୁ କେତେକ ରାଜ୍ୟରେ ବିଧାନସଭା ଭୋଟ ଥିବାରୁ ସାଂଗଠନିକ ନିର୍ବାଚନ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଆବଶ୍ୟକ ପଡୁଥିବା ବେଣୁଗୋପାଳ କହିଛନ୍ତି। ସୂଚନାଯୋଗ୍ୟ ୨୦୧୯ ସାଧାରଣ ନିର୍ବାଚନ ପରେ କଂଗ୍ରେସ ଅଧ୍ୟକ୍ଷ ପଦରୁ ରାହୁଲ ଗାନ୍ଧୀ ଇସ୍ତଫା ଦେବା ପରେ ସୋନିଆ ଗାନ୍ଧୀ ଅନ୍ତରୀଣ ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଇଥିଲେ। ନୂଆ ଅଧ୍ୟକ୍ଷ ସମେତ ସାଂଗଠନିକ ସ୍ତରରେ ପରିବର୍ତ୍ତନ ପାଇଁ ଦଳ ଭିତରେ କିଛିଦିନ ହେଲା ଦାବି ହୋଇ ଆସୁଛି।



କେ.ସି. ବେଣୁଗୋପାଳ

# ଢେଙ୍କାନାଳ, ଦେବଗଡ଼ରେ ଗ୍ରାସ୍‌ରୁଟ୍ ସେଣ୍ଟର

## ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର

**ଭୁବନେଶ୍ୱର,୨୨।୧(ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟରେ ହକି ପ୍ରତିଭାର ବିକାଶ ପାଇଁ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଆଉ ଏକ କାର୍ଯ୍ୟକ୍ରମ ହାତକୁ ନେଇଛି। ବିଶ୍ୱସ୍ତରୀୟ ହକି ଖେଳାଳି ସୃଷ୍ଟି କରିବା ପାଇଁ ସ୍ଥାନୀୟ କଳିଙ୍ଗ ହକି କମ୍ପ୍ଲେକ୍ସରେ ଏହି ସେଣ୍ଟର ବଏଜ୍ ରେସିଡେଣ୍ଟ ବା ବାଳକ ଆବାସିକ ପ୍ରୋଗ୍ରାମ ଆରମ୍ଭ କରିଛି। ଏଥିପାଇଁ ମୋଟ ୩୧ଜଣ କ୍ୟାଡେଟ୍‌ଙ୍କୁ ଚୟନ କରାଯାଇଛି। ଏହି ଖେଳାଳିମାନେ ୧୭ ବର୍ଷରୁ କମ୍ ବୟସ ବର୍ଗର।

ଗତ ନଭେମ୍ବର ୧୭ରୁ ଡିସେମ୍ବର ୧ ତାରିଖ ମଧ୍ୟରେ ଦୁଇ ସପ୍ତାହ ଧରି ଏକ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରୁ ଖେଳାଳିମାନଙ୍କୁ ବଛାଯାଇଛି। ଏଥିରେ ୧୦୦ କ୍ୟାଡେଟ୍ ଯୋଗ ଦେଇଥିଲେ। ଓଡ଼ିଶାରୁ ୨୧, ମଣିପୁରରୁ ୭, ଉତ୍ତରପ୍ରଦେଶରୁ ୨ ଓ ଆସାମରୁ ଜଣେ ଖେଳାଳିଙ୍କୁ ଚୟନ କରାଯାଇଛି।



କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

ପାନପୋଷ ଓ ସୁନ୍ଦରଗଡ଼ରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ପରିଚାଳିତ ସ୍ପୋର୍ଟ୍ସ ହଷ୍ଟେଲରୁ କିଛି ଖେଳାଳିଙ୍କୁ ମଧ୍ୟ ଏଚ୍‌ପିସି ଏହି ପ୍ରୋଗ୍ରାମ ପାଇଁ ସୁପାରିସ କରିଛି। ଏହି ହଷ୍ଟେଲ ରିଜିଓନାଲ ଡେଭଲପ୍‌ମେଣ୍ଟ ସେଣ୍ଟର ଭାବେ ବିବେଚିତ ହେଉଛି ଓ ନାଭାଲ ଟାଟା ହକି ଏଚ୍‌ପିସିର ପ୍ରାରମ୍ଭିକ ପ୍ରୟାସ ରୂପେ ବିବେଚିତ ହେଉଛି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରୋଗ୍ରାମର ଔପଚାରିକ ଉଦ୍‌ଘାଟନ ହୋଇଥିଲା। ଏଥିରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ, ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସ ଭାଇସ୍ ପ୍ରେସିଡେଣ୍ଟ ତଥା ହକି ଏସ୍ ଫାଉଣ୍ଡେଶନ (ଏଚ୍‌ଏଏଫ୍) ଅଧ୍ୟକ୍ଷ ଚାଣକ୍ୟ ଚୌଧୁରୀ, ଏଚ୍‌ଏଏଫ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଗୌତମ ମୁଖାର୍ଜୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ସେହିପରି ଢେଙ୍କାନାଳ ଓ ଦେବଗଡରେ ଦୁଇଟି ଗ୍ରାସ୍‌ରୁଟ୍ ସେଣ୍ଟର ଲଞ୍ଚ୍ କରାଯାଇଥିଲା। ଏଥିସହ ଗ୍ରାସ୍‌ରୁଟ୍ ସେଣ୍ଟର ସଂଖ୍ୟା ୧୨ରେ ପହଞ୍ଚିଛି। ଏଥିପାଇଁ ଜଣେ ମହିଳା କୋଚ୍‌ଙ୍କ ସମେତ ମୋଟ ୨୫ ଜଣ କୋଚ୍‌ଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ତୃଣମୂଳସ୍ତରରେ ମହିଳା କୋଚ୍‌ମାନଙ୍କୁ ପ୍ରମୋଟ କରିବାକୁ ଏହି ମହିଳା କୋଚ୍‌ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବାଳକ ଓ ବାଳିକାଙ୍କ ସମେତ ମୋଟ ୨୫୦୦ ଯୁବ ଟ୍ରେନି ତୃଣମୂଳ ସ୍ତରରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଥିବାରୁ ବହୁତ ଖୁସି ଅନୁଭବ କରୁଛି ବୋଲି ମନ୍ତ୍ରୀ ତୁଷାରକାନ୍ତି କହିଛନ୍ତି। ଏଥିରେ ସାମିଲ ହୋଇଥିବା ସବୁ କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଉଛି ଓ ଏମାନେ ଏଥିପାଇଁ ଗର୍ବିତ ହେବା ଉଚିତ। କ୍ରୀଡ଼ା ନେଇ ଆମେ ଦେଖୁଥିବା ସ୍ୱପ୍ନ ସାକାର ହେବା ପ୍ରକ୍ରିୟାରେ ଏହା ପ୍ରଥମ ପାହଚ ସଦୃଶ ହୋଇଛି। ଭବିଷ୍ୟତରେ ଏହା ଦ୍ୱାରା ଆମ ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳାଳି ସୃଷ୍ଟି ହୋଇପାରିବେ। ଏଥିରେ ଏଚ୍‌ପିସି ଓ ଅଭିଜ୍ଞ କୋଚ୍‌ମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି।

ରାଜ୍ୟରେ କ୍ରୀଡ଼ାର ଉନ୍ନତି ପାଇଁ ଟାଟା ଷ୍ଟିଲ୍ ସବୁବେଳେ ଦୃଷ୍ଟାନ୍ତମୂଳକ ଭୂମିକା ନିର୍ବାହ କରିଆସିଛି ବୋଲି ଚାଣକ୍ୟ କହିଛନ୍ତି। କେବଳ ରାଜ୍ୟ ନୁହେଁ ସାରା ଦେଶରେ କ୍ରୀଡ଼ା ସଂସ୍କୃତିର ଉନ୍ନତି ପାଇଁ ଟାଟା ଷ୍ଟିଲ୍ ସମସ୍ତଙ୍କୁ ଉତ୍ସାହିତ କରିଆସୁଛି। ଓଡ଼ିଶାର ଯୁବକମାନଙ୍କଠାରେ କ୍ରୀଡ଼ା ପ୍ରତିଭା ଭରପୂର ରହିଛି। ଏମାନଙ୍କୁ କ୍ରୀଡ଼ା ଭିତ୍ତିଭୂମି ଯୋଗାଇବା ଓ ପ୍ରଶିକ୍ଷଣ ଦେବା ଆମର ମୌଳିକ କର୍ତ୍ତବ୍ୟ। ଏବେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ଆମେ ବହୁତ ଖୁସି। ତୃଣମୂଳସ୍ତରରେ ପ୍ରତିଭା ଚିହ୍ନଟ କରି ଏହାର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି।

## ଇଣ୍ଡିଆନ ସୁପର ଲିଗ୍: ମୁମ୍ବାଇ ସିଟି ବିଜୟୀ

**ଭାସ୍କୋ,୨୨।୧:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସି ୧-୦ ଗୋଲ ଇଷ୍ଟ ବେଙ୍ଗଲ୍ ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ତିଳକ ମଇଦାନରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ସେନେଗାଲ ଡିଫେଣ୍ଡର ୨୭ତମ ମିନିଟ୍‌ରେ ମୁକାବିଲାର ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହିବିଜୟ ସହ ମୁମ୍ବାଇ ୧୨ ମ୍ୟାଚ୍ ଖେଳି ୨୯ ପଏଣ୍ଟ ହାସଲ କରିବା ସହ ତାଲିକାରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ କରିଛି।

Annexure-A

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର
ବିଜ୍ଞାପନ

୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ୮ମ ରାଜ୍ୟ ଟେଲି ପୁରସ୍କାର-୨୦୧୯ ପାଇଁ ଦରଖାସ୍ତ ଆହ୍ୱାନ

No. RR-14:- ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚଳିତବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ୨୦ ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୨୦।୦୨।୨୦୨୧ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଯୋଜିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ମୌଳିକ ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଦାଖଲ କରାଯାଉଥିବା DVD/ CD/ Pendriveଗୁଡ଼ିକର ୧. କାହାଣୀ (୧୦ କପି), ୨. ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), ୩. କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦ କପି) ଲେଖାଏଁ ସଂଲଗ୍ନ କରାଯିବା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଚଳଚ୍ଚିତ୍ର ଧାରାବାହିକ DVD/ CD/ Pendrive ସହିତ ଟେଲି ଚଳଚ୍ଚିତ୍ର ପାଇଁ ଦାଖଲ କରାଯାଇଥିବା Censor Certificateର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ । ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା DVD/ Pendrive ଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ । ଟେଲି ଧାରାବାହିକ ପୁରସ୍କାର ୨୦୧୯ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ଅଭିନେତ୍ରୀ, ଖଳନାୟକ/ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ । ଏଥି ସହିତ ଧାରାବାହିକର ଟାଇଟିଲ୍ କାର୍ଡ଼ ସମ୍ବଳିତ ଅନ୍ୟ ଏକ DVD/Pendrive ମଧ୍ୟ ଦାଖଲ କରିବା ଆବଶ୍ୟକ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ଉପରୋକ୍ତ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ରର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.inରେ ଉପଲବ୍ଧ ଅଛି ।

ସର୍ତ୍ତାବଳୀ:

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ । ଟେଲି ଧାରାବାହିକଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲ୍‌ଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ୍) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ମୌଳିକ ଚଳଚ୍ଚିତ୍ର / ଧାରାବାହିକ / ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ ।
୩. କିନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ ।
୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ), ଟେଲି ଧାରାବାହିକ / ଚଳଚ୍ଚିତ୍ର ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/-ଙ୍କା (ଅଣଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ Director, Odia Language, Literature & Culture, Odisha, Bhubaneswarଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ ।
୫. ଦରଖାସ୍ତ ପଠାଇବାର ଠିକଣା: ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୨୦।୦୨।୨୦୨୧ ।
୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ ।
୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏହି ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ ।

ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର - ୭୫୧୦୧୪
OIPR-03001/11/0012/2021

# ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ଆରମ୍ଭ



ଉଦ୍‌ଘାଟନୀ ଅବସରରେ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର,୨୨।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ ସ୍କୁଲଠାରେ ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଖୋର୍ଦ୍ଧା ଜିଲା ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶୁକ୍ରବାର ପୁରୁଷଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶନିବାର ମହିଳାଙ୍କ ପାଇଁ ପ୍ରତିଯୋଗିତା ଆୟୋଜନ ହେବ।

ଖୋର୍ଦ୍ଧା ଜିଲାର ସମସ୍ତ ଜିମ୍, କ୍ଲବର ଶକ୍ତି ଉତ୍ତୋଳକମାନେ ଏଥିରେ ଭାଗ ନେଇଥିଲେ। ସବ୍ ଜୁନିୟର, ଜୁନିୟର, ସିନିୟର, ମାଷ୍ଟର-୧, ମାଷ୍ଟର-୨ ବର୍ଗ ପ୍ରତିଯୋଗିତାରେ ମୋଟ ୧୦୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। କୋଭିଡ୍-୧୯ ନିୟମ ଅନୁସାରେ ଏହି ପ୍ରତିଯୋଗିତା ଆୟୋଜିତ ହେବ ବୋଲି ସଂଘ ସଭାପତି ରାଜେଶ କୁମାର ପଣ୍ଡା ତଥା ସମ୍ପାଦକ ସମରେନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାକୁ ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର ସମ୍ପାଦପ ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଚିତ୍ତରଞ୍ଜନ ମିଶ୍ର, ରାକେଶ ଶତପଥୀ, ରାନୁ ମହାନ୍ତି, ସମରେନ୍ଦ୍ର ରାଉତ, ଶକ୍ତିରଞ୍ଜନ ବାରିକ, ପ୍ରଦିପ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ତର୍ଜାତୀୟ ଖେଳାଳି ରାନୁ ମହାନ୍ତି, ପ୍ରଦୀପ ପାତ୍ର, ଶକ୍ତିରଞ୍ଜନ ବାରିକ, ଅନୁପମା ସ୍ୱାଇଁ ଓ ସମରେନ୍ଦ୍ର ରାଉତରାୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସିନିୟର ପୁରୁଷ ୫୯ କେ.ଜି. ବର୍ଗରେ ରାମଚନ୍ଦ୍ର ସାହୁ ସ୍ୱର୍ଣ୍ଣ, ମୁକେଶ କୁମାର ଦାସ ରୌପ୍ୟ ଓ ଲାଲ ସବୀର ବ୍ରୋଞ୍ଜ ପଦକ ଜିତିଥିଲେ। ସିନିୟର ପୁରୁଷ ୬୬ କେ.ଜି. ବର୍ଗରେ ସୂର୍ଯ୍ୟକାନ୍ତ ବେହେରା ସ୍ୱର୍ଣ୍ଣ, ମନୋଜ କୁମାର ଗୌଡ଼ ରୌପ୍ୟ ଓ ମହମ୍ମଦ ଦାସିର ବ୍ରୋଞ୍ଜ ପଦକ ଜିତିଥିଲେ। ଜୁନିୟର ୫୩ କେ.ଜି.ରେ ରଜନୀ ବିଶି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜୁନିୟର ୫୯ କେ.ଜି.ରେ ବିଭୁତି ଭୁଷଣ ସାହୁ ସ୍ୱର୍ଣ୍ଣ, ଅଜୟ କୁମାର ସ୍ୱାଇଁ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ଜୁନିୟର ୬୬ କେ.ଜି.ରେ ରାଜୀବ ଲୋଚନ ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଦିନିକିଆ ସିରିଜ ଜିତିଲା ବାଂଲାଦେଶ

**ଢାକା,୨୨।୧(ଏପି)**

ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ବାଂଲାଦେଶ ବିଜୟ ହାସଲ କରିଛି। ଅଫ୍‌ସ୍ପିନର ମେହିଦି ହାସନ ମିରାଜ ୨୫ ରନ ବ୍ୟୟ କରି ୪ ଉଇକେଟ ଅକ୍ତିଆର କରିବା ସହ ବାଂଲାଦେଶକୁ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ବିଜୟୀ କରାଇଛନ୍ତି। ସ୍ଥାନୀୟ ସେର୍ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ବାଂଲାଦେଶ ୧୦୦ଟି ବଲ୍ ବାକିଥାଇ ୭ ଉଇକେଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ହରାଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ବାଂଲାଦେଶ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ମେହିଦି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ୬ ଉଇକେଟରେ ବିଜୟୀ ହୋଇଥିଲା। ଏଥିସହ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ବାଂଲାଦେଶ କ୍ରମାଗତ ତୃତୀୟ ଓ ମୋଟ୍ ଉପରେ ପଞ୍ଚମ ସିରିଜ ବିଜୟ ହାସଲ କରିଛି।

ଟସ୍‌ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ନିୟମିତ ଅନ୍ତରରେ ଉଇକେଟ ହରାଇ ୪୩.୪ ଓଭରରେ ୧୪୮ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ରୋଭମାନ ପାୱେଲ ସର୍ବାଧିକ ୪୧ ରନ୍ କରିଥିଲେ। ବାଂଲାଦେଶ ତରଫରୁ ମେହିଦି ସର୍ବାଧିକ ୪ ଉଇକେଟ ନେଇଥିଲେ।

ଜବାବରେ ବାଂଲାଦେଶ ୩୩.୨ ଓଭରରେ ୩ ଉଇକେଟ ହରାଇ ୧୪୯ ରନ କରି ଅତି ସହଜରେ ବିଜୟ ହାସଲ କରି ନେଇଥିଲା। ଦଳ ତରଫରୁ ଅଧିନାୟକ ତାମିମ ଇକବାଲ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଓପନର ଲିଟନ ଦାସ ୨୨, ନାଜମୁଲ ହୋସେନ ଶାଣ୍ଟୋ ୧୭ ରନ କରି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର: ୱେଷ୍ଟଇଣ୍ଡିଜ୍ ୪୩.୪ ଓଭରରେ ୧୪୮ ଅଲଆଉଟ୍** (ରୋଭମାନ- ୪୧, ଓଟ୍‌ଲି- ୨୪, ବୋନର- ୨୦, ଜାସନ ମହମ୍ମଦ- ୧୧, ଅଲଜାରି ଜୋଶେଫ୍- ୧୭, ଅକିଲ ହୋସେନ- ୧୨*, ମିରାଜ- ୪/ ୨୫, ସାକିବ- ୨/୧୦, ମୁସ୍ତାଫିଜୁର-୨/ ୧୫, ମାହମୁଦ- ୧/୫୪)। ବାଂଲାଦେଶ ୩୩.୨ ଓଭରରେ ୧୪୯/୩ (ତାମିମ- ୫୦, ସାକିବ- ୪୩*, ଲିଟନ- ୨୨, ଶାଣ୍ଟୋ- ୧୭, ଅକିଲ- ୧/୪୫, ଜାସନ ମହମ୍ମଦ- ୧/ ୨୯, ରେମନ- ୧/ ୧୮)।

# ଦୀପକ ହୁଡ଼ା ଗୋଟିଏ ସିଜନ ପାଇଁ ସସ୍‌ପେଣ୍ଡ

**ଭଦୋଦରା, ୨୨।୧ (ପି.ଟି.):** ବରୋଦ କ୍ରିକେଟ ଆସୋସିଏଶନ (ବିସିଏ) ଏହାର ସିନିୟର ଖେଳାଳି ଦୀପକ ହୁଡ଼ାଙ୍କୁ ସସ୍‌ପେଣ୍ଡ କରିଛି। ଅଧିନାୟକ କ୍ରୁନାଲ ପାଣ୍ଡ୍ୟାଙ୍କ ସହ ତାଙ୍କର ବଚସା ହେବାରୁ ସୟଦ ମୁସ୍ତାକ ଅଲି ଟ୍ରଫି ଆରମ୍ଭ ହେବା ପୂର୍ବରୁ ସେ ବିନା ଅନୁମତିରେ କ୍ୟାମ୍ପ ଛାଡ଼ି ଚାଲିଯାଇଥିଲେ। ନିଜ ଟିମ୍ କିମ୍ବା ବିସିଏକୁ ନ ଜଣାଇ ସେ ବାୟୋ ବବଲ ଛାଡ଼ି ଚାଲିଯାଇଥିଲେ। ଏହି ବିଶୃଙ୍ଖଳା ପାଇଁ ତାଙ୍କୁ ଗୋଟିଏ ସିଜନ ପାଇଁ ସସ୍‌ପେଣ୍ଡ କରାଯାଇଥିବା ବିସିଏ ସମ୍ପାଦକ ଅଜିତ ଲେଲେ ପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ବରୋଦା କ୍ରିକେଟ ଆସୋସିଏଶନ ଆପେକ୍ସ କାଉନ୍‌ସିଲ ବୈଠକରେ ହୁଡ଼ାଙ୍କୁ ସସ୍‌ପେଣ୍ଡ କରାଯିବା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ସୟଦ ମୁସ୍ତାକ ଅଲି ଟ୍ରଫି ପାଇଁ ହୁଡ଼ାଙ୍କୁ ବରୋଦା ଦଳର ଉପଅଧିନାୟକ ମନୋନୀତ କରାଯାଇଥିଲା। ଜାନୁୟାରୀ ୯ରେ ସେ ବାୟୋ ବବଲ ଛାଡ଼ି



ଚାଲିଯାଇଥିଲେ। ୪୬ ବର୍ଷୀୟ ହୁଡ଼ା ତାଙ୍କ ଇ-ମେଲ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଅଧିନାୟକ ପାଣ୍ଡ୍ୟା ତାଙ୍କ ଟିମ୍‌ମେଟ୍ ଓ ଅନ୍ୟ ଟିମ୍‌ର ଖେଳାଳିମାନଙ୍କ ଉପସ୍ଥିତିରେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିପାଇଁ ସେ ହତାଶ, ଉଦାସୀନ ଓ ଚାପରେ ରହିଥିଲେ। ହୁଡ଼ାଙ୍କଠାରୁ ଚିଠି ପାଇବା ପରେ ବିସିଏ ମ୍ୟାନେଜରଙ୍କଠାରୁ ରିପୋର୍ଟ ମଗାଇଛି।

## ଚିଲି ସିନିୟର ସହ ଡ୍ର' ରଖିଲା ଭାରତୀୟ ଜୁନିୟର ଦଳ

**ସାଣ୍ଟିଆଗୋ, ୨୨।୧ (ପି.ଟି.):** ଭାରତର ଜୁନିୟର ମହିଳା ହକି ଦଳ ଚିଲିର ସିନିୟର ଦଳ ବିପକ୍ଷ ମ୍ୟାଚ୍ ୨-୨ରେ ଡ୍ର' ରଖିଛନ୍ତି। ପ୍ରିନ୍ସ ଅଫ୍ ୱେଲ୍ସ କଣ୍ଟ୍ରି କ୍ଲବଠାରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ତରଫରୁ ଦୀପିକା(୪୦ତମ ମିନିଟ୍) ଓ ଗଗନଦୀପ କୌର (୫୫ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳର ମାରିଆନା ଡେଲ୍ ଜେସସ ଲାଗୋସ୍ (୨୧ତମ) ଓ ଫର୍ନାଣ୍ଡା ଭିଲାଗ୍ରାନ୍ (୫୧ତମ) ଗୋଲ ଦେଇଥିଲେ। ଟୁର୍‌ରେ ଥିବା ଭାରତୀୟ ଦଳର ଏହା ଥିଲା ଚତୁର୍ଥ ମ୍ୟାଚ। କ୍ରମାଗତ ୩ ବିଜୟ ପରେ ଦଳର ଏହା ପ୍ରଥମ ଡ୍ର ମ୍ୟାଚ ଥିଲା। ଭାରତୀୟ ଜୁନିୟର ଦଳ ଚିଲିର ସିନିୟର ଦଳ ବିପକ୍ଷରେ ପୁଣି ପଛକୁ ପଛ ଦୁଇଟି ମ୍ୟାଚ ଶନି ଓ ରବିବାର ଖେଳିବ।

OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH
(District Child Protection Unit)
Odisha State Child Protection Society, W&CD Department
Govt. of Odisha
Ph.-06622-273343

Letter No.643/DCPU/SNG/2020 Date 22.01.2021

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଦିସା, ସା ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ.ନଂ.-୯୯୩୮୧୭୦୪୫୦/ଅଫିସ- ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ.-୯୪୩୭୦୮୫୪୩୪/ଅଫିସ- ୦୬୬୨୨-୨୭୨୨୬୩

| କ୍ର. ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ପ୍ରତ୍ୟୁଷ (ସା ଦିସା ଦ୍ୱାରା ଦିଆଯାଇଥିବା ନାମ) | ୫ ମାସ | ପୁଅ | ରାନିବନ୍ଧ, ଢିପାଟୋଲି, ପୋଲିସ ଷ୍ଟେସନ-ରାଜଗାଙ୍ଗପୁର, ଜିଲ୍ଲା-ସୁନ୍ଦରଗଡ଼, ତା୧୮.୦୧.୨୦୨୧ |  |
| ୨ | ସ୍ୱାତୀ (ସା ଦିସା ଦ୍ୱାରା ଦିଆଯାଇଥିବା ନାମ) | ୦୧.୧୨.୨୦୨୦ | ଝିଅ | କ୍ରେଡିଲ ବେବି ପଏଣ୍ଟ, ଦିସା, ସା ଠାରେ, ବିସ୍ରା, ସୁନ୍ଦରଗଡ଼, ତା୦୮।୦୧।୨୦୨୧ |  |

Sd./- District Child Protection Officer
Sundargarh

No. L-57

ଧୂଆଁପତ୍ରଗୋଟି ପୋକ ପରିଚାଳନା ନିମନ୍ତେ ଚାଷୀଭାଇମାନଙ୍କ ପାଇଁ ବିଶେଷ ସୂଚନା

ରାଜ୍ୟର କେତୋଟି ଜିଲ୍ଲାରେ ଚିନାବାଦାମ, ମୁଗ, ବିରି ଫସଲରେ ଧୂଆଁପତ୍ରଗୋଟି ପୋକ ଲାଗିଥିବାର ଦୃଷ୍ଟିଗୋଚର ହୋଇଛି। ତେଣୁ ଚାଷୀଭାଇମାନଙ୍କୁ ଅନୁରୋଧ କରାଯାଉଛି ଧୂଆଁପତ୍ରଗୋଟି ପୋକ ଆକ୍ରମଣର ପରିଚାଳନା ପାଇଁ ନିମ୍ନଲିଖିତ ପଦକ୍ଷେପ ନିଅନ୍ତୁ।

ପୋକ ଚିହ୍ନିବା କିପରି

କାଳିମୁଣ୍ଡି ପୋକ ବା ଧୂଆଁପତ୍ରଗୋଟି ପୋକ ଏକ ବହୁଭକ୍ଷୀ କୀଟ। ଏହାର ପୂର୍ଣ୍ଣାଙ୍ଗ ପ୍ରଜାପତିଗୁଡ଼ିକ ବଳିଷ୍ଠ ବାଦାମୀ ରଙ୍ଗର। ପଛଡେଣା ଦୁଇଟି ଧଳା। ଏହା କଅଁଳିଆ ପତ୍ରରେ ମେଞ୍ଚା ମେଞ୍ଚା କରି ଅଣ୍ଡା ଦିଏ ଏବଂ ନିଜର ଲୋମଦ୍ୱାରା ଏହି ଅଣ୍ଡା ମେଞ୍ଚାକୁ ଘୋଡ଼ାଇ ରଖିଥାଏ। ସଦ୍ୟଜାତ ଶୂକଗୁଡ଼ିକ ଦଳବଦ୍ଧ ହୋଇ ପତ୍ରରୁ ସବୁଜ ଅଂଶ କୋରି ଖାଆନ୍ତି। ସନ୍ଧ୍ୟା ଏବଂ ରାତି ସମୟରେ ସକ୍ରିୟ ରହି ପତ୍ରଗୁଡ଼ିକୁ ଦ୍ରୁତ ଗତିରେ ଖାଇ ନଷ୍ଟ କରିଦେଇଥାନ୍ତି ଓ ସୂର୍ଯ୍ୟକିରଣ ପଡ଼ିଲେ ଏମାନେ ମାଟି ଓ ଜମିରେ ରହିଥିବା ଫାଟ ମଧ୍ୟରେ ଲୁଚିଯାନ୍ତି। ବଳିଷ୍ଠ ଶୂକଗୁଡ଼ିକ ଖାଦ୍ୟ ଅନ୍ୱେଷଣରେ ଗୋଟିଏ କିଆରୀରୁ ଅନ୍ୟ କିଆରୀକୁ ମାଡ଼ିଯାଇଥାନ୍ତି। ସାଧାରଣତଃ ପାଣିପାଗର ଅଚାନକ ପରିବର୍ତ୍ତନ ଏମାନଙ୍କର ବଂଶବୃଦ୍ଧିରେ ସହାୟକ ହୋଇଥାଏ।

ପୋକର ପ୍ରତିକାର ଓ ତାର ପରିଚାଳନା

- ପ୍ରାଥମିକ ଅବସ୍ଥାରେ ନିୟମିତ ସର୍ବେକ୍ଷଣ କରି ଅଣ୍ଡା ମେଞ୍ଚାଗୁଡ଼ିକ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ।
- ପ୍ରଥମାବସ୍ଥାରେ ଛୋଟ ଶୂକଗୁଡ଼ିକ ପତ୍ର ତଳେ ମେଞ୍ଚା ମେଞ୍ଚା ହୋଇ ରହିଥାନ୍ତି। ଏହି ସମୟରେ ଆକ୍ରାନ୍ତ ପତ୍ରକୁ ଛିଣ୍ଡାଇ ନଷ୍ଟ କରିଦିଅନ୍ତୁ।
- ସନ୍ଧ୍ୟା ସମୟରେ ଆଲୋକ ଯନ୍ତାର ବ୍ୟବହାର କରନ୍ତୁ।
- ଏକର ପ୍ରତି ୨-୫ ଗୋଟି କେନା ଥିବା ବାଉଁଶ ବା ଝାଟି ପୋତି ପକ୍ଷୀ ଆଶ୍ରୟ ସ୍ଥଳ ସୃଷ୍ଟି କରନ୍ତୁ।
- ଏକର ପ୍ରତି ୬ ରୁ ୮ ଗୋଟି ସଙ୍ଗଆକର୍ଷକ ଯନ୍ତା (ଫ୍ଲୋଡୋ ଲିଓର) ବସାଇ ପ୍ରଜାପତିଗୁଡ଼ିକ ନଷ୍ଟ କରିଦିଅନ୍ତୁ।
- ହିଡ଼ରେ ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇରିଫସ ଗୁଣ୍ଡ ଔଷଧ ପ୍ରୟୋଗ କରନ୍ତୁ।
- ବିଷଥୋପ / ପ୍ରଲୋଭନ ପଦାର୍ଥ ଭାବରେ ୧୦ କି.ଗ୍ରା. କୁଣ୍ଡା ସହିତ ୧କି.ଗ୍ରା. ଗୁଡ଼ + ୧୦୦ ଗ୍ରାମ୍ ଥାୟୋଡିକାର୍ବ ୭୫% ଡବ୍ଲୁ.ପି. କିମ୍ବା ୧୦୦ ମି.ଲି. କ୍ଲୋରପାଇରିଫସ୍ ୨୦%ଇ.ସି. ମିଶାଇ ବିଷଥୋପ ପ୍ରସ୍ତୁତ କରି ଜମିରେ ବିଭିନ୍ନ ସ୍ଥାନରେ ପ୍ରୟୋଗ କରନ୍ତୁ।
- ହେକ୍ଟର ପ୍ରତି ରାସାୟନିକ ଜୀବନାଶକ ଯଥା ନୋଭାଲୁରନ୍ ୫.୨୫% + ଇଣ୍ଡୋକ୍ସାକାର୍ବ ୪.୫% ୧୦୦୦ମିଲି. କିମ୍ବା ୭୫୦ମି.ଲି. ଲାମ୍ବଡାସାଇହାଲୋଥ୍ରିନ୍ ୪.୯ ସି.ଏସ୍. କିମ୍ବା ୩୦୦ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦% ଡବ୍ଲୁ.ଜି. କିମ୍ବା ୭୫୦ଗ୍ରାମ୍ ମେଥୋମିଲ ୪୦% ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ପୋକ ଆକ୍ରମଣ ଦେଖିଲେ 'ଆମ କୃଷି' ଟୋଲଫ୍ରି ନଂ ୧୫୫୩୩୩କୁ ଫୋନ କରନ୍ତୁ କିମ୍ବା ନିକଟସ୍ଥ କୃଷି କର୍ମଚାରୀ / ସହକାରୀ କୃଷି ଅଧିକାରୀ / ଗୋଷ୍ଠୀ କୃଷି ଅଧିକାରୀ / କୃଷି ଜିଲ୍ଲା ଅଧିକାରୀ / ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ / ରୋଗ ପୋକ ବିଶେଷଜ୍ଞ, କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ।

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-01034/11/0028/2021

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ବେଦବ୍ୟାସ, (ଡି.ଏନ୍.ଏ.): ରାଉରକେଲା ବନାଞ୍ଚଳ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜର ଝରାଦବେନ ଗ୍ରାମରେ ଗୁରୁବାର ରାତି ୭ଟା ୩୦ରେ ହାତୀ ଆକ୍ରମଣରେ ପିଡ୍ରସ୍ ଏକ୍କା (୬୦)ଙ୍କ ମୃତ୍ୟୁ ଘଟିଛି। ସେ ଘରେ ନିଆଁଜାଳି ବସିଥିବାବେଳେ ହଠାତ ଏକ ହାତୀ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମୃତଦେହ ଜବତ କରିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସଂକ୍ଷେପରେ

## ସୀମାନ୍ତରୁ ଜଣେ ମାଓବାଦୀ ଗିରଫ

**ମାଲକାନଗିରି,୨୨।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍ମା ଜିଲା କୋଣ୍ଟା ଥାନା ଅନ୍ତର୍ଗତ ବୋଲପେଚ୍ଛା ଗ୍ରାମ ଜଙ୍ଗଲରୁ ଶୁକ୍ରବାର ଜଣେ ମାଓବାଦୀଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ବୋଲପେଚ୍ଛା ଗ୍ରାମର ମାଡିବି ହୁଙ୍ଗା। ସେ ମାଓବାଦୀ ଜନମିଲିସିଆ ଭାବେ ବୋଲପେଚ୍ଛା ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ପୋଷ୍ଟର ଲଗାଇବା, ରାସ୍ତା ଖୋଳିବା, ବିସ୍ଫୋରକ ଲଗାଇବା ତାଙ୍କ ଦାୟିତ୍ୱ ଥିଲା। ସିଆର୍‌ପିଏଫ୍ ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମାଡିବି ଧରାପଡିଥିଲେ। ତାଙ୍କ ନିକଟରୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ସେଗୁଡିକ ମଧ୍ୟରେ ୫ଟି ଇଲେକ୍ଟ୍ରି ଡିଟୋନେଟର, ୨ ମିଟର କୋଡେକ୍ସ ତାର ରହିଛି। ୩ ମାସ ତଳେ ମୁରଲିଗୁଡ଼ା ସିଆର୍‌ପିଏଫ୍ କ୍ୟାମ୍ପ ନିକଟରେ ସେ ଲ୍ୟାଣ୍ଡମାଇନ ଲଗାଇବାରେ ସମ୍ପୃକ୍ତ ଥିବା ପଚରାଉଚରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

## 'ଫେବୃୟାରୀ ସୁଦ୍ଧା ଦକ୍ଷତା ବିକାଶ ପ୍ରକଳ୍ପ ଟେଣ୍ଡର ସାର'

**ଭୁବନେଶ୍ୱର,୨୨।୧(ବ୍ୟୁରୋ):** ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କମିଶନର ସଞ୍ଜୟ କୁମାର ସିଂ ବିଭିନ୍ନ ସରକାରୀ ଆଇଟିଆଇ, ପଲିଟେକ୍ନିକ୍, ଇଞ୍ଜିନିୟରିଂ କଲେଜ ଏବଂ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ପରିଷଦ ବୋର୍ଡ ଏବଂ ଓଭରସାଇଟ୍ ଅଥରିଟି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକଙ୍କ ଦ୍ୱାରା ପୂର୍ବରୁ ଅନୁମୋଦନ ଲାଭ କରିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ପ୍ରସ୍ତାବିତ କାମର ଟେଣ୍ଡର ଆସନ୍ତା ଫେବୃୟାରୀ ଶେଷସୁଦ୍ଧା ସାରିବାକୁ ସେ ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବଡବିଲ, ଆନନ୍ଦପୁର, ବ୍ରହ୍ମପୁର ଆଇଟିଆଇ, କେନ୍ଦୁଝର ଓଡ଼ିଶା ମାଇନିଂ ସ୍କୁଲ, ସରକାରୀ ଇଞ୍ଜିନିୟରିଂ କଲେଜର ପ୍ରକଳ୍ପଗୁଡ଼ିକ ଅନୁମୋଦିତ ହୋଇଛି। ଏହିସବୁ କାର୍ଯ୍ୟ ମେ ମାସ ସୁଦ୍ଧା ଆରମ୍ଭ କରିବା ସହ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ କମିଶନର ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ଜିଲା ଖଣିଜ ପାଣ୍ଠି ଅନୁଦାନରେ ପରିଚାଳିତ ସରକାରୀ ଆଇଟିଆଇ ଏବଂ ପଲିଟେକ୍ନିକରେ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରି ସମୟସୀମା ମଧ୍ୟରେ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କର୍ମନିୟୋଜନ ବିଭାଗ ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜୀ, ଇଡ୍‌କୋର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ନିୟନ୍ତ୍ରଣ ବାହାରେ ମୂର୍ତ୍ତି ଚୋରି

ଓଡ଼ିଶାର ଅନ୍ୟତମ ଆଧାତ୍ମିକ କ୍ଷେତ୍ର ଯାଜପୁର ଜିଲାର ପ୍ରାଚୀନ ଓ ଦୁର୍ଲଭ ମୂର୍ତ୍ତି ଉପରେ ପଡ଼ିଛି ଦୁର୍ବୃତ୍ତଙ୍କ ଲୋଲୁପଦୃଷ୍ଟି। ଉକ୍ତ ମୂର୍ତ୍ତିଗୁଡ଼ିକର ସନ୍ଧାନରେ ପୋଲିସର କ୍ରମାଗତ ବିଫଳତାରୁ ମନେ ହେଉଛି ଯେ, ମୂର୍ତ୍ତିଚୋରମାନେ ବାହ୍ୟଶକ୍ତି ଦ୍ୱାରା ପରିଚାଳିତ ହେଉଛନ୍ତି। ଏଥିପାଇଁ ଏକ ସୁଚନ୍ତିତ ର୍‌ୟାକେଟ୍ ସହିତ ପ୍ରଭାବଶାଳୀମାନେ ସମ୍ପୃକ୍ତ ଥିବା ସନ୍ଦେହ ଦୃଢ଼ୀଭୂତ ହେଉଛି। ପ୍ରତିବର୍ଷ ଏକାଧିକ ମୂର୍ତ୍ତି ଚୋରି ହେଉଛି, ଯାହାକି ପ୍ରଶାସନର ନିୟନ୍ତ୍ରଣ ବାହାରେ ରହିଛି। କେବଳ ଯାଜପୁର ନୁହେଁ, ଅନ୍ୟ ଜିଲାଗୁଡ଼ିକର ମଧ୍ୟ ମୂର୍ତ୍ତି ଚୋରି ଘଟଣା ବାରମ୍ବାର ଘଟୁଛି। ଗତ ଡିସେମ୍ବର ୨୧ ରାତିରେ ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ୮୦୦ ବର୍ଷ ପୁରୁଣା ଶ୍ରୀଦକ୍ଷେଶ୍ୱର ମନ୍ଦିରରୁ ୨୨ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା।

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୨।୧**

ଐତିହ୍ୟ ଓ ସଂସ୍କୃତିସମ୍ପନ୍ନ ଯାଜପୁର ଜିଲାରେ ନିୟମିତ ବ୍ୟବଧାନରେ ଅତି ପ୍ରାଚୀନ ମୂର୍ତ୍ତିଗୁଡ଼ିକର ଚୋରି ହେଉଛି। ୨୦୧୫ ମେ ୧୮ ରାତିରେ ବରାହନାଥ ମନ୍ଦିରର ପାର୍ଶ୍ୱଦେବତାଙ୍କ ଅତି ପ୍ରାଚୀନ ୬ ମୂର୍ତ୍ତି ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଖରାଖିଆ ମନ୍ଦିରର ଲକ୍ଷ୍ମୀ ବରାହ ଓ ଶ୍ୱେତ ବରାହ, ବଳି ବାମନ ମନ୍ଦିରର ବଳିବାମନ, ଗଦାଧର ମନ୍ଦିରର ଗଦା, ଶଙ୍ଖ ଓ ଚକ୍ର ମୂର୍ତ୍ତିଗୁଡିକୁ ମାଟିରୁ ତାଡ଼ିନେଇ କୁଆଡ଼େ ଚମ୍ପଟ ମାରିଥିଲେ। ଏହି ଘଟଣାକୁ ୫ ବର୍ଷ ବିତିଯାଇଥିଲେ ହେଁ ସେହି ମୂଲ୍ୟବାନ ମୂର୍ତ୍ତିଗୁଡିକର ସନ୍ଧାନ ମିଳିପାରିନାହିଁ। ୨୦୨୦ ଜୁଲାଇରେ ଅନୁରୂପ ଭାବେ ଚଣ୍ଡିଖୋଲ ଅଞ୍ଚଳର ୬ଟି ମନ୍ଦିରରୁ ପୂଜା ସାମଗ୍ରୀ, ଦାନବାକ୍ସ, ସୁନା ଚିତା, ରୁପା ମୁକୁଟ ଆଦି ଚୋରି ହୋଇଥିଲା। ସେହି ଚୋରି ସାମଗ୍ରୀ ଉଦ୍ଧାର କରିବାରେ ପୋଲିସ ବିଫଳ ହୋଇଛି। ଗତ ୧୧ ତାରିଖ ରାତିରେ ଦର୍ପଣଗଡ଼ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାୟ ୨୦୦ ବର୍ଷ ତଳର କୋଟ୍ରାକ୍ଷୀ ଦେବୀଙ୍କ ମନ୍ଦିରରୁ ତାଲା ଭାଙ୍ଗି ଦୁର୍ଲଭ ମୂଲ୍ୟବାନ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା ଜିଲାବାସୀଙ୍କୁ ବ୍ୟଥିତ କରିଛି। ଫଳରେ ଧର୍ମ ସଂସ୍କୃତି ପୀଠ, କୀର୍ତ୍ତିରାଜି ଓ ସନ୍ଥ ମହାତ୍ମାଙ୍କ ସାଧନା କ୍ଷେତ୍ର ଯାଜପୁର ଆଜି ଶ୍ରୀହରା ହେବାରେ ଲାଗିଛି।

ସୂଚନାଯୋଗ୍ୟ, ୨୦୦୫ ସେପ୍ଟେମ୍ବର ୧୪ରେ ଏହି କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମୂର୍ତ୍ତିକୁ ଅଖାରେ ପୂରାଇ ବଦଳ କରିବାର ଉଦ୍ୟମ ହୋଇଥିବା ଖବର ଲୋକଲୋଚନକୁ ଆସିଥିଲା। ତେବେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୨୦୦୫ ନଭେମ୍ବର ୨୮ରେ ମା'ଙ୍କ ମୂର୍ତ୍ତିକୁ ପୁନଃ ସ୍ଥାପନ କରାଯାଇଥିଲା। ଏହି ଘଟଣାକୁ ନେଇ ଆର୍‌ଡିସି ତଦନ୍ତ ମଧ୍ୟ ହୋଇଥିଲା। ହେଲେ ଦୁର୍ଭାଗ୍ୟ ଯେ, ୧୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ତଦନ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇ ପାରିନାହିଁ। କେବଳ ମା' ବିରଜାଙ୍କ ମୂର୍ତ୍ତି ଚୋରି ଉଦ୍ୟମ ହୋଇଛି ତାହା ନୁହେଁ, ବିଭିନ୍ନ ସମୟରେ ଏହି ପୀଠରେ ଅନ୍ୟାନ୍ୟ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ଚୋରି କରିବାରେ ମଧ୍ୟ ସଫଳ ହୋଇଛନ୍ତି। ୨୦୧୧ରେ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତର ତରାଙ୍ଗ ସାଗରପୁର ଗ୍ରାମର ଦକ୍ଷିଣଚଣ୍ଡୀ ଠାକୁରାଣୀ ମନ୍ଦିରରୁ ପ୍ରାୟ ଷଷ୍ଠ ଶତାବ୍ଦୀରେ ପ୍ରତିଷ୍ଠିତ ହରପାର୍ବତୀ ମୂର୍ତ୍ତି ଚୋରି ହୋଇଥିଲା। ଏହାର ଏକ ମାସ ପରେ ଅଷ୍ଟମ ଶତାବ୍ଦୀର ଭୈରବ ମୂର୍ତ୍ତି ଓ ଗାଁ ପୀଠରେ ଥିବା ଜାଗୁଳାଇ ମନ୍ଦିରରୁ ପ୍ରଥମ ଜୈନତୀର୍ଥଙ୍କ ରଷଭନାଥ ମୂର୍ତ୍ତି ଚୋରି ହୋଇଥିଲା। ୨୦୧୨ରେ ପଞ୍ଚୁପୁର ଗ୍ରାମର ଜୈନତୀର୍ଥଙ୍କ ପଦ୍ମପ୍ରଭ ମୂର୍ତ୍ତି ଏବଂ ୨୦୧୩ରେ ଯାଜପୁର ଟାଉନ ସପନପୁରର ପଦ୍ମେଶ୍ୱର ମନ୍ଦିରରୁ ମହିଷମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ଚୋରି କରାଯାଇଛି। ୨୦୦୩ରେ ବିଶ୍ୱପ୍ରସିଦ୍ଧ ବୌଦ୍ଧ କୀର୍ତ୍ତିରାଜି ଉଦୟଗିରିରୁ ଏକ ବଡ଼ ବୁଦ୍ଧ ମୂର୍ତ୍ତିର ମୁଣ୍ଡକୁ କାଟି ଦିଆଯାଇଥିଲା। ସେହିପରି ଏକ ପ୍ରାଚୀନ ବୁଦ୍ଧ ମୂର୍ତ୍ତି ଚୋରି ହୋଇଥିଲା, ଯାହାର କି ଏ ପର୍ଯ୍ୟନ୍ତ ପତ୍ତା ମିଳି ପାରିନାହିଁ। ସେତେବେଳେ ଏହି ଘଟଣା ସାରା ରାଜ୍ୟରେ ଚହଳ ପକାଇ ଦେଇଥିଲା। ମୂର୍ତ୍ତି ଚୋରମାନଙ୍କୁ କରୋନା ମଧ୍ୟ ପ୍ରଭାବିତ କରି ନ ଥିଲା। କାରଣ ୨୦୨୦ ଜୁଲାଇରେ ଚଣ୍ଡିଖୋଲ ଅଞ୍ଚଳରେ ଏକାଥରକେ ୬ ସ୍ଥାନର ମନ୍ଦିରରୁ ଚୋରି ହୋଇଥିଲା। ସୁଙ୍ଗୁଡା ତାରିଣୀଙ୍କ ଆଖି ସୁନା, ସୁନା ଚିତା, ରୁପା ମୁକୁଟ, ଘଣ୍ଟା, ଦାନ ବାକ୍ସ ଏବଂ ଧାନମଣ୍ଡଳ ଶିବ ମନ୍ଦିରର ପୂଜା ସାମଗ୍ରୀ ଚୋରି ହୋଇଥିଲା। ନୂଆ ସୁଙ୍ଗୁଡା ଶିବ ମନ୍ଦିର ଏବଂ ହନୁମାନ ମନ୍ଦିରର ପୂଜା ସାମଗ୍ରୀ, ଚଣ୍ଡିଖୋଲ ଛକ ତାରିଣୀ ମନ୍ଦିର, ସୁଙ୍ଗୁଡା ଗ୍ରାମର ତାରିଣୀ ମନ୍ଦିରରୁ ବିଭିନ୍ନ ପୂଜା ସାମଗ୍ରୀ ଓ ଅଳଙ୍କାର ଚୋରି ହୋଇଛି। ଗତ ୧୧ ତାରିଖ ରାତିରେ କୋଟ୍ରାକ୍ଷୀ ଦେବୀଙ୍କ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା ପୁଣି ଅତୀତକୁ ମନେ ପକେଇ ଦେଇଛି। । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଉକ୍ତ ମୂର୍ତ୍ତିର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ। ଏସ୍‌ପି ରାହୁଲ ପି.ଆର ଗୁରୁବାର କୋଟ୍ରାକ୍ଷୀ ମନ୍ଦିରକୁ ଯାଇ ଘଟଣା ସମ୍ପର୍କରେ ଅନୁସନ୍ଧାନ କରିଛନ୍ତି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ସେ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି।

ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଐତିହାସିକ କିଷାନ ପଣ୍ଡା କୁହନ୍ତି, ବିପୁଳ ଟଙ୍କା ଖର୍ଚ୍ଚରେ ଉନ୍ନତି ହୋଇଥବା ବହୁ ପର୍ଯ୍ୟଟନସ୍ଥଳୀ ଏବେ ଶ୍ରୀହୀନ ହୋଇପଡିଛି। ମୂର୍ତ୍ତି ଚୋରି ଯାଜପୁର ଜିଲାର ନିୟମିତ ବ୍ୟବଧାନରେ ଘଟିଚାଲିଛି। ସରକାର ଐତିହ୍ୟ ଓ ସଂସ୍କୃତିକୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ଏହି ଚୋରି ଘଟଣାର ବିଭିନ୍ନ ଦିଗକୁ ନେଇ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାକୁ ପୋଲିସ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ରାହୁଲ ପି.ଆର. କହିଛନ୍ତି। ଏହିସବୁ ଘଟଣାରେ ଏକ ବଡ଼ ର୍‌ୟାକେଟ କାମ କରୁଥିଲେ ହେଁ, ଚୋରି ମୂର୍ତ୍ତି ଉଦ୍ଧାର ଦିଗରେ ଜିଲା ପୋଲିସ ସବୁବେଳେ ବିଫଳ ହୋଇଆସିଛି ବୋଲି ମତପ୍ରକାଶ ପାଇଛି।




ବରାହନାଥ ମନ୍ଦିରରୁ ମୂର୍ତ୍ତି ଚୋରି ପରେ ଖାଲି ପଡ଼ିଛି ଆସ୍ଥାନ।

### ବଢୁଛି ବାହ୍ୟଶକ୍ତିର ଲୋଲୁପଦୃଷ୍ଟି

## ଜଳିଗଲା ୧୦ ହଜାର ଗଛ



ବନୀକରଣ ସ୍ଥାନରେ ଭୟଙ୍କର ନିଆଁ।

**ବନ୍ତଲା,୨୨।୧(ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ବଡ଼କେରା ପଞ୍ଚାୟତ ଚମ୍ପତିମୁଣ୍ଡା ନବୋଦୟ ବିଦ୍ୟାଳୟ ପଛ ପାଖ ବନୀକରଣ ଜାଗାରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୮ ହେକ୍ଟରରୁ ପ୍ରାୟ ଦଶ ହଜାର ଗଛ ପୋଡି ଯାଇଥିବା ଜଣାପଡିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଘଟଣାରୁ ଜଣାପଡ଼ିଛି, ବନୀକରଣ ସ୍ଥାନରେ ନିଆଁ ଲାଗିଥିବା ଗ୍ରାମବାସୀଙ୍କଠାରୁ ଖବରପାଇ ବିଭାଗୀୟ କର୍ମଚାରୀ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବା ଉଦ୍ୟମ କରିଥିଲେ ମଧ୍ୟ ଆୟତ୍ତ କରିପାରି ନ ଥିଲେ। ମୋଟ୍ ୧୫ ହେକ୍ଟର ଜାଗାରେ ୨୦୧୮-୧୯ ମସିହାରେ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କୋପରେଶନ (ଓଏଫଡିସି) ପକ୍ଷରୁ ୨୦ ହଜାର ଗଛ ଲଗା ଯାଇଥିଲା। ଓଏଫଡିସି ଏସ୍‌ବିଏମ୍ ରଜନୀକାନ୍ତ ଦେଶୀନାୟକ କହିଛନ୍ତି, ଘଟଣାସ୍ଥଳକୁ ବନବିଭାଗ ଓ ବିଭାଗୀୟ କର୍ମଚାରୀମାନେ ଯାଇ ନିଆଁକୁ ଆୟତ୍ତ କରିଛନ୍ତି।

## ସମ୍ବିତ ପାତ୍ରଙ୍କ ନାଁରେ ମାନହାନି ମକଦ୍ଦମା

### କଂଗ୍ରେସ ବିଧାୟକଙ୍କ ବିରୋଧରେ ମିଥ୍ୟା ଆରୋପ ଘଟଣା

**କଟକ ଅଫିସ, ୨୨।୧**

ନୟାଗଡ଼ ନାବାଳିକା ହତ୍ୟା ଘଟଣାରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ ପାତ୍ର ଗତ ନଭେମ୍ବର ୩୦ରେ ବିଭିନ୍ନ ଜାତୀୟ ଗଣମାଧ୍ୟମ ସମ୍ମୁଖରେ କଂଗ୍ରେସର ୯ ଜଣ ବିଧାୟକ ଶାସକ ଦଳଠାରୁ ଟଙ୍କା ଖାଇଥିବା ନେଇ ମିଥ୍ୟା ଆରୋପ କରିଥିଲେ। ଏହାକୁ ପ୍ରତିବାଦ କରି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଡିସେମ୍ବର ୭ରେ ପାତ୍ରଙ୍କ ନିକଟକୁ ଏକ ଓକିଲ ନୋଟିସ ପଠାଇଥିଲେ। ଏହି ଘଟଣାରେ ପାତ୍ର ନିଜର ଅଶାଳୀନ ମନ୍ତବ୍ୟ ପାଇଁ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ମୋକିମ ନୋଟିସ ଜରିଆରେ ଦାବି କରିଥିଲେ। ଇତିମଧ୍ୟରେ ଦେଢ ମାସ ବିତିଯାଇଥିଲେ ମଧ୍ୟ ପାତ୍ର ଏ ବାବଦରେ କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି। ତେଣୁ ତାଙ୍କ ନାଁରେ ଆଇପିସିର ଧାରା ୪୯୯ ଓ ୫୦୦ ଅନୁଯାୟୀ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ମାନହାନି ମକଦ୍ଦମା (ନଂ.୨୩/୨୧) ଦାଏର କରାଯାଇଛି। ବିଧାୟକ ମୋକିମଙ୍କ ତରଫରୁ ଆଇନଜୀବୀ ଶୈଳବାଳା ଜେନା ମକଦ୍ଦମା ପରିଚାଳନା କରୁଛନ୍ତି।




## ଚର୍ଚ୍ଚାରେ 'ବାଳିକା ବଧୂ'ର ଆନନ୍ଦୀ

ଲୋକପ୍ରିୟ ଧାରାବାହିକ 'ବାଳିକା ବଧୂ'ର ଆନନ୍ଦୀ ଚରିତ୍ରରେ ଅଭିନୟ କରି ଘରେ ଘରେ ପରିଚିତ ଅଭିନେତ୍ରୀ ଅଭିକା ଗୋର ଏବେ ଚର୍ଚ୍ଚାରେ। ଏହାର କାରଣ ତାଙ୍କର ଆଗାମୀ ଫିଲ୍ମ। ନିକଟରେ ଅଭିକା ଇନ୍‌ଷ୍ଟାଗ୍ରାମ୍‌ରେ ନିଜର ୨ଟି ଫଟୋ ଶେୟାର କରିଛନ୍ତି। କ୍ୟାପଶନରେ ଲେଖିଛନ୍ତି, ଆରମ୍ଭ ହେଲା ଶୁଟିଂ। ଧଳା ରଙ୍ଗର ଟପ ଏବଂ ନୀଳ ରଙ୍ଗର ଜିନ୍ସ ପିନ୍ଧିଥିବା ଅଭିକାଙ୍କ ମୁହଁରେ ଏକ ଭିନ୍ନ ଝଲକ ଦେଖିବାକୁ ମିଳୁଛି। ଯାହା ପ୍ରମାଣ କରୁଛି ଯେ, ତାଙ୍କର ଆଗାମୀ ଫିଲ୍ମ 'କାହାନୀ ରବର ବ୍ୟାଣ୍ଡ କି'ପାଇଁ ସେ ବେଶ ଉତ୍ସାହିତ ଅଛନ୍ତି। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିକାଙ୍କ ସହ ମନୀଷ ରାୟସିଂଘନଙ୍କୁ ଦେଖିବାକୁ ମିଳିବ। ଏହି ଯୋଡି ପୂର୍ବରୁ ଧାରାବାହିକ 'ଶଶୁରାଲ ସିମର କା'ରେ ଅଭିନୟ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଚାଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ଋଣ ପାଆନ୍ତୁ
ଉମ୍ମୀଦ ଫାଇନାନ୍ସ ଦ୍ୱାରା ଋଣ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, କୃଷି, ଶିକ୍ଷା, ବ୍ୟବସାୟ, ଗ୍ରୁପ୍ ଋଣ, ମହିଳାଙ୍କ ପାଇଁ 24 ଘଣ୍ଟାରେ ବିନା ଫାଇଲ୍ ଚାର୍ଜରେ।
2% ସୁଧ, 40% ସବ୍‌ସିଡି
New Ashok Nagar, East Delhi, Delhi
9821043617

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ରେଳ ବଜେଟ ବୃଦ୍ଧି ଲାଗି ସରକାର ଦାବି କରନ୍ତୁ

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ରେଳ ପ୍ରକଳ୍ପ ଅନୁଦାନ ପ୍ରସଙ୍ଗରେ ଗତବର୍ଷ ଓଡ଼ିଶା ବିଧାନସଭାର ଏକ ପ୍ରତିନିଧି ଦଳ ଦିଲ୍ଲୀରେ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଭେଟି ରାଜ୍ୟକୁ ଅଧିକ ଅନୁଦାନ ଦେବାକୁ ଦାବି କରିଥିଲେ। ପାର୍ଲାମେଣ୍ଟରେ ୧ ଫେବୃୟାରୀରେ ବଜେଟ ଉପସ୍ଥାପନ ହୋଇଥିବାବେଳେ ଓଡ଼ିଶା ବିଧାନସଭା କମିଟି ଫେବୃୟାରୀ ୧୨ରେ ରେଳମନ୍ତ୍ରୀଙ୍କୁ ସାକ୍ଷାତ୍‌କରି ରାଜ୍ୟର ଦାବି ରଖିଥିଲେ। ଆଗାମୀ କେନ୍ଦ୍ର ବଜେଟ ୨୦୨୧-୨୨ ପାର୍ଲାମେଣ୍ଟରେ ଫେବୃୟାରୀ ପହିଲାରେ ଉପସ୍ଥାପନ ପାଇଁ ଧାର୍ଯ୍ୟ ହୋଇଛି। କଂଗ୍ରେସ ଆଶଙ୍କା କରୁଛି ଯେ, ବଜେଟ ଉପସ୍ଥାପନ ପୂର୍ବରୁ ରାଜ୍ୟର ଦାବି ଠିକ୍ ଭାବେ ଉପସ୍ଥାପିତ ହୋଇ ନ ପାରିଲେ ରାଜ୍ୟବାସୀଙ୍କୁ କ୍ଷତି ସହିବାକୁ ପଡ଼ିବ। ଏଣୁ ବଜେଟ ଉପସ୍ଥାପନ ପରେ ରାଜ୍ୟ ସରକାର ଦାବିକରି ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଅପେକ୍ଷା ବଜେଟ ପୂର୍ବରୁ ସରକାର ରାଜ୍ୟକୁ କିଭଳି ଅଧିକରୁ ଅଧିକ ଅନୁଦାନ ମିଳିବ ସେଥିପ୍ରତି ରେଳମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରନ୍ତୁ। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଦିଲ୍ଲୀ ଦରବାରରେ ରାଜ୍ୟର ନ୍ୟାଯ୍ୟ ସ୍ୱାର୍ଥ ଉପସ୍ଥାପନ ଲାଗି ଉଭୟ ବିଜେଡି, ଭାଜପାକୁ କଂଗ୍ରେସ ତରଫରୁ ଆହ୍ୱାନ କରାଯାଉଛି। ଓଡ଼ିଶାରୁ ପ୍ରତିବର୍ଷ ୧୫ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ରେଲୱେ ପାଉଥିବା ବେଳେ ରାଜ୍ୟର ରେଳ ବିକାଶ ଲାଗି ଆଗାମୀ ବଜେଟରେ ଅତି କମ୍‌ରେ ୧୦ ହଜାର କୋଟି ଟଙ୍କା ବଜେଟ ଅନୁଦାନ ଘୋଷଣା କରିବାକୁ କଂଗ୍ରେସ ଦାବି କରିଛି।

## 'ଅର୍ଣ୍ଣବ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ବିବୃତି ରଖନ୍ତୁ'

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ରିପବ୍ଲିକ୍‌ଟିଭି ମୁଖ୍ୟ ସମ୍ପାଦକ ଅର୍ଣ୍ଣବ ଗୋସ୍ୱାମୀଙ୍କ ଗିରଫ ଦାବିରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ସ୍ମାରକପତ୍ରରେ ନୱାଜ କହିଛନ୍ତି, ଅର୍ଣ୍ଣବ ଗୋସ୍ୱାମୀ ତାଙ୍କ କାର୍ଯ୍ୟକଳାପରେ ପ୍ରଧାନମନ୍ତ୍ରୀ ଏବଂ ଭାଜପାର ଗେହ୍ଲାପୁଅ ଭାବେ ପରିଚିତ। ଅର୍ଣ୍ଣବ ଜଣେ ଦେଶଦ୍ରୋହୀ ବୋଲି ସାରା ଦେଶ ଜାଣି ସାରିଲାଣି। ପ୍ରଧାନମନ୍ତ୍ରୀ ଓ ଭାଜପା ଆନ୍ଦୋଳନରତ କୃଷକଙ୍କୁ ଦେଶଦ୍ରୋହୀ କହିସାରିଲେଣି। ହେଲେ ଅର୍ଣ୍ଣବଙ୍କୁ ଦେଶଦ୍ରୋହୀ କହିବାକୁ ଅମଙ୍ଗ। ଅର୍ଣ୍ଣବଙ୍କ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ବିବୃତିକୁ ଦେଶବାସୀ ଚାହିଁ ବସିଛନ୍ତି। ଅର୍ଣ୍ଣବ ଓ ରିପବ୍ଲିକ ଟିଭି ଭାଜପାର ମୁଖପାତ୍ର ଭାବେ କାର୍ଯ୍ୟ କରୁଛନ୍ତି। ବାଲାକୋଟ ଆକ୍ରମଣର ତିନିଦିନ ପୂର୍ବରୁ ଏ ସମ୍ପର୍କରେ ଅର୍ଣ୍ଣବ କେମିତି ଜାଣି ଏହା ପ୍ରଘଟ କଲେ ତା'ର ଉତ୍ତର ଦିଅନ୍ତୁ। ଦେଶର ପ୍ରତିରକ୍ଷା ବିଭାଗ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଉପରେ ଅର୍ଣ୍ଣବ ଗୋସ୍ୱାମୀଙ୍କର ପ୍ରଭାବ ରହିଛି। ଅର୍ଣ୍ଣବଙ୍କୁ ଏ ତଥ୍ୟ ଯୋଗାଇ ଦିଆଯାଇଛି ନା ସେ ତଥ୍ୟ ଚୋରି କରିଛନ୍ତି ଏ ସମ୍ପର୍କରେ ଦେଶବାସୀଙ୍କ ପାଖରେ ପ୍ରଧାନମନ୍ତ୍ରୀ ବିବୃତି ରଖନ୍ତୁ ବୋଲି ନୱାଜ କହିଛନ୍ତି। ଅର୍ଣ୍ଣବ ଏବଂ ଅନ୍ୟ ଯେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ସେମାନଙ୍କୁ ଦେଶଦ୍ରୋହ ଅପରାଧରେ ଦଣ୍ଡିତ କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଛାଇର ଶବ୍ଦ', 'ସୂର୍ଯ୍ୟାସ୍ତ ପୂର୍ବରୁ' ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନବୀନ ନିବାସଠାରେ ଗୋପବନ୍ଧୁ ଦାସଙ୍କ କବିତା ସଂକଳନ 'ଛାଇର ଶବ୍ଦ'କୁ ଲୋକାର୍ପିତ କରିଛନ୍ତି। ଏଥିରେ ୩୮ କବିତା ସ୍ଥାନିତ ହୋଇଛି। ଏହି କବିତାରେ ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ସହିତ ରହସ୍ୟମୟ ଅତିନ୍ଦ୍ରୀୟ ଭାବ ଏବଂ ଜଗତ ଭିତରେ ଜୀବନର ବୈଚିତ୍ର୍ୟ ପ୍ରତିଫଳିତ ହୋଇଛି। ସେହିପରି ସରୋଜ କୁମାର ସାହୁଙ୍କ ଦ୍ୱାରା ରଚିତ ଗଳ୍ପ ଗୁଚ୍ଛ 'ସୂର୍ଯ୍ୟାସ୍ତ ପୂର୍ବରୁ' ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏଥିରେ ୩୦ଟି ଗଳ୍ପ ସ୍ଥାନିତ ହୋଇଛି। ଉଭୟ ଲେଖକଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ପୁସ୍ତକ ଦୁଇଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି।


ମନେ ପଡ଼ନ୍ତି

ଏକାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରମାମଣୀ ପଟ୍ଟନାୟକ
ପାହାଳ, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୪୪
ତିରୋଧାନ: ୧୩।୦୧।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ
-:ଶୋକସନ୍ତପ୍ତ:-
ତ୍ରୈଲୋକ୍ୟ ନାଥ ପଟ୍ଟନାୟକ (ସ୍ୱାମୀ), ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୧୯୭୮୧

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଶୋକ କୁମାର ବଳ
ଘଟପୁର, ଚାନ୍ଦବାଲି, ଭଦ୍ରକ
ଆବିର୍ଭାବ: ୨୧।୦୭।୧୯୬୭
ତିରୋଧାନ: ୧୦।୦୧।୨୦୧୪ (ଶାମ୍ବଦଶମୀ)
ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ଚାହୁଁ ଚାହୁଁ ୭ବର୍ଷ ବିତିଗଲାଣି। ତୁମ ଅମର ଆତ୍ମାର ସଦ୍‌ଗତି କାମନା କରି ମା' ଦକ୍ଷିଣେଶ୍ୱରୀକାଳୀଙ୍କ ନିକଟରେ ଏହାହିଁ ପ୍ରାର୍ଥନା କରୁଛୁ ପରିବାରବର୍ଗ।
-:ଶୋକସନ୍ତପ୍ତ:-
ସ୍ତ୍ରୀ: କଳ୍ପନା, ପୁଅ: ପପୁନ, ଲିପୁନ, ତପୁନ, ବାପାବୋଉ, ଶ୍ୱଶୁର, ଶଳା, ଶଳା ଭାଉଜ, ଭାଇ, ଭାଇବୋହୂ, ଭଉଣୀ, ଭିଣୋଇ, ଶାଳୀ, ସଢୁ, ଭଣଜା, ଭାଣିଜୀ, ପୁତୁରା ଓ ପରିବାରବର୍ଗ।
ଧ-୧୯୭୮୫

୨ୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



ସ୍ୱର୍ଗତ କାଳନ୍ଦୀ ଚରଣ ବରିଶାଲ
ପାତ୍ରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୨୮।୧୨।୧୯୩୬
ତିରୋଧାନ: ୧୬।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି, ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପଦପାଦ୍ମରେ ବିନମ୍ର ପ୍ରାର୍ଥନା।
-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:-
ସ୍ତ୍ରୀ- ବିଷ୍ଣୁପ୍ରିୟା ଓ ବରିଶାଲ ପରିବାରବର୍ଗ।
ଧ-୬୦୯୭୪

## ୨୧ଦିନରେ ୪୨୬୭ ଡିଏଲ୍ ବାତିଲ

ଭୁବନେଶ୍ୱର,୨୨।୧(ବ୍ୟୁରୋ): ଜାନୁୟାରୀ ୧ରୁ ୨୧ ତାରିଖ ଭିତରେ ରାଜ୍ୟରେ ୪୨୬୭ଟି ଡିଏଲ୍ ୩ ମାସ ପାଇଁ ବାତିଲ ହୋଇଛି। ମଦ ପିଇ ଗାଡ଼ି ଚଳାଇବା, ଦ୍ରୁତଗତି ଓ ସିଗ୍‌ନାଲ ଭାଙ୍ଗିବା ଅଭିଯୋଗରେ ବାତିଲ କରାଯାଇଛି। ଓଭରଲୋଡ୍, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର, ଅଧିକ ଯାତ୍ରୀ ପରିବହନ କରିବା ଏବଂ ହେଲ୍‌ମେଟ୍ ନ ପିନ୍ଧିବା ଯୋଗୁ ଲାଇସେନ୍ସ ବାତିଲ କରାଯାଇଛି। ଏନେଇ ଶୁକ୍ରବାର ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

### ସଂକ୍ଷେପରେ

## ୭ ସ୍କୁଲ ଆଡପ୍ସନ କରିବେ ୬ ପ୍ରଶାସକ

ଭୁବନେଶ୍ୱର, ୨୨।୧(ବ୍ୟୁରୋ): ଚଳିତବର୍ଷଠାରୁ 'ମୋ ସ୍କୁଲ୍' ଅଭିଯାନ ମାଧ୍ୟମରେ ଷ୍ଟୁଡେଣ୍ଟ ଆଡପ୍ସନ (ପୋଷ୍ୟ ଛାତ୍ରୀଛାତ୍ର) କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହା ମାଧ୍ୟମରେ ପୁରାତନ ଛାତ୍ରୀଛାତ୍ର ଓ ଇଚ୍ଛୁକ ବ୍ୟକ୍ତିବିଶେଷ ୧୦୦ଟି ବିଦ୍ୟାଳୟର ୧ ହଜାର ଛାତ୍ରୀଛାତ୍ରଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କ ପାଠପଢ଼ାର ସମସ୍ତ ବିଷୟ ବୁଝିବେ। ଏନେଇ ଗତ ୧୯ ତାରିଖରେ ମୋ ସ୍କୁଲ୍ ଅଭିଯାନର ୭ମ ପରିଚାଳନା ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟର ବହୁ ପ୍ରଶାସକ ସ୍କୁଲ୍ ଆଡପ୍ଟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କେନ୍ଦୁଝରର ଡି.ଏନ୍. ହାଇସ୍କୁଲକୁ ଆଡପ୍ଟ କରିବା ନିଷ୍ପତ୍ତି ନେଇଛନ୍ତି। ଏହି ସ୍କୁଲ୍‌ରେ ସେ ୩ବର୍ଷ ପାଠ ପଢ଼ିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ରୂପା ରୋଶନ ସାହୁ ଢେଙ୍କାନାଳର ବିବି ହାଇସ୍କୁଲ, ଶକ୍ତି ସଚିବ ଏନ୍. ଧଳ ଯାଜପୁର ଜିଲା ସୟଦପୁରସ୍ଥିତ ବିଏସ୍ ହାଇସ୍କୁଲ (ଯେଉଁଠି ସେ ୫ବର୍ଷ ପଢ଼ିଥିଲେ), ପଞ୍ଚାୟତରାଜ ବିଭାଗ ନିର୍ଦ୍ଦେଶକ(ସ୍ପେଶାଲ ପ୍ରୋଜେକ୍ଟ) ଅରିନ୍ଦମ ଡାକୁଆ ଗଞ୍ଜାମର ଭଞ୍ଜନଗରସ୍ଥିତ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଓ ଗଜପତି ଜିଲାପାଳ ଅନୁପମ ସାହା କଳାହାଣ୍ଡି ଜିଲାର କେସିଙ୍ଗର ବିଦ୍ୟାଳୟକୁ ଆଡପ୍ଟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଠାରେ ସେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ପୂର୍ତ୍ତ ବିଭାଗ କମିଶନର ତଥା ଶାସନ ସଚିବ କିଷନ କୁମାର ଦୁଇଟି ସ୍କୁଲ ଗଜପତି ଜିଲାର ଏମ୍‌ଆର୍ ବାଳକ ଉଚ୍ଚ ବିଦ୍ୟାଳୟ ଓ ଏମ୍‌ଆର୍ ବାଳିକା ଉଚ୍ଚବିଦ୍ୟାଳୟ ଆଡପ୍ଟ କରିବେ ବୋଲି ସୂଚନା ମିଳିଛି।

## ଶାରଳା ମନ୍ଦିର ହୁଣ୍ଡିରୁ ଚୋରି

ପାରାଦୀପ,୨୨।୧(ସ୍ୱ.ପ୍ର.): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ପଡିଆସ୍ଥିତ ଶାରଳା ମନ୍ଦିର ହୁଣ୍ଡିରୁ ଗୁରୁବାର ରାତିରେ ଚୋରି ହୋଇଛି। ୩ ଜଣ ଦୁର୍ବୃତ୍ତ ହୁଣ୍ଡିକୁ ଟେକିନେଇ ମନ୍ଦିର ପଛପଟେ ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇଛନ୍ତି। ଶୁକ୍ରବାର ସକାଳୁ ଏହା ଜଣାପଡିବା ପରେ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜରୁ ଚୋରିରେ ୩ ଜଣଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି। ଏତଦ୍‌ବ୍ୟତୀତ ମନ୍ଦିର ସାମ୍ନାରେ ଥିବା ଓମ୍ପା(ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)କାର୍ଯ୍ୟାଳୟ ଆଗରୁ ଏକ ବାଇକ ମଧ୍ୟ ଚୋରି ହୋଇଛି। ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟିର ସଭାପତି ଅମରେଶ ରାଉତରାୟ କୁହନ୍ତି, ଗତବର୍ଷ ମଧ୍ୟ ସମାନ ଭାବେ ଶାରଳା ମନ୍ଦିର ଓ ହନୁମାନ ମନ୍ଦିରରୁ ଚୋରି ହୋଇଥିଲା। ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି, ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

## ନିଜ ସ୍କୁଲରେ ମାଟ୍ରିକ ପରୀକ୍ଷା
# ଭୟ କମିଲା

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ଚଳିତବର୍ଷ ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ମାଟ୍ରିକ ପରୀକ୍ଷା ଦେବେ। ଏନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କରୋନା ଭୟ ସମ୍ପୂର୍ଣ୍ଣ ଟଳି ନ ଥିବାରୁ ଅନ୍ୟ ସ୍କୁଲରେ ପରୀକ୍ଷା ହେଲେ ଛାତ୍ରୀଛାତ୍ରଙ୍କ ରହିବା ଓ ଯାତାୟାତରେ ସମସ୍ୟା ଦେଖାଯାଇପାରେ। ତେଣୁ ଏଥର ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ପରୀକ୍ଷା ଦେବାର ଯୋଜନା କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ସେହିପରି ଏଥର ମାଟ୍ରିକ ପରୀକ୍ଷାର ଅବଧି ମଧ୍ୟ ହ୍ରାସ କରି ଦିଆଯାଇଛି। ଚଳିତ ବର୍ଷ ୧୦୦ମାର୍କ ପରିବର୍ତ୍ତେ ୮୦ମାର୍କର ପରୀକ୍ଷା ହେବାକୁ ଥିବାରୁ ପରୀକ୍ଷା ସମୟ ଅଢ଼େଇ ଘଣ୍ଟା ପରିବର୍ତ୍ତେ ୨ଘଣ୍ଟା କରାଯାଇଛି। ଛାତ୍ରୀଛାତ୍ରମାନେ ନିଜ ସ୍କୁଲରେ ପରୀକ୍ଷା ଦେଲେ ମଧ୍ୟ ସେହି ସ୍କୁଲର ଶିକ୍ଷକମାନେ ପରୀକ୍ଷା ନିରୀକ୍ଷକ ହୋଇପାରିବେ ନାହିଁ। ଅନ୍ୟ ସ୍କୁଲର ଶିକ୍ଷକମାନେ ପରୀକ୍ଷା ନିରୀକ୍ଷକ ଭାବେ ନିୟୋଜିତ ହେବେ।

ସୂଚନାଯୋଗ୍ୟ, କରୋନା ପାଇଁ ମାର୍ଚ୍ଚରୁ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିଥିବାବେଳେ ଗତ ୮ ତାରିଖରୁ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲା ଯାଇଛି। ସେମାନଙ୍କର ୧୦୦ ଦିନ କ୍ଲାସ ହେବ। ଶନିବାର ଓ ରବିବାର ମଧ୍ୟ ପାଠପଢ଼ା ହେଉଛି। କରୋନା କଟକଣା ମଧ୍ୟରେ ଏସ୍‌ଓପି ପାଳନ କରି ସ୍କୁଲଗୁଡ଼ିକରେ ପାଠପଢ଼ା ହେଉଛି। ମେ' ୩ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଚଳିତବର୍ଷ ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ସେପଟେ ନିଜ ସ୍କୁଲରେ ପରୀକ୍ଷା ହେଲେ କପି ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। କପି ନିୟନ୍ତ୍ରଣ କରିବା କଷ୍ଟକର ହେବ ବୋଲି କୁହାଯାଉଛି।



"ବର୍ତ୍ତମାନ କରୋନାର ଭୟାବହତା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ନିଜ ସ୍କୁଲରେ ପିଲାମାନେ ମାଟ୍ରିକ ପରୀକ୍ଷା ଦେବା ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଫର୍ମ ଫିଲପ୍ ସରିବା ପରେ ପ୍ରକୃତରେ କେତେ ସେଣ୍ଟରରେ ପରୀକ୍ଷା ହେବ ତା'ର ସ୍ପଷ୍ଟ ଚିତ୍ର ଆସିବ।

**– ସମୀର ରଞ୍ଜନ ଦାଶ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**



"ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଆମେ ସ୍ୱାଗତ କରୁଛୁ। କରୋନା ଆତଙ୍କ ଏବେ ବି ଟଳି ନାହିଁ। ଏଭଳି ସମୟରେ ଛାତ୍ରୀଛାତ୍ରମାନେ ଅନ୍ୟ ସ୍କୁଲ ଯାଇ ପରୀକ୍ଷା ଦେବା ସମ୍ଭବ ନୁହେଁ। ତେଣୁ ଗଣଶିକ୍ଷା ବିଭାଗ ଠିକ୍ ସମୟରେ ଉଚିତ ପଦକ୍ଷେପ ନେଇଛି ବୋଲି ଆମେ ଭାବୁଛୁ। ତେବେ ନିଜ ସ୍କୁଲରେ ପରୀକ୍ଷା ହେଲେ କପି ହେବାର ସମ୍ଭାବନା ରହିଛି। କପିକୁ ରୋକିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ଯେଉଁ ସ୍କୁଲରେ ପରୀକ୍ଷା ହେଉଥିବ, ସେଠାରେ ଅନ୍ୟ ସ୍କୁଲର ଶିକ୍ଷକଙ୍କୁ କପିକୁ ରୋକିବା ପାଇଁ ନିୟୋଜିତ କରନ୍ତୁ। କାରଣ ସ୍ଥାନୀୟ ବାସିନ୍ଦା ସେହି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଧମକାଇ କପି ଦେବା ପାଇଁ ଚେଷ୍ଟା କରିବେ।

**– ବାସୁଦେବ ଭଞ୍ଜ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**



"ଚଳିତବର୍ଷ ମାଟ୍ରିକ ପରୀକ୍ଷା ନିଜ ବିଦ୍ୟାଳୟରେ ହେବା ଜାଣିବା ପରେ ଖୁସି ଲାଗୁଛି। ନିଜ ସ୍କୁଲରେ ପରୀକ୍ଷା ହେବାଦ୍ୱାରା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଏଥିସହ ନୂତନ ପରୀକ୍ଷା କେନ୍ଦ୍ର, ଅପରିଚିତ ସ୍ଥାନରେ ପରୀକ୍ଷା ଦେବାକୁ ନେଇ ମନରେ ରହିଥିବା ଭୟ ମଧ୍ୟ ଦୂର ହେବ। ସେହିପରି ଅନ୍ୟ ବିଦ୍ୟାଳୟରୁ ଶିକ୍ଷୟିତ୍ରୀଶିକ୍ଷକ ପରୀକ୍ଷା ନିରୀକ୍ଷକ ଭାବେ ଆସିବା ଦ୍ୱାରା ପରୀକ୍ଷା ପରିଚାଳନାରେ ମଧ୍ୟ ସ୍ୱଚ୍ଛତା ଆସିବ। ସରକାରଙ୍କ ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

**– ଆଶୀର୍ବାଦ ପରିଡ଼ା, ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର।**



"ନିଜ ବିଦ୍ୟାଳୟରେ ଏଥର ମାଟ୍ରିକ ପରୀକ୍ଷା ପିଲାମାନେ ଦେବାନେଇ ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବରୁ ବାହାର ସ୍କୁଲରେ ପିଲାମାନଙ୍କ ସେଣ୍ଟର ପଡୁଥିଲା। ଏଥିପାଇଁ ଯିବାଆସିବାରେ ମଧ୍ୟ ସମୟ ନଷ୍ଟ ହେଉଥିଲା। ପରୀକ୍ଷା ସମୟରେ ଗୋଟିଏ ମୁହୂର୍ତ୍ତ ମଧ୍ୟ ମୂଲ୍ୟବାନ। ତେଣୁ ନିଜ ସ୍କୁଲରେ ପରୀକ୍ଷା ହେଲେ ପିଲାମାନେ ଠିକ୍ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପାରିବେ। କରୋନା ଯୋଗୁ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି। କମ୍ ସମୟ ଥିବାରୁ ପାଠ୍ୟକ୍ରମ ମଧ୍ୟ ହ୍ରାସ କରାଯାଇଛି। ଯାହାର ସୁଫଳ ଆମେମାନେ ପାଇପାରିବୁ ଏବଂ ଭଲ ରେଜଲ୍ଟ କରିପାରିବୁ ବୋଲି ଆଶା କରୁଛୁ।

**– ଶ୍ରେୟା ନନ୍ଦ, ବୁଢାରଜା ସରକାରୀ ସ୍କୁଲ**



"ସରକାରଙ୍କ ନିଷ୍ପତ୍ତିରେ ମୁଁ ବହୁତ ଖୁସି। ଆମ ସ୍କୁଲ ପରିବେଶ ବିଷୟରେ ଆମେ ପୂର୍ବରୁ ଅବଗତ ଅଛୁ ଏବଂ ପରୀକ୍ଷା ସମୟରେ ସୁବିଧାରେ ପହଞ୍ଚିପାରିବୁ। ଅନ୍ୟ ସ୍ଥାନରେ ସେଣ୍ଟର ପଡ଼ିଥିଲେ କରୋନା ପରିସ୍ଥିତିରେ ଯିବା ଏବଂ ରହିବାରେ ଅସୁବିଧା ହୋଇଥାନ୍ତା।

**– ଶାଶ୍ୱତୀ ରଥ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗାୟତ୍ରୀ ନଗର, ରାୟଗଡ଼ା**



"କରୋନା ପାଇଁ ପାଠପଢ଼ା ପ୍ରଭାବିତ ହୋଇଛି। ଏବେ ବି ଭୟ ଛାଡ଼ିନି। ଅନ୍ୟ ସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଥିଲେ ସ୍ୱାସ୍ଥ୍ୟ ସତର୍କତା ନେଇ ଦ୍ୱନ୍ଦ୍ୱ ରହିଥାନ୍ତା। ଏହାର ପ୍ରଭାବ ପରୀକ୍ଷା ଫଳ ଉପରେ ପଡ଼ିଥାଆନ୍ତା। ଏବେ ନିଜ ସ୍କୁଲରେ ପରୀକ୍ଷା ହେବ। ଘର ନିକଟ ହୋଇଥିବାରୁ ସତର୍କତା ଅବଲମ୍ବନ କରିବାରେ ସୁବିଧା ହେବ। ଭୟ ମଧ୍ୟ କମିବ। ସରକାରଙ୍କ ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

**– ସୁଧାଂଶୁ ଶେଖର ମିଶ୍ର, ନୂଆ ଭୁବନ ହାଇସ୍କୁଲ, ଢେଙ୍କାନାଳ**



"କରୋନା ସମୟରେ ଅନ୍ୟ ସ୍କୁଲକୁ ଯାଇ ପରୀକ୍ଷା ଦେଇଥିଲେ ସାମାଜିକ ଦୂରତା ବଜାୟ କଷ୍ଟ ହୋଇଥାନ୍ତା। ପରିବାରବର୍ଗ ମଧ୍ୟ ଏଥିରେ ଚିନ୍ତିତ ଥିଲେ। ଏବେ ଭୟ ଦୂର ହୋଇଛି। ନିଜ ସ୍କୁଲରେ ମାଟ୍ରିକ ପରୀକ୍ଷା ଦେବା ନେଇ ସରକାରଙ୍କ ଘୋଷଣା ବାସ୍ତବରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ସାମାଜିକ ଦୂରତାକୁ ବଜାୟ ରଖି ପରୀକ୍ଷା କରାଯିବା ସମସ୍ତଙ୍କ ପାଇଁ ସୁବିଧା ହେବ।

**– ତୃପ୍ତିମୟୀ ସାମଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମୁଣ୍ଡାମାଳ, ଯାଜପୁରରୋଡ**



"ମାଟ୍ରିକ ପରୀକ୍ଷା ଦେବା ନିମନ୍ତେ ଅନ୍ୟ କୌଣସି ସ୍କୁଲକୁ ଯିବାକୁ ପଡ଼ିବନି। ଏହା ଜାଣିବା ପରେ ମନରୁ କେତେକାଂଶରେ କରୋନା ଓ ପରୀକ୍ଷା ଭୟ ଦୂର ହୋଇଛି। ଦୀର୍ଘମାସ ଧରି ସ୍କୁଲ ବନ୍ଦ ଥିବାରୁ ପାଠପଢ଼ା ପ୍ରଭାବିତ ହୋଇଛି। ଅନ୍ୟ ଯେଉଁଠି ପରୀକ୍ଷା କେନ୍ଦ୍ର ହୋଇଥିଲେ ସେଠାକୁ ଯିବାଆସିବା ନିମନ୍ତେ ସମୟ ଅପଚୟ ହୋଇଥାନ୍ତା। ଆମ ସ୍କୁଲରେ ପରୀକ୍ଷା ହେଉଥିବାରୁ ଏହି ସମସ୍ୟା ହେବନାହିଁ।

**– ଶ୍ୟାମ ଶରଣ ବେହେରା, ସିଟି ହାଇସ୍କୁଲ, ବ୍ରହ୍ମପୁର**

## ଗାଁ ଭିତରକୁ ପଶି ଆସିଲା ଭାଲୁ

ବୋରିଗୁମ୍ମା,୨୨।୧(ଡି.ଏନ.ଏ.)

କ୍ରମାଗତ ଭାବେ ଜଙ୍ଗଲ ନଷ୍ଟ ଏବଂ ଖାଦ୍ୟାଭାବ ଯୋଗୁ ବିଭିନ୍ନ ସମୟରେ ଜଙ୍ଗଲରୁ ବନ୍ୟଜନ୍ତୁମାନେ ଜନବସତି ଆଡକୁ ମୁହାଁଉଛନ୍ତି। ଫଳରେ ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ସେପରି ଏକ ପରିବେଶ ଦେଖିବାକୁ ମିଳିଛି କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ଆଉଁଳି ଗାଁରେ। ଗାଁ ଭିତରକୁ ପଶି ଆସିଥିବା ଭାଲୁକୁ ଧରିବାକୁ ପ୍ରଶାସନକୁ ନାକେଦମ ହେବାକୁ ପଡିଛି।

ଖବରରୁ ଜଣାପଡ଼ିଛି ଏହି ଭାଲୁଟି ତେନ୍ତୁଳି ଖାଇବା ଲୋଭରେ ଆଉଁଳି ଗାଁ ଭିତରକୁ ଗୁରୁବାର ରାତିରେ ପଶି ଆସିଥିଲା। ଗାଁ ଭିତରକୁ ସିନା ଭାଲୁଟି ପଶିଆସିଲା, ମାତ୍ର ଗାଁ ବାହାରକୁ କିପରି ଯିବ ରାସ୍ତା ପାଇ ନ ଥିଲା। ଶୁକ୍ରବାର ସକାଳୁ ସକାଳୁ ଗ୍ରାମର କେତେଜଣ ମହିଳା ଭାଲୁକୁ ଦେଖିବା ପରେ ପାଟି କରିଥିଲେ। ଫଳରେ ଭାଲୁଟି ଭୟରେ ନିକଟରେ ଥିବା ଏକ ତେନ୍ତୁଳି ଗଛ ଉପରକୁ ଚଢ଼ିଯାଇଥିଲା। ଖବର ପାଇ ବନ ବିଭାଗ ଓ ୱାଇଲ୍ଡ ଲାଇଫ୍ ରେସ୍କ୍ୟୁ ଟିମ୍ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭାଲୁଟିକୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଚଳାଇଥିଲେ ମଧ୍ୟ ଖବର ଲେଖାହେବା ଯାଏ ଏଥିରେ ସଫଳ ହୋଇନାହାନ୍ତି।

**URGENT JOB**
ନିଜ ଜିଲ୍ଲାରେ Office Job, ରହିବା, ଖାଇବା ଦିଆଯିବ।
Salary- 27,000/-.
Qualification- 7th to 10th & above.
Contact: 8144204606

**SAI AROGYA FAMILY CARE PVT. LTD.**
Required for District, Block, Grampanchayat Business Development Officer
QUALIFICATION -10th to Graduate
SALARY - 8,000 to 25,000
LOCATION - All Odisha
CONTACT - 9090609795 7849010139

**ଆବଶ୍ୟକ**
ରୋଷେଇ ଆଉ ଘର କାମ ପାଇଁ ଝିଅ ପିଲା ଦରକାର। ରହିବା, ଖାଇବା ମାଗଣା। ଦରମା: କାମ ଦେଖି ଦିଆଯିବ।
7016330321, 6371887781

**URGENTLY REQUIRED**
ଦିଲ୍ଲୀରେ ଘରୋଇ କାର୍ଯ୍ୟହେତୁ ମହିଳା ଆବଶ୍ୟକ। ରହିବା ଖାଇବା ସହିତ ଟିକେଟ୍ ଫ୍ରି।
Salary :-
Rs 12000/- to Rs 18000/-
Contact : 6371125735

**PRODUCTION EXECUTIVE**
Required for a Hyderabad based factory, accommodation (including family) and fooding provided. Atleast 5 years experience required in Production Area. Qualification is Min. Std. 12. Age: Upto 60 yrs. Interested people can send their biodata to
chemico1415@gmail.com

**URGENT REQUIRED**
SALES EXECUTIVE- 4 Nos. (FMCG) for Bhubaneswar, Cuttack, Rayagada, Jagatsinghpur, Puri, Berhampur. Minimum 2 years experience in same sector.
CAPSI MULTI TRADE (P) LTD.
District Centre, Chandrasekharpur-16
0674-2747555, 6372108426

See Career Appointment on every Wednesday & Saturday

**ଆବଶ୍ୟକ**
ହାର୍ଡୱେୟର/ସାନିଟାରି ଦୋକାନ, ଭୁବନେଶ୍ୱର ପାଇଁ ପିଲା ଦରକାର। ସର୍ବନିମ୍ନ ପାଠର ଯୋଗ୍ୟତା ୮ମ। ତୁରନ୍ତ ଯୋଗାଯୋଗ:
Ph.: 8093634404 9437287761

**BADRIPRASAD**
College of Nursing
Approved BY Govt. of Odisha
At: Ambapali, Bargarh, Ward No. 17 (Badriprasad School of Nursing)
ADMISSION OPEN FOR 2020-21
Nursing Programmes
Eligibility as per INC/ONMRC Norms
GNM — Pass in +2 Sc/Arts/ Com. with English as a Subject & 40% Marks for General & 35% Marks for SC/ST
BSC (N) — Pass in +2 Sc. with 45% Marks for General & 40% in PCB for SC/ST
The candidate may Contact in following Numbers or Send application for at the Email mentioned below.
City Office:- Badriprasad Jaiprakash
Infront of Hotel Ganapathi, Bargarh
Contact: 9668822600, 9861599299, 8093798113, 9853435210
Email Id- badriprasad.nursing@gmail.com

## ରମାପୁର ଘାଇ ଘଟଣାର ଭିଜିଲାନ୍ସ ତଦନ୍ତ ଆରମ୍ଭ

ଧର୍ମଶାଳା,୨୨।୧(ଡି.ଏନ.ଏ.)

- ମନୁଷ୍ୟକୃତ ଘାଇ ବୋଲି ଅଭିଯୋଗ ହୋଇଥିଲା
- ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଲୋକାୟୁକ୍ତ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କେଲୁଅ ନଦୀର ରମାପୁରଠାରେ ହୋଇଥିବା ଘାଇ ଘଟଣାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର କଟକ ଭିଜିଲାନ୍ସ ସେଲ୍‌ର ଏକ ୫ ଜଣିଆ ବୈଷୟିକ ଟିମ୍ ଘାଇ ସ୍ଥଳକୁ ଆସି ମାପଚୁପ କରି ଫେରିଛନ୍ତି। କଟକ ଭିଜିଲାନ୍ସ ସେଲ୍ ପକ୍ଷରୁ ଅତିରିକ୍ତ ଏସ୍‌ପି ହରନାରାୟଣ ପଢିଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ରଞ୍ଜନ କୁମାର ଦାସ, ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ଶିଶିର କୁମାର ପଟ୍ଟନାୟକ ପ୍ରମୁଖ ତଦନ୍ତରେ ସାମିଲ ହୋଇଛନ୍ତି। ତେବେ ଭିଜିଲାନ୍ସ ଟିମ୍ ଗସ୍ତ ସମ୍ପର୍କରେ ଜଳସେଚନ,



ପୂର୍ତ୍ତ ବିଭାଗ ଓ ଧର୍ମଶାଳା ପୋଲିସକୁ ସୂଚନା ଦିଆଯାଇ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୮ରେ ବ୍ରାହ୍ମଣୀ ନଦୀରେ ବଡ଼ ଧରଣର ବନ୍ୟା ଆସିବା ଯୋଗୁ ରମାପୁରଠାରେ ୩୦୦ ଫୁଟରୁ ଊର୍ଦ୍ଧ୍ୱର ଘାଇ ହୋଇଥିଲା। ଫଳରେ ସ୍ଥାନୀୟ ୫ ପଞ୍ଚାୟତର ଲୋକେ ପ୍ରଭାବିତ ହୋଇଥିଲେ। ହେକ୍ଟର ହେକ୍ଟର ଫସଲ ନଷ୍ଟ ହୋଇଥିଲା। ତେବେ ଏହା ଏକ ମନୁଷ୍ୟକୃତ ଘାଇ ବୋଲି ଅଭିଯୋଗ ହେବା ସହ ଜାରକା ଜଳସେଚନ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ବିଧାୟକ ପ୍ରଣବ ବଳବନ୍ତରାୟ ଓ ତାଙ୍କ ମାମୁ ଆର୍‌ଏଣ୍ଡବି ଜେଇ ନରେନ ଜେନା ଷଡ଼ଯନ୍ତ୍ର କରି ଘାଇ କରିଥିବା ବିରୋଧୀ ଅଭିଯୋଗ କରିଥିଲେ। ଏପରି କି ଡିନାମାଇଟ ସାହାଯ୍ୟରେ ଘାଇ କରାଯାଇଥିବା କୁହାଯାଇଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ତୁମ୍ଫିତୋଫାନ ସୃଷ୍ଟି କରିଥିବା ବେଳେ ଭାଜପା ଓ କଂଗ୍ରେସ ଦଳର ଏକ ଟିମ୍ ଆସି ସ୍ଥିତି ପରଖିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ପରେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାରେ ଲୋକାୟୁକ୍ତ ସ୍ଥାନୀୟ ବିଧାୟକ ଓ ତାଙ୍କ ମାମୁଙ୍କ ସମେତ ୬ ଜଣଙ୍କୁ ନୋଟିସ୍ କରିଥିଲେ। ପରବର୍ତ୍ତୀ ସମୟରେ ଲୋକାୟୁକ୍ତ ଭିଜିଲାନ୍ସ ସେଲ୍‌କୁ ଘଟଣାର ତଦନ୍ତ କରି ୨ ମାସ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

## ବିଧାୟିକାଙ୍କୁ ୭ କି.ମି. ଚଲାଇଲେ ଲୋକେ

ଠାକୁରମୁଣ୍ଡା,୨୨।୧(ଡି.ଏନ.ଏ.)

- ଉଜୁଡ଼ା କ୍ଷେତ ଦେଖାଇ କ୍ଷତିପୂରଣ ଦାବି କଲେ
- ହାତୀ ଉତ୍ପାତକୁ ନେଇ ରାସ୍ତା ଅବରୋଧ, ରେଞ୍ଜ ଅଫିସ ଘେରାଉ

ଝାଡ଼ଖଣ୍ଡୀ ହାତୀପଲଙ୍କ ଉତ୍ପାତରେ ଅତିଷ୍ଠ ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଞ୍ଚଳବାସୀ ଶୁକ୍ରବାର କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମଙ୍କୁ ୭ କି.ମି. ଦୂର କ୍ଷତିଗ୍ରସ୍ତ ଗ୍ରାମକୁ ଚଲାଇ ଚଲାଇ ନେବା ଚର୍ଚ୍ଚାର ବିଷୟ ହୋଇଛି। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ କରଞ୍ଜିଆ-ଯଶିପୁର ୨୨୦ନଂ. ଜାତୀୟ ରାଜପଥକୁ ତାଟୋ ନିକଟରେ ଅବରୋଧ କରିବା ସହ ଦୁଧିଆଣି ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିବା ମଧ୍ୟ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ୨୩ ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଦୀର୍ଘ ୫ ମାସ ହେଲା ଦୁଧିଆଣି ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପଶି ଉତ୍ପାତ କରୁଛନ୍ତି। ହାତୀପଲ ଲୋକଙ୍କ ଘର, ଫସଲକୁ ନଷ୍ଟ କରିଦେଉଥିବା ବେଳେ ସ୍ଥାନୀୟ ବନବିଭାଗ ଓ ପ୍ରଶାସନ କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିନାହିଁ। କ୍ଷତିଗ୍ରସ୍ତଙ୍କୁ



ଲୋକଙ୍କ ସହ ବିଧାୟିକା ବାସନ୍ତୀ ହେମ୍ବ୍ରମ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଉଛନ୍ତି।

ସହାୟତା ମିଳୁ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଗୁରୁବାର ହାତୀ ପଲ କାଦମଡ଼ଙ୍କ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିଲେ। ହାତୀ ଉପଦ୍ରବରେ ଅତିଷ୍ଠ କାଦମଡ଼ଙ୍କ, ତାଟୋ, କୁଞ୍ଜିଆ,ବିଉରିଆ,ନାକୁ, ସଲରାପଦା, ପାହାଡ଼ମଡ଼ଙ୍କ ପ୍ରଭୃତି ଗ୍ରାମର ଲୋକେ କ୍ଷତିପୂରଣ ଦାବି ସହ ସ୍ଥାୟୀ ପ୍ରତିକାର ଦାବିରେ ରାସ୍ତା ଅବରୋଧ ସହ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ସମୟରେ ବିଧାୟିକା ହେମ୍ବ୍ରମ ସେହି ରାସ୍ତା ଦେଇ ଯାଉଥିବା ସମୟରେ ରାସ୍ତା ଅବରୋଧ ଯୋଗୁ ଅଟକି ଯାଇଥିଲେ। ଲୋକେ ବିଧାୟିକାଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଆଲୋଚନା ସମୟରେ ଉତ୍ତ୍ୟକ୍ତ ଲୋକେ ବିଧାୟିକା ଗାଁକୁ ଯାଇ ଉଜୁଡ଼ା କ୍ଷେତ ଦେଖନ୍ତୁ ବୋଲି କହିଥିଲେ। ଶେଷରେ ଉତ୍ତ୍ୟକ୍ତ ଲୋକମାନଙ୍କ ସହିତ ବିଧାୟିକାଙ୍କୁ ୭ କି.ମି. ଦୂର କାଦାମଡ଼ଙ୍କ ଗାଁକୁ ଚାଲିଚାଲି ଯିବାକୁ ପଡିଥିଲା। ଘଟଣାସ୍ଥଳରେ ପୂର୍ବରୁ ଉପସ୍ଥିତ ଥିବା କରଞ୍ଜିଆ ଥାନା ଅଧିକାରିଣୀ ସରୋଜିନୀ ସିଂ, ଏସିଏଫ୍ ଦିଗନ୍ତ ପାଲ୍, ରେଞ୍ଜର ସରୋଜ ପଣ୍ଡା, ପ୍ରବୀର ମୁର୍ମୁ ମଧ୍ୟ ଚାଲିଚାଲି କ୍ଷତିଗ୍ରସ୍ତ ଗାଁକୁ ଯାଇ ହାତୀପଲଙ୍କ ଦ୍ୱାରା ନଷ୍ଟ ହୋଇଥିବା ସ୍ଥାନ ଦେଖିଥିଲେ। କ୍ଷୟକ୍ଷତି ଆକଳନ ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ ଏବଂ ହାତୀପଲ ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ଏସିଏଫ ପାଲ୍ କହିଛନ୍ତି। ଏ ସଂକ୍ରାନ୍ତରେ ବିଧାୟିକା ହେମ୍ବ୍ରମଙ୍କୁ ପଚାରିବାରୁ ଲୋକଙ୍କ ସମସ୍ୟା ବୁଝିବା ପାଇଁ ମୁଁ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇଥିଲି। କ୍ଷତିଗ୍ରସ୍ତଙ୍କୁ କିପରି ସହାୟତା ମିଳିବ ସେଥିନେଇ ବନ ବିଭାଗ ସହ ଆଲୋଚନା କରିଥିବା କହିଥିଲେ।



# ଖେଳାଳି ନିଲାମରେ ଓଡ଼ିଶାର ୬

## ଆଇପିଏଲ୍-୧୪

ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)



ପପୁ ରାୟ



ଶୁଭ୍ରାଂଶୁ ସେନାପତି

କରୋନା କଟକଣା ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୧୩ତମ ସଂସ୍କରଣର ସ୍ମୃତି ମନରେ ତାଜା ରହିଥିବାବେଳେ ୧୪ତମ ସଂସ୍କରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗତ ବୁଧବାର ଅଂଶଗ୍ରହଣକାରୀ ୮ଟି ଦଳ କେଉଁ ଖେଳାଳିଙ୍କୁ ଅପରିବର୍ତ୍ତିତ ରଖିବେ ଏବଂ କାହାକୁ ଛାଡ଼ିବେ ତାହା ନିର୍ଣ୍ଣୟ କରିଛନ୍ତି। କେଉଁ ଦଳ ପାଖରେ ଆଗାମୀ ଖେଳାଳି ନିଲାମ ପାଇଁ କେତେ ଅର୍ଥ ଅଛି ତାହା ମଧ୍ୟ ସ୍ପଷ୍ଟ ହୋଇଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଖେଳାଳି ନିଲାମ ପ୍ରକ୍ରିୟା ଫେବୃୟାରୀ ୧୮ରେ ହେବା ସୂଚନା ମିଳିଛି। ତେବେ ଏହା କେଉଁ ସ୍ଥାନରେ ହେବ ତାହା ଚୂଡ଼ାନ୍ତ ହୋଇନାହିଁ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏଥର ଖେଳାଳି ନିଲାମରେ ଓଡ଼ିଶାର ୬ ଖେଳାଳି ସାମିଲ ହେବେ। ସେମାନେ ହେଲେ ଶୁଭ୍ରାଂଶୁ ସେନାପତି, ରାଜେଶ ଧୂପର, ରାଜେଶ ମହାନ୍ତି, ପପୁ ରାୟ, ଗୌରବ ଚୌଧୁରୀ ଓ ତାରିଣୀ ସ'। ଓଡ଼ିଶାରୁ ଶେଷ ଖେଳାଳି ଭାବେ ବିପ୍ଳବ ସାମନ୍ତରାୟ ଆଇପିଏଲରେ ପ୍ରତିନିଧିତ୍ୱ କରିଥିଲେ। ଏହାପରେ ଗତ କିଛି ସିଜନ୍ ଧରି ଓଡ଼ିଶା ଖେଳାଳିଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜ୍ ଆଗ୍ରହ ଦେଖାଇ ନାହାନ୍ତି। ଆଗାମୀ ନିଲାମ ପ୍ରକ୍ରିୟାରେ ଓଡ଼ିଶା ଖେଳାଳି କୌଣସି ଫ୍ରାଞ୍ଚାଇଜ୍‌କୁ ଯାଉଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଛି।

ଗତ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଶୁଭ୍ରାଂଶୁ ୫ ମ୍ୟାଚ ଖେଳି ଥରେ ଅପରାଜିତ ରହିଥିବାବେଳେ ୩୬.୫୦ ଆଭରେଜରେ ୧୪୬ ରନ ସଂଗ୍ରହ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୬୪ ଏବଂ ଷ୍ଟ୍ରାଇକ୍‌ରେଟ୍ ରହିଥିଲା ୧୨୩.୭୨। ସେହିପରି ଧୂପର ୫ଟି ମ୍ୟାଚରେ ଥରେ ଅପରାଜିତ ରହିଥିବାବେଳେ ୨୮.୫୦ ଆଭରେଜରେ ୧୧୪ ରନ କରିଥିଲେ। ତାଙ୍କ ଷ୍ଟ୍ରାଇକ୍‌ରେଟ୍ ଥିଲା ୧୦୨.୭୦ ଏବଂ ସର୍ବାଧିକ ସ୍କୋର ରହିଥିଲା ୩୭। ରାଜ୍ୟର ଜଣେ ପ୍ରତିଭାସମ୍ପନ୍ନ ବୋଲର ଭାବେ ପରିଚିତ ରାଜେଶ ୩ଟି ମ୍ୟାଚରେ ଖେଳିବା ସୁଯୋଗ ପାଇଥିବାବେଳେ ମାତ୍ର ଗୋଟିଏ ଉଇକେଟ ପାଇଥିଲେ। ସେହିଭଳି ପପୁ ରୟ ୫ ମ୍ୟାଚ ଖେଳି ୧୧୭ ରନ ବିନିମୟରେ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଗୌରବ ୩ଟି ମ୍ୟାଚ ଖେଳି ୨୨.୬୬ ଆଭରେଜରେ ୬୮ ରନ କରିଥିଲେ। ତାଙ୍କର ସର୍ବାଧିକ ସ୍କୋର ଥିଲା ୩୬ ଏବଂ ଷ୍ଟ୍ରାଇକ୍‌ରେଟ୍ ଥିଲା ୧୨୮.୩୦। ତାରିଣୀ ୨ଟି ମ୍ୟାଚରେ ୬ ଓଭର ବୋଲିଂ କରି ୫୬ ରନରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଏଥିରେ ପ୍ରଦର୍ଶନ ଏତେଟା ପ୍ରଭାବୀ ନ ଥିଲେ ହେଁ ନିକଟରେ ଓସିଏ ପକ୍ଷରୁ ଆୟୋଜିତ ଟି୨୦ ଟୁର୍ନାମେଣ୍ଟରେ ଏମାନେ ଭଲ ଖେଳିଥିବାରୁ ଆଇପିଏଲ ଆଶା ରଖିଛନ୍ତି।

ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ଖେଳାଳି ଛାଡ଼ିବା-ରଖିବା ପ୍ରକ୍ରିୟା ସରିବା ପରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ନିକଟରେ ୩୫.୭ କୋଟି, ଚେନ୍ନାଇ ସୁପରକିଙ୍ଗ୍ସ ନିକଟରେ ୨୨.୯ କୋଟି, ରାଜସ୍ଥାନ ରୟାଲ୍ସ ପାଖରେ ୩୪.୮୫ କୋଟି, ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ୧୨.୮ କୋଟି, ସନ୍‌ରାଇଜର୍ସ ହାଇଦ୍ରାବାଦ ପାଖରେ ୧୦.୭୫ କୋଟି, କିଙ୍ଗ୍ସ ଇଲେଭେନ ପଞ୍ଜାବ ପାଖରେ ୫୩.୨ କୋଟି, ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ୧୫.୩୫ କୋଟି ଏବଂ କୋଲକାତା ନାଇଟରାଇଡର୍ସ ପାଖରେ ୧୦.୮୫ କୋଟି ଟଙ୍କା ରହିଛି। ଏଥିରେ ଚେନ୍ନାଇ ୭(୧ ବିଦେଶୀ), ଦିଲ୍ଲୀ ୬(୨ ବିଦେଶୀ), ପଞ୍ଜାବ ୯(୫ ବିଦେଶୀ), କୋଲକାତା ୮(୨ ବିଦେଶୀ), ମୁମ୍ବାଇ ୭ (୪ ବିଦେଶୀ), ରାଜସ୍ଥାନ ୮ (୩ ବିଦେଶୀ), ବାଙ୍ଗାଲୋର ୧୩(୪ ବିଦେଶୀ), ହାଇଦ୍ରାବାଦ ୩(୧ ବିଦେଶୀ) ଖେଳାଳି କିଣିପାରିବେ। ଅର୍ଥାତ୍ ୧୯୬.୬୦ କୋଟି ଟଙ୍କାରେ ୬୧(୨୨ ବିଦେଶୀ) ଖେଳାଳି କିଣାହେବେ।

ନିଲାମ ପୂର୍ବରୁ ବିଭିନ୍ନ ଫ୍ରାଞ୍ଚାଇଜ୍ ପାଇଁ ଟ୍ରେଡିଂ ପ୍ରକ୍ରିୟା ଫେବୃୟାରୀ ୪ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଏହି ସମୟସୀମା ମଧ୍ୟରେ ଉଭୟ ପକ୍ଷର ବୁଝାମଣାଭିତ୍ତିରେ କୌଣସି ଫ୍ରାଞ୍ଚାଇଜ୍ ଅନ୍ୟ ଫ୍ରାଞ୍ଚାଇଜଠାରୁ ଖେଳାଳିଙ୍କୁ ସେମାନଙ୍କ ମୂଲ୍ୟରେ ନେଇପାରିବ। କୌଣସି ଫ୍ରାଞ୍ଚାଇଜ୍ ସହ ଚୁକ୍ତିବଦ୍ଧ ହୋଇ ନ ଥିବା ଖେଳାଳି ନିଲାମ ଏଗ୍ରିମେଣ୍ଟ ଫର୍ମକୁ ପୂରଣ କରି ଫେବୃୟାରୀ ୪ ସୁଦ୍ଧା ଅନ୍‌ଲାଇନ୍‌ରେ ଉପସ୍ଥାପନ କରିବେ।

### ଉଥପ୍ପାଙ୍କୁ ନେଲା ଚେନ୍ନାଇ

**ରୟାଲ ଚ୍ୟାଲେଞ୍ଜର୍ସରେ ସାମ୍ସ, ହର୍ଷଲ**



ରବିନ ଉଥପ୍ପା

ଆଇପିଏଲ ଟ୍ରେଡ୍ ୱିଣ୍ଡୋକୁ ବ୍ୟବହାର କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପ୍ରଥମ ଫ୍ରାଞ୍ଚାଇଜ୍ ଭାବେ ଡାନିଏଲ ସାମ୍ସ ଓ ହର୍ଷଲ ପଟେଲଙ୍କୁ ନିଜ ଦଳରେ ସାମିଲ କରିଛି। ଏ ଦୁହେଁ ପୂର୍ବ ସିଜନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ଚେନ୍ନାଇ ସୁପରକିଙ୍ଗ୍ସ ରବିନ ଉଥପ୍ପାଙ୍କୁ ରାଜସ୍ଥାନ ରୟାଲ୍ସ ନିକଟରୁ ଆଣିଛି। ୨୦୧୪ରେ ଅରେଞ୍ଜ୍ କ୍ୟାପ୍ ବିଜେତା ଉଥପ୍ପା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ପୁଣେ ୱାରିୟର୍ସ ଇଣ୍ଡିଆ, କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏବେ ୬ଷ୍ଠ ଫ୍ରାଞ୍ଚାଇଜ୍ ଭାବେ ସେ ଚେନ୍ନାଇ ପକ୍ଷରୁ ଖେଳିବେ।

# ଚର୍ଚ୍ଚିତ ୫, ଶ୍ରେଷ୍ଠଙ୍କୁ ୭ ଉଇକେଟ

## ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ

ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)



ବାସୁଦେବ ମଲ୍ଲ



ଶ୍ରେଷ୍ଠ ସିଂ

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବଲାଙ୍ଗୀର, କଟକ-ଏ, କଟକ-ବି, କେନ୍ଦ୍ରାପଡ଼ା, ଭୁବନେଶ୍ୱର-ଏ ଓ ସମ୍ବଲପୁର ବିଜୟ ହାସଲ କରିଛନ୍ତି। କଟକ-ଏ'ର ଚର୍ଚ୍ଚିତ ବେହେରା ୫ ଏବଂ ସମ୍ବଲପୁରର ଶ୍ରେଷ୍ଠ ସିଂ ୭ ଉଇକେଟ ନେଇ ଚର୍ଚ୍ଚାରେ ରହିଥିଲେ।

ବିଓଏସ୍ଇ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବଲାଙ୍ଗୀର ୫ ଉଇକେଟରେ ଅନୁଗୋଳକୁ ପରାସ୍ତ କରିଛି। ରାକେଶ ବିଶ୍ୱାଳଙ୍କ ୭୧ ରନ ସତ୍ତ୍ୱେ ଅନୁଗୋଳ ୩୪.୩ ଓଭରରେ ୧୭୦ ରନରେ ଅଲଆଉଟ ହୋଇଥିଲା। ବଲାଙ୍ଗୀର ୨୪ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରେଭେନ୍‌ଶା-୨ ଗ୍ରାଉଣ୍ଡରେ କଟକ-ଏ ୮ ଉଇକେଟରେ ସୋନପୁରକୁ ହରାଇ ଦେଇଛି। ସୋନପୁର ମାତ୍ର ୩୧ ରନରେ ଅଲଆଉଟ ହୋଇଥିବାବେଳେ କଟକ-ଏ ମାତ୍ର ୬ ଓଭରରେ ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଚର୍ଚ୍ଚିତ ବେହେରା ୫ ଓଭରରେ ୧୪ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ କଟକ-ବି ୭ ଉଇକେଟରେ ଦେବଗଡ଼କୁ ହରାଇଛି। ଦେବଗଡ଼ ମାତ୍ର ୭୯ ରନ କରିଥିବାବେଳେ କଟକ-ବି ୧୧.୩ ଓଭରରେ ୩ ଉଇକେଟ ହରାଇ ୮୩ ରନ ସଂଗ୍ରହ କରିନେଇଥିଲା। ନିମପୁର ପଡ଼ିଆରେ କେନ୍ଦ୍ରାପଡ଼ା ୯୦ ରନରେ ଢେଙ୍କାନାଳକୁ ପରାସ୍ତ କରିଛି। କେନ୍ଦ୍ରାପଡ଼ା ୧୬୧ ରନ କରିଥିବାବେଳେ ଢେଙ୍କାନାଳ ମାତ୍ର ୭୧ ରନରେ ଅଲଆଉଟ ହୋଇ ଯାଇଥିଲା। କେନ୍ଦ୍ରାପଡ଼ାର ବାସୁଦେବ ମଲ୍ଲ ୩ ଓଭରରେ ୧ ମେଡେନ ନେବାସହ ମାତ୍ର ୨ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ବିଡ଼ାନାସୀ ପଡ଼ିଆରେ ଭୁବନେଶ୍ୱର-ଏ ୮ ଉଇକେଟରେ ନୂଆପଡ଼ାକୁ ହରାଇଛି। ନୂଆପଡ଼ା ଇନିଂସ ୭୧ ରନରେ ସୀମିତ ରହିଥିବାବେଳେ ଭୁବନେଶ୍ୱର-ଏ ୧୦.୨ ଓଭରରେ ୨ ଉଇକେଟ ହରାଇ ବିଜୟୀ ହୋଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ସମ୍ବଲପୁର ୭୯ ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ସମ୍ବଲପୁର ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ତେବେ ଏହି ଦଳର ଶ୍ରେଷ୍ଠ ସିଂ ଚମତ୍କାର ବୋଲିଂ କରି ୫.୩ ଓଭରରେ ୩ ମେଡେନ ସହ ମାତ୍ର ୩ ରନ ଦେଇ ୭ ଉଇକେଟ ନେବାରୁ ମୟୂରଭଞ୍ଜ ୩୫ ରନରେ ଅଲଆଉଟ ହୋଇ ଯାଇଥିଲା।

# ଆଞ୍ଜେଲୋ ମାଥ୍ୟୁସଙ୍କ ଅପରାଜିତ ଶତକ

ଗାଲେ, ୨୨।୧

ସ୍ଥାନୀୟ ଗାଲେ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ଆଞ୍ଜେଲୋ ମାଥ୍ୟୁସଙ୍କ ଅପରାଜିତ ଶତକ ସହାୟତାରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୪ ଉଇକେଟରେ ୨୨୯ ରନ କରିଛି। ଜେମ୍ସ ଆଣ୍ଡରସନଙ୍କ ଚମତ୍କାର ବୋଲିଂ ଯୋଗୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳର ଆରମ୍ଭ ଉତ୍ସାହଜନକ ହୋଇପାରି ନ ଥିଲା। ଜେମ୍ସ ପ୍ରଥମେ କୁଶାଲ ପେରେରା (୬) ଓ ଓସାଣ୍ଡା ଫର୍ନାଣ୍ଡୋ (୦) ଙ୍କୁ ଶୀଘ୍ର ଆଉଟ କରିଦେଇଥିଲେ। ପରେ ଓପନର ଲାହିରୁ ଥିରିମାନେ(୪୩) ତାଙ୍କ ବୋଲିଂର ଶିକାର ହୋଇଥିଲେ। ଫଳରେ ଶ୍ରୀଲଙ୍କା ୭୬ ସ୍କୋରରେ ଏହାର ୩ଟି ଉଇକେଟ ହରାଇ ସାରିଥିଲା। ତେବେ ଚତୁର୍ଥ ଉଇକେଟରେ ଆଞ୍ଜେଲୋ ମାଥ୍ୟୁସ (୧୦୭*) ଓ ଅଧିନାୟକ ଦିନେଶ ଚାଣ୍ଡିମଲ (୫୨)ଙ୍କ ମଧ୍ୟରେ ଶତକୀୟ ଭାଗୀଦାରି (୧୧୭) ଯୋଗୁ ଦଳର ବ୍ୟାଟିଂ ସ୍ଥିତିରେ ସୁଧାର ଆସିପାରିଥିଲା। ଚାଣ୍ଡିମଲଙ୍କୁ ମାର୍କ ଉଡ୍ ଏଲ୍‌ବିଡବ୍ଲ୍ୟୁ କରି ଏହି ପାର୍ଟନରଶିପ୍‌କୁ ଭଙ୍ଗ କରିଦେଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ମାଥ୍ୟୁସଙ୍କ ସହ ଉଇକେଟକିପର ନିରୋଶାନ ଡିକ୍‌ୱେଲା ୧୯ରନ କରି ଅପରାଜିତ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୨୨୯/୪ (ଆଞ୍ଜେଲୋ ମାଥ୍ୟୁସ-୧୦୭*, ଦିନେଶ ଚାଣ୍ଡିମଲ୍-୫୨, ଲାହିରୁ ଥିରିମାନେ-୪୩, ଜେମ୍ସ ଆଣ୍ଡରସନ-୩/୨୪)।

# ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଏମଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଦେଶର ପ୍ରଥମ ରାଜ୍ୟ ଆସୋସିଏଶନଭାବେ ମହିଳା କ୍ରିକେଟରଙ୍କୁ ନେଇ ଓସିଏ ଏପରି ଏକ ଟୁର୍ନାମେଣ୍ଟର ପରିକଳ୍ପନା କରିଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କୋଷାଧ୍ୟକ୍ଷ ବିକାଶ ପ୍ରଧାନ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ତଥା ଓସିଏ ସଦସ୍ୟ ଡ. ଗଗନେନ୍ଦୁ ଦାଶ, ଓସିଏ ସିଇଓ ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ପର୍ପଲ ଜିତିଲା ପ୍ରଥମ ମ୍ୟାଚ**

ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ପର୍ପଲ ୫୭ ରନରେ ରେଡ୍‌କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପର୍ପଲ ୨୦ ଓଭରରେ ୪ ଉଇକେଟ ହରାଇ ୧୨୨ ରନ କରିଥିଲା। ସରିତା ମେହେର ୫୫ ଏବଂ ଅଧିନାୟିକା ମଧୁସ୍ମିତା ବେହେରା ୪୫ ରନ କରିଥିଲେ। ବିପକ୍ଷ ଦଳର ପ୍ରୀତି ପ୍ରିୟଦର୍ଶିନୀ, ରାଜଶ୍ରୀ ସ୍ୱାଇଁ, ଜ୍ୟୋତି କେ. ପ୍ରସାଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୨୩ ରନ ବିଜୟ ଲକ୍ଷ୍ୟରେ ରେଡ୍ ୧୪.୫ ଓଭରରେ ମାତ୍ର ୬୫ ରନ କରି ଅଲଆଉଟ ହୋଇ ଯାଇଥିଲା। ରାଜଶ୍ରୀ ସର୍ବାଧିକ ୧୬ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଡି.ଜେ. ରେଡ୍ଡୀ ୩ଟି, ଶୁଭ୍ରା ସ୍ୱାଇଁ ଓ ବନଲତା ମଲିକ ୨ଟି ଲେଖାଏ ଏବଂ ମଧୁସ୍ମିତା ଗୋଟିଏ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମଧୁସ୍ମିତା ଅତିଥି ବିକାଶ ପ୍ରଧାନଙ୍କଠାରୁ ଓମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ଫଳାଫଳ ନିର୍ଣ୍ଣିତ ହୋଇଥିବା ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଭାଓଲେଟ୍ ୫ ରନରେ ଗ୍ରୀନ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାଓଲେଟ୍ ୨୦ ଓଭରରେ ୨ ଉଇକେଟ ହରାଇ ୧୧୯ ରନ କରିଥିଲା। ଦଳ ପକ୍ଷରୁ ରଶ୍ମିତା ଚିନ୍ନାରା ସର୍ବାଧିକ ୫୧ ରନ କରିଥିଲେ। ପରେ ଦଳକୁ ବିଜୟ ପାଇଁ ୧୨ ଓଭରରୁ ୮୧ ରନର ଟାର୍ଗେଟ ଦିଆ ଯାଇଥିଲା। ଗ୍ରୀନ୍ ୧୨ ଓଭରରେ ୬ ଉଇକେଟ ହରାଇ ୭୫ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର କଳ୍ପନା ନାୟକ ୩ଟି ଉଇକେଟ ନେଇଥିଲେ।



ଉଦ୍‌ଘାଟନୀ ସମାରୋହରେ ଖେଳାଳିଙ୍କ ସହ ଅତିଥିମାନେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବାଲି ବୋଝେଇ ଟ୍ରାକ୍ଟରରୁ ୨୫ ହଜାର ଜରିମାନା

ଜାମଟିକ୍ରା,(ଡି.ଏନ.ଏ): ବରଗଡ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି । ବରଗଡ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଡନସନା, ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇ ପିଠାପୋଟଲ ଝାଉଁଯୋର ବାଲିଘାଟ ନିରିକ୍ଷଣ ପାଇଁ ଯାଇଥିଲେ। ଏହି ସମୟରେ ଏକ ଟ୍ରାକ୍ଟର (ନଂ.ଓଡି୧୭ଜି/୭୬୫୪) ବାଲି ଚୋରାରେ ଯାଉଥିବା ଦେଖିବାକୁ ପାଇଥିଲେ ।

# ‘ଜିଲାରେ ବାବୁରାଜ୍ ଚାଲିଛି’

ବଲାଙ୍ଗୀର ଅଫିସ, ୨୨।୧


ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଜିଲାପାଳ ଚଞ୍ଚଳ ରାଣା ବୁଝାଉଛନ୍ତି ।

ବଲାଙ୍ଗୀର ଜିଲାରେ ଧାନକିଣା ଅବ୍ୟବସ୍ଥା, କଟ୍‌ନି ଛଟ୍‌ନି, ଆରଡବ୍ଲ୍ୟୁଏସ୍‌ଏସ୍ ପ୍ରକଳ୍ପ ଦୁର୍ନୀତି, ଆଇଏପି ଯୋଜନା ଟଙ୍କା ଦୁର୍ନୀତି, ଭଡା ହିତାଧିକାରୀ ଚୟନ ପ୍ରକ୍ରିୟାରେ ପାତରଅନ୍ତର ଓ ଅନ୍ୟାନ୍ୟ ବିଷୟକୁ ନେଇ ଦଶମ ଜିଲା ପରିଷଦ ବୈଠକରେ ଶୁକ୍ରବାର ପ୍ରବଳ ହଇଗୋଳ ହୋଇଥିଲା । ଭାଜପା, ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ମିଳିତ ଆକ୍ରମଣରେ ଜିଲା ପ୍ରଶାସନ ନାକେଦମ୍ ହୋଇପଡିଥିଲା । ଧାନକିଣା ଦୁର୍ନୀତି ଅଭିଯୋଗକୁ ନେଇ ପ୍ରଶାସନିକ ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଅସନ୍ତୋଷ ପ୍ରକାଶ କରିଥିଲେ । ଜିଲାରେ ବାବୁରାଜ୍ ଚାଲିଛି କହି ସେ ବୈଠକ ଅଧାରୁ ଉଠି ଆସିଥିଲେ । ତାଙ୍କ ସହ ଜିଲା ପରିଷଦ ଅଧକ୍ଷା ଭାରତୀ ମହାନନ୍ଦ, ଉପାଧକ୍ଷ ପାଣ୍ଡବ ସାହୁ ଓ ସମସ୍ତ ଭାଜପା ଜିଲା ପରିଷଦ ସଦସ୍ୟା ସଦସ୍ୟ ମଧ ବୈଠକରୁ ଉଠି ଆସିଥିଲେ । ଏହାପରେ ଜିଲାପାଳ ଚଞ୍ଚଳ ରାଣା ଓ ଡିଆର୍‌ଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ ଏମ୍‌ପି ସିଂଦେଓଙ୍କୁ ବୁଝାଇଥିଲେ । ସର୍କିଟ ହାଉସ ଭିତରେ ଅଧଘଣ୍ଟା କାଳ ରୁଦ୍ଧଦ୍ୱାରରେ ଜିଲାପାଳ ରାଣା ଓ ପିଡି ସ୍ୱାଇଁ ଏମ୍‌ପି ସିଂଦେଓଙ୍କୁ ବୁଝାସୁଝା କରିବା ପରେ ଏମପି ଓ ଅନ୍ୟ ସଦସ୍ୟମାନେ ବୈଠକକୁ ଫେରିଥିଲେ । ଏହାପରେ ଜିଲା ପରିଷଦ ବୈଠକ ଜାରି ରହିଥିଲା ।

ଜିଲା ପରିଷଦ ଅଧକ୍ଷା ମହାନନ୍ଦଙ୍କ ଅଧକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ଠାରେ ଦଶମ ଜିଲା ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପାଧକ୍ଷ ସାହୁ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ବଲାଙ୍ଗୀର ଏମ୍‌ପି ସିଂଦେଓ, ପାଟଣାଗଡ ବିଧାୟକ ସରୋଜ ମେହେର, ବଲାଙ୍ଗୀର ବିଧାୟକ ପ୍ରତିନିଧି ରାମପ୍ରସାଦ ମିଶ୍ର, ଜିଲାପାଳ ରାଣା, ଡିଆର୍‌ଡିଏ ପିଡି ଡ. ସ୍ୱାଇଁ, ଟିଟିଲାଗଡ ଉପଜିଲାପାଳ ସୋମେଶ ଉପାଧ୍ୟାୟ ମଞ୍ଚାସୀନ ଥିଲେ । ବୈଠକ ଆରମ୍ଭରୁ ଜିଲାରେ ଧାନକିଣା ଅବ୍ୟବସ୍ଥା, ଟୋକନ୍ ଓ କଟନି ଛଟନି ସମସ୍ୟାକୁ ନେଇ ହଇଗୋଳ ହୋଇଥିଲା । ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି ପାଇଁ ରଖିଥିବାବେଳେ ଟୋକନ୍ ଓ ଟାର୍ଗେଟ ଆଳରେ ସେମାନଙ୍କ ଧାନ କିଣାଯାଉନାହିଁ । ଯେଉଁମାନଙ୍କ ଚାଷଜମି କି ଧାନ ନାହିଁ ସେମାନେ ଟୋକନ୍ ପାଇ ଧାନ ବିକ୍ରି କରିସାରିଥିବା ନେଇ ଏମ୍‌ପି ସିଂଦେଓ କହିଥିଲେ । ଆରଡବ୍ଲ୍ୟୁଏସ୍‌ଏସ୍‌ର ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଏମ୍‌ପି କହିଥିଲେ । ଏହାକୁ ପାଟଣାଗଡ ବିଧାୟକ ମେହେର ସମର୍ଥନ କରିଥିଲେ । ମନ୍ତ୍ରୀ ଟୁକୁନୀ ସାହୁ ମଧ ଧାନକିଣା ଅବ୍ୟବସ୍ଥା ଓ ପାନୀୟ ଜଳ ପ୍ରକଳ୍ପ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଭଡା ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଉଥିବା ନେଇ ବଲାଙ୍ଗୀର ବ୍ଲକ ଅଧକ୍ଷ ଗୋଲାପ ବାଗ ଅଭିଯୋଗ କରିଥିଲେ । ଏହି କଥାକୁ ନେଇ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା । ବୈଠକରେ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ, କୃଷି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପ୍ରାଥମିକ ଶିକ୍ଷା ବିଷୟରେ ଆଲୋଚନା ହୋଇଥିଲା ।

### ବଲାଙ୍ଗୀର ୧୦ମ ଜିଲା ପରିଷଦ ବୈଠକ
## ଆଇଏଏସ୍‌କୁ ସମ୍ମାନ, ଓଏଏସ୍‌କୁ ଅସମ୍ମାନ

ଜିଲା ପରିଷଦ ବୈଠକରେ ଜିଲା ପରିଷଦ ଅଧକ୍ଷା, ଉପାଧକ୍ଷ, ସଦସ୍ୟ, ମନ୍ତ୍ରୀ, ବିଧାୟକ, ବିଧାୟକ ପ୍ରତିନିଧି, ଜିଲାପାଳ, ଡିଆରଡିଏ ପିଡିଙ୍କ ସହ ଟିଟିଲାଗଡ ଉପଜିଲାପାଳ ସୋମେଶ ଉପାଧ୍ୟାୟ ମଞ୍ଚାସୀନ ହୋଇଥିଲେ । ମାତ୍ର ବଲାଙ୍ଗୀର ଉପଜିଲାପାଳ ସୁଧାକର ନାୟକଙ୍କୁ ମଞ୍ଚରେ ବସିବା ପାଇଁ ଦିଆଯାଇ ନ ଥିଲା । ସେ ଜିଲା ପରିଷଦ ସଦସ୍ୟ ଓ ଜିଲାସ୍ତରୀୟ ଅଧିକାରୀଙ୍କ ଗହଣରେ ବସିଥିଲେ । ଏହି ପ୍ରସଙ୍ଗଟି ଓଏଏସ୍ ଅଫିସର ଓ ବରିଷ୍ଠ ପ୍ରତିନିଧି ମହଲରେ ଚର୍ଚ୍ଚାର ବିଷୟ ହୋଇଥିଲା । ଟିଟିଲାଗଡ ଉପଜିଲାପାଳ ଉପାଧ୍ୟାୟ ଜଣେ ଆଇଏଏସ୍ ଅଫିସର ହୋଇଥିବାରୁ ତାଙ୍କୁ ମଞ୍ଚରେ ବସାଯାଇଥିଲା ଓ ବଲାଙ୍ଗୀର ଉପଜିଲାପାଳ ନାୟକ ଜଣେ ଓଏଏସ୍ ଅଫିସର ହୋଇଥିବାରୁ ତାଙ୍କୁ ମଞ୍ଚରେ ବସାଯାଇ ନ ଥିଲା ବୋଲି ଆଲୋଚନା ହୋଇଥିଲା ।

## ସଂକ୍ଷେପରେ

### ଲୋଇସିଂହା ଥାନା ଆଗରେ ଧାରଣା

ଲୋଇସିଂହା ୨୨।୧(ଡି.ଏନ.ଏ): ଗୁରୁବାର ସମ୍ବଲପୁର ଠାରେ ଭାଜପା ପକ୍ଷରୁ ଚାଷୀ ଅଧିକାର ରାଲି ଓ ଆର୍‌ଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ରହିଥିଲା । ଏହି ଘଟଣାକୁ ନେଇ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ସମେତ ୫୦ ଜଣଙ୍କୁ ସମ୍ବଲପୁର ଟାଉନ ଥାନା ପୋଲିସ ଗିରଫ କରିଛି । ସେମାନଙ୍କୁ ନିଃସର୍ତ୍ତ ଛାଡିବା ସହ ୪ ଦଫା ଦାବିରେ ଭାଜପା କର୍ମୀମାନେ ଶୁକ୍ରବାର ଲୋଇସିଂହା ଥାନା ଆଗାରେ ଧାରଣା ଦେଇଥିଲେ । ଏହି ଅବସରରେ ସରୋଜ ସାହୁ, ଗୌରାଙ୍ଗ ନାଏକ, ସୁଦୀପ ସା, ବୁଲୁ ବାଦି, ରାଜୁ ସାହୁ, ବିନା ଗଡତ୍ୟାଙ୍କ ସମେତ ବହୁ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲୋଇସିଂହା ଥାନାଧିକାରୀ ଲଳିତା ଲାକ୍ରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜାମଟିକ୍ରା, ୨୨।୧ (ଡି.ଏନ.ଏ): ଅତାବିରା ବ୍ଲକ ଜନକଲ୍ୟାଣ କୁଲତା ସମାଜ ଆନୁକୂଲ୍ୟରେ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ଶିଶୁ ରୋଗ, ଚକ୍ଷୁରୋଗ ଓ ସ୍ତ୍ରୀ ରୋଗ ଓ ପ୍ରସୂତୀ ରୋଗୀଙ୍କ ଚିକିତ୍ସା କରାଯାଇଥିଲା । ଏହାବ୍ୟତୀତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଡା. ପଲାଉ ପଧାନ, ଡା. ଲୀନା ବାରିକ, ବିକାଶ ସା ଓ ରବିନାରାୟଣ ମିଶ୍ର ପ୍ରମୁଖ ରୋଗୀସେବା କରିଥିଲେ । ମନ୍ଦିର କମିଟି ସଭାପତି ଦିବାକର ପଧାନଙ୍କ ସମେତ ସୁବାଷ ପ୍ରଧାନ, କୃଷ୍ଣ ପଧାନ, ରାଜେଶ ପଧାନ, ସୁଶାନ୍ତ ସାହୁ, ଦଶରଥ ଭୋଇ ପ୍ରମୁଖ କୁଲତା ସମାଜର କର୍ମକର୍ତ୍ତା ସହଯୋଗ କରିଥିଲେ ।

### ବିଏସ୍‌ପିର କମ୍ବଳ ବଣ୍ଟନ

ଜାମଟିକ୍ରା, ୨୨।୧ (ଡି.ଏନ.ଏ): ବହୁଜନ ସମାଜ ପାର୍ଟି ରାଷ୍ଟ୍ରୀୟ ଅଧକ୍ଷା ମାୟାବତୀଙ୍କ ୬୫ତମ ଜନ୍ମବାର୍ଷିକୀ ଅବସରରେ ବରଗଡ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ଗରିବ ଲୋକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ବ୍ଲକ ସଭାପତି ସୋନୁ କୁମ୍ଭାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଏସ୍‌ପି ନେତା ରବୀନ୍ଦ୍ର ମେଘ ଯୋଗଦାନ କରି ବୃଦ୍ଧାବୃଦ୍ଧ ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଭେଡେନ ବ୍ଲକ ସଭାପତି ଯୁଧିଷ୍ଠିର ବାଦି, ବରପାଲି ବ୍ଲକ ସଭାପତି ଅଜୟ କୁମ୍ଭାର, ମେହେନା ମହୁଲପାଲି ଜୋନ ସଭାପତି କୁଳମଣୀ ଉର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସୁବାଷ କୋରାଲି ଧନ୍ୟବାଦ ଅର୍ପଣ କରିଥିଲେ ।

### ଥଇଥାନ ନ କରି ଉଚ୍ଛେଦ

ବରପାଲି, ୨୨।୧ (ଡି.ଏନ.ଏ): ବରପାଲି ଏନ୍‌ଏସି ଅଫିସ୍ କାନ୍ଥକୁ ଲାଗି ରହିଥିବା ସରକାରୀ ଜମିରେ ଘର କରି ରହୁଥିବା ଜଣେ ଭୂମିହୀନଙ୍କୁ ଗୁରୁବାର ଉଚ୍ଛେଦ କରାଯାଇଛି । ଦୀର୍ଘବର୍ଷ ହେବ ଏହି ସ୍ଥାନରେ ରବି ଯଶୱାଲ ନିଜ ପରିବାର ସହ ବାସ କରୁଥିଲେ । ଏବେ ସେମାନେ ବାସଚ୍ୟୁତ ହୋଇ ଖୋଲା ଆକାଶ ତଳେ ରହୁଛନ୍ତି । ଏହି ପରିବାରକୁ ଥଇଥାନ ନ କରି ଉଚ୍ଛେଦ କରାଯାଇଥିବାରୁ ସ୍ଥାନୀୟ ଲୋକେ ଉଦବେଗ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

### କର୍କଟ ରୋଗ ଉପରେ ଆଲୋଚନାଚକ୍ର

ବରଗଡ଼ ଅଫିସ୍,୨୨।୧: ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବରଗଡ଼ ଶାଖା ଆନୁକୂଲ୍ୟରେ ମାଟିର ମହକ ଇ-ପାଠଚକ୍ର କାର୍ଯ୍ୟକ୍ରମରେ ଭାତହାଣ୍ଡିରେ କର୍କଟ ରୋଗ ଶୀର୍ଷକ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗୁଗୁଲ ମିଟ୍ ମାଧ୍ୟମରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟ ଶ୍ୟାମବନ୍ଧୁ ବେହେରା, ଭିମସାର୍ ବୁର୍ଲାର ଡା. ଶଙ୍କର ରାମଚନ୍ଦାନୀ, ବରଗଡ଼ ମହିଳା କଲେଜର ରଞ୍ଜୁଲତା କହଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ମାଟିରେ ବହୁଳ ପରିମାଣରେ କୀଟନାଶକ ପ୍ରୟୋଗ, ଅଧିକ ଗୁଟ୍‌ଖା, ପାନ ମସଲା ସେବନ ଏବଂ ଖାଦ୍ୟରେ ଅପମିଶ୍ରଣ ଯୋଗୁ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ଡା. ରାମଚନ୍ଦାନୀ କହିଥିଲେ । ଏହାକୁ ପ୍ରତିହତ କରିବା ପାଇଁ ସେ ବିଭିନ୍ନ ପରାମର୍ଶ ଦେଇଥିଲେ । ଆରମ୍ଭରୁ ଶିଳ୍ପୀ ବେହେରା ମାତୃ ବନ୍ଦନା ଗାନ କରିଥିଲେ । ଗୌତମ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## କାଠ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ଲୋଇସିଂହା,୨୨।୧(ଡି.ଏନ.ଏ)

ବଲାଙ୍ଗୀର ଜିଲାରୁ ସମ୍ବଲପୁରକୁ କାଠ ଚୋରାଚାଲାଣ ବେଳେ ଲୋଇସିଂହା ଥାନା ସାଲେଭଟା ଠାରେ ଏକ ଟ୍ରକ୍ (ନଂ.ଓଡି୧୫ଏ/୨୫୨୯)କୁ ବନ ବିଭାଗ ଜବତ କରିଛି । ଏଥିରେ ୧୫୦ ସିଫ୍‌ଟି କେନ୍ଦୁକାଠ ଓ ୭୦ କୁଇଣ୍ଟାଲ ଖଇର ଗଣ୍ଡି ରହିଛି । ଜବତ କାଠର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ ସୂଚନା ଦେଇଛି । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ଗାଡି ଡ୍ରାଇଭର ଲିପୁନ ଦୀପ ଓ ହେଲପର ପ୍ରମୋଦ ପୋଢ଼ । ଉଭୟଙ୍କୁ ଗୁରୁବାର ଲୋଇସିଂହା କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ପଠାଇ ଦିଆଯାଇଛି । ଅପରପକ୍ଷେ ଦେଷଣ୍ଡ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତଙ୍କୁ ବନ ବିଭାଗ ଧରିବାକୁ ତନାଘନା ଚଳାଇଥିବା ରେଞ୍ଜର ରାଜକିଶୋର ନାଏକ ଓ ସାଲେଭଟା ଫରେଷ୍ଟର ମଧୁସୂଦନ ଗଡୁଆ ସୂଚନା ଦେଇଛନ୍ତି । ଏ ନେଇ ଲୋଇସିଂହା ରେଞ୍ଜରେ ଏକ ମାମଲା (ନଂ.୧୬୦/୨୧) ରୁଜୁ ହୋଇଛି ।

## ତହସିଲ ଅଫିସ ସମ୍ମୁଖରେ କନ୍ଧ ସମାଜର ଧାରଣା

କଣ୍ଟାବାଞ୍ଜି, ୨୨।୧ (ଡି.ଏନ.ଏ.)


କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି ।

ବଲାଙ୍ଗୀର ଜିଲା କନ୍ଧ ସମାଜ ଯୁବ ସଙ୍ଗଠନ ତୁରେକେଲା ଶାଖା ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି । ତୁରେକେଲା ବ୍ଲକ ଶାଖା କନ୍ଧ ସମାଜ ଯୁବ ସଙ୍ଗଠନ ୩ ଦଫା ଦାବି ନେଇ ଏହି ଧାରଣାରେ ବସିଛନ୍ତି । କଣ୍ଟାବାଞ୍ଜି ତହସିଲ ଅଫିସ ଅଧୀନ କରୁଆଁମୁଣ୍ଡା ପଞ୍ଚାୟତ ସର୍ଗିଗୁଡା ଗାଁ ମତି ଭୋଇଙ୍କ ଜମିକୁ ଅଣଆଦିବାସୀମାନେ ଯୋରଜବରଦସ୍ତ କବଜ୍‌ କରି ପକ୍କା ଘର ନିର୍ମାଣ କରୁଥିବାରୁ ତାକୁ ବନ୍ଦ କରିବା, ତହସିଲ ଅଫିସ ଅଧୀନରେ ଥିବା ବିଭିନ୍ନ ଗାଁର ଆଦିବାସୀ ଜମିକୁ ଅଣଆଦିବାସୀମାନେ ବିଭିନ୍ନ ସୂତ୍ରରେ ଜବରଦଖଲ କରି ଅକ୍ତିଆର କରିଥିବାରୁ ଅଣଆଦିବାସୀମାନଙ୍କୁ ଜବରଦଖଲରୁ ବାଦ୍ ଦେବା, ଆଦିବାସୀମାନଙ୍କୁ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ କରିବା ନେଇ ଏହି ଧାରଣା ଦିଆଯାଇଛି । ୩ଦଫା ଦାବି କାର୍ଯ୍ୟକାରୀ କରିବା ନେଇ ତହସିଲଦାର ଅଶୋକ କୁମାର ମାଝିଙ୍କ ଜରିଆରେ ପଶ୍ଚିମାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ ଏହା କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଜିଲା କନ୍ଧ ସମାଜ ଯୁବ ସଙ୍ଗଠନ ସଭାପତି ସୁରେଶ ଭୋଇଙ୍କ ନେତୃତ୍ୱରେ ଜିଲା ଉପସଭାପତି ଧନେଶ୍ୱର ମାଝି, ସମ୍ପାଦକ ଡିଙ୍ଗର ଭୋଇ, ତୁରେକେଲା ବ୍ଲକ ସଭାପତି ଜୟ ଗୋପାଲ ଭୋଇ, ସମ୍ପାଦକ ମୋତିରାମ ଭୋଇ, ସଇଁତଲା ବ୍ଲକ ଉପସଭାପତି ରାଜିନ୍ଦ୍ର ଭୋଇ, ସମ୍ପାଦକ ଖୁସିରାମ ଜାନି, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ବ୍ରଜସିଂ ଭୋଇ, ସମ୍ପାଦକ ସନ୍ୟାସି ଭୋଇ ପ୍ରମୁଖ ସମେତ ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ କୋଭିଡ୍ କଟକଣା ମଧ୍ୟରେ ଧାରଣାରେ ସାମିଲ ଥିଲେ ।

## ସ୍କୁଲ ବନ୍ଦ ନ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

ଭବାନୀପାଟଣା, ୨୨।୧ (ଡି.ଏନ.ଏ.)


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗୁଞ୍ଜେଇରମାଲ ଗ୍ରାମବାସୀ ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗୁଞ୍ଜେଇରମାଲ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ ପାଇଁ ଶିକ୍ଷା ବିଭାଗ ନେଇଥିବା ନିଷ୍ପତ୍ତି ବିରୋଧରେ ଜନ ଅସନ୍ତୋଷ ଦେଖିବାକୁ ମିଳିଛି । ଶୁକ୍ରବାର ଅଭିଭାବକ ଓ ଗ୍ରାମବାସୀ ସେମାନଙ୍କ ଅସନ୍ତୋଷ ନେଇ ଜିଲାପାଳଙ୍କୁ ଜଣାଇବା ପାଇଁ ଆସି ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ପ୍ରକାଶ ଯେ, ଗୁଞ୍ଜେଇରମାଲ ଗ୍ରାମରେ ଦୀର୍ଘ ୧୮ ବର୍ଷ ତଳୁ ଏକ ପ୍ରାଥମିକ ରହିଥିଲା ଓ ଏଥିରେ ସେ ଅଞ୍ଚଳର ବହୁ ଛାତ୍ରୀଛାତ୍ରମାନେ ପାଠପଢି ସେମାନଙ୍କ ଭବିଶ୍ୟତ ଗଢିପାରିଥିଲେ । ବିଦ୍ୟାଳୟରେ କେବଳ ଗରିବ, ଏସ୍‌ଟି, ଏସ୍‌ସି ଓ ଓବିସି ଛାତ୍ରୀଛାତ୍ରୀମାନେ ଅଧ୍ୟୟନ କରୁଥିବା ଜଣାପଡିଛି । ସରକାରଙ୍କ ନିୟମ ଅନୁଯାୟୀ ଏହି ବିଦ୍ୟାଳୟ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁଠାରେ ୪୫ଜଣ ଛାତ୍ରୀଛାତ୍ର ନାମ ଲେଖାଇ ପାଠ ପଢୁଛନ୍ତି । ବିଦ୍ୟାଳୟକୁ ବନ୍ଦ ନ କରି ଚାଲୁ ରହିଲେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଉଜ୍ୱଳ ହେବ ଓ ସରକାର ଶିକ୍ଷାର ସୁବିଧା ପାଇଁ କରୁଥିବା ଯୋଜନା ମଧ ସଫଳ ହେବ ବୋଲି ଗ୍ରମବାସୀ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଜିଲା କଂଗ୍ରେସ ସହାୟତାରେ ଗ୍ରାମବାସୀ କଳାହାଣ୍ଡି ଅତିରିକ୍ତ ଜିଲାପାଳଙ୍କୁ ତାଙ୍କ ଦାବିପତ୍ର ପ୍ରଦାନ କରିଥିଲେ ।

## ନାବାଳିକାଙ୍କୁ ଅପହରଣ, ଥାନାରେ ମାମଲା

ଲାଠୋର,୨୨।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଘୁଚାପାଲି ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ କରି ନେଉଥିବା ବେଳେ ଗୁରୁବାର ଚଚରାଭଟା ଗ୍ରାମର ରତନ ତାଣ୍ଡି (୫୫) ଧରାପଡିଛନ୍ତି । ଗ୍ରାମବାସୀ ଶୁକ୍ରବାର ସକାଳେ ତାଙ୍କୁ ଲାଠୋର ଥାନାରେ ଜିମା ଦେଇଛନ୍ତି । ସୂଚନା ଅନୁସାରେ, ନୂଆପଡ଼ା ଜିଲା ସଦର ଥାନା ଅଧୀନ ଗୁରଜିଭଟା ଗ୍ରାମର ଏକ ଶ୍ରମିକ ପରିବାର ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଘୁଚାପାଲି ଗ୍ରାମର ଜଣଙ୍କ ଘରକୁ କିଛି ଦିନ ହେବ ଆସି ଇଟା ଗଢୁଥିଲେ । ଗୁରୁବାର ଅପରାହ୍ନ ପ୍ରାୟ ୪ଟା ସମୟରେ ରତନ ସେଠାକୁ ଆସି ଶ୍ରମିକ ପରିବାରର ଉକ୍ତ ନାବାଳିକା ଝିଅଙ୍କୁ ନାନା ପ୍ରଲୋଭନ ଦେଖାଇ ନିଜ ବାଇକରେ ବସାଇ ନେଇଯାଇଥିଲେ । ସନ୍ଧ୍ୟା ହେବାରୁ ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ନ ଦେଖି ଖୋଜାଖୋଜି କରିଥିଲେ । ରାତି ୮ଟାରେ ଅଭିଯୁକ୍ତ ଓ ନାବାଳିକାଙ୍କୁ ଖାଲବାହାଲ-ଚଚରାଭଟା ଗ୍ରାମ ଜଙ୍ଗଲ ମଝି ଏକ ଆମ୍ବ ତୋଟାରୁ ଉଦ୍ଧାର କରି ଘୁଚାପାଲି ଗ୍ରାମକୁ ଆଣିଥିଲେ । ଶୁକ୍ରବାର ସକାଳେ ଗ୍ରାମରେ ଏକ ବୈଠକ କରି ଅଭିଯୁକ୍ତଙ୍କୁ ଲାଠୋର ଥାନା ଜିମା ଦିଆଯାଇଥିଲା । ନାବାଳିକାଙ୍କ ବାପାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୦/୨୧) ତଦନ୍ତ କରୁଥିବା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୂଚନା ଦେଇଛନ୍ତି ।

## ମନ୍ତ୍ରୀ ଟୁକୁନୀ ସାହୁ ଦେଖାଇଲେ ମାନବିକତା


ମହିଳାଙ୍କୁ ଡ଼ାକ୍ତରଖାନାକୁ ନିଜ ଗାଡ଼ିରେ ଆଣିଲେ ମନ୍ତ୍ରୀ ।

ସଇଁତଲା, ୨୨।୧ (ଡି.ଏନ.ଏ.)

### ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ଗାଡ଼ିରେ ଆଣିଲେ ଡାକ୍ତରଖାନା

ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଦୁର୍ଘଟଣାଗ୍ରସ୍ତ ଜଣେ ମହିଳାଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ମାନବିକତା ଦେଖାଇଛନ୍ତି । ଶୁକ୍ରବାର ସନ୍ଧ୍ୟା ୬ଟାରେ ବଡ଼ମାଳ ଗୋଳାବାରୁଦ କାରଖାନା କେନ୍ଦ୍ରୀୟ ବିଦ୍ୟାଳୟରେ ଅବସ୍ଥାପିତ ବିଜୟ କୁମାର ମିଶ୍ର (୫୦) ସ୍ତ୍ରୀ ସୁନୀତା (୪୪)ଙ୍କୁ ଧରି ଏକ ବାଇକରେ ସଇଁତଲା କୌଣସି କାମରେ ଆସୁଥିଲେ । ବରଗାଁଛକଠାରେ ବେଲଗାଁ ପଟରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ଏକ ଟ୍ରକ (ନଂ.ଓଡି୦୪କେ-୪୨୩୯) ବାଇକ୍‌କୁ ଧକ୍କା ଦେଇଥିଲା । ଫଳରେ ଉଭୟେ ରାସ୍ତା କଡ଼ରେ ପଡ଼ିଯାଇଥିଲେ । ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଜନସାଧାରଣଙ୍କ ଭିଡ଼ ଲାଗିଥିଲା । ଏହି ସମୟରେ ମନ୍ତ୍ରୀ ସାହୁ ବଲାଙ୍ଗୀରରୁ ଫେରୁଥିବାବେଳେ ଭିଡ଼ ଦେଖି ଅଟକିଥିଲେ । ମନ୍ତ୍ରୀ ତୁରନ୍ତ ମହିଳାଙ୍କୁ ଉଦ୍ଧାର କରି ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡ଼ାକ୍ତର ନମିତା ବିଶି ମହିଳାଙ୍କ ଗୋଡ଼ ଓ ହାତ ଭାଙ୍ଗି ଯାଇଥିବା ତଥା ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ । ମନ୍ତ୍ରୀଙ୍କ ମାନବିକତାକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଉଛି ।

## ତହସିଲଦାରଙ୍କ ମଣ୍ଡି ଯାଞ୍ଚ: ୧୪ କୁଇଣ୍ଟାଲ ଧାନ ଜବତ

ଗୁଡ଼ଭେଲା,୨୨।୧ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ନୂଆପଡା ପ୍ୟାକ୍ସ ଧାନମଣ୍ଡିକୁ ଶୁକ୍ରବାର ତୁଷୁରା ତହସିଲଦାର ଚନ୍ଦ୍ରମଣୀ ନାଗଙ୍କ ଏକ ଟିମ ଯାଞ୍ଚ କରିବାକୁ ଯାଇଥିବା ବେଳେ ପ୍ରାୟ ୧୪ କୁଇଣ୍ଟାଲ ବେଆଇନ ଧାନକୁ ଜବତ କରିଥିଲେ । ଏହି ପ୍ୟାକ୍ସରେ ଟାର୍ଗେଟ ନ ଥିବାରୁ ବହୁ ଚାଷୀଙ୍କ ଧାନ ପଡି ରହିଥିବା ବେଳେ ତହସିଲଦାର ଘଟଣାସ୍ଥଳକୁ ଯାଇ ଗୋଟିଏ ଗୋଟିଏ ଚାଷୀଙ୍କ ଧାନ ଯାଞ୍ଚ କରିଥିଲେ । ପ୍ରାୟ ଚାରି ଘଣ୍ଟା ଧରି ଯାଞ୍ଚ ପରେ ଜବତ ଧାନର କେହି ମାଲିକ ବାହରି ନ ଥିବାରୁ ତାକୁ ଜବତ କରିଥିଲେ । ଏହି ଯାଞ୍ଚ ବେଳେ ଗୁଡଭେଲା ବ୍ଲକ କୃଷୀ ଅଧିକାରୀ ପ୍ରମୋଦ ବଡପଣ୍ଡା, ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ ପ୍ରଧାନ ଓ ତୁଷୁରା ରାଜସ୍ୱ ନିରିକ୍ଷକ ନବିନ ରାଉତ ସାମିଲ ଥିଲେ ।

## ପଦ୍ମପୁର ଉପଖଣ୍ଡର ବିକାଶ ଲକ୍ଷ୍ୟ

ପଦ୍ମପୁର, ୨୨।୧ (ଡି.ଏନ.ଏ)

### ଉପଜିଲାପାଳଙ୍କୁ ଦାବିପତ୍ର ଦେଲା ସଚେତନ ନାଗରିକ କମିଟି

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ସର୍ବାଙ୍ଗୀନ ବିକାଶ ପାଇଁ ପଦ୍ମପୁର ସଚେତନ ନାଗରିକ କମିଟି ଦାବି କରିଛି । ଏହି କ୍ରମରେ କମିଟିର କୃଷ୍ଣମୋହନ ପଣ୍ଡା, ସଦାନନ୍ଦ ପୁରୋହିତ, ଉମେଶ ସାହୁ, କିଶୋର ମେହେର ପ୍ରମୁଖ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ସେମାନେ ଉଲ୍ଲେଖ କରିଛନ୍ତି, ପଦ୍ମପୁର ଉପଖଣ୍ଡର ଅଧିକାଂଶ ଲୋକ ଆଦିବାସୀ, ହରିଜନ, ପଛୁଆ ବର୍ଗ ଓ ଗରିବ ଶ୍ରେଣୀର । ସେମାନେ ସବୁବେଳେ ଆର୍ଥିକ ଅନଟନ ମଧ୍ୟରେ ରହିଆନ୍ତି । ଛତିଶଗଡ ସୀମାନ୍ତରେ ଥିବାରୁ ଛତିଶଗଡ ଓ ପଦ୍ମପୁର ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି । କିନ୍ତୁ ଏହି ଚିକିତ୍ସାଳୟରେ ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ନାହାନ୍ତି । ସେହିପରି ଚକ୍ଷୁରୋଗ, ମେଡିସିନ, ଦନ୍ତରୋଗ ବିଶେଷଜ୍ଞଙ୍କ ଅଭାବ ରହିଛି । ସର୍ଜରୀ ବିଶେଷଜ୍ଞ ଥିବା ସ୍ଥଳେ ଉନ୍ନତମାନର ଅସ୍ତ୍ରୋପଚାର ଗୃହ ନାହିଁ । ୫୦ ଶଯ୍ୟା ବିଶିଷ୍ଟ ଶିଶୁ ବିକାଶ କେନ୍ଦ୍ରରେ ଶିଶୁ ବିଶେଷଜ୍ଞ ନାହାନ୍ତି । ଶିଶୁ କେୟାର ସେଣ୍ଟର ଛାତରୁ ପାଣି ଝରୁଛି । ଷ୍ଟାଫ ଅଭାବରୁ ବ୍ଲଡ ବ୍ୟାଙ୍କ ଅହୋରାତ୍ର କାର୍ଯ୍ୟକ୍ଷମ ହେଉନାହିଁ । ପାରା ମେଡିକାଲ ଷ୍ଟାଫ ଓ ଡ୍ରାଇଭର ନ ଥିବାରୁ ଆମ୍ବୁଲାନ୍ସ ସେବା ମିଳୁନାହିଁ । ପଦ୍ମପୁର ଏନ୍‌ଏସି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ନିତିଦିନିଆ ହୋଇଛି । ପଶ୍ଚିମ ଓଡିଶାର ନୃସିଂହନାଥ, ହରିଶଙ୍କର, ପତୋରା ଶିବ ମନ୍ଦିର ମୁଖ୍ୟ ଆଧାତ୍ମିକ ସ୍ଥଳି । ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ଉଦାସୀନତା ଯୋଗୁ ଏହି ପୀଠଗୁଡିକର ଉନ୍ନତି ହୋଇପାରୁ ନାହିଁ । ଅଙ୍ଗନଦୀର ଲଖମରାଠାରେ ଏକ ପୋଲ ନିର୍ମାଣର ଆବଶ୍ୟକତା ରହିଛି ବୋଲି ଦାବିପତ୍ରରେ କୁହାଯାଇଛି ।

## ସିଏସ୍‌ଓ ଅଫିସ ଆଗରେ ବିକ୍ଷୋଭ

ବରଗଡ଼ ଅଫିସ୍,୨୨।୧


ବରଗଡ଼ ସିଏସ୍‌ଓ ଅଫିସ ଆଗରେ ଭାଜପା ନେତା, କର୍ମୀଙ୍କ ଧାରଣା ।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ହେବାକୁ ବସିଛି । ଅନ୍ୟପଟେ ଜିଲାର ପଦ୍ମପୁର ଉପଖଣ୍ଡ ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ନିଜ ଧାନକୁ ବର୍ତ୍ତମାନ ସୁଦ୍ଧା ବିକ୍ରି କରି ପାରିନାହାନ୍ତି । ଧାନ ବିକ୍ରି ନ ସରୁଣୁ ମଣ୍ଡି ବନ୍ଦ ଏବଂ ଧାନ ଉଠାଣରେ ଶିଥିଳତାକୁ ନେଇ ଏଭଳି ପରିସ୍ଥିତି ଉପୁଜିଛି । ଏହାକୁ ନେଇ ଜିଲାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ଶୁକ୍ରବାର ଜିଲା ଭାଜପା ପକ୍ଷରୁ ବରଗଡ଼ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ)ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦିଆଯାଇଥିଲା ।

ଚାଷୀମାନଙ୍କ ଧାନ ମଣ୍ଡିରେ ପଡ଼ିଥିଲେ ସୁଦ୍ଧା ଟ୍ୟାଗ୍ ଆସୁ ନ ଥିବା ଆଳରେ ଉଠାଯାଉ ନାହିଁ । ଫଳରେ ସମ୍ପୃକ୍ତ ଚାଷୀଙ୍କ ଟୋକନ ଅବଧି ସରି ଯାଉଥିବା ଅଭିଯୋଗ ହୋଇଛି । ଧାନକ୍ରୟ ସଂସ୍ଥା ତଥା ବିଭାଗୀୟ ଅଧିକାରୀ ଏବଂ ମିଲର୍ସଙ୍କ ମିଳିଭଗତ୍‌ରେ ଏଭଳି କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସେମାନେ ପରବର୍ତ୍ତୀ ଫସଲ ପାଇଁ ନିଜକୁ ପ୍ରସ୍ତୁତ କରି ପାରୁ ନାହାନ୍ତି । ଅନ୍ୟପଟେ ଧାନକ୍ରୟ କରାଗଲେ ସୁଦ୍ଧା କଟନୀଛଟନୀ କରି ଚାଷୀଙ୍କୁ ଶୋଷଣ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି । ଏଭଳି ସ୍ଥଳେ ଚାଷୀମାନେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇ ପାରୁ ନାହାନ୍ତି ଏବଂ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି ବୋଲି ଭାଜପା ନେତୃବୃନ୍ଦ ଅଭିଯୋଗ କରିଛନ୍ତି ।

### ମଣ୍ଡିରୁ ଧାନ ଉଠୁନି

ଏହାର ପ୍ରତିବାଦରେ ଭାଜପା ନେତା, କର୍ମୀମାନେ ସିଏସ୍‌ଓ ଅଫିସକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସ୍ଥାନୀୟ ଟାଉନ ଥାନା ପୋଲିସ ସେଠାକୁ ପହଞ୍ଚି ବିକ୍ଷୋଭକାରୀ ତଥା ଧାରଣାରେ ସାମିଲ ଥିବା ଭାଜପା ନେତା, କର୍ମୀଙ୍କୁ ଉଠାଇ ନେଇଥିଲା । ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଛାଡ଼ିଥିଲା । ଭାଜପାର ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶଙ୍କ ନେତୃତ୍ୱରେ ହୋଇଥିବା ଏହି ଆନ୍ଦୋଳନରେ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଦଳୀୟ ନେତା ସୌରୀଚରଣ ବାରିକ, ସୁଶାନ୍ତ ମିଶ୍ର, ସୁବ୍ରତ ହୋତା, ନବକିଶୋର ପାଣିଗ୍ରାହୀ, ଅବନୀକାନ୍ତ ପଣ୍ଡା, କୁଶ କୁମ୍ଭାର, କିଶୋର ଦାଶ, ଈଶ୍ୱର ବାଗ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।